ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ବ୍ରହ୍ମପୁର, ରବିବାର, ଡିସେମ୍ବର ୧୯/୨୦୨୧ (୮+୮=୧୬ ପୃଷ୍ଠା+ଛୁଟିଦିନ) | Berhampur, Sunday, December 19/2021 | ★★★

୧୭ଶ ଭାଗ ୩୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



**ଗମ୍ଭୀର ହେଲେ ଲକ୍ଷ୍ନୌ ଟିମ୍ ମେଣ୍ଟର**

ଭାରତର ପୂର୍ବତନ ଓପନର ଗୌତମ ଗମ୍ଭୀର ଆଇପିଏଲ୍‌ର ନୂଆ ଫ୍ରାଞ୍ଚାଇଜ୍ ଲକ୍ଷ୍ନୌ ଟିମ୍‌ର ମେଣ୍ଟର ଭାବେ ନିଯୁକ୍ତି ପାଇଛନ୍ତି।

୦୮

୦୭

**ଯୋଦ୍ଧାରେ ନଜର ଆସିବେ ସିଦ୍ଧାର୍ଥ**

ଧର୍ମା ପ୍ରଡକ୍ସନରେ ନିର୍ମିତ ଚଳଚ୍ଚିତ୍ର 'ଯୋଦ୍ଧା'ରେ ମୁଖ୍ୟ ଭୂମିକାରେ ନଜର ଆସିବେ ଅଭିନେତା ସିଦ୍ଧାର୍ଥ ମାଲାହୋତ୍ରା।



# ଯୁକ୍ତ୩ ପିଲା ପଢ଼ିବେ ନୈତିକତା ପାଠ

## ସାମିଲ ହେଲା 'ନୀତିଶାସ୍ତ୍ର ଓ ମୂଲ୍ୟବୋଧ' ପାଠ୍ୟକ୍ରମ



'ନୀତିଶାସ୍ତ୍ର ଓ ମୂଲ୍ୟବୋଧ' ଶିକ୍ଷା ପାଠ୍ୟକ୍ରମର ପ୍ରଥମ ଭାଗକୁ ଶନିବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଓ ଅନ୍ୟ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୧୮।୧୨(ବ୍ୟୁରୋ)**

ଯୁକ୍ତ୩ ପାଠ୍ୟ ଖସଡ଼ାରେ 'ନୀତିଶାସ୍ତ୍ର ଓ ମୂଲ୍ୟବୋଧ (Ethics and Values)' ଶିକ୍ଷାର ଏକ ନୂଆ ପାଠ୍ୟକ୍ରମ ସାମିଲ ହୋଇଛି। ଏହାକୁ ବାଧ୍ୟତାମୂଳକ ବିଷୟ ଭାବେ ରଖାଯାଇଛି। ସମ୍ପୂର୍ଣ୍ଣ ସିଲାବସ୍‌କୁ ୬ଟି ୟୁନିଟ୍‌ରେ ବିଭକ୍ତ କରାଯାଇଛି। ସମସ୍ତ ବିଜ୍ଞାନ, କଳା ଓ ବାଣିଜ୍ୟ ପାଠ୍ୟକ୍ରମର ୬ଟି ସେମିଷ୍ଟରରେ ଗୋଟିଏ ଲେଖାଏ ୟୁନିଟ୍ ସାମିଲ କରାଯାଇଛି। ପ୍ରତ୍ୟେକ ୟୁନିଟ୍ ୨୫ ମାର୍କ ବିଶିଷ୍ଟ ହେବ ଏବଂ ଯୁକ୍ତ୩ର ପ୍ରତ୍ୟେକ ସେମିଷ୍ଟରରେ ଏକ ୟୁନିଟ୍ ହିସାବରେ ସଂଯୁକ୍ତ ହେବ। ଗୋଟିଏ ୟୁନିଟ୍ ବିଷୟ ପଢ଼ାଯିବା ପାଇଁ ୧୫ଟି ପିରିୟଡ୍ ରହିବ। ଏହି ପାଠ୍ୟଖସଡ଼ାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପିଲାଙ୍କଠାରେ ସକାରାତ୍ମକ ଚରିତ୍ର, ସହାନୁଭୂତିଶୀଳ ମଣିଷପଣିଆ, ଦାୟିତ୍ୱପୂର୍ଣ୍ଣ ନାଗରିକବୋଧ ଓ ଅନୁକମ୍ପାର ବିକାଶ କରାଇବା। ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଦ୍ୱାରା ପ୍ରସ୍ତୁତ 'ନୀତିଶାସ୍ତ୍ର ଓ ମୂଲ୍ୟବୋଧ' ଶିକ୍ଷା ପାଠ୍ୟକ୍ରମର ପ୍ରଥମ ଭାଗକୁ ଶନିବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଉନ୍ମୋଚନ କରିଛନ୍ତି। ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରସ୍ତୁତି ଓ ଉତ୍ପାଦ ବ୍ୟୁରୋର ବୋର୍ଡରୁମ୍‌ରେ ଆୟୋଜିତ ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମାନବ ଜୀବନରେ ମୂଲ୍ୟବୋଧର ଅବକ୍ଷୟକୁ ☞ପୃଷ୍ଠା-୪

# ଷ୍ଟାର୍ଟଅପ୍ ଚିଠାନୀତି ଖୁବ୍‌ଶୀଘ୍ର

■ **ସ୍କୁଲ ପାଠ୍ୟକ୍ରମରେ ସାମିଲ ହେବ ଏଣ୍ଟରପ୍ରିନ୍ୟୁରଶିପ୍**

**ଭୁବନେଶ୍ୱର,୧୮।୧୨(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଚନ୍ଦ୍ରଶେଖରପୁରଠାରେ ଓ-ହବ୍ ଷ୍ଟାର୍ଟଅପ୍ ସେଣ୍ଟରକୁ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୁବ ଉଦ୍ୟୋଗୀଙ୍କ ସହ ଆଲୋଚନା କରିଛନ୍ତି। ଓ-ହବ୍ ଷ୍ଟାର୍ଟଅପ୍ ଓଡ଼ିଶା ଇନ୍‌କ୍ୟୁବେଶନ୍ ସେଣ୍ଟର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ବିକାଶରେ ଓ-ହବ୍ ବହୁତ ଉପାଦେୟ ହୋଇପାରିବ। ରାଜ୍ୟ ସରକାର ଘରୋଇ ପୁଞ୍ଜିନିବେଶକାରୀଙ୍କୁ ମଧ୍ୟ ପ୍ରୋତ୍ସାହନ ଦେଉଛନ୍ତି। ଷ୍ଟାର୍ଟଅପ୍ ପାଇଁ ରାଜ୍ୟ ସରକାର ଖୁବ୍‌ଶୀଘ୍ର ଏକ ନୂଆ ଚିଠାନୀତି ଆଣିବେ। ଏଥିରେ ସ୍କୁଲ ପାଠ୍ୟକ୍ରମରେ ଏଣ୍ଟରପ୍ରିନ୍ୟୁରଶିପ୍‌କୁ ନେଇ ସ୍ୱତନ୍ତ୍ର ପାଠ୍ୟକ୍ରମ ସ୍ଥାନ ପାଇବ। ଯୁବଗୋଷ୍ଠୀଙ୍କୁ ଉଦ୍ୟୋଗୀ କରିବା ପାଇଁ ଛାତ୍ର ଜୀବନରୁ ମଧ୍ୟ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ୨୦୨୫ ସୁଦ୍ଧା ୫ ହଜାର ଷ୍ଟାର୍ଟଅପ୍ ଉଦ୍ୟୋଗୀ ସୃଷ୍ଟି ନେଇ ଯେଉଁ ଲକ୍ଷ୍ୟ ରହିଛି ତାହା ପୂରଣ କରିବା ଦିଗରେ ଓ-ହବ୍ ସହାୟକ ହେବ। ଏହି ବିଶ୍ୱସ୍ତରୀୟ ଇନ୍‌କ୍ୟୁବେଶନ ସେଣ୍ଟରରେ କର୍ପୋରେଟ ପାର୍ଟନରଙ୍କଠାରୁ ଆରମ୍ଭ କରି ପ୍ରଶିକ୍ଷକ, ଉଦ୍ୟୋଗୀମାନେ ଏକାଠି ହେବାର ସୁଯୋଗ ପାଇପାରିବେ। ୧ ଲକ୍ଷ ୫୦ ହଜାର ବର୍ଗଫୁଟରୁ ଅଧିକ ଅଞ୍ଚଳ ବିସ୍ତୃତ ବିଲ୍ଡିଂରେ ୯୩ ଇନ୍‌କ୍ୱିବେଟରଙ୍କୁ ସ୍ଥାନ ମିଳିବ। ସ୍ୱାସ୍ଥ୍ୟ, ଅଣପାରମ୍ପରିକ ଶକ୍ତି, ଆଇସିଟି, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ମେଶିନ ଲର୍ନିଂ, ହସ୍ତତନ୍ତ, ବୟନଶିଳ୍ପ, କୃଷି ବୈଷୟିକ ଭଳି କ୍ଷେତ୍ରରେ ୨୦୦ ଯୁବ ଉଦ୍ୟୋଗୀଙ୍କୁ ଏଠାରେ ସୁଯୋଗ ମିଳିବ। ରାଜ୍ୟରେ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ)ବିକାଶରେ ଓ-ହବ୍ ବହୁତ ଉପାଦେୟ ହୋଇପାରିବ। ଷ୍ଟାର୍ଟଅପ୍‌ର ଇକୋସିଷ୍ଟମ୍ ବାତାବରଣକୁ ଏହା ଅଧିକ କ୍ରିୟାଶୀଳ କରିବ। ଅଧିକ ସଂଖ୍ୟକ ମହିଳା କିପରି ଉଦ୍ୟୋଗୀ ହୋଇପାରିବେ, ସେଥିପ୍ରତି ଦୃଷ୍ଟି ଦିଆଯାଉଛି। ଏଥିରେ ୭୫ଟି ଇ-ସେଲ୍‌ସ କାଉଣ୍ଟର, ୯୩ ଇନ୍‌କ୍ୟୁବେଟର ସହ ୧୦ହଜାର ନିଯୁକ୍ତି ପାଇଁ ବ୍ୟବସ୍ଥା ହୋଇଛି। ବିଶେଷକରି କୃଷି, ସ୍ୱାସ୍ଥ୍ୟ, ସବୁଜ ଶକ୍ତି କ୍ଷେତ୍ରରେ ଷ୍ଟାର୍ଟଅପ୍ ଉଦ୍ୟୋଗୀଙ୍କ ଆଇଡିଆ ଏଠାରେ ବାସ୍ତବ ରୂପ ନେବ।

ଓଡ଼ିଶାର ଓୟୋ, ଆଇ ସର୍ଭ ୟୁ ଭଳି ସଂସ୍ଥା ଅନ୍ତର୍ଜାତୀୟ ସ୍ତରରେ ଅନେକ ସୁନାମ ଆଣିଛନ୍ତି। ଫଣ୍ଡିଂ, ଟେକ୍‌ନିକାଲ ସହାୟତା, ଆବଶ୍ୟକ ଅନୁସାରେ ସହାୟତା ମଧ୍ୟ ଓ-ହବ୍ ଯୋଗାଇବ। ୨୦୧୬ରେ ରାଜ୍ୟ ସରକାର ଷ୍ଟାର୍ଟଅପ୍ ପଲିସି ଆଣିଥିଲେ। ଏହା ଭିତରେ ଅନେକ ଆଗେଇଛି ଷ୍ଟାର୍ଟଅପ୍। ☞ପୃଷ୍ଠା-୪

### ଓ-ହବ୍ ଷ୍ଟାର୍ଟଅପ୍ ସେଣ୍ଟର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର ପଟିଆସ୍ଥିତ ସ୍ପେଶାଲ ଇକୋନମିକ୍ ଜୋନ୍‌ରେ ଶନିବାର ଉଦ୍‌ଘାଟିତ ଓ-ହବ୍, ଷ୍ଟାର୍ଟଅପ୍ ଓଡ଼ିଶା ଇନ୍‌କ୍ୟୁବେଶନ ସେଣ୍ଟର।



ଓ-ହବ୍ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ସଚିବ ଭି.କେ.ପାଣ୍ଡିଆନ୍ ।

# ପ୍ରାଣୀ ଚିକିତ୍ସକ ସୁରେନ୍ଦ୍ର ରାୟଙ୍କ ପରଲୋକ



**ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)**

ବିଶିଷ୍ଟ ପ୍ରାଣୀ ଚିକିତ୍ସକ ଡା. ସୁରେନ୍ଦ୍ର କୁମାର ରାୟଙ୍କ ଶନିବାର ସକାଳ ପ୍ରାୟ ସାଢ଼େ ୮ଟାରେ ପରଲୋକ ଘଟିଛି। ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଭାଇ ଆର୍. କେ. ରାୟ ସୂଚନା ଦେଇଛନ୍ତି। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ୧୯୪୨ ଜାନୁୟାରୀ ୧୦ରେ ଯାଜପୁର ଜିଲା ଦଶରଥପୁରରେ ଜନ୍ମଗ୍ରହଣ କରିଥିବା ଡା. ରାୟ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ରୁ ୧୯୬୪ରେ ସ୍ନାତକ ହାସଲ ପରେ ପ୍ରଥମେ ଓଡ଼ିଶା ସରକାରଙ୍କ ପ୍ରାଣୀଧନ ଚିକିତ୍ସା ବିଭାଗରେ ☞ପୃଷ୍ଠା-୪

# ଜଷ୍ଟିସ୍ ନାନାବତୀଙ୍କ ବିୟୋଗ

**ନୂଆଦିଲ୍ଲୀ, ୧୮।୧୨**



ଗିରୀଶ ଠାକୋରଲାଲ୍ ନାନାବତୀ

ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଗିରୀଶ ଠାକୋରଲାଲ୍ ନାନାବତୀଙ୍କର ଶନିବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ଏବଂ ୨୦୦୨ ଗୋଧ୍ରା ଦଙ୍ଗା ଘଟଣାର ସେ ତଦନ୍ତ କରିଥିଲେ। ୧୯୩୫ ଫେବୃୟାରୀ ୧୭ରେ ଜନ୍ମିତ ନାନାବତୀ ବମ୍ବେ ହାଇକୋର୍ଟରେ ଆଇନଜୀବୀ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ୧୯୭୯ ଜୁଲାଇ ୧୯ରେ ଗୁଜରାଟ ହାଇକୋର୍ଟର ସ୍ଥାୟୀ ବିଚାରପତି ନିଯୁକ୍ତ ହେବା ସହ ୧୯୯୩ ଡିସେମ୍ବର ୧୪ରେ ଓଡ଼ିଶା ହାଇକୋର୍ଟକୁ ବଦଳି ହୋଇଥିଲେ। ୧୯୯୪ ଜାନୁୟାରୀ ୩୧ରେ ସେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତ ହୋଇଥିଲେ। ସେହିବର୍ଷ ସେପ୍ଟେମ୍ବରରେ ସେ କର୍ନାଟକ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ☞ପୃଷ୍ଠା-୪

# ଓଡ଼ିଶା, ଛତିଶଗଡ଼କୁ ସାକ୍ଷୀ ତାଲିକା ମାଗିଲେ ଟ୍ରିବ୍ୟୁନାଲ

**ମହାନଦୀ ଜଳ ବିବାଦ**

**ନୂଆଦିଲ୍ଲୀ, ୧୮।୧୨**

ମହାନଦୀ ଜଳ ବିବାଦ ମାମଲାରେ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କୁ ସାକ୍ଷୀ ତାଲିକା ଆସନ୍ତା ୨ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ ଶନିବାର ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ ବିଚାରପତି ଏ.ଏମ୍.ଖାନ୍‌ୱିଲକରଙ୍କ ଅଧ୍ୟକ୍ଷତାରେ ବିଚାରପତି ଇନ୍ଦରମିତ୍ କୌର ଏବଂ ରବି ରଞ୍ଜନଙ୍କୁ ନେଇ ଗଠିତ ୩ଜଣିଆ ଖଣ୍ଡପୀଠ ସତ୍ୟପାଠ ମାଧ୍ୟମରେ ସାକ୍ଷୀମାନଙ୍କ ତାଲିକା ପ୍ରଦାନ କରିବାକୁ ଉଭୟ ରାଜ୍ୟକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଫେବୃୟାରୀ ୫ତାରିଖକୁ ଧାର୍ଯ୍ୟ ହୋଇଥିବା ଜଣାପଡ଼ିଛି। ଓଡ଼ିଶା ଓ ଛତିଶଗଡ଼ର ମହାନଦୀ ଅବବାହିକା ସମ୍ପର୍କିତ ଦଲିଲ ଓ ନଥି ଯୋଗାଇଦେବାକୁ ଉଭୟ ରାଜ୍ୟ ପକ୍ଷରୁ ପୂର୍ବରୁ ବହୁବାର ଅନୁରୋଧ କରାଯାଇଥିଲେ ସୁଦ୍ଧା କେନ୍ଦ୍ରୀୟ ସଂସ୍ଥା କିଛି ପଦକ୍ଷେପ ନେଉନାହାନ୍ତି। ତେଣୁ କେନ୍ଦ୍ରୀୟ ସଂସ୍ଥା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗତ ଅକ୍ଟୋବର ୨୩ରେ ଉଭୟ ରାଜ୍ୟ ଟ୍ରିବ୍ୟୁନାଲ ନିକଟରେ ଆବେଦନ କରିଥିଲେ। ଟ୍ରିବ୍ୟୁନାଲ୍ ମଧ୍ୟ ଉଭୟ ରାଜ୍ୟ ଆବଶ୍ୟକ କରୁଥିବା ଦଲିଲ ଯୋଗାଇଦେବାକୁ କେନ୍ଦ୍ରୀୟ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ମହାନଦୀ ଜଳ ବାଣ୍ଟନ ନେଇ ଉଭୟ ରାଜ୍ୟ ଟ୍ରିବ୍ୟୁନାଲଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଓଡ଼ିଶାର ଆବେଦନ ଅନୁସାରେ ଛତିଶଗଡ଼ ଉପରମୁଣ୍ଡରେ ରହିଥିବା କାରଣରୁ ମନଇଚ୍ଛା ଏକାଧିକ ବ୍ୟାରେଜ ନିର୍ମାଣ କରି ଓଡ଼ିଶାକୁ ଜଳ ପ୍ରବାହରେ ବାଧା ସୃଷ୍ଟି କରୁଛି। ତେଣୁ ମହାନଦୀ ଉପରେ ଛତିଶଗଡ଼ କରୁଥିବା ବ୍ୟାରେଜ୍ ନିର୍ମାଣ କାର୍ଯ୍ୟକୁ ସ୍ଥଗିତ ରଖିବା ସହ ନଭେମ୍ବରରୁ ମେ'ମାସ ଅଣମୌସୁମୀ ସମୟରେ ଜଳର ନିର୍ଦ୍ଦିଷ୍ଟ ପ୍ରବାହକୁ ବଜାୟ ରଖିବାକୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଟ୍ରିବ୍ୟୁନାଲ ନିକଟରେ ଆବେଦନ କରାଯାଇଛି।

**ଆଜିର ସମ୍ପାଦକୀୟ**

**ଅଧିକାର କ୍ଷୁଣ୍ଣ**

# ଆର୍‌ଏମ୍‌ସି ଫାଟକରେ ତାଲା ଠୁକିଲେ ଚାଷୀ

**ନବରଙ୍ଗପୁର,୧୮।୧୨(ବି.ପ୍ର.)**

ଲ୍ୟାମ୍ପ୍‌ସ କର୍ମଚାରୀଙ୍କ ସମୂହ ଆନ୍ଦୋଳନ ଯୋଗୁ ଚଳିତ ବର୍ଷ ଆର୍‌ଏମ୍‌ସି ଜରିଆରେ ଧାନ କିଣାଯିବ। ନବରଙ୍ଗପୁର ଜିଲାରେ ଶୁକ୍ରବାର ଆର୍‌ଏମ୍‌ସି ପକ୍ଷରୁ ମଣ୍ଡି ଖୋଲିଛି। ତେବେ ମଣ୍ଡି ପରିଚାଳନା ପାଇଁ ରହିଥିବା ବୈଷୟିକ ବ୍ୟବସ୍ଥା ଆର୍‌ଏମ୍‌ସି ପକ୍ଷରୁ ଠିକ୍‌ଭାବେ ପରିଚାଳନା ହୋଇପାରି ନ ଥିବାରୁ ଟୋକାନ ମଧ୍ୟ ବାହାରିପାରି ନ ଥିଲା। ଫଳରେ ନବରଙ୍ଗପୁର ଆର୍‌ଏମ୍‌ସି ପରିସରରେ ଖରିଫ ଧାନମଣ୍ଡି ଆରମ୍ଭରୁ ହିଁ ଶନିବାର ଅବ୍ୟବସ୍ଥା ଦେଖିବାକୁ ମିଳିଛି। ୫ହଜାର କ୍ୱିଣ୍ଟାଲ ଧାନ କିଣାଯିବାକୁ ଟାର୍ଗେଟ ରହିଥିଲା। କମ୍ ପରିମାଣର ଧାନ ଥିଲେ ମଧ୍ୟ ତାହା ନ ଉଠିବାରୁ ଶୀତରେ ସକାଳୁ ଜଗି ରହିଥିବା ଚାଷୀମାନେ ଆର୍‌ଏମ୍‌ସିର ୩ ଫାଟକରେ ତାଲା ପକାଇଥିଲେ। ପୋଲିସ, ପ୍ରଶାସନିକ ଅଧିକାରୀ, ଆର୍‌ଏମ୍‌ସି କର୍ତ୍ତୃପକ୍ଷ, ମିଲ୍ ମାଲିକ ଏବଂ ଚାଷୀଙ୍କ ମଧ୍ୟରେ ଆଲୋଚନା ପରେ ରାତି ୯ ଟାବେଳେ ଧାନ ଉଠିଥିଲା।

ସୂଚନାଯୋଗ୍ୟ, ୨୭ ଚାଷୀ ଶନିବାର ୧୯୯୮ ବସ୍ତା(ହାରାହାରି ୧୧୫୦ କ୍ୱିଣ୍ଟାଲ ଧାନ) ୨୯ଟି ଟ୍ରାକ୍ଟର ଓ ଗାଡ଼ିରେ ମଣ୍ଡିକୁ ଆଣିଥିଲେ। ତେବେ ମଣ୍ଡିରେ ୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଦେଖିବାକୁ ମିଳିଥିଲା। କେତେଜଣ ବ୍ୟବସାୟୀ ଚାଷୀଙ୍କ ପଞ୍ଜୀକରଣକୁ ବ୍ୟବହାରକରି ମଣ୍ଡିରେ ଥିବା ଦେଖିବାକୁ ମିଳିଥିଲା। ଏହାକୁ ନେଇ କେତେକେ ଅସନ୍ତୋଷ ପ୍ରକାଶ କରିଥିଲେ। ଧାନ ଉଠାଇବା ପାଇଁ ୧୮ ମିଲ୍‌କୁ ମଣ୍ଡିରେ ଟ୍ୟାଗ୍ କରାଯାଇଛି। ଏଫ୍‌ଏକ୍ୟୁ ମାନ ଧାନ ଯାଞ୍ଚ କରାଯାଇ ମିଲ୍ ମାଲିକମାନେ ଧାନ ଉଠାଇବେ ବୋଲି କହିବା ପରେ ସମସ୍ୟା ଦେଖାଦେଇଥିଲା। ଚାଷୀ, ମିଲ୍ ମାଲିକ, ଆର୍‌ଏମ୍‌ସି କର୍ତ୍ତୃପକ୍ଷ ଓ ଯୋଗାଣ ବିଭାଗର ଆଲୋଚନା ପରେ ରାତି ୮ଟାରେ ମଣ୍ଡିରୁ ଧାନ ଉଠାଇବାକୁ ଚାହୁଁଥିବାବେଳେ ଚାଷୀମାନେ ଫାଟକ ତାଲା ଖୋଲି ନ ଥିଲେ। ପୋଲିସ ଫାଟକ ତାଲା ଖୋଲିବା ପାଇଁ ଆସିଥିଲେ ମଧ୍ୟ ଚାଷୀମାନେ ଖୋଲି ନ ଥିଲେ। ବୁଝାଶୁଝା କରିବା ପରେ ତାଲା ଖୋଲି ପୋଲିସ ମଣ୍ଡି ମଧ୍ୟକୁ ଆସିଥିଲା। ☞ପୃଷ୍ଠା-୪



ନବରଙ୍ଗପୁର ଆର୍‌ଏମ୍‌ସି ସମ୍ମୁଖରେ ଧାଡ଼ି ଲାଗିଥିବା ଧାନଗାଡ଼ି।







# ହନିଟ୍ରାପ୍ ମାୟାରେ ଡିଆର୍‌ଡିଓ ତଥ୍ୟ ଲିକ୍



ହେମନ୍ତ ମିସ୍ତ୍ରୀ | ବସନ୍ତ ବେହେରା | ଏସ୍‌କେ ମୁସାଫିର | ତାପସ ରଞ୍ଜନ ନାୟକ | ସଚିନ ଛେତା

୨୦୨୧ ସେପ୍ଟେମ୍ବର ୧୪ରେ ଦେଶର ପ୍ରତିରକ୍ଷା ବିପଦରେ ପଡ଼ିବା ଭଳି ଆପରାଧିକ କାର୍ଯ୍ୟ ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ(ଡିଆର୍‌ଡିଓ)ରେ ଦେଖିବାକୁ ମିଳିଥିଲା। ଡିଆର୍‌ଡିଓର ଗୁପ୍ତ ତଥ୍ୟ ଲିକ୍ କରିବା ଅଭିଯୋଗରେ ଏଠାରେ କାର୍ଯ୍ୟରତ ୪ଜଣ ଠିକା କର୍ମଚାରୀ ଓ ଜଣେ ଡ୍ରାଇଭରଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତମାନେ ହେଲେ ଚାନ୍ଦିପୁର ଥାନା ଖାଣ୍ଟୁରା ଗ୍ରାମର ବସନ୍ତ ବେହେରା, ଆଇଟିଆର୍‌ରେ ଡିଜି ଅପରେଟର ବୁଆଁଳ ଗ୍ରାମର ହେମନ୍ତ କୁମାର ମିସ୍ତ୍ରୀ, ଆଇଟିଆର୍ ମେନଗେଟ୍‌ରେ କାର୍ଯ୍ୟ କରୁଥିବା ପାଳସିଆ ଗ୍ରାମର ତାପସ ରଞ୍ଜନ ନାୟକ, ଏସି ଅପରେଟର ଶ୍ରୀକୋଣା ଗ୍ରାମର ଏସ୍‌କେ ମୁସାଫିର ଏବଂ ସ୍ଥାୟୀ ଡ୍ରାଇଭରଭାବେ କାର୍ଯ୍ୟ କରୁଥିବା ଉତ୍ତରପ୍ରଦେଶର ସଚିନ ଛେତା। ଅଭିଯୁକ୍ତମାନେ ବିଦେଶୀ ମହିଳାଙ୍କ ହନିଟ୍ରାପ୍‌ର ଶିକାର ହୋଇ ଡିଆର୍‌ଡିଓର ଗୁପ୍ତ ତଥ୍ୟକୁ ହ୍ୱାଟ୍‌ସଆପ୍, ଫେସବୁକ୍ ଓ ଇନ୍‌ଷ୍ଟାଗ୍ରାମ୍ ମାଧ୍ୟମରେ ଶେୟାର କରୁଥିବା ନଜରକୁ ଆସିଥିଲା। ଏପରି କି ଜଣେ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟକୁ ବିଦେଶରୁ ୨ଟି ପର୍ଯ୍ୟାୟରେ ଟଙ୍କା ଆସିଥିଲା। ଦେଶର ସୁରକ୍ଷା ସହ ଜଡ଼ିତ ଥିବାରୁ ଏହି ଘଟଣାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ହାତକୁ ନେଇଥିଲା। କ୍ରାଇମବ୍ରାଞ୍ଚ ଏହି ୫ଜଣଙ୍କୁ ରିମାଣ୍ଡରେ ନେଇ ତଦନ୍ତ କରିବା ପରେ ସେମାନେ ହନିଟ୍ରାପ୍‌ର ଶିକାର ହୋଇ ତଥ୍ୟ ପ୍ରଘଟ କରିଥିବା ସାମ୍ନାକୁ ଆସିଥିଲା। ବସନ୍ତ ବେହେରାଙ୍କୁ ବିବାହ ପ୍ରସ୍ତାବ ଦେଇଥିବା ମହିଳା ଜଣକ ପାକିସ୍ତାନୀ ଗୋଇନ୍ଦା ଏଜେଣ୍ଟ ବୋଲି ଚର୍ଚ୍ଚା ଚାଲିଛି। ସଚିନ ମଧ୍ୟ ୩ଜଣ ଝିଅଙ୍କ ସମ୍ପର୍କରେ ଥିଲେ। ମହିଳା ଏଜେଣ୍ଟମାନେ ୫ଜଣଙ୍କ ନିକଟରୁ କ୍ଷେପଣାସ୍ତ୍ର ପରୀକ୍ଷଣ ସମ୍ପର୍କିତ ତଥ୍ୟ ତଥା କେବେ ପରୀକ୍ଷଣ ହେବ, କ୍ଷେପଣାସ୍ତ୍ର ପରୀକ୍ଷଣ ସଫଳ କି ବିଫଳ ସମ୍ପର୍କରେ ଖବର ନେଉଥିଲେ। ସମସ୍ତ ଅଭିଯୁକ୍ତ ଅଦ୍ୟାବଧି ଜେଲରେ ରହିଛନ୍ତି।

ଚଳିତ ବର୍ଷ କେନ୍ଦୁଝର ଜିଲାରେ ୭ ହାତୀଙ୍କ ମୃତ୍ୟୁ ପ୍ରାଣୀପ୍ରେମୀଙ୍କ ଚିନ୍ତା ବଢାଇଛି। କେନ୍ଦୁଝର ଡିଭିଜନରେ ୬ ଏବଂ ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନରେ ଗୋଟିଏ ହାତୀ ଟ୍ରେନ ଧକ୍କାରେ ମୃତ୍ୟୁବରଣ କରିଛନ୍ତି। ୬ଟିରୁ ଗୋଟିଏ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଥିବା ବେଳେ ଆଉ ଏକ ଗର୍ଭବତୀ ହାତୀ ଛୁଆ ଜନ୍ମ କରି ନ ପାରି ମୃତ୍ୟୁର କବଳିତ ହୋଇଥିଲା। ଅନ୍ୟ ୪ଟିର ମୃତଦେହ ଜବତ ହୋଇଥିଲା। ସେହିପରି ହାତୀ ଦାନ୍ତ ଚୋରାକାରବାର ଘଟଣାରେ ବନ ବିଭାଗ ୮ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ୩.୬୦୫ କିଲୋ ଓଜନର ଦୁଇଟି ଦାନ୍ତ ଜବତ କରିଥିଲା।

# ୭ ହାତୀଙ୍କ ଜୀବନ ଗଲା



ଆଉ ଦିନ କେତୋଟି ପରେ ବିଦାୟ ନେବ ୨୦୨୧। କରୋନା ମହାମାରୀର ଭୟ ଓ ଆଶଙ୍କାରେ ବର୍ଷ ଆରମ୍ଭ ହୋଇଥିଲେ ବି କେତେକ ଘଟଣା ଉତ୍ତରଓଡ଼ିଶାକୁ କରିଥିଲା ଚର୍ଚ୍ଚିତ। ଡିଆରଡିଓ ତଥ୍ୟ ଲିକ୍ ଓ ଶିମିଳିପାଳ ବନାଗ୍ନି ସାରା ଦେଶରେ ସୃଷ୍ଟି କରିଥିଲା ଉଦ୍‌ବେଳନ। ଅନ୍ୟପକ୍ଷରେ ପ୍ରତିରକ୍ଷା ବିଭାଗର ସାମର୍ଥ୍ୟ ବୃଦ୍ଧି ସହ ଦେଶକୁ ଶକ୍ତିଶାଳୀ କରିବା କ୍ଷେତ୍ରରେ ଚାନ୍ଦିପୁର ଡିଆରଡିଓ ହାସଲ କରିଛି ଉଲ୍ଲେଖନୀୟ ସଫଳତା। ନିଜ ପାରଦର୍ଶିତା ବଳରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡର ଅଧିକାରିଣୀ ଓ ମିସେସ ଫେମିନା ମୁକୁଟ ବିଜୟିନୀ ଏହି ମାଟି ପାଇଁ ଆଣିଛନ୍ତି ଗୌରବ। ଚଳିତ ବର୍ଷର ଚର୍ଚ୍ଚିତ ଘଟଣାକୁ ନେଇ ଉପସ୍ଥାପନା....

# ବିପଦରେ ସୁରକ୍ଷା

## ପ୍ରତିରକ୍ଷା ବିଭାଗର ଶକ୍ତି ବୃଦ୍ଧି



ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ (ଡିଆର୍‌ଡିଓ) ପକ୍ଷରୁ ଚଳିତ ବର୍ଷ ୧୧ରୁ ଊର୍ଦ୍ଧ୍ୱ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇଛି। ଯାହା ପ୍ରତିରକ୍ଷା ବିଭାଗର ଶକ୍ତି ବୃଦ୍ଧିକୁ ପ୍ରମାଣିତ କରିଛି। ଡିଆର୍‌ଡିଓ ଟିମ୍‌ର ସଫଳତା ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶୁଭେଚ୍ଛା ଜଣାଇଛନ୍ତି। ଜାନୁୟାରୀ ୧ରେ ବାଲେଶ୍ୱର ଚାନ୍ଦିପୁର ଆଇଟିଆର୍‌ରୁ 'ଆକାଶ ଏନ୍‌ଜି' କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇଥିଲା। ଫେବୃୟାରୀ ୨ରେ ଭିଏଲ୍-ଏସ୍‌ଆର୍‌ଏସ୍‌ଏମ୍, ଜୁନ୍ ୨୫ରେ 'ପିନାକ' ରକେଟ୍ ଲଞ୍ଚର ପରୀକ୍ଷଣ ହୋଇଛି। ସେହିପରି ଜୁନ୍ ୨୮ରେ ଅବଦୁଲ କଲାମ ଦ୍ୱୀପରୁ 'ଅଗ୍ନି ପି', ଜୁଲାଇ ୨୩ରେ ଚାନ୍ଦିପୁର ଆଇଟିଆର୍‌ରୁ 'ଆକାଶ', ସେପ୍ଟେମ୍ବର ୨୭ରେ 'ଆକାଶ ପ୍ରାଇମ୍', ଅକ୍ଟୋବର ୨୨ରେ ଚାଳକବିହୀନ ଦ୍ରୁତଗାମୀ ରକେଟ୍ 'ଏୟାରକ୍ରାଫ୍ଟ', ନଭେମ୍ବର ୨୭ରେ ଅବଦୁଲ କଲାମ ଦ୍ୱୀପରୁ 'ଅଗ୍ନି-୫, ଡିସେମ୍ବର ୭ରେ ଚାନ୍ଦିପୁର ଆଇଟିଆର୍‌ରୁ ଭିଏଲ୍-ଏସ୍‌ଆର୍‌ଏସ୍‌ଏମ ଏବଂ ଅବଦୁଲ କଲାମ ଦ୍ୱୀପରୁ ଡିସେମ୍ବର ୧୩ରେ ସୁପରସୋନିକ୍ କ୍ଷେପଣାସ୍ତ୍ର ସହାୟକ ଟର୍ପେଡ଼ୋ (ସ୍ମାର୍ଟ) ସିଷ୍ଟମ ଓ ଡିସେମ୍ବର ୧୮ 'ଅଗ୍ନି ପ୍ରାଇମ୍'ର ପରୀକ୍ଷଣ ସଫଳ ହୋଇଛି।

ସମଗ୍ର ବିଶ୍ୱର ଅମୂଲ୍ୟ ସମ୍ପଦ ଭାବେ ପରିଚିତ ମୟୁରଭଞ୍ଜର ଶିମିଳିପାଳ ଅଭୟାରଣ୍ୟ। ପ୍ରକୃତିର ଅନନ୍ୟ ବିଭବ ସବୁଜ ସୁନ୍ଦର ଶିମିଳିପାଳ ଉପରେ ପଡ଼ିଲା ଲୋଲୁପ ଦୃଷ୍ଟି। ଚାହୁଁ ଚାହୁଁ ଜାତୀୟ ଉଦ୍ୟାନ ଭାବେ ପରିଚିତ ଅଭୟାରଣ୍ୟରେ ମାଡ଼ି ଚାଲିଲା ନିଆଁ, ମନୁଷ୍ୟକୃତ ଅଗ୍ନିକାଣ୍ଡ ପାଇଁ ଶୁଷ୍କ ଜୈବ ମଣ୍ଡଳ ଉତ୍ତପ୍ତ ହୋଇପଡ଼ିଲା। ତା'ରି କୋଳରେ ବଢୁଥିବା ଜୀବଜନ୍ତୁ, ବୃକ୍ଷଲତା, ସରୀସୃପ, ଗୁଳ୍ମ, ଔଷଧୀୟ ଫଳମୂଳ ପୋଡ଼ି ଅଙ୍ଗାର ପାଲଟିଗଲା। ଶୁଦ୍ଧ ଅମ୍ଳଜାନ ଦେଇ ଜୀବଜଗତକୁ ବଞ୍ଚାଉଥିବା ଜୈବ ମଣ୍ଡଳ ଛାରଖାର ହୋଇଗଲା। ଏସିଆ ମହାଦେଶର ଦ୍ୱିତୀୟ ବୃହତମ ଅମ୍ଳଜାନ କେନ୍ଦ୍ର ଭାବେ ବିବେଚିତ ଶିମିଳିପାଳକୁ ଏକ ମାସରୁ ଊର୍ଦ୍ଧ୍ୱ ସମୟ ନିଆଁ ଗ୍ରାସ କରିଚାଲିଥିଲା। ଚଳିତବର୍ଷ ମାର୍ଚ୍ଚ ୧ରୁ ଏହି ନିଆଁ ଏଠାକାର ଜୈବ ମଣ୍ଡଳକୁ ପାଉଁଶ କରିବା ଆରମ୍ଭ କରିଥିଲା। ୨୭୫୦ବର୍ଗ କି.ମି. କ୍ଷେତ୍ରଫଳ ବିଶିଷ୍ଟ ଅଭୟାରଣ୍ୟରେ ନିଆଁ ଧିରେ ଧିରେ ସମଗ୍ର ଅଭୟାରଣ୍ୟକୁ ବ୍ୟାପି ଯାଇଥିଲା। ନିଆଁର ପ୍ରକୋପରେ ଅସୁରକ୍ଷିତ ବନ୍ୟଜନ୍ତୁ ଜୀବନ ବିକଳରେ ଜନବସତି ମୁହାଁ ହେବାକୁ ଲାଗିଲେ। ଆଖପାଖ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ରହୁଥିବା ଲୋକେ ଭୟଭୀତ ଅବସ୍ଥାରେ ଦିନ କାଟିଲେ। ନିଆଁ ଲିଭାଇବା ପାଇଁ ଅଗ୍ନିଶମ ଓ ବନବିଭାଗ ଅକ୍ଳାନ୍ତ ପରିଶ୍ରମ କରି ନାକେଦମ ହୋଇପଡ଼ିଲେ। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଶିମିଳିପାଳକୁ ସୁରକ୍ଷା ଯୋଗାଇବା ପାଇଁ ପ୍ରୟାସ ଆରମ୍ଭ ହେଲା। ମାର୍ଚ୍ଚ ୩ରେ ରାଜ୍ୟ ସରକାର ଶିମିଳିପାଳ ବନାଗ୍ନିକୁ ଆୟତ୍ତ ଲାଗି ଏସ୍‌ଓପି ଜାରି କରିଥିଲେ। ବନାଗ୍ନି ପରିଚାଳନା ପାଇଁ ମାର୍ଚ୍ଚ ୮ରେ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ କରାଗଲା। ପରେ ନିଆଁ ଆୟତ୍ତ କରାଯାଇଥିଲେ ହେଁ ସମ୍ପୂର୍ଣ୍ଣ ଲିଭି ନ ଥିଲା। ତେବେ ପ୍ରକୃତିର ବରଦାନ ସଦୃଶ ବର୍ଷା ହେବାରୁ ନିଆଁ ପ୍ରଶମିତ ହୋଇଥିଲା।

## ନିଆଁ ଶିମିଳିପାଳକୁ ଛାରଖାର କଲା



## ୟୁଟ୍ୟୁବକୁ ମାସିକ ରୋଜଗାର ଲକ୍ଷେ

### ୟୁବପିଢ଼ିଙ୍କ ପ୍ରେରଣା ଅର୍ପିତା



ଦେବଦେବୀଙ୍କ ପ୍ରତିମାଠାରୁ ଆରମ୍ଭ କରି ଫଟୋଫ୍ରେମ୍, ଫୁଲଦାନି, ତା' ସାଙ୍ଗକୁ ଭଳିକି ଭଳି ଘର ସାଜସଜ୍ଜା ଉପକରଣ। ଦୁର୍ମୂଲ୍ୟ ଧାତୁରେ ନୁହେଁ, ଅଦରକାରୀ ବର୍ଜ୍ୟରେ ପ୍ରସ୍ତୁତ ଏଭଳି ସୁନ୍ଦର କଳାକୃତି। ଆଉ ଯାହାଙ୍କ ଯାଦୁକରୀ ସ୍ପର୍ଶରେ ଆବର୍ଜନା ଜୀବନ୍ତ ରୂପ ନେଇଛି, ସେ ହେଲେ ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ତରାଗୋ ଗ୍ରାମର ନିରଞ୍ଜନ ଖଟୁଆଙ୍କ ଝିଅ ଅର୍ପିତା ପ୍ରିୟଦର୍ଶିନୀ(୨୫)। ଏହି ଉଚ୍ଚଶିକ୍ଷିତା କରୋନା ମହାମାରୀ ସମୟରେ ନିଜ ସୃଜନଶୀଳତାର ସୁବିନିଯୋଗ କରି ସୃଷ୍ଟି କରିଥିଲେ ଭିନ୍ନ ପରିଚୟ। ୟୁଟ୍ୟୁବ୍ ମାଧ୍ୟମରେ ନିଜସ୍ୱ ହସ୍ତକଳାକୃତିକୁ ଲୋକଙ୍କ ପାଖରେ ପହଞ୍ଚାଇ ମାସକୁ ଲକ୍ଷାଧିକ ଟଙ୍କା ରୋଜଗାର ସହ ୟୁବପିଢିଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ଅର୍ପିତା।

## ରାଜ୍ୟର ପ୍ରଥମ 'ମାଣ୍ଡିଆ ଶକ୍ତି କାଫେ'

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଚଳିତ ବର୍ଷ ଅକ୍ଟୋବର ୨୯ରେ ରାଜ୍ୟର ପ୍ରଥମ ମାଣ୍ଡିଆ ଶକ୍ତି କାଫେ ଭର୍ଚୁଆଲ ମୋଡ୍‌ରେ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ମିଶନ ଶକ୍ତି କମିଶନର ସୁଜାତା ଆର୍ କାର୍ତ୍ତିକେୟନଙ୍କ ଉପସ୍ଥିତିରେ ମନ୍ତ୍ରୀ ସାହୁ କେନ୍ଦୁଝର ଜିଲା ପ୍ରଶାସନର ପୁରା ଟିମ୍‌କୁ ପ୍ରଶଂସା କରିଥିଲେ। ମାଣ୍ଡିଆ ଆମର ପାରମ୍ପରିକ ଓଡ଼ିଆ ଖାଦ୍ୟ। ଏହି କାଫେ ଖୋଲାଯିବା ଦ୍ୱାରା ଚାଷୀମାନେ ଲାଭବାନ ହେବେ ଏବଂ ମହିଳାମାନେ ଅଧିକ ସ୍ୱାବଲମ୍ବୀ ହେବା ସହ ସଶକ୍ତିକରଣ ହୋଇପାରିବେ ବୋଲି ସେ ଆଶା ପ୍ରକଟ କରିଥିଲେ। ମିଲେଟ ମିଶନ ଓ ମିଶନ ଶକ୍ତିର ମିଳିତ ଉଦ୍ୟମରେ ଏହା ଚାଲୁଥିବା ବେଳେ ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏଭଳି କାଫେ ଖୋଲିବା ଲାଗି ସରକାର ପଦକ୍ଷେପ ନେଉଥିବା ସୂଚିତ କରିଥିଲେ ସେ।



ମାଣ୍ଡିଆ ଶକ୍ତି କାଫେ ଉଦ୍‌ଘାଟନ ଉତ୍ସବ।

## ପ୍ରତାପ ହରାଇଲେ ବିଶ୍ୱେଶ୍ୱର ପାଇଲେ



ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ



ବିଶ୍ୱେଶ୍ୱର ଟୁଡୁ

ବାଲେଶ୍ୱର ଲୋକସଭା କ୍ଷେତ୍ରରୁ ୨୦୧୯ ନିର୍ବାଚନରେ ପ୍ରଥମଥର ଏମ୍‌ପି ଭାବେ ନିର୍ବାଚିତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ତାଙ୍କୁ ଅଣୁ, କ୍ଷୁଦ୍ର ଓ ମଧ୍ୟମଶିଳ୍ପ, ମତ୍ସ୍ୟ, ପଶୁସମ୍ପଦ ଓ ଗୋପାଳନ ବିଭାଗର ରାଷ୍ଟ୍ରମନ୍ତ୍ରୀ ପଦ ମିଳିଥିଲା। ତେବେ ଅବଦଳବଦଳ ପ୍ରକ୍ରିୟାରେ ଚଳିତ ବର୍ଷ ଜୁଲାଇ ୭ରେ ସେ ମନ୍ତ୍ରୀପଦ ହରାଇଥିଲେ। ଏନେଇ ବାଲେଶ୍ୱରବାସୀ ମର୍ମାହତ ହୋଇଥିବା ବେଳେ ଉତ୍ତର ଓଡ଼ିଶାର ଆଦିବାସୀ ନେତା ତଥା ମୟୂରଭଞ୍ଜ ଏମ୍‌ପି ଇଂ. ବିଶ୍ୱେଶ୍ୱର ଟୁଡୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପକ୍କା କରିଥିଲେ। ତାଙ୍କୁ ଆଦିବାସୀ ବ୍ୟାପାର ଓ ଜଳଶକ୍ତି ବିଭାଗର ଦାୟିତ୍ୱ ପ୍ରଦାନ କରାଯାଇଥିଲା।

## ଈପ୍‌ସିତା ମିସେସ୍ ଫେମିନା



ଚଳିତ ବର୍ଷ ମାର୍ଚ୍ଚରେ ସାରା ଭାରତର ପ୍ରାୟ ୫୦ ହଜାର ପ୍ରତିଯୋଗୀଙ୍କୁ ପଛରେ ପକାଇ ବିଜୟ ମୁକୁଟ ପରିଧାନ କରିଥିଲେ ଓଡ଼ିଆ ଝିଅ ଇପ୍ସିତା ପ୍ରିୟଦର୍ଶିନୀ (୨୭)। କରୋନା କଟକଣା ଯୋଗୁ ଅନ୍‌ଲାଇନରେ ହୋଇଥିବା ମିସେସ ଫେମିନା-୨୦୨୧ ପ୍ରତିଯୋଗିତାର ଫାଇନାଲ ରାଉଣ୍ଡରେ ବିଜୟ ହାସଲ କରିଥିଲେ। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ ସାହୁଙ୍କ ଝିଅ ଈପ୍‌ସିତା। ବାପା ପ୍ରଶାସନିକ ଅଧିକାରୀ ଓ ମା' ବବିତା ମହାନ୍ତି ଜଣେ ଗୃହିଣୀ। ପିଲାବେଳୁ କଳା ପ୍ରତି ଅହେତୁକ ଆକର୍ଷଣ ତାଙ୍କୁ ସଫଳତା ଆଣି ଦେଇଥିଲା।

## ୪ ବର୍ଷ ବୟସରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ



ବୟସ ତାଙ୍କୁ ୪ ବର୍ଷ ୬ ମାସ। କିନ୍ତୁ ହିନ୍ଦୀ ଓ ଇଂଲିଶରେ ୮୦ଟି ରାଇମ୍ସ ଗାଇ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି ଭଦ୍ରକ ଜିଲା ସାବରଙ୍ଗ ଥାନା ଅଧୀନ ଆଟୋ ଗ୍ରାମର ଏହି ପ୍ରତିଭାଧାରୀ ଭାନଭୀ ଭାବ୍ୟାଂଶିଖା। ନରେନ୍ଦ୍ର ଦାସ ଓ ଶାଶ୍ୱତୀ ସୌମ୍ୟା ମହାପାତ୍ରଙ୍କ ଝିଅ ଭାନଭୀ ଏବେ ଚରମ୍ପା ମିଶନ ପବ୍ଲିକ ସ୍କୁଲର ଏଲ୍‌କେଜି ଛାତ୍ରୀ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୭,୪୨,୬୯,୯୮୬ | ୫୩,୬୪,୫୨୮ | ୨୪,୬୧,୮୧,୪୪୭ |
| ଭାରତ | ୩,୪୭,୩୩,୧୯୪ | ୪,୭୭,୧୫୮ | ୩,୪୧,୭୧,୪୭୧ |
| ଓଡ଼ିଶା | ୧୦,୫୨,୬୪୧ | ୮୪୪୨(+୫୩) | ୧୦,୪୨,୪୪୩ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ ଜେଲ

ଉମରକୋଟ,୧୮।୧୨(ସ୍ୱ.ପ୍ର.): ସ୍ତ୍ରୀଙ୍କୁ ହତ୍ୟାକରିବା ମାମଲାରେ ନବରଙ୍ଗପୁର ଜିଲା ଉମରକୋଟ ଅତିରିକ୍ତ ଜିଲା ତଥା ଦୌରା ଜଜ୍ ସୁନୀଲ କୁମାର ଦାସ ଶନିବାର ଚୈତନ୍ୟ ନାଗଙ୍କ ବିରୋଧରେ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଣି କରିଛନ୍ତି। ସୂଚନା ଅନୁଯାୟୀ ନବରଙ୍ଗପୁର ଥାନା ତୋଟାସାହି ଅଞ୍ଚଳର ଚୈତନ୍ୟ ଉମରକୋଟ ପୌରାଞ୍ଚଳ ଚଢ଼େଇଗୁଡ଼ା ଗ୍ରାମର ସୁରେଶ ହରିଜନଙ୍କ ଝିଅ ପିଙ୍କି ହରିଜନଙ୍କୁ ୨୦୧୨ ରେ ପ୍ରେମ ବିବାହ କରିଥିଲେ। ଏହାପରେ ଶାରୀରିକ ଓ ମାନସିକ ନିର୍ଯାତନା ସହି ନ ପାରି ୨୦୧୫ ରେ ପିଙ୍କି ବାପଘର ଚଢ଼େଇଗୁଡ଼ା ଗ୍ରାମକୁ ଚାଲି ଆସିଥିଲେ। ୨୦୧୫ ଜୁନ୍ ୨୪ରେ ଚୈତନ୍ୟ ଚଢ଼େଇଗୁଡ଼ା ଗ୍ରାମକୁ ଯାଇ ସ୍ତ୍ରୀଙ୍କୁ ସାଙ୍ଗରେ ନେଇ ଆସିଥିଲେ। ଏହା ପରଦିନ ଅର୍ଥାତ୍ ଜୁନ୍ ୨୫ରେ ପିଙ୍କିଙ୍କ କ୍ଷତାକ୍ତ ମୃତଦେହ ଉମରକୋଟ ମିକ୍ସ ଫାର୍ମ ପାଖ କେନାଲ ନିକଟରୁ ମିଳିଥିଲା। ବ୍ୟବଚ୍ଛେଦ ରିପୋର୍ଟରେ ପିଙ୍କିଙ୍କ ତଣ୍ଟି ଚିପିଦେବା କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା। ଏହାପରେ ପିଙ୍କିଙ୍କ ବାପଘର ପକ୍ଷରୁ ହତ୍ୟା ଅଭିଯୋଗ କରାଯାଇଥିଲା। ଏତଲା ଓ ୨୦ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଶନିବାର ଅତିରିକ୍ତ ଜିଲା ତଥା ଦୌରା ଜଜ୍ ଅଭିଯୁକ୍ତଙ୍କ ବିରୋଧରେ ଏହି ଦଣ୍ଡାଦେଶ ଶୁଣାଣି କରିଛନ୍ତି। ଏତଲାକାରୀଙ୍କ ପକ୍ଷରୁ ସରକାରୀ ଓକିଲ ଝଡ଼େଶ୍ୱରୀ ମହାନ୍ତି ମାମଲା ପରିଚାଳନା କରୁଥିଲେ।

### ୬ବର୍ଷରେ ରାଜ୍ୟରେ ୩୧ ଲକ୍ଷ ବାସଗୃହ ନିର୍ମାଣ

ଭୁବନେଶ୍ୱର,୧୭।୧୨(ବ୍ୟୁରୋ): ଗତ ୬ ବର୍ଷ ମଧ୍ୟରେ ରାଜ୍ୟରେ ଗ୍ରାମୀଣ ଗୃହ ଯୋଜନାରେ ୩୧.୦୮ ଲକ୍ଷ ପକ୍କାଘର ନିର୍ମାଣ କରାଯାଇଛି। ଶନିବାର ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓଭରସାଇଟ କମିଟି ବୈଠକରୁ ଏହି ସୂଚନା ମିଳିଛି। ବିଜୁ ପକ୍କାଘର ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ନିର୍ମାଣ ଶ୍ରମିକ ପକ୍କାଘର ଯୋଜନା, ମତ୍ସ୍ୟଜୀବୀ ବାସ ଗୃହ ଯୋଜନା, ପକ୍କାଘର ଯୋଜନା(ଖଣିଅଞ୍ଚଳ)ଆଦିରେ ଏହି ବାସଗୃହଗୁଡିକ ନିର୍ମାଣ କରାଯାଇଛି। ନିର୍ଦ୍ଧାରିତ ସମୟରେ ୮,୫୭୫ ଜଣ ବିପଦଗ୍ରସ୍ତ ଜନଜାତିମାନଙ୍କୁ ଘର ଯୋଗାଇଦେବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ୩୧,୦୮,୪୭୧ ନିର୍ମାଣ ଶେଷ ହୋଇଥିବାବେଳେ ୧,୭୫,୯୭୦ ଘର ନିର୍ମାଣ ଚାଲିଛି।

### ଖରସ୍ରୋତାରେ ବୁଡ଼ିଗଲେ ଶ୍ରମିକ

ସିଂହପୁର,୧୮।୧୨(ଡି.ଏନ.ଏ.): ବିଞ୍ଝାରପୁର ଥାନା ଅନ୍ତର୍ଗତ ବାଙ୍ଗରା ଗ୍ରାମର ଶ୍ରମିକ ଦୁର୍ଯ୍ୟୋଧନ ଦାସ(୪୮)ଙ୍କ ଶନିବାର ଖରସ୍ରୋତା ନଦୀରେ ବୁଡ଼ି ମୃତ୍ୟୁ ଘଟିଛି। ସେ ସକାଳେ ନଦୀରେ ଗାଧୋଉଥିବା ବେଳେ ପ୍ରଖରସ୍ରୋତରେ ଭାସି ଯାଇଥିଲେ। ସଙ୍ଗେସଙ୍ଗେ ସ୍ଥାନୀୟ ଲୋକେ ଖୋଜାଖୋଜି କରି ତାଙ୍କୁ ଉଦ୍ଧାର କରିଥିଲେ। ମାତ୍ର ସେତେବେଳକୁ ତାଙ୍କର ମୃତ୍ୟୁ ହୋଇ ସାରିଥିଲା। ଏହି ଘଟଣା ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତେବେ ଏହି ଅଞ୍ଚଳରେ ଦୁଇ ଦିନରେ ଦୁଇ ଜଣ ନଦୀରେ ବୁଡ଼ିପ୍ରାଣ ହରାଇଥିବାରୁ ନଦୀକୂଳିଆ ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି।

# ‘ମାଓବାଦୀ କାର୍ଯ୍ୟକଳାପ ରୋକିବାରେ ରାଜ୍ୟ ସଫଳ’



ଭିଡିଓ କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**କଟକ ଅଫିସ୍/ଭୁବନେଶ୍ୱର (ବ୍ୟୁରୋ,)୧୮।୧୨**

ରାଜ୍ୟ ପୋଲିସ ମୁଖ୍ୟାଳୟ ପରିସରରେ ଆୟୋଜିତ ୬୩ତମ ବରିଷ୍ଠ ପୋଲିସ ଅଧିକାରୀଙ୍କ ବାର୍ଷିକ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଯାଇଛି। ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଯୋଗଦେଇ କୋଭିଡ୍ ପାଣ୍ଡେମିକ୍ ସମୟରେ ଓଡ଼ିଶା ପୋଲିସର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ସଂକ୍ରମଣକୁ ନିୟନ୍ତ୍ରଣ କରିବାରେ ଓଡ଼ିଶା ପୋଲିସର ସାମଗ୍ରିକ ଉଦ୍ୟମକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ କୋଭିଡ୍ ସମୟରେ ଆଗଧାଡ଼ିର ଯୋଦ୍ଧା ସାଜି ପ୍ରାଣ ହରାଇଥିବା ୬୧ଜଣ ପୋଲିସ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

୨୦୨୧ରେ ରାଜ୍ୟରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ରହିଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି। ମାଓବାଦୀ କାର୍ଯ୍ୟକଳାପ ନିୟନ୍ତ୍ରଣରେ ରାଜ୍ୟ ପୋଲିସ ସଫଳ ହୋଇଛି। ଫଳରେ ଚଳିତବର୍ଷ ୫ ଜିଲା ଦେବଗଡ଼, ଅନୁଗୋଳ, ବୌଦ୍ଧ, ନୟାଗଡ଼ ଓ ସମ୍ବଲପୁର ମାଓବାଦୀ ମୁକ୍ତ ଘୋଷିତ ହୋଇଛି। ସେହିପରି ଗତ ୨ବର୍ଷ ମଧ୍ୟରେ ସ୍ୱାଭିମାନ ଅଞ୍ଚଳ, କଟ୍‌ଅପ୍ ଏରିଆରେ ଉଲ୍ଲେଖନୀୟ ଉନ୍ନତି ଘଟିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୋ’ ସରକାର ଉଦ୍ଦେଶ୍ୟ ହେଉଛି ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକଙ୍କୁ ସମ୍ମାନର ସହିତ ଉତ୍ତମ ବ୍ୟବହାର କରାଯିବା। ଓଡ଼ିଶା ପୋଲିସ ସମ୍ବନ୍ଧରେ ମୋ’ ସରକାର ଅଧୀନରେ ଭଲ ମତାମତ ଗ୍ରହଣ କରାଯାଇଛି।ପୋଲିସ ବ୍ୟବସ୍ଥାରେ ୫-ଟି ଲାଗୁ ହେବା ପରେ ଭଲ ପଦକ୍ଷେପ ନିଆଯାଇଛି। ଏଥିମଧ୍ୟରେ ସିଭିଲ ପୋଲିସ ମଜଭୁତ, ପାସ୍‌ପୋର୍ଟ ଯାଞ୍ଚର ଶୀଘ୍ର ପ୍ରକ୍ରିୟାକରଣ, ପୋଲିସର ଠିକ୍ ସମୟରେ ପଦୋନ୍ନତି, ଚୋରି ମାମଲାରେ ଇ-ଏଫ୍‌ଆଇଆର ଅନ୍ତର୍ଭୁକ୍ତ। ନିଶାବିରୋଧୀ ଅଭିଯାନରେ ରାଜ୍ୟ ପୋଲିସର କାର୍ଯ୍ୟ ପ୍ରଶଂସନୀୟ। ଚଳିତବର୍ଷ ରେକର୍ଡ ପରିମାଣର ନିଶା ସାମଗ୍ରୀ ଜବତ କରାଯାଇଛି। ଏସ୍‌ଟିଏଫରେ ସ୍ୱତନ୍ତ୍ର ନାର୍କୋଟିକ୍ସ ୟୁନିଟ୍ ସୃଷ୍ଟି କରାଯାଇଛି। ବନ୍ୟଜନ୍ତୁ କାରବାର ବିରୋଧରେ ସ୍ୱତନ୍ତ୍ର ଡ୍ରାଇଭ୍ ନିଆଯାଇଛି। ଫଳରେ ଚଳିତ ବର୍ଷ ୨୧ ଟି ଚିତାବାଘ ଛାଲ ସହ ଅନେକ ଜୀବନ୍ତ ବଜ୍ରକାପ୍ତା ଉଦ୍ଧାର କରାଯାଇପାରିଛି। ଚଳିତବର୍ଷ ଓଡ୍ରାଫ, ଅଗ୍ନିଶମ ଏବଂ ହୋମଗାର୍ଡ କର୍ମଚାରୀମାନେ ପୀଡିତଙ୍କ ଜୀବନ ବଞ୍ଚାଇବା, ପ୍ରଭାବିତ ଲୋକଙ୍କୁ ଥଇଥାନ କରିବା ଏବଂ ବନ୍ୟା ପରିସ୍ଥିତି ସମୟରେ ପୀଡିତଙ୍କ ଜୀବନ ବଞ୍ଚାଇବା ଏବଂ ରିଲିଫ୍ ସାମଗ୍ରୀ ବଣ୍ଟନ କରିବାରେ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି। ମହିଳା ଏବଂ ଶିଶୁଙ୍କ ପ୍ରତି ହେଉଥିବା ଅପରାଧର ଯତ୍ନ ନେବାକୁ ଓଡିଶା ପୋଲିସର ଉଦ୍ୟମ ପ୍ରଶଂସାଯୋଗ୍ୟ।

ଅନ୍ୟପକ୍ଷରେ ଦଣ୍ଡ ହାର କମ୍‌କୁ ନେଇ ମୁଖ୍ୟମନ୍ତ୍ରୀ ଚିନ୍ତାପ୍ରକଟ କରିଛନ୍ତି। ତଦନ୍ତ ସମୟରେ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଦଣ୍ଡ ହାରକୁ ବଢାଇବାକୁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରାଯିବା ଉଚିତ୍ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମହିଳା ଏବଂ ଶିଶୁଙ୍କ ପ୍ରତି ହେଉଥିବା ଅପରାଧକୁ ସବୁବେଳେ ଗୁରୁତ୍ୱ ଦେବାକୁ ମୁଖ୍ୟମନ୍ତ୍ର ବରିଷ୍ଠ ପୋଲିସ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି। ମହିଳା ହିଂସା ସମ୍ପର୍କରେ ଯେକୌଣସି ଅଭିଯୋଗକୁ ତୁରନ୍ତ ଗ୍ରହଣ କରି ଆଇନ୍ ଅନୁସାରେ ପଦକ୍ଷେପ ନେବାକୁ କହିଛନ୍ତି।

ସଡକ ଦୁର୍ଘଟଣାରେ ମୃତ୍ୟୁକୁ ହ୍ରାସ କରିବା ପାଇଁ ପ୍ରତିଷେଧକ ଏବଂ ଅଭିନବ ପଦକ୍ଷେପ ଗ୍ରହଣ କରିବାର ଏକ ଜରୁରୀ ଆବଶ୍ୟକତା ରହିଛି। ଆଗଧାଡ଼ିର ପୋଲିସ କର୍ମଚାରୀଙ୍କ ପାଇଁ ଗୃହର ଅଭାବ ବିଷୟରେ ସରକାର ଅବଗତ ଅଛନ୍ତି। ତେଣୁ ଆସନ୍ତା ପାଞ୍ଚ ବର୍ଷ ପାଇଁ ପୋଲିସ୍ କୋଠା ନିର୍ମାଣ ପାଇଁ ୧୦୦୦ କୋଟି ଟଙ୍କା ଯୋଗାଇ ଦିଆଯିବ। ରାଜ୍ୟରେ ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ରକ୍ଷା କରିବାକୁ ରାଜ୍ୟ

**ନିଶା ବିରୋଧୀ ଆକ୍ସନ ପ୍ଲାନ ପାଇଁ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ**

ସରକାର ପ୍ରତିବଦ୍ଧ। ସୁରକ୍ଷା ଓ ଲୋକଙ୍କ ନିରାପତ୍ତାକୁ ବିଶେଷ କରି ସମାଜର ଅସୁରକ୍ଷିତ ବିଭାଗଗୁଡିକ ନିଶ୍ଚିତ କରିବାକୁ ଆମେ ପ୍ରତିବଦ୍ଧ। ରାଜ୍ୟ ମୁଖ୍ୟ ସଚିବ ସୁରେଶ ମହାପାତ୍ର ଏବଂ ମନୋନୀତ ହୋଇଥିବା ନୂତନ ଡିଜିପି ସୁନୀଲ କୁମାର ବଂଶଲ ମଧ୍ୟ ଏହି ସମ୍ମିଳନୀରେ ଉପସ୍ଥିତ ଥିଲେ।

ରାଜ୍ୟ ପୋଲିସ୍ ମୁଖ୍ୟାଳୟ ପରିସରରେ ଡିଜିପି ଅଭୟ, ଅତିରିକ୍ତ ଡିଜିପି(ରେଳବାଇ) ଡ. ସୁଧାଂଶୁ ଷଡ଼ଙ୍ଗୀ, ଅତିରିକ୍ତ ଡିଜିପି( କ୍ରାଇମବ୍ରାଞ୍ଚ) ସଞ୍ଜୀବ ପଣ୍ଡା, ଅତିରିକ୍ତ ଡିଜିପି( ଆଇନ୍ ଓ ଶୃଙ୍ଖଳା) ଆର୍.କେ. ଶର୍ମା, ଆଇଜି(ଅପରେଶନ୍) ଅମିତାଭ ଠାକୁର, ଆଇଜି(ପର୍ସୋନେଲ) ଏସ୍.ପ୍ରବୀଣକୁମାର, ଆଇଜି (କେନ୍ଦ୍ରାଞ୍ଚଳ) ନରସିଂହ ଭୋଳ, ଅମିତେନ୍ଦ୍ର ନାଥ ସିହ୍ନା ଓ ଯତୀନ୍ଦ୍ର କୋଏଲ ପ୍ରମୁଖ ଉପସ୍ଥିତ ଥିଲେ।

# ପାହାଡ଼ ଧସି ୨ ଓଡ଼ିଆ ଶ୍ରମିକ ମୃତ

**ଆନ୍ଧ୍ର ପଥର ଖାଦାନରେ ବିସ୍ଫୋରଣ**

ଦିଗପହଣ୍ଡି,୧୮।୧୨(ଡି.ଏନ.ଏ.)

ଆନ୍ଧ୍ରପ୍ରଦେଶ ଅଙ୍ଗୁଲ ସହରର ଏକ ଘରୋଇ କମ୍ପାନୀର ପଥର ଖାଦାନରେ ବ୍ଲାଷ୍ଟିଂ ପ୍ରଭାବରେ ବିସ୍ଫୋରଣ ଯୋଗୁ ପାହାଡ଼ ଧସି ୨ ଜଣ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ସିଦ୍ଧଖଣ୍ଡି ଗ୍ରାମର ପବିତ୍ର ବିଷୋୟୀ (୨୩) ଏବଂ ମୁନା ସ୍ୱାଇଁ(୨୨)। ଗତ ଶୁକ୍ରବାର ରାତି ପ୍ରାୟ ୯ଟାରେ ବ୍ଲାଷ୍ଟିଂ ଯୋଗୁ ପାହାଡ଼ରୁ ବହୁ ପରିମାଣର ପଥର ଖଣ୍ଡ ହଠାତ୍ ଧସି ଯାଇଥିଲା। ସେଠାରେ କାମ କରୁଥିବା ପବିତ୍ର ଏବଂ ମୁନା ପ୍ରାୟ ୪୦ ଫୁଟ ଉଚ୍ଚରୁ ପଥର ଖାଦାନର ଖାତକୁ ଖସି ପଡିଥିଲେ। ଉଭୟଙ୍କ ଉପରେ ବହୁ ପଥର ଖଣ୍ଡ ପଡ଼ିଯାଇଥିଲା। ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ସେଠାର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଆନ୍ଧ୍ରର ଅଙ୍ଗୁଲ ସହର ନିକଟ ଚେମକୁଟା ଥାନା ପୋଲିସ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସିଦ୍ଧଖଣ୍ଡି ଗ୍ରାମର ସୂର୍ଯ୍ୟ ବିଷୋୟୀଙ୍କ ପୁଅ ପବିତ୍ର ଏବଂ ଚିନ୍ତାମଣି ସ୍ୱାଇଁଙ୍କ ପୁଅ ମୁନାଙ୍କ ମୃତଦେହକୁ ଆଣିବା ପାଇଁ ତାଙ୍କ ସମ୍ପର୍କୀୟ ଲୋକେ ଶନିବାର ସେଠାରେ ପହଞ୍ଚିଥିବା ଖବର ମିଳିଛି। ପଥର ଖାଦାନରେ ଦୁର୍ଘଟଣା ଘଟିବାର ପ୍ରାୟ ୧ ଘଣ୍ଟା ପରେ କମ୍ପାନୀର ଅଧିକାରୀ ଓ କର୍ମଚାରୀମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିବା ମୃତକଙ୍କ ପରିବାର ଅଭିଯୋଗ କରିଛନ୍ତି। ପଥର ଖାଦାନର ଦୁଇ ପାର୍ଶ୍ୱରେ ଶ୍ରମିକମାନେ ୨ ଦଳରେ ବିଭକ୍ତ ହୋଇ ପଥର ବିସ୍ଫୋରଣ କାର୍ଯ୍ୟରେ ସାହାଯ୍ୟ କରୁଥିଲେ। ଉକ୍ତ ପଥର ଖାଦାନର ତଳଠାରୁ ଉପର ମୁଣ୍ଡର ଉଚ୍ଚତା ପ୍ରାୟ ୪୦ ଫୁଟ ହେବ। ପାହାଡ଼ର ଉପର ମୁଣ୍ଡର ଗୋଟିଏ ପାର୍ଶ୍ୱରେ ପବିତ୍ର ଓ ମୁନା କାର୍ଯ୍ୟରେ ନିୟୋଜିତ ହୋଇଥିବା ବେଳେ ବିସ୍ଫୋରଣ ଯୋଗୁ ହଠାତ୍ ଏକ ବଡ଼ ପଥର ସେମାନଙ୍କ ଉପରେ ଖସିପଡ଼ିଥିଲା।




# ମୋହିତ ଜୈନ ଆଇଏନ୍‌ଏସ୍‌ର ନୂଆ ସଭାପତି

ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)- ଇଣ୍ଡିଆନ୍ ନ୍ୟୁଜ୍ ପେପର୍ସ ସୋସାଇଟି(ଆଇଏନ୍‌ଏସ୍)ର ନୂଆ ସଭାପତି ଭାବେ ଇକୋନୋମିକ ଟାଇମ୍ସର ମୋହିତ ଜୈନ ନିର୍ବାଚିତ ହୋଇଛନ୍ତି। ଆଇଏନ୍‌ଏସ୍‌ର ୮୨ତମ ବାର୍ଷିକ ସାଧାରଣ ବୈଠକ ଶୁକ୍ରବାର ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୨୦୨୧-୨୨ ପାଇଁ ନିର୍ବାଚନ କରାଯାଇଥିଲା। ଏଥିସହ ଆଇଏନ୍‌ଏସ୍ କାର୍ଯ୍ୟକାରୀ କମିଟିକୁ ମୋଟ୍ ୪୧ଜଣଙ୍କୁ ନିର୍ବାଚିତ କରାଯାଇଛି। ଓଡ଼ିଶାରୁ ‘ପ୍ରଗତିବାଦୀ’ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସମାହିତ ବଳ ମଧ୍ୟ ପୁନଃ ନିର୍ବାଚିତ ହୋଇଛନ୍ତି।

# ବାର୍‌ହା ଫାଶରେ ପଡ଼ି କଲରାପତରିଆ ମୃତ


ଫାଶରେ ପଡ଼ି ମରିଥିବା କଲରାପତରିଆ ବାଘ।

ବଇଣ୍ଡା,୧୮।୧୨(ଡି.ଏନ.ଏ.)

ଅନୁଗୋଳ ଜିଲା ହଣ୍ଡପା ରେଞ୍ଜ ପେଡିପଥର ସେକ୍ସନ ବାତ୍ରାଖୋଳ ଗ୍ରାମ ଜଙ୍ଗଲର ପିରମଳିହାସ୍ଥିତ ବିଲମାଳରେ ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ଫାଶରେ ପଡ଼ି ଗୁରୁବାର ରାତିରେ ଏକ ୬ ବର୍ଷର ଅଣ୍ଡିରା କଲରାପତରିଆ ବାଘର ମୃତ୍ୟୁ ହୋଇଛି। ଘଟଣାକୁ ଚପାଇ ଦେବା ପାଇଁ ଶିକାରୀମାନେ ଉଦ୍ୟମ କରିଥିବାବେଳେ ସୀମା ନିର୍ଦ୍ଧାରଣ ନେଇ ଘଟଣାସ୍ଥଳରେ ପହଞ୍ଚିବାରେ ବନ ବିଭାଗ ବିଳମ୍ବ କରିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା।

ପ୍ରକାଶ ଯେ, ହଣ୍ଡପା ରେଞ୍ଜ ବାତ୍ରାଖୋଳ ଓ ଏହାର ଆଖପାଖ ଅଞ୍ଚଳରେ କିଛିଦିନ ହେଲା ବାର୍‌ହା ଶିକାର ବଢୁଛି। ଗୁରୁବାର ରାତିରେ କେତେଜଣ ଶିକାରୀ ପିରମଳିହାସ୍ଥିତ ବିଲରେ ଫାଶ ବସାଇଥିବା ବେଳେ ଏକ କଲରାପତରିଆ ବାଘ ଛନ୍ଦି ହୋଇ ପ୍ରାଣ ହରାଇଥିଲା। ଶୁକ୍ରବାର ସକାଳେ ଶିକାରୀମାନେ ବାଘ ମୃତଦେହ ନେଇଯିବାକୁ ଉଦ୍ୟମ କରିଥିଲେ। କେତେଜଣ ଗାଈ ଚରାଳି ଏହା ଦେଖି ବନବିଭାଗକୁ ସୂଚନା ଦେଇଥିଲେ। ହେଲେ ଘଟଣାସ୍ଥଳ ହଣ୍ଡପା ରେଞ୍ଜରେ ଆସୁ ନ ଥିବା ବନ କର୍ମଚାରୀମାନେ କହିଥିଲେ। ପରେ ଜରପଡା ରେଞ୍ଜ ଅନୁଲିଆ ବନ କର୍ମଚାରୀମାନେ ପହଞ୍ଚି ଉକ୍ତ ଅଞ୍ଚଳ ହଣ୍ଡପାର ବୋଲି ଚିହ୍ନଟ କରିବା ପରେ ଶନିବାର ଆଠମଲ୍ଲିକ ଡିଏଫ୍‌ଓ ଏସ୍. ଆନନ୍ଦ, ହଣ୍ଡପା ରେଞ୍ଜର ଚୈତନ୍ୟ ବେହେରାଙ୍କ ସହ ଏକ ଟିମ୍ ପହଞ୍ଚି ବାଘ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲେ। ଠାକୁରଗଡ଼ ପ୍ରାଣୀ ଡାକ୍ତର ଶୁଭଶ୍ରୀ ଶ୍ୱେତପଦ୍ମା ମୃତ ବାଘର ବ୍ୟବଚ୍ଛେଦ କରିଥିଲେ। ସୀମା ବିବାଦ ସମ୍ପର୍କରେ ରେଞ୍ଜର ଚୈତନ୍ୟ ବେହେରାଙ୍କୁ ପ୍ରଶ୍ନ କରାଯିବାରୁ ସେ ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।

# ସୁମିତଙ୍କୁ ଖୋଜୁଛି ପୋଲିସ

- ସୁମିତ ପାଚେରି ଡେଇଁ ଯାଇଥିବା ତପସ୍ୱିନୀଙ୍କ ଅଭିଯୋଗ
- ଶାଶୁ ଘର ଆଗରେ ଧାରଣା ଜାରି

ବ୍ରହ୍ମପୁର ଅଫିସ,୧୮।୧୨

ନ୍ୟାୟ ପାଇଁ ତପସ୍ୱିନୀ ଦାଶ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବ୍ରହ୍ମାନଗର ଦ୍ୱିତୀୟ ଲାଇନ୍‌ର ତାଙ୍କ ଶ୍ୱଶୁର ଘର ଆଗରେ ଧାରଣା ଜାରି ରଖିଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଡା.ସୁମିତ ସାହୁ କାନ୍ଥ ପାଚେରି ଡେଇଁ ପଳାଇଥିବା ତପସ୍ୱିନୀ ଅଭିଯୋଗ କରିଛନ୍ତି। ଯଦି ସୁମିତଙ୍କ ଦେହ ଅସୁସ୍ଥ ଅଛି ସେ କାନ୍ଥ ଡେଇଁ ଗଲେ କେମିତି। ସୁମିତ ଜାଣିଶୁଣି ଚକ୍ରାନ୍ତ କରୁଛନ୍ତି। ଯଦି ତାଙ୍କ ଦେହ ଖରାପ ସେ ଏବେ କେଉଁଠି ଚିକିତ୍ସିତ ହେଉଛନ୍ତି ତାହା କୁହନ୍ତୁ ବୋଲି ତପସ୍ୱିନୀ କହିଛନ୍ତି। ଯାହା ହେଲେ ବି ତାଙ୍କ ଉପରେ ବିଶ୍ୱାସ ଅଛି। ସେ ନିଶ୍ଚିତ ଫେରିବେ ବୋଲି ତପସ୍ୱିନୀ ଆଶା ରଖିଛନ୍ତି। ଶନିବାର ଆସିକା ଓ ବ୍ରହ୍ମପୁର ପୋଲିସର ଏକ ଟିମ୍ ସୁମିତଙ୍କ ବ୍ରହ୍ମାନଗରସ୍ଥିତ ଘରକୁ ଯାଇ ତାଙ୍କୁ ଖୋଜାଖୋଜି କରିଥିଲେ। କନ୍ତୁ ନ ପାଇବାରୁ ତାଙ୍କ ବାପାଙ୍କୁ ପଚରାଉଚରା କରି ଫେରିଥିବା ଜଣାପଡିଛି।

ଶନିବାର ତପସ୍ୱିନୀ ସାମାଜିକକର୍ମୀ ପ୍ରମିଳା ତ୍ରିପାଠୀଙ୍କସହଧାରଣାଜାରିରଖିଛନ୍ତି।ସେହିପରି କେତେଜଣ ଆଇନଜୀବୀ ଧାରଣାସ୍ଥଳକୁ ଯାଇ ତପସ୍ୱିନୀଙ୍କ ସହିତ ଆଲୋଚନା କରି



ଏଭଳି ଘଟଣାକୁ ନେଇ କ୍ଷୋଭ ପ୍ରକାଶ କରିଥିଲେ। ପଡ଼ୋଶୀମାନେ ମଧ୍ୟ ତପସ୍ୱିନୀଙ୍କୁ ସମର୍ଥନ କରି ନ୍ୟାୟ ଦେବାକୁ ଦାବି କରିଛନ୍ତି।

ପ୍ରକାଶ ଯେ, ଗତ ୯ତାରିଖରେ ବ୍ରହ୍ମପୁର ଏସ୍‌ଡିଜେଏମ୍ ତପସ୍ୱିନୀଙ୍କ ପିଟିଶନ୍ ଉପରେ ଶୁଣାଣି କରି ଉଭୟ ସ୍ୱାମୀ-ସ୍ତ୍ରୀଙ୍କୁ ଏକାଠି ଭଡ଼ାଘରେ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ୧୦ତାରିଖ ସକାଳୁ ଡା. ସୁମିତ ୫ଦିନ ଛୁଟି ଆବେଦନ କରି କୁଆଡ଼େ ଚାଲିଯାଇଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ସାମ୍ନାକୁ ଆସୁ ନ ଥିବା ତପସ୍ୱିନୀ ଅଭିଯୋଗ କରିଛନ୍ତି। ସେ ପ୍ରଥମ ପର୍ଯ୍ୟାୟରେ ୫ଦିନ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୮ଦିନ ଛୁଟି ନେଇଛନ୍ତି। ସୁମିତ ଫେରୁ ନ ଥିବାରୁ ବାଧ ହୋଇ ଶୁକ୍ରବାର ତପସ୍ୱିନୀ ଆସିକା ଚିନିକଳ ଆଇବି ଛାଡ଼ି ବ୍ରହ୍ମପୁର ଏସ୍‌ଡିଜେଏମ୍ କୋର୍ଟ ଆସିଥିଲେ। ଏସ୍‌ଡିଜେଏମ୍ ପିଟିଶନ୍ ଶୁଣାଣି କରି ଆସନ୍ତା ୨୦ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରିଥିଲେ। ଏହା ସହିତ ସୁମିତଙ୍କ ନିଖୋଜ ସମ୍ପର୍କରେ ଥାନାରେ ଅଭିଯୋଗ କରିବା ପାଇଁ କୋର୍ଟ କହିଥିଲେ। ଏ ସମ୍ପର୍କରେ ତପସ୍ୱିନୀ ପୂର୍ବରୁ ଆସିକା ଥାନାରେ ଅଭିଯୋଗ କରି ସାରିଥିବା ତାଙ୍କ ଓକିଲ ଦୀପକ ପଟ୍ଟନାୟକ କହିଛନ୍ତି। ଏଣୁ ଆସନ୍ତା ୨୦ ତାରିଖର ଶୁଣାଣି ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆଇନଜୀବୀ ପଟ୍ଟନାୟକ ସୂଚନା ଦେଇଛନ୍ତି।



**ଆଜିର ମନ୍ତବ୍ୟ**

“ଜଣେ ହିନ୍ଦୁ ଆଜୀବନ ସତ କହିଥାଏ। ସେ ନିଜର ଭୟକୁ କ୍ରୋଧ କିମ୍ବା ଘୃଣାରେ ପରିଣତ ହେବାକୁ ଦିଏ ନାହିଁ। କିନ୍ତୁ ହିନ୍ଦୁତ୍ୱବାଦୀ କ୍ଷମତାରେ ରହିବା ପାଇଁ କେବଳ ମିଛର ସାହାରା ନେଇଥାଏ।

–ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................


କିମନ୍
ପରିବାରବର୍ଗ


ସତ୍ୟ ପ୍ରକାଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯା' ତୁଣ୍ଡେ ନାହିଁ ଭଲ ଭାଷା**
**ତା' ଠଉଁ ଅଛି କି ଭରସା?**

ମଣିଷର ଭାଷା ଓ ବ୍ୟବହାର ହିଁ ତା'ର ଅସଲ ପରିଚୟ ହୋଇଥାଏ। ଉତ୍ତମ ଭାଷା ଓ ବ୍ୟବହାର ଦେଖାଉଥିବା ବ୍ୟକ୍ତି ସମାଜରେ ପ୍ରଶଂସିତ ହେଉଥିବା ବେଳେ ସେମାନଙ୍କ ବ୍ୟକ୍ତିତ୍ୱ ଅନ୍ୟମାନଙ୍କୁ ପ୍ରଭାବିତ କରିପାରିଥାଏ। କିନ୍ତୁ ଯିଏ ଭଲ କରି କଥା ପଦେ କହି ଜାଣେ ନାହିଁ ତା' ଠାରୁ ଭଲ ଆଶା କରିବା ନିହାତି ମୂର୍ଖାମି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଯିଏ ଯାହାପାଇଁ ବ୍ୟାକୁଳ ହୁଅଇ**
**ସେ ପ୍ରେମ ସବୁଦିନିଆ**
**ହୃଦୟ ଭିତରେ ଦିଆନିଆ ହେଲେ**
**ସେ ଭାବ ସିନା ବଢ଼ିଆ।**

ଯାହା ପାଇଁ ଯାହା ମନରେ ବ୍ୟାକୁଳତା ଥାଏ ସେ ପ୍ରେମରେ କେବେ ପ୍ରତାରଣାର ସ୍ଥାନ ନ ଥାଏ, ସେ ପ୍ରେମ କେବେ ମଉଳି ପାରି ନ ଥାଏ। ହୃଦୟ ଭିତରେ ପରସ୍ପର ପ୍ରତି ଆନ୍ତରିକତା ଭରି ରହିଥିଲେ ସମ୍ପର୍କ ଆହୁରି ଦୃଢ଼ୀଭୂତ ହୋଇଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

### ଯୁକ୍ତ୩ ପିଲା ପଢ଼ିବେ ...

ରୋକିବା ନିମନ୍ତେ ଛାତ୍ରୀଛାତ୍ରଙ୍କୁ ନୀତିଶାସ୍ତ୍ର ଓ ମୂଲ୍ୟବୋଧର ଶିକ୍ଷା ପ୍ରଦାନ କରାଯିବା ନିତାନ୍ତ ଜରୁରୀ ବୋଲି କହିଥିଲେ।ସମ୍ମାନିତ ଅତିଥି ଭାବେ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କହିଲେ, ଛାତ୍ରୀଛାତ୍ରମାନେ ଏହି ପାଠ୍ୟଖସଡ଼ାର ବହି ନ କିଣି ସମ୍ପୂର୍ଣ୍ଣ ମାଗଣାରେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ୱେବ୍‌ସାଇଟ୍ https://oshec.nic.in ଏବଂ https://vtputkal.odisha.gov.inରୁ ଡାଉନ୍‌ଲୋଡ୍ କରି ପଢ଼ିପାରିବେ। ଅନ୍ୟତମ ଅତିଥି ଭାବେ ଉଚ୍ଚଶିକ୍ଷା ପରିଷଦ ଉପାଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ଦାସ କହିଲେ, ଏହାକୁ ସମାଜତତ୍ତ୍ୱ, ରାଜନୀତି ବିଜ୍ଞାନ, ନୃତତ୍ତ୍ୱ ତଥା ଇତିହାସର ଅଧ୍ୟାପକମାନେ ମହାବିଦ୍ୟାଳୟରେ ପଢ଼ାଇବେ। ସମସ୍ତ ବିଶ୍ୱବିଦ୍ୟାଳୟ ଏହି ପାଠ୍ୟଖସଡ଼ାକୁ ଅନୁମୋଦନ କରିବା ପରେ ପାଠ୍ୟକ୍ରମରେ ସାମିଲ କରାଯାଇଛି। ମୋଟ ୬ ମଡ୍ୟୁଲ୍‌ରେ ବିଭକ୍ତ ଏହି ସିଲାବସ୍‌ର ପ୍ରଥମ ଭାଗ, 'Women, Social Institutions and Practices'ର ଆଜି ଉନ୍ମୋଚନ ହୋଇଛି। ଏଭଳି ଅଭିନବ ପାଠ୍ୟଖସଡ଼ା ଉଚ୍ଚଶିକ୍ଷାକୁ ଅଧିକ ଗୁଣାତ୍ମକ କରିବ ବୋଲି ଅତିଥିମାନେ କହିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଷ୍ଟାର୍ଟଅପ୍ ଚିଠାନୀତି ...

ରାଜ୍ୟରେ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି। ରାଉରକେଲା, ଭୁବନେଶ୍ୱର, କଟକରେ ଷ୍ଟାର୍ଟଅପ୍ ଉଦ୍ୟୋଗୀଙ୍କ ସ୍ୱତନ୍ତ୍ର ସେଣ୍ଟର କରାଯାଇଛି। ଓ-ହବ୍‌ରେ ସମସ୍ତ ଅତ୍ୟାଧୁନିକ ଟେକ୍ନୋଲୋଜିରେ ସବୁପ୍ରକାର ସୁବିଧା ଷ୍ଟାର୍ଟଅପ୍ ଉଦ୍ୟୋଗୀଙ୍କୁ ଯୋଗାଇ ଦିଆଯିବ ବୋଲି ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଉପଦେଷ୍ଟା ଅସିତ ତ୍ରିପାଠୀ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏମ୍‌ଏସ୍‌ଏମ୍‌ଇ ସଚିବ ସତ୍ୟବ୍ରତ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ଷ୍ଟାର୍ଟଅପ୍ ଓଡ଼ିଶା ଉପରେ ଏକ କଫି ଟେବୁଲ ପୁସ୍ତକ ଉନ୍ମୋଚନ କରିଥିଲେ।

### ପ୍ରାଣୀ ଚିକିତ୍ସକ ...

ଯୋଗଦେଇଥିଲେ। ଓୟୁଏଟିରୁ ୧୯୭୨ରେ ସେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରି ସେଠାରେ ମେଡିସିନ ବିଭାଗର ଅଧ୍ୟାପକ ପଦବୀରେ ଯୋଗଦେଇଥିଲେ। ୧୯୭୬ରେ ଲୁଧିଆନାସ୍ଥିତ ପଞ୍ଜାବ କୃଷି ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡି. ଡିଗ୍ରୀ ହାସଲ କରିଥିଲେ। ୧୯୯୭ରେ ସେ ଓଡିଶା ସରକାରଙ୍କ ପ୍ରାଣୀଧନ ଚିକିତ୍ସା ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇ ୨୦୦୦ ପର୍ଯ୍ୟନ୍ତ ସୁଚାରୁ ରୂପେ ନିଜ ଦାୟିତ୍ୱ ତୁଲାଇ ଥିଲେ। ୨୦୦୦ରୁ ୨୦୦୨ ପର୍ଯ୍ୟନ୍ତ ଓୟୁଏଟି ମେଡିସିନ ବିଭାଗର ମୁଖ୍ୟ ପ୍ରଫେସର ରୂପେ କାର୍ଯ୍ୟ କରିଥିଲେ। ପ୍ରାଣୀ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ଯୋଗୁ ତାଙ୍କୁ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ୨୦୧୭ ପାଇଁ ଓଡ଼ିଶାର ବରିଷ୍ଠ ବୈଜ୍ଞାନିକ ଭାବେ ପୁରସ୍କୃତ କରାଯାଇଥିଲା। ଏଥି ସହିତ ସେ ଅନେକ ପୁରସ୍କାର ପାଇଛନ୍ତି। ଦୀର୍ଘ ୩୦ବର୍ଷର ଅଧ୍ୟାପନା ସମୟରେ ପ୍ରଫେସର ରାୟଙ୍କର ୪୯ଟି ଗବେଷଣାତ୍ମକ ପ୍ରବନ୍ଧ ଜାତୀୟ ତଥା ଅନ୍ତର୍ଜାତୀୟ ଜର୍ନାଲରେ ପ୍ରକାଶ ପାଇଛି। ଭେଟେରିନାରି ମେଡିସିନ କ୍ଷେତ୍ରରେ ତାଙ୍କର ପାଣ୍ଡିତ୍ୟ, ପରାକାଷ୍ଠା, ଚିକିତ୍ସା ଓ ଅଧ୍ୟାପନା ଅଭିଜ୍ଞତାକୁ ସେ ଅବସର ପରେ ବି ସେବାକାର୍ଯ୍ୟରେ ଲଗାଇଥିଲେ। ଏଥିପାଇଁ ସେ ରାଜ୍ୟ ତଥା ଜାତୀୟ ସ୍ତରୀୟ ବହୁ ସଂସ୍ଥା ସହିତ ଜଡ଼ିତ ରହିଥିଲେ। ଭାରତୀୟ କୃଷି ଗବେଷଣା ପରିଷଦର 'ଏମିରିଟସ୍ ସାଇଣ୍ଟିଷ୍ଟ' ଭାବେ କାର୍ଯ୍ୟ କରିବା ସହ ଓଡ଼ିଶା କେନେଲ କ୍ଲବ ଏବଂ ଓଡ଼ିଶା ଭେଟେରିନାରି କାଉନ୍‌ସିଲର ସଭାପତି ମଧ୍ୟ ରହିଥିଲେ। ଡା. ରାୟ ଓଡ଼ିଶା ବାୟୋଲୋଜିକାଲ ପ୍ରଡକ୍ଟ ଇନ୍‌ଷ୍ଟିଚ୍ୟୁଟ ଓ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସର ଏଥିକ୍ସ କମିଟିର ଚେୟାରମ୍ୟାନ ଦାୟିତ୍ୱ ତୁଲାଇଥିଲେ। ସେ ରୋଟାରି ଇଣ୍ଟରନ୍ୟାଶନାଲର ଜଣେ ସଦସ୍ୟ ଥିଲେ। ସେ ରାଜ୍ୟରେ ପ୍ରଥମେ କୁକୁରଙ୍କ ପାଇଁ ଘରୋଇ ଡାକ୍ତରୀ ଚିକିତ୍ସା ସୁବିଧା ଆରମ୍ଭ କରି ବେଶ୍ ଲୋକପ୍ରିୟ ହୋଇଥିଲେ। ମୃତ୍ୟୁ ସମୟରେ ସେ ପ୍ରାଣୀ ଉଦ୍ୟାନ ନନ୍ଦନକାନନ ବୈଷୟିକ କମିଟିର ଚେୟାରମ୍ୟାନ ଥିଲେ। ପ୍ରାଣୀ ଚିକିତ୍ସକ ଡା. ସୁରେନ୍ଦ୍ର କୁମାର ରାୟ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। କେନେଲ କ୍ଲବ୍ ଅଫ୍ ଇଣ୍ଡିଆର ସମ୍ପାଦକ ସି. ଭି. ସୁଦର୍ଶନ ଏବଂ ଓଡ଼ିଶା କେନେଲ କ୍ଲବ୍‌ର ସମ୍ପାଦକ ସୁବ୍ରତ ପୃଷ୍ଟିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

### ଆର୍‌ଏମ୍‌ସି ଫାଟକରେ ...

ନବରଙ୍ଗପୁର ଥାନାଧିକାରୀ ତାରିକ୍ ଅହମ୍ମଦ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଅତିରିକ୍ତ ଜିଲା ଯୋଗାଣ ନିରୀକ୍ଷକ ଦୁର୍ଗା ମାଝି, ଆର୍‌ଏମ୍‌ସି ସମ୍ପାଦକ ଚନ୍ଦ୍ର ସେଠିଆ, ମିଲ୍ ମାଲିକ ସଂଘର ସଭାପତି ପ୍ରଦୀପ ମିଶ୍ରଙ୍କ ସମେତ ମିଲର୍ସ, ଚାଷୀ ଓ ପୋଲିସ ମଧ୍ୟରେ ଆପୋଷ ଆଲୋଚନା ହୋଇଥିଲା। ଧାନ ଉତ୍ତମ ମାନର ନ ଥିବାରୁ ୪ କେ.ଜି. କାଟି ଚାଷୀ ବିକ୍ରି କରିବାକୁ ରାଜି ହୋଇଥିଲେ। ଏହାପରେ ଧାନ ଉଠିଥିବା ଜଣାପଡ଼ିଛି।

### ଜଷ୍ଟିସ୍ ନାନାବତୀଙ୍କ ...

ବଦଳି ହୋଇଥିଲେ। ସେ ୧୯୯୫ ମାର୍ଚ୍ଚ ୬ରେ ସୁପ୍ରିମକୋର୍ଟ ବିଚାରପତି ନିଯୁକ୍ତ ହେବା ସହ ୨୦୦୦ ମସିହା ଫେବୃୟାରୀ ୧୬ରେ ଅବସର ନେଇଥିଲେ। ୨୦୦୨ ଗୁଜରାଟ ଦଙ୍ଗାରେ ୧,୦୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେଥିରୁ ଅଧିକାଂଶ ସଂଖ୍ୟାଲଘୁ ସମ୍ପ୍ରଦାୟର ଥିଲେ। ଜଷ୍ଟିସ୍ ନାନାବତୀ ଓ ଅକ୍ଷୟ ମେହେଟ୍ଟା ଏହାର ତଦନ୍ତ କରି ୨୦୧୪ରେ ଚୂଡ଼ାନ୍ତ ରିପୋର୍ଟ ତତ୍କାଳୀନ ଗୁଜରାଟ ମୁଖ୍ୟମନ୍ତ୍ରୀ ଆନନ୍ଦୀବେନ୍ ପଟେଲଙ୍କୁ ପ୍ରଦାନ କରିଥିଲେ। ସେହିପରି ୧୯୮୪ ଶିଖ ବିରୋଧୀ ଦଙ୍ଗା ତଦନ୍ତ ପାଇଁ ଏନ୍‌ଡିଏ ସରକାର ନାନାବତୀ କମିଶନ ଗଠନ କରିଥିଲେ।


# classifieds Everyday
0674-2580101, 2549302




## BRIDE WANTED

B.Tech Rly Employee Jyotish candidate, required Rly or other Govt. Job UR (Gourabarna) girl. Contact: 7750055496. D-22558

## GROOM WANTED

36ବୟସ୍କା Government ଚାକିରିଆ ଖଣ୍ଡାୟତ Caste Handicap ଝିଅଙ୍କୁ ଯେ କୌଣସି ଜାତିର married/ unmarried ପୁଅ ଦରକାର। 7008080967. D-22550

44 ବୟସ ୫'୪''/ ଉଚ୍ଚତା, ସରକାରୀ College Principal ଦରମା 80 ହଜାର ମହିଳା ହେତୁ ବର ଦରକାର। ଘରଜ୍ୱାଇଁଙ୍କୁ ପ୍ରାଥମିକତା। (ସଭିଜାତି ସଭିମାନ୍ୟ ଅଟନ୍ତି) ଯୋଗାଯୋଗ: 9516705677. D- 22586




## SALE

Plot sale near Infocity-2 and AIIMS Hospital, Bhubaneswar. 9439206202, 9777433701. D-71753

6000sqft. private plot with 6ft. height boundary near Sai Temple, Gudiapokhari Chhaka. 9777302825. D-71755

ସୁବର୍ଣ୍ଣ ସୁଯୋଗ:- କଟକ ସଦର ବ୍ଲକ୍‌ରେ ବିରିବାଟୀଠାରେ ଏନ୍.ଏଚ୍. ୫୫ର ଅତି ନିକଟରେ ଅବସ୍ଥିତ ତଥା କୃଷି ଜମିରୁ ଘରବାରି ଜମିକୁ ରୂପାନ୍ତରିତ ହୋଇଥିବା ଜମି ପ୍ଲଟିଙ୍ଗ୍ ଭିତ୍ତିରେ ଉପଲବ୍ଧ। ଜମି କିଣିବା ପାଇଁ ଇଚ୍ଛୁକ କ୍ରେତାମାନେ ମୋବାଇଲ ନଂ.- ୯୮୬୧୦୩୩୯୯୦ରେ ଯୋଗାଯୋଗ କରିପାରନ୍ତି। ଧ-୨୨୫୮୩

Sum Hospital ନିକଟବର୍ତ୍ତୀ ଅନ୍ଧାରୁଆରେ Bio-Tech Park (Vaccine Plant) ନିକଟରେ gharabari plot boundary, electricity ଥାଇ କିଣନ୍ତୁ, immediate ଘର କରନ୍ତୁ 9437005434. D-71754

Flat sale at Naharakanta Chhak Bhubaneswar NH Facing. Contact: 6371401150. D-22582

ରବିଟକିଜ ଛକଠାରୁ 6 କିଲୋମିଟର ଦୂର ବାଙ୍କୁଆଳରେ ଅତିଶୀଘ୍ର ଘର କରିବା ଯୋଗ୍ୟ 2000 ବର୍ଗଫୁଟ ପାଚେରି ହୋଇଥିବା ଘରବାଡ଼ି ପ୍ଲଟ୍ ବିକ୍ରୟ ହେବ। ବର୍ଗଫୁଟକୁ 1450/ ଟଙ୍କା। Call: 6372897984, 8658289289. D-22547

Bhubaneswar CRP ଛକରୁ ୧୫କି.ମି. ଦୂରରେ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ 1500/-, 950/-, 400/-, 650/- କିଣି ଘର କରନ୍ତୁ। Pinky. 6370476317. D-71751

Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891. D-22395

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥପୁରବଜାର sqft.- 200/- (outright). 9348232008. D-22469

2BHK flat for sale at Keshari Enclave Nayapalli, Bhubaneswar. 8114860043. D-71516

ଭୁବନେଶ୍ୱର ଚନ୍ଦକାରେ Nalanda/BCCST College ପାଖରେ road, electricity, water, boundary ଥାଇ ବାସୋପଯୋଗୀ plot ପୋଜେସନ ଥାଇ ମିଳୁଛି। 9348870771, 9090543542. D-71742

ଭୁବନେଶ୍ୱରର ସୁନ୍ଦରପଦା OEC ନିକଟରେ 10000 ବର୍ଗଫୁଟ ପ୍ଲଟ୍ 40,00,000/- ରେ ବିକ୍ରି ହେବ । 9439493164. D-71752

Flat sale at near Jharpada Durgamandap, 100' Wide road side. Contact: 6371401150. D-22581

Gharabari plots available with boundarywall, 30' road, Electricity at Gudiapokhari near Sai Mandir. 9438463129, 7205988009. D-71750

Direct cash 35,00,000/- ready to move house Hanspal-Atala- 8093465134, 9668194157. D-70985

ଘରବାଡ଼ି ପ୍ଲଟ୍ 30'road ସହିତ Sum Hospitalରୁ 4k.m. ଘଙ୍ଗାପାଟଣାରେ ମିଳୁଛି। Owner- 9090963952. D-71746

1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891. D-22388

Duplex house for sale at Gadakana, Bhubaneswar. Contact owner: 9348695941. D-22585

## PURCHASE

Wanted flats duplexes plots corehouses from direct Owners, Bhubaneswar. 6371090682. D-68285




Construct your home which includes, Architecture, BDA plan approval, Structure quality designing materials, ABBICO Concept Engineering. 7609931239. D-71757




250sqft. Room Ground Floor at Anima Complex, Pipili, Opp. Police Station (Preferred Clinic & Medical Hall). Contact: 9777662603. D-71610

4000sft for warehouse, Lewis Road, Bhubaneswar. Contact: 7606895169. D-70984

Bank/Office/Showroom Space 1100 & 900sft. each 1st floor Anima Complex, Pipili, Opp. Police Station. Phone. 9777662603. D-71612




@999 refreshing your mind, body with the best therapy - 7873794731. D-71921

Newly Open Saikrupa Panchakarma Spa positively health benefits with Expert. 8984068077. D-22470

Newly open Spa offer price @599/-, positively health benefits - 8455987557. D-71455

Newly open full body massage ladies and gents. 8327740003, 8455985899. D-71831

Newly open spa New Year Dhamaka @699/-, Smart therapist. 7846814019. D-71456

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## Astrology

୨ ଘଣ୍ଟାରେ ସବୁ ସମସ୍ୟାର ସମାଧାନ। ଗୁରୁ ରହେମତ ଅଲ୍ଲି ବଶୀକରଣ ସ୍ପେଶାଲିଷ୍ଟ ବେପାରବୃଦ୍ଧି, ଗୃହ ସମସ୍ୟା, ପ୍ରେମ ବିବାହ, ସଉତୁଣୀ, ଶତ୍ରୁଦମନ। 8114984446. D-71452

## LOST

I Pabitra Naik, S/o- Late Kalia Naik, Village- Bandal, PO.- Dengula, Dist- Sundargarh. I was a student of Gandhi Engineering College, Bhubaneswar Reg. No.- 1401292208 and passed B.Tech final year in 2018. That the Original Degree Certificate along with other valuable documents were lost somewhere during travelling by Bus. If any body found please Contact: 9439201380. D- 22596

## AFFIDAVIT

By Virtue of an affidavit before Executive Magistrate, Bhubaneswar on Dated 18/12/2021. I Niranjan Sahoo declare that my son MOHAPATRA BHANUPRATAP SAHOO have changed his name to BHANUPRATAP SAHOO for all purposes. D-71457

By virtue of an affidavit sworn before the Notary Public, Bhubaneswar on 18.11.2021, I, Azagari Khatun, W/o- K. Rajesh Rao of Plot No.- 1136, Harekrushna Nagar, Niladri Vihar, Bhubaneswar have changed my name and surname from Azagari Khatun to K. Anjali Rao for all Legal and Official purposes. Henceforth, I, shall be known as K. Anjali Rao. D-71613

By virtue of an affidavit I Usha Devi wife of Avadhesh Singh, Vill- Dewaitha, Post- Dildarnagar, P.S.- Zamania, Dist- Ghazipur (UP), A/P- Q.N. CCA-30 CISF Complex, Nalco Nagar- Angul, Odisha- 759145. Want to keep up my hame as Usha Devi for all official purpose. D-22597

## LEGAL NOTICE

ମାନ୍ୟବର ଅତିରିକ୍ତ କମିଶନର
ରିଭିଜନ କୋର୍ଟ ନଂ.- ୨
ଇଜିଲାସ ଚତୁର୍ଥ ମହଲା ହେଡ୍‌ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଙ୍ଗ,
ଭୁବନେଶ୍ୱର ଓ.ଏସ. ଏସ.
ନଂ.- ୫୮୧/୨୦୧୯

ଗିରିଜା ପ୍ରସାଦ ମହାପାତ୍ର ....ବାଦୀ

ବନାମ

ତହସିଲଦାର, ଭୁବନେଶ୍ୱର, ଓଗେର .....ପ୍ରତିବାଦୀ

ନୋଟିସ ଅର୍ଡର-୫ ରୁଲ-୨୦ C.P.C. ମୁତାବକ

୧. ମନୋଜ କୁମାର ପ୍ରଧାନ, ୨. ଅନୁଜ କୁମାର ପ୍ରଧାନ, ୩. ରଞ୍ଜୀତ କୁମାର ପ୍ରଧାନ, ଏମାନଙ୍କ ପିତା ଆଦିକନ୍ଦ ପ୍ରଧାନ, ଏମାନଙ୍କ ଗ୍ରାମ- ଗାଡ଼କଣ, ପୋ/ଥାନା- ମଞ୍ଚେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ଉପରୋକ୍ତ କେସ୍‌ରେ ପ୍ରତିବାଦୀ ନଂ.- ୧ରୁ ୩ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ ଉପର ଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ନଂ.- ୨ ଇଜିଲାସ ଚତୁର୍ଥ ମହଲା, ହେଡ୍‌ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଙ୍ଗ୍, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା ୧୮।୦୪।୨୦୨୨ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ମୌଜା- ଭୁବନେଶ୍ୱର ସହର ୟୁନିଟ୍ ନଂ.-୩୯ ଗାଡ଼କଣ, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ସାବିକ ଖାତା ନଂ.- ୮୩୪, ସାବିକ ପ୍ଲଟ୍ ନଂ.- ୪୪୧୬, ଏରିଆ- ଏ୦.୧୬୦ଡିସିମିଲି ସମ୍ବନ୍ଧ, କ୍ରୟ ବୃତ୍ତି ଏରିଆ- ଏ.୦.୦୧୩.୭୫ ଡିସିମିଲି, ହାଲ ଖାତା ନଂ.- ୩୦୪୮, ହାଲ ପ୍ଲଟ୍ ନଂ.- ୧୧୫୩, ଏରିଆ- ଏ୦.୧୨୭ ଡିସିମିଲି।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ନିଜେ କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ। ମାନ୍ୟବର ଅତିରିକ୍ତ କମିଶନରଙ୍କ ଆଦେଶ ଅନୁଯାୟୀ, ସ୍ୱା- ସରକାରୀ ଅଧିକାର

ଧ- ୨୨୫୯୯

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**



ବିଭିନ୍ନ କ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ଆପଣ କୌଶଳରେ କାର୍ଯ୍ୟ ସାଧନ କରିପାରିବେ। ପରିବାର ସକାଶେ ଅଳ୍ପ ଖର୍ଚ୍ଚରେ ଆବଶ୍ୟକତା ଚଳାଇ ନେବାକୁ ଚିନ୍ତା କରିବେ। ସହକର୍ମୀମାନଙ୍କୁ ସୁପରାମର୍ଶ ଓ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ପାରିବାରିକ ଅସହଯୋଗରୁ ଶେଷ ପର୍ଯ୍ୟାୟରେ କାମଗୁଡ଼ିକ ଅଧାରେ ଅଟକିଯିବ।

**ବୃଷ**



ଅଭାବ ନ ଥିଲେ ମଧ୍ୟ ଆକସ୍ମିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ଅସୁବିଧା ମନେକରିବେ। କର୍ମକ୍ଷେତ୍ରରେ ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି । ଅଫିସ୍‌ରେ ସାଧାରଣ ବଚସାରୁ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ପଡ଼ୋଶୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି।

**ମିଥୁନ**



ନିଜ ପରିସରର ବ୍ୟକ୍ତିମାନଙ୍କ ସାହାଯ୍ୟରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସରଳ ସମାଧାନ ହୋଇଯିବ। ବହୁତ ଦିନ ଧରି ଭାଙ୍ଗି ପଡ଼ିଥିବା ସ୍ୱାସ୍ଥ୍ୟରେ ଉନ୍ନତି ଘଟିପାରେ। ସହକର୍ମୀଙ୍କ କାର୍ଯ୍ୟାବଳୀ ଓ ଅଫିସ୍‌ର ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ବନ୍ଧୁ ପ୍ରତିଶ୍ରୁତି ଦେଇ ଶେଷରେ ନାସ୍ତିବାଣୀ ଶୁଣାଇବେ। ସନ୍ତାନହେତୁକ ଚିନ୍ତା ଦୂରହେବ।

**କର୍କଟ**



ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡ଼ି କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରି ବ୍ୟସ୍ତ ହୋଇପାରନ୍ତି। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ମରୀଚିକା ପଛରେ ଦୌଡ଼ି ଅନୁତାପ କରିପାରନ୍ତି। ବନ୍ଧୁଗହଣରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିଭିନ୍ନ ଆଶା ଓ ଆଶଙ୍କାରେ ବ୍ୟବସାୟକୁ ସଙ୍କୁଚିତ କରିନେଇ ପାରନ୍ତି।

**ସିଂହ**



କାମର ଚାପ ବୃଦ୍ଧି ପାଉଥିଲେ ମଧ୍ୟ ସ୍ୱାସ୍ଥ୍ୟ ପ୍ରତି ଅବିଚାର କଲେ ଏଥିପାଇଁ ବହୁମୂଲ୍ୟ ଦେବାକୁ ପଡ଼ିବ। ବନ୍ଧୁଙ୍କ ସାହାଯ୍ୟରେ ଅତୀତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେବେ। କର୍ମକ୍ଷେତ୍ରରେ ଅଯଥା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବାରେ ସାମୟିକ ଖୁସି ରହିବେ।

**କନ୍ୟା**



ପ୍ରତ୍ୟେକ କ୍ଷେତ୍ର ସମସ୍ୟା ବିଜଡ଼ିତ ରହୁଥିବା କାରଣରୁ ମାନସିକ ସ୍ଥିତି ଭଲ ରହିନପାରେ। ବନ୍ଧୁଙ୍କ ବ୍ୟବହାରରେ ଅସନ୍ତୁଷ୍ଟ ହୋଇ ଆଲୋଚନା କାଳରେ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ହୋଇପାରେ। କର୍ମକ୍ଷେତ୍ରରେ ଶେଷ ସମୟରେ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ପୁରାତନ ରୋଗର ପୀଡ଼ା ଅନୁଭବ କରିପାରନ୍ତି।

**ତୁଳା**



ଆଜି ସକାଳୁ ସକାଳୁ ପରିବାର ମଧ୍ୟରେ ସାଧାରଣ କଥାରୁ କଳହ ସୃଷ୍ଟି ହୋଇପାରେ। ଆନୁଷ୍ଠାନିକ କାମରେ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ପ୍ରତ୍ୟୁଷ ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ।

**ବିଛା**



କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତି ବଦଳି ଯାଇଥିଲେ ମଧ୍ୟ ବନ୍ଧୁଙ୍କ ପୂର୍ବର ସେହି ଅନୁରାଗ ରହିବ ନାହିଁ। ସାଧାରଣ କଥାକୁ କେନ୍ଦ୍ରକରି ବିରକ୍ତିଭାବ ସୃଷ୍ଟି ହୋଇପାରେ। ସଭାସମିତିରେ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ପାରିବାରିକ ସମସ୍ୟା ସମାଧାନରେ ପଡ଼ୋଶୀଙ୍କ ଅବଦାନ ସ୍ମରଣୀୟ ରହିବ।

**ଧନୁ**



ହସଖୁସିର ଆଲୋଚନା ମଧ୍ୟଭାଗରେ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ଘରେ ଭୁଲ୍ ବୁଝାମଣା ହେତୁ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖାଦେଇପାରେ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ। ଘଟଣାର ଗୁରୁତ୍ୱ ନ ବୁଝି ଅଯଥା କ୍ରୋଧ ପ୍ରକାଶ କରିପାରନ୍ତି।

**ମକର**



ଯାହା କରୁଛନ୍ତି ଭାବିଚିନ୍ତି କରନ୍ତୁ। ବନ୍ଧୁଙ୍କ ପରାମର୍ଶକୁ ନିର୍ବିବାଦରେ ଗ୍ରହଣ କରିନେବା ଭଲ ହେବ। ଅନ୍ୟଥା ବିବାଦୀୟ ହେବାର ଆଶଙ୍କା ଦେଖାଦେଇପାରେ। ଉପରିସ୍ଥଙ୍କ ସାହାଯ୍ୟ ଲାଭକରି ସ୍ଥଗିତ କାମକୁ ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ।

**କୁମ୍ଭ**



ସ୍ୱାସ୍ଥ୍ୟ ପ୍ରତି ଅବହେଳା କଲେ ଅନୁତାପ କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରେଇବାର ପ୍ରଯତ୍ନ କରିପାରନ୍ତି। ସରଳ ଭାବରେ କୌଣସି କଥାକୁ ଗ୍ରହଣ ନକରି ପରୀକ୍ଷା କରି କାମରେ ଲଗାଇ ପାରନ୍ତି। ଅଫିସରେ ବାଦବିବାଦ କ୍ରମେ ଜଟିଳ ହେବ, କିନ୍ତୁ ଆପଣ ଅବଶ୍ୟ ସଫଳତା ହାସଲ କରିବେ।

**ମୀନ**



ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ ହୋଇଯିବ, ମାତ୍ର ସଠିକତା ନିର୍ଣ୍ଣୟ ନ କରି ବନ୍ଧୁ କଥାରେ ପ୍ରଭାବିତ ହୋଇ ଭୁଲ କରିପାରନ୍ତି। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିପାରନ୍ତି। ପାରିବାରିକ ଅଶାନ୍ତି ପରିପ୍ରେକ୍ଷୀରେ ଗୁରୁଜନଙ୍କ ସାନ୍ତ୍ୱନା ମନରେ ଆଶ୍ୱସ୍ତି ଭରିପାରେ। ପରିବାରର ଖର୍ଚ୍ଚ ଭାର ବୃଦ୍ଧି ଯୋଗୁ ଚିନ୍ତାପ୍ରକଟ କରିବେ।

# 'ୟୁପି ସହ ଯୋଗୀ ବହୁ ଉପଯୋଗୀ'

## ବିରୋଧୀଙ୍କ ଉପରେ ବର୍ଷିଲେ ମୋଦି



ଲକ୍ଷ୍ନୌ, ୧୮।୧୨

ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ଆଉ ମାସ କେଇଟା ବାକି ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ସେଠାରେ ଗଙ୍ଗା ଏକ୍ସପ୍ରେସ୍‌ୱେର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଏକ ଜନସଭାକୁ ସମ୍ବୋଧିତ କରି ମୋଦି ବିରୋଧୀ ଦଳଗୁଡ଼ିକୁ ସମାଲୋଚନା କରିଛନ୍ତି। ବୁଲଡୋଜର ଦ୍ୱାରା ମାଫିଆମାନଙ୍କ ବେଆଇନ ନିର୍ମାଣକୁ ଭଙ୍ଗାଯାଉଥିବାବେଳେ ଯେଉଁମାନେ ସେମାନଙ୍କୁ ପାଳିଥିଲେ ସେମାନେ ଯନ୍ତ୍ରଣା ଅନୁଭବ କରୁଛନ୍ତି ବୋଲି ମୋଦି କହିଥିଲେ। ଏଥିସହିତ ସେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଉଚ୍ଚ ପ୍ରଶଂସା କରିଥିଲେ। ଯୋଗୀ ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ସହ ରାଜ୍ୟର ବିକାଶ ଧାରାକୁ ଆଗେଇ ନେଇଛନ୍ତି। ସେଥିପାଇଁ ଲୋକେ କହୁଛନ୍ତି ୟୁପି ସହିତ ଯୋଗୀ ବହୁତ ଉପଯୋଗୀ ବୋଲି ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଥିଲେ।

ଶନିବାର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବଙ୍କ ମୈନପୁରୀ ସମେତ ବିଭିନ୍ନ ସ୍ଥାନରେ ଥିବା ସହଯୋଗୀମାନଙ୍କ ଘର ଉପରେ ଆୟକର ଚଢ଼ାଉ କରାଯାଇଥିଲା। ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି ସମାଜବାଦୀ ପାର୍ଟି ଅଧ୍ୟକ୍ଷ କହିଥିଲେ, ଭାଜପା କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକର ଅପବ୍ୟବହାର କରୁଛି। ଏବେ ଆୟକର ବିଭାଗ ଆସିଛି, ଆଗକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ ସିବିଆଇ ଆସିବ। ତେବେ ସାଇକେଲ (ସମାଜବାଦୀ ପାର୍ଟିର ନିର୍ବାଚନୀ ଚିହ୍ନ) ଅଟକିବ ନାହିଁ ବୋଲି ଅଖିଳେଶ କହିଥିଲେ। ଏହାର କିଛି ସମୟ ପରେ ପ୍ରଧାନମନ୍ତ୍ରୀ ତାଙ୍କ ବକ୍ତବ୍ୟରେ ଏହାର ଜବାବ ରଖିଥିଲେ। ଅତୀତରେ ଲୋକଙ୍କ ଟଙ୍କା କିପରି ଢଙ୍ଗରେ ବିନିଯୋଗ ହେଉଥିଲା ତାହା ସମସ୍ତେ ଜାଣନ୍ତି। ଏବେ ସେହି ଟଙ୍କା କେବଳ ଉତ୍ତରପ୍ରଦେଶର ବିକାଶ କାର୍ଯ୍ୟରେ ବିନିଯୋଗ ହେଉଥିବା ମୋଦି କହିଥିଲେ। ଅତୀତରେ କେବଳ କାଗଜପତ୍ରରେ କାମ ଆରମ୍ଭ କରି ନେତାମାନେ ସେମାନଙ୍କ ତହବିଲ ଭର୍ତ୍ତି କରୁଥିଲେ। ଆଜି ପ୍ରକଳ୍ପ ନିର୍ମାଣରେ ଲୋକଙ୍କ ଟଙ୍କା ସଞ୍ଚୟ ହେଉଛି। ବିରୋଧୀଙ୍କ ଭୋଟବ୍ୟାଙ୍କ ଏବେ ମୁଣ୍ଡବିନ୍ଧାର କାରଣ ପାଲଟିଛି। ତେଣୁ ଦେଶର ଐତିହ୍ୟ ଓ ସମୃଦ୍ଧି ସେମାନ ପାଇଁ ସମସ୍ୟା ହେଉଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।



ଅମେଠିରେ ଶନିବାର କଂଗ୍ରେସର 'ମହଙ୍ଗାଇ ହଟାଓ, ଭାଜପା ଭଗାଓ ପ୍ରତିଜ୍ଞା ପଦଯାତ୍ରା'ରେ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଯୋଗଦେଇ ସମର୍ଥକମାନଙ୍କୁ ହାତ ହଲାଉଛନ୍ତି।

# କେନ୍ଦ୍ରାପଡ଼ାରେ ଷ୍ଟିଲ୍‌ପ୍ଲାଣ୍ଟ: ପ୍ରଶ୍ନ ଉଠାଇଲେ ତାରା

ଭୁବନେଶ୍ୱର, ୧୮।୧୨ (ବ୍ୟୁରୋ)



ତାରାପ୍ରସାଦ ବାହିନୀପତି।

କେନ୍ଦ୍ରପଡା ଜିଲା ମହାକାଳପଡାରେ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ ପକ୍ଷରୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ବିନିଯୋଗରେ ହେବାକୁ ଥିବା ଷ୍ଟିଲ୍ ପ୍ଲାଣ୍ଟକୁ ଶୁକ୍ରବାର ରାଜ୍ୟ ସରକାରଙ୍କ ପକ୍ଷରୁ ମଞ୍ଜୁରୀ ଦିଆଯାଇଛି। ଏହା ସମ୍ପୂର୍ଣ୍ଣ ହେଲେ ପ୍ରାୟ ୧୬ ହଜାର ଲୋକ ରୋଜଗାର ପାଇବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ତେବେ ଏହି ପ୍ରକଳ୍ପକୁ ନେଇ ବିରୋଧୀ ନାନା ଆଲୋଚନା ଓ ସମାଲୋଚନା କରିବା ସହ ପ୍ରଶ୍ନ ଉଠାଇଛନ୍ତି। ବରିଷ୍ଠ କଂଗ୍ରେସ ନେତା ତଥା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରକଳ୍ପକୁ ସମର୍ଥନ ଜଣାଇଥିଲେ ମଧ୍ୟ ଏହାର କାର୍ଯ୍ୟକରିତାକୁ ନେଇ ଶଙ୍କା ପ୍ରକଟ କରିଛନ୍ତି। ବାହିନୀପତି କହିଛନ୍ତି, ଯଦି ଏହି ବୃହତ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି, ତେବେ ଓଡିଶାବାସୀ ଏହାକୁ ସ୍ୱାଗତ କରିବା କଥା। କିନ୍ତୁ ଦୁର୍ଭାଗ୍ୟ ୨୨ ବର୍ଷ ଭିତରେ ରାଜ୍ୟରେ ଗୋଟିଏ ବି ମେଗା ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିନି। ଯେହେତୁ ରାଜ୍ୟରେ ଉତ୍କଟ ବେକାରୀ ସମସ୍ୟା ଯୋଗୁ ବହୁ ଯୁବତୀଯୁବକ ରାଜ୍ୟ ଛାଡି ଚାଲିଯାଉଛନ୍ତି, ଆଗକୁ ପଞ୍ଚାୟତ ନିର୍ବାଚନ ଅଛି, ତେଣୁ ରାଜ୍ୟ ବିଜେଡି ସରକାର ବେକରୀଙ୍କୁ ନିଜ ସପକ୍ଷରେ କରିବାକୁ ଚେଷ୍ଟା କରୁଛନ୍ତି। ଆଗରୁ ଏମିତି ବହୁତ ପ୍ରକଳ୍ପ ବିଫଳ ହୋଇଛି। ସଫଳ ହେଲେ ନିଯୁକ୍ତି ମିଳିବ ବୋଲି ସେ କହିଛନ୍ତି।

# ଗୋଆ ନିର୍ବାଚନ: ଜିଏଫ୍‌ପି ସହ କଂଗ୍ରେସର ମେଣ୍ଟ ଘୋଷଣା

ନୂଆଦିଲ୍ଲୀ, ୧୮।୧୨

୨୦୨୨ ଗୋଆ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସ ଏବଂ ଗୋଆ ଫରୱାର୍ଡ ପାର୍ଟି (ଜିଏଫ୍‌ପି) ଶନିବାର ପ୍ରାକ୍ ନିର୍ବାଚନୀ ମେଣ୍ଟ ଘୋଷଣା କରିଛନ୍ତି। ପଣଜୀଠାରେ ଏକ ଖବରଦାତା ସମ୍ମିଳନୀରେ ଏଆଇସିସି ଗୋଆ ପ୍ରଭାରୀ ଦିନେଶ ଗୁଣ୍ଡୁ ରାଓ ଜିଏଫ୍‌ପି ସହ କଂଗ୍ରେସର ମେଣ୍ଟ ସମ୍ପର୍କରେ ସ୍ପଷ୍ଟ କରିଛନ୍ତି। ପୂର୍ବରୁ ଜିଏଫ୍‌ପି ଅଧ୍ୟକ୍ଷ ବିଜୟ ସରଦେଶାଇ ନୂଆଦିଲ୍ଲୀରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଭେଟି ସମର୍ଥନ ଯୋଗାଇଦେବାକୁ କହିଥିଲେ। ଗୋଆର ସାମ୍ପ୍ରଦାୟିକ ଓ ଦୁର୍ନୀତିଗ୍ରସ୍ତ ଭାଜପା ସରକାରକୁ ପରାଜିତ କରିବା ସହ ରାଜ୍ୟରେ ପରିବର୍ତ୍ତନ ଆଣିବା ଲାଗି କଂଗ୍ରେସ ସହ ଏକାଠି କାମ କରିବାକୁ ଚାହାନ୍ତି ବୋଲି ସରଦେଶାଇ ଜଣାଇଥିଲେ। ଉଭୟ ଦଳର ପରସ୍ପର ଉପରେ ବିଶ୍ୱାସ ରହିଛି। ରାଜନୀତିରେ ସବୁବେଳେ ବନ୍ଧୁତା ଓ ମେଣ୍ଟ ଗଠନର ସୁଯୋଗ ରହିଥାଏ ବୋଲି କଂଗ୍ରେସ ନେତା ଦିନେଶ କହିଛନ୍ତି। ଗୋଆରେ କଂଗ୍ରେସ-ଜିଏଫ୍‌ପି ମେଣ୍ଟ ଭାଜପାକୁ ପରାଜିତ କରିବା ନେଇ ସେ ନିଶ୍ଚିତ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
NORTHERN (R&B) CIRCLE, SAMBALPUR
Mail ID:- sepwdsbp@rediffmail.com
e-Procurement
BID IDENTIFICATION No. CCENC (RAND B) / 16 / 2021-22
No.B-823:- No. Dtd. 09.12.2021

1. The Chief Construction Engineer Northern (R&B) Circle, Sambalpur on behalf of Governor of Odisha invites Percentage Rate bids in double cover system in ONLINE MODE for the construction of Building works as detailed in the DTCN from the eligible class of contractors.
2. No. of works - 02 (Two) (Building Works).
3. Tender cost: Rs.10,000/-.
4. Class of contractor: "B" class and "A" Class.
5. Date & time of available in website & receipt of bids from 20.12.2021 to 17.00 hours of 05.01.2022.
6. Date of opening of technical bid -6.01.2022 at 11.00 hours.
7. The bidders have to participate in ONLINE bidding only. Further details can be seen from the website www.tendersodisha.gov.in.
8. Any corrigendum / addendum will be displayed in the website www.tendersodisha.gov.in.

Sd./- Chief Construction Engineer
Northern (R&B) Circle, Sambalpur
OIPR-34035/11/0019/2122

DEPARTMENT OF WATER RESOURCES
ODISHA COMMUNITY TANK
DEVELOPMENT AND MANAGEMENT SOCIETY
ODISHA INTEGRATED IRRIGATION PROJECT
FOR CLIMATE RESILIENT AGRICULTURE
No. A-747 GREEN CLIMATE FUND, FP045))
7th Floor, Rajiv Bhawan, Bhubaneswar - 751001
Ph. 0674-2542421, E-Mail: spuoiipcra.od@gov.in
REQUEST FOR BIDS (RFB) E-Procurement Notice
NATIONAL OPEN COMPETITIVE PROCUREMENT FOR SMALL WORKS
RFB No. GCF-W2-2/2021 Date:17.12.2021

| | |
|---|---|
| Name of the work | : Construction of Ground Water Recharge Wells in Minor Irrigation Tanks and Panchayati Raj & Drinking Water Department Tanks. |
| Total No. of Works | : 7 Packages |
| Estimated Cost of the Work(s) | : Varies Approximately from Rs.168.14 lakhs to Rs.628.70 lakhs (Total estimated cost of the 7 Nos. of Pacakges Rs.2,664.53 lakhs). |
| Cost of Bid Document | : Free of Cost |
| Time for Completion | : Refer to DTCN |
| Availability of Bid Documents | : From 21.12.2021 10.00 hrs. to 20.01.2022 upto 15.00 hrs. |
| Date of pre-bid Meeting | : On Dt.28.12.2021 11.30 hrs. |
| Date of receipt of bid(s) | : From 21.12.2021 11.00 hrs. to 20.01.2022 15.00 hrs. Online |
| Payment of Bid Cost/Bid Security | : Shall be paid online through the e-procurement portal of Govt. of Odisha. |
| Date of Opening of Bid(s) | : On Dt.20.01.2022 15.30 hrs. onwards |
| Details about tender | : Available in website of www.dowrodisha.gov.in and www.tenderodisha.gov.in |
| Name/Address of OIT | : Project Director, OCTDMS, Odisha, Address: 7th Floor, Rajiv Bhawan, Bhubaneswar, District: Khordha, PIN: 751001, email: spuoiipcra.od@gov.in |

Sd./- Project Director, OCTDMS
OIPR-32188/11/0011/2122

# ୫ ଜିଲା ଗସ୍ତ କରିବେ ଯୁବ କଂଗ୍ରେସ ପ୍ରଭାରୀ, ସଭାପତି

ଭୁବନେଶ୍ୱର, ୧୮।୧୨ (ବ୍ୟୁରୋ)

ଆସନ୍ତା ୫ ଦିନରେ ଯୁବ କଂଗ୍ରେସ ପ୍ରଭାରୀ ରିୟାଜୁଲ ଅନ୍‌ସାରୀ ୫ ଜିଲା ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ପ୍ରଦେଶ ଯୁବ କଂଗ୍ରେସ ସଭାପତି ସ୍ମୃତି ରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ପ୍ରଭାରୀ ଅନସାରୀ ରାଜ୍ୟର ୫ ଜିଲା ଗସ୍ତ କରି କର୍ମୀଙ୍କ ମନୋବଳ ବଢ଼ାଇବା ସହ ତୃଣମୂଳସ୍ତରରେ ଦଳର ସାଂଗଠନିକ କାର୍ଯ୍ୟ ସମୀକ୍ଷା କରିବାର କାର୍ଯ୍ୟକ୍ରମ ରହିଛି। ରବିବାର ବରଗଡ଼, ସୋମବାର ସୋନପୁର, ମଙ୍ଗଳବାର କଳାହାଣ୍ଡି, ବୁଧବାର କୋରାପୁଟ ଓ ଗୁରୁବାର ମାଲକାନଗିରି ଜିଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଗସ୍ତ ମାଧ୍ୟମରେ ପ୍ରଦେଶ ଯୁବ କଂଗ୍ରେସ ତୃଣମୂଳସ୍ତରରେ ସଂଗଠନକୁ ଅଧିକ ମଜଭୁତ ଓ କ୍ରିୟାଶୀଳ କରିବା ପାଇଁ ଲକ୍ଷ୍ୟ ରଖିଛି। ବିଶେଷକରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ପ୍ରସଙ୍ଗକୁ ନେଇ ଯୁବ କଂଗ୍ରେସ ଲୋକଙ୍କ ନିକଟକୁ ଯିବ। ରାଜ୍ୟ ସରକାରଙ୍କ ବିରୋଧରେ ବେକାରୀ, ଦୁର୍ନୀତି, ନାରୀ ନିର୍ଯାତନା ଓ ହତ୍ୟା ଆଦି ପ୍ରସଙ୍ଗ ଏବଂ କେନ୍ଦ୍ର ସରକାରଙ୍କ କୃଷକ ନୀତି, ତୈଳ ଓ ରନ୍ଧନ ଗ୍ୟାସ ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧିକୁ ଲୋକଙ୍କ ନିକଟରେ ପହଞ୍ଚାଇବ ବୋଲି ଲେଙ୍କା ସୂଚନା ଦେଇଛନ୍ତି।

# ପୂର୍ବତନ ମନ୍ତ୍ରୀଙ୍କ ସମେତ ୨ ଜଣଙ୍କ ନାମରେ ମାମଲା ରୁଜୁ

## ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତିର ଫଳକ ଭଙ୍ଗା ଘଟଣା

**ଜୁନାଗଡ, ୧୮।୧୨ (ଡି.ଏନ୍.ଏ):** କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଟିର୍ଚ୍ଚିଗୁଡାରେ ଶୁକ୍ରବାର ଉନ୍ମୋଚନ ହେବାକୁ ଥିବା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିର ଫଳକକୁ ନେଇ ବିବାଦ ଦେଖାଦେଇଥିଲା। ଫଳକରେ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ରଙ୍କ ନାମ ରହିଥିବାରୁ ଏହାକୁ ବିରୋଧ କରି ସ୍ଥାନୀୟ ଭାଜପା କର୍ମୀମାନେ ଫଳକକୁ ଭାଙ୍ଗି ଦେଇଥିଲେ। ଏହାକୁ ନେଇ ପୂର୍ବତନ ନାଏବ ସରପଞ୍ଚ ପ୍ରଦ୍ୟୁମ୍ନ ମେହେର ଫଳକ ଭଙ୍ଗା ଘଟଣାରେ ସାମିଲ ଥିବା ଅଭିଯୋଗ ଆଣି ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେରଙ୍କ ସମେତ ଜିତେନ୍ଦ୍ର ମେହେର ଓ ରାମକୃଷ୍ଣ ମେହେରଙ୍କ ନାମରେ ଜୁନାଗଡ ଥାନାରେ ଏତଲା ଦେଇଥିଲେ। ପୋଲିସ ଏ ନେଇ ଏକ ମାମଲା (ନଂ.୪୩୩/୨୧) ରୁଜୁ କରିଛି। ସେହିପରି ପିଡିପିପି ଆକ୍ଟରେ ଆଇପିସିର ୩୪୧/୪୨୭/୫୦୬/୩୪ ଦଫା ଲଗାଇଛି।

Government of Odisha
"e" Procurement Notice
Bid Identification No. 15 of 2021-22
No.O-1310:-

| | | |
|---|---|---|
| 1 | Number of works | : 1 No. of work |
| 2 | Estimated cost (Approx.) | : Rs.44.64 lakh |
| 3 | Period of completion | : 01 calendar month |
| 4 | Date & time of availability of bid documents in the portal | : 20.12.2021 at 11.00 hrs. |
| 5 | Last date & time for receipt of bids in the portal | : 30.12.2021 at 17.00 hrs. |
| 6 | Date of opening of tender | : 31.12.2021 at 11.00 hrs. |
| 7 | Name and address of the Officer Inviting Bid | : Executive Engineer, Rural Works Division, Jagatsinghpur |

Further details can be seen from the Government website: www.tendersorissa.gov.in
Sd./- Executive Engineer, Rural Works Division, Jagatsinghpur
OIPR-25056/11/0018/2122

# କୁଶପୁତ୍ତଳିକା ଦାହ, ପ୍ରତିବାଦ ଶୋଭାଯାତ୍ରା

## ମମିତା ମେହେର ହତ୍ୟା ଘଟଣା

ଭବାନୀପାଟଣା, ୧୮।୧୨ (ସ୍ୱ.ପ୍ର.)



କଂଗ୍ରେସର ପ୍ରତିବାଦ ଶୋଭାଯାତ୍ରା।

କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗ ଘରୋଇ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ମମିତା ମେହେର ହତ୍ୟା ଘଟଣାରେ ମୁଖ୍ୟମନ୍ତ୍ରୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପ୍ରତିବାଦରେ ଶନିବାର ଭବାନୀପାଟଣା ଗାନ୍ଧୀଛକଠାରେ ଟାଉନ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଓ ୫-ଟି ସଚିବ ଭି.କେ. ପାଣ୍ଡିୟାନଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଭବାନୀପାଟଣା ନଗର କାର୍ଯ୍ୟକାରୀ ସଭାପତି ସରୋଜ ବାଗଙ୍କ ନେତୃତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲା ସଭାପତି ଭାରତ ଭୂଷଣ ବେମାଲ, ଉପସଭାପତି ପରମାନନ୍ଦ ମାଝୀ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ସମ୍ପାଦକ ମହମ୍ମଦ ସାହେବ, ସ୍ଥାନୀୟ ଛାତ୍ର କଂଗ୍ରେସ ସଭାପତି ସୁଶାନ୍ତ ପ୍ରଧାନ, ବାବା ଅଲ୍ଲିଖାଁ, ପପୁ, ଯୁବି, ପ୍ରମଳା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମମିତା ମେହେର ହତ୍ୟା ଘଟଣାକୁ ନେଇ କଂଗ୍ରେସ ପକ୍ଷରୁ କେସିଙ୍ଗା ବ୍ଲକ ଉକ୍‌ଲୋ ପଞ୍ଚାୟତର ଗୁଞ୍ଜେଇମାଲଠାରୁ କୋକଡମାଲ ପର୍ଯ୍ୟନ୍ତ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ସାହେବଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ ଶେଷଦେବ ମାଝୀ, ଜଗ ମାଝୀ, ଦିଲୀପ ସାହୁ, ଅଜିତ ନାଗ, ପିଣ୍ଟୁ ଅଗ୍ରୱାଲ, ଲିଟୁ ବାରିକ, ବାସୁଦେବ ମାଝୀ ପ୍ରମୁଖ ସାମିଲ ଥିଲେ। ସେହିପରି ସାଧାରଣ ସମ୍ପାଦକ ପାଣିଗ୍ରାହୀଙ୍କ ନେତୃତ୍ୱରେ କିଙ୍କିଆ ପଞ୍ଚାୟତରେ ଜନ ଜାଗରଣ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ସମୟରେ ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷା ଜୋତ୍ସ୍ନାମୟୀ ବଗର୍ତ୍ତୀ, ଯୁବନେତା କପିଳ ବାଗଙ୍କ ସହ ଅନେକ କର୍ମୀ ଉପସ୍ଥିତ ଥିଲେ।

# ଭାଜପାରେ ବିଜେଡି, କଂଗ୍ରେସ କର୍ମୀ

ପାରାଦୀପ ୧୮।୧୨ (ସ୍ୱ.ପ୍ର.)

ଜଗତ୍‌ସିଂହପୁର ଜିଲା ପାରାଦୀପ ନିର୍ବାଚନ ମଣ୍ଡଳୀର ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଶନିବାର ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ନେତା ସମ୍ପଦ ସ୍ୱାଇଁଙ୍କ ନେତୃତ୍ୱରେ ଓ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରାୟ ୮ ଟି ପଞ୍ଚାୟତର ବହୁ ନେତା ଓ କର୍ମୀ ଭାଜପାରେ ଯୋଗଦେଇଛନ୍ତି।

ଓଡ଼ିଶା ସରକାର
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ
ବିଜ୍ଞାପନ
ସଂଖ୍ୟାଲଘୁ ଛାତ୍ରବୃତ୍ତି ୨୦୨୧-୨୨ ପାଇଁ ପରିବର୍ଦ୍ଧିତ ସମୟସୀମା

No.V-47:- ଏତଦ୍ୱାରା ସଂଖ୍ୟାଲଘୁ ଛାତ୍ରଛାତ୍ରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଭାରତ ସରକାରଙ୍କ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ସଂଖ୍ୟାଲଘୁ ଛାତ୍ରବୃତ୍ତି ଦରଖାସ୍ତ ଆବେଦନର ସମୟସୀମା ନିମ୍ନମତେ ପୁନଃ ପରିବର୍ଦ୍ଧିତ କରାଯାଇଅଛି । ଏହି ସମୟସୀମା ମଧ୍ୟରେ ଯୋଗ୍ୟ ସଂଖ୍ୟାଲଘୁ ଛାତ୍ରଛାତ୍ରୀମାନଙ୍କୁ National Scholarship Portal i.e. www.scholarship.gov.in ମାଧ୍ୟମରେ ଆବେଦନ ପାଇଁ ଜଣାଇ ଦିଆଯାଉଅଛି ।

| କ୍ରମିକ ନମ୍ବର | ଛାତ୍ରବୃତ୍ତି | କାର୍ଯ୍ୟାବଳୀ | ପରିବର୍ଦ୍ଧିତ ସମୟ ସୀମା | | |
|---|---|---|---|---|---|
| | | | ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦରଖାସ୍ତ ଆବେଦନ | ଶିକ୍ଷାନୁଷ୍ଠାନମାନଙ୍କ ସ୍ତରରେ ଦରଖାସ୍ତ ଯାଞ୍ଚ କରିବାର ସମୟସୀମା | ଜିଲ୍ଲା / ରାଜ୍ୟ ସ୍ତରରେ ଦରଖାସ୍ତ ଯାଞ୍ଚ କରିବାର ସମୟସୀମା |
| ୧ | ମାଟ୍ରିକ - ପରବର୍ତ୍ତୀ ଛାତ୍ରବୃତ୍ତି | ଅନ୍‌ଲାଇନ ଦରଖାସ୍ତର ଆବେଦନ (Fresh / Renewal) | ୩୧ ଡିସେମ୍ବର ୨୦୨୧ | ୧୫ ଜାନୁୟାରୀ, ୨୦୨୨ | ୩୧ ଜାନୁୟାରୀ, ୨୦୨୨ |
| ୨ | ମେଧା- ତଥା- ସମ୍ବଳଭିତ୍ତିକ ଛାତ୍ରବୃତ୍ତି | | | | |

OIPR-26053/11/0007/2122
ସ୍ୱା./- ନିର୍ଦ୍ଦେଶକ, ପଛୁଆବର୍ଗ

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
Lifeline of Odisha
No. CAD-2378
TENDER ALERT

01) **Tender Notice No.05/2021-22:** Repairing & recouping at different location of 132 kV Khurdha-Puri Line under EHT O&M Division, Puri.
02) **Tender Call Notice No.06/2021-22:** Procurement of CT, PT and CVT Console boxes for SAS work at 132/33kV Grid S/S Puri under EHT O&M Division, Puri.
03) **E-Tender Call Notice No.03/2021-22:** PCC & Re-Metalling in 132kV Switch Yard of Grid S/S, Berhampur under EHT O&M Division, Berhampur.
04) **Tender Call Notice No.01/BBSR_DIV/2021-22:** Installation and erection of 500kVA, 33/0.4 kV Plinth mounted station transformer at 132/33kV Grid S/S, Mancheswar under EHT O&M Division, Bhubaneswar.
05) **Tender Call Notice No.03/2021-22:** Supply of 150 Watt LED Flood Light fittings in complete shape required at different Grid Sub-Stations under EHT O&M Division, Berhampur.

For details please visit : **www.optcl.co.in.**
OIPR-04011/11/0121/2122 FIPR-72/2021-22

ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com (0663) 2460661,
CAD-2375:- Email-hpschiplima@yahoo.in, Fax No. (0663) 2460505
No.-CHEP/TW-74 (Vol.-III)/3866 Date: 18.12.2021

TENDER CALL NOTICE NO.-CHEP-20/2021-22

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the eligible reputed Firms / Contractors / Manpower Service Providers for the following work as mentioned below.

| Description | Cost of Tender Paper (Non-refundable) | Estimated Cost in Rs. |
|---|---|---|
| Providing Secretarial Service (Data Entry Operator – 4 Nos. & Un-skilled Attendant – 2 Nos.) on job contract basis at CHEP, Chiplima | Rs.4,720/- (Rs.4,000/- + GST @18%) | Rs.7,90,366/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.21.12.2021 up to 11:00 AM of dtd.31.12.2021.
OIPR-04006/11/0013/2122
Sd/- Unit Head, CHEP, Chiplima

ତହସିଲ କାର୍ଯ୍ୟାଳୟ, ବାଣପୁର
ପତ୍ର ସଂଖ୍ୟା: ୩୭୪୪ ତାରିଖ: ୧୭।୧୨।୨୦୨୧

ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ନିଲାମ ଇସ୍ତାହାର

No. F-263: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ବାଣପୁର ତହସିଲ ଇଲାକାରେ ନିମ୍ନଲିଖିତ ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) ଗୁଡ଼ିକର ଆସନ୍ତା ପାଞ୍ଚ ବର୍ଷ ପାଇଁ ଲିଜ୍ ସୂତ୍ରେ ବନ୍ଦୋବସ୍ତ କରାଯିବା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ O.M.M.C. Rule 2016 Form-M ପୂରଣ କରି ତିନି କପି ସହ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ Registered Post/Speed Post ଜରିଆରେ ତହସିଲଦାର, ବାଣପୁରଙ୍କ ଠିକଣାରେ କିମ୍ବା ତହସିଲ କାର୍ଯ୍ୟାଳୟର Tender Boxରେ ଆସନ୍ତା ତା୧୫।୧୨।୨୦୨୧ରିଖଠାରୁ ତା୧୮।୦୧।୨୦୨୨ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ ଦରଖାସ୍ତ ପକାଇପାରିବେ (ଛୁଟିଦିନ ବ୍ୟତୀତ) ଏବଂ ତା୧୮।୦୧।୨୦୨୨ରିଖ ଅପରାହ୍ନ ୫.୩୦ ଘଟିକା ପରେ ପ୍ରାପ୍ତ ହୋଇଥିବା ଦରଖସ୍ତଗୁଡ଼ିକୁ ବିଚାରକୁ ନିଆଯିବ ନାହିଁ। ଲଫାପା ଉପରେ ସୈରାତ କେସ୍ ନମ୍ବର ଲେଖା ଥିବା ଆବଶ୍ୟକ। କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, ଖୋର୍ଦ୍ଧାଙ୍କର ରହିଛି। ତା୧୯।୦୧।୨୦୨୨ରିଖ ୧୧.୦୦ ଘଟିକା ସମୟରେ ଲିଜ୍ ଦରଖାସ୍ତକାରୀଙ୍କ ଉପସ୍ଥିତିରେ ଦରଖାସ୍ତ ତନଖି କରାଯାଇ ଚୂଡ଼ାନ୍ତ କରାଯିବ। ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନ ହୋଇପାରିଲେ ପରବର୍ତ୍ତୀ ନିଲାମ ତା୨୪।୦୧।୨୦୨୨ ଓ ଉକ୍ତ ଦିନ କୌଣସି କାରଣବଶତଃ ନିଲାମ ନ ହୋଇ ପାରିଲେ ପରବର୍ତ୍ତୀ ତା୨୭।୦୧।୨୦୨୨ରିଖରେ ନିଲାମ କରାଯିବ। ଉକ୍ତ ଧାର୍ଯ୍ୟ ନିଲାମ ତାରିଖ ଗୁଡ଼ିକୁ ଆବେଦନକାରୀମାନେ ଜ୍ଞାତସାରରେ ରଖି ଟେଣ୍ଡର ଦରଖାସ୍ତ ପକାଇବେ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ**

୧. ଦରଖାସ୍ତ ଫିସ୍ ବାବଦକୁ ଟ.୧୦୦୦.୦୦ (ଏକ ହଜାର ଟଙ୍କା)ର ଟ୍ରେଜେରି ଚାଲାଣ (Head of Account 0853 Non-ferrous Mining and Metallurgical Industries - 102-Mining Concession Fees, Rents and Royalities).
୨. ସୈରାତ ଉତ୍ସବାବଦ କୌଣସି ବକେୟା ଅର୍ଥ ନ ଥିବା ସମ୍ବନ୍ଧୀୟ ସତ୍ୟପାଠ।
୩. ଆବେଦନକାରୀ ରୟାଲିଟି (Royality) ଓ ଅତିରିକ୍ତ ଦେୟ (Additional Charge) ବାବଦକୁ ବାର୍ଷିକ ଶତକଡ଼ା ୫% ହାରରେ ସ୍ଥିରୀକୃତ ହୋଇଥିବା ମୁଗୁନି ପଥର/ମୋରମ ପରିମାଣ ଉପରେ ଅମାନତ ରାଶି (Earnest Money) ଓ ଅନ୍ୟାନ୍ୟ ଦେୟ ଡିମାଣ୍ଡ ଡ୍ରାଫ୍ଟ ଆକାରରେ ପଇଠ କରିବେ।
୪. ରାଜସ୍ୱ ଅଧିକାରୀଙ୍କଠାରୁ ପ୍ରାପ୍ତ ସଲ୍‌ଭେନ୍ସି ସାର୍ଟିଫିକେଟ କିମ୍ବା ୧୮ ମାସ ପର୍ଯ୍ୟନ୍ତ ଅବଧି ପ୍ରାପ୍ତ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି ଯାହାର ମୂଲ୍ୟ ବାର୍ଷିକ ସର୍ବନିମ୍ନ ସ୍ଥିରୀକୃତ ହୋଇଥିବା ଲଘୁ ଖଣିଜ ପଦାର୍ଥ ଅନୁସାରେ ଉପରୋକ୍ତ ରୟାଲିଟି ଓ ପ୍ରଦାନ କରୁଥିବା ଅତିରିକ୍ତ ଦେୟର (Additional Charge) ମୂଲ୍ୟଠାରୁ କମ୍ ହୋଇ ନ ଥିବ ଏବଂ ଏଥି ସହିତ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିର ବିବରଣୀ ପ୍ରଦାନ କରିବେ।
୫. ନିଲାମଧାରୀ (Successful Bidder) Mining Plan and Environmental Clearance ବାବଦକୁ ଦେୟ ପଇଠ କରିବାକୁ ହେବ। ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହାର ସଂଶୋଧନ କରିବା କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଛି। ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ **www.khordha.nic.in**ରେ ଉପଲବ୍ଧ ହେବ।

OIPR-24115/11/0001/2122
ସ୍ୱା./- ତହସିଲଦାର, ବାଣପୁର

ଯେତେବେଳେ ରୋଗଟିଏ ଭଲ ହୋଇଯାଏ– ଯେତେବେଳେ ଦୁର୍ଘଟଣାଟିକୁ ଆଡେଇ ଦେଇ ହୁଏ– କିମ୍ବା ଯେତେବେଳେ କୌଣସି ବ୍ୟକ୍ତିଗତ ବା ଜାଗତିକ ବିପର୍ଯ୍ୟୟକୁ ଦୂରେଇ ଦେଇ ହୁଏ–ସେତେବେଳେ ବୁଝିବାକୁ ହେବ ଯେ–ଉପସ୍ଥିତ ପରିସ୍ଥିତିଟି ଭିତରେ ଯେଉଁ ବିଶୃଙ୍ଖଳାର ମନ ରହିଥିଲା– ତା'ଭିତରେ ସଙ୍ଗତିର ମନ ପ୍ରବେଶ କରିଛି। –ଶ୍ରୀମା

# ଅଧିକାର କ୍ଷୁଣ୍ଣ



## ଆକାର ପଟେଲ

କର୍ଣ୍ଣାଟକର ଖ୍ରୀଷ୍ଟିଆନ ସମୁଦାୟ ଓ ତାଙ୍କ ଉପାସନା ସ୍ଥଳୀଗୁଡ଼ିକ ଉପରେ କରାଯାଇଥିବା ସଂଘବଦ୍ଧ ଆକ୍ରମଣକୁ ନେଇ ଚଳିତ ସପ୍ତାହରେ ପିପୁଲ୍ସ ୟୁନିୟନ ଫର୍ ସିଭିଲ୍ ଲିବର୍ଟିଜ୍(ପିୟୁସିଏଲ୍)ର ଏକ ରିପୋର୍ଟ ପ୍ରକାଶ ପାଇଛି। ଏହାସହ ଚଳିତ ସପ୍ତାହରେ କର୍ନାଟକ ସରକାର ସଂଖ୍ୟାଲଘୁଙ୍କ ଧାର୍ମିକ ସ୍ୱାଧୀନତାରେ ବାଧା ଉପୁଜାଇବା ଭଳି ଏକ ଆଇନ ଆଣିବାକୁ ଘୋଷଣା କରିଛନ୍ତି। ପିୟୁସିଏଲ୍ ରିପୋର୍ଟର ଗୁରୁତ୍ୱପୂର୍ଣ୍ଣ ନିଷ୍କର୍ଷ ସମ୍ପର୍କରେ ଅନ୍ୟମାନେ ଜାଣିବା ଉଚିତ ବୋଲି ମୁଁ ମନେକରୁଛି। ସାରା ଭାରତରେ ସଂଖ୍ୟାଲଘୁ ସମ୍ପ୍ରଦାୟ ଏବଂ ସେମାନଙ୍କ ଧାର୍ମିକ ସ୍ଥଳୀ ଉପରେ ଉଦ୍ଦେଶ୍ୟମୂଳକ ଆକ୍ରମଣ ବଢ଼ିଚାଲିଛି। ୨୦୨୧ ଡିସେମ୍ବରର ପ୍ରଥମ ଦୁଇ ସପ୍ତାହରେ ମଧ୍ୟପ୍ରଦେଶ, ହରିୟାଣା ଓ କର୍ନାଟକରେ କେବଳ ଖ୍ରୀଷ୍ଟିଆନ୍‌ଙ୍କ ଉପରେ ଆକ୍ରମଣ ହୋଇଛି। ସଂଘବଦ୍ଧ ହିଂସା ଏବଂ ଉତ୍ତେଜନାପୂର୍ଣ୍ଣ ଘଟଣାଗୁଡ଼ିକ ଯୋଗୁ ଭୟର ବାତାବରଣ ସୃଷ୍ଟି ହୋଇଛି। କୁହାଯାଇପାରେ,ଏହା ପଛରେ ଆଇନର ସମର୍ଥନ ରହିଛି। ଧାର୍ମିକ ସ୍ୱାଧୀନତାକୁ କ୍ଷୁଣ୍ଣ କରୁଥିବା ଏବଂ ଆନ୍ତଃଧର୍ମ ବିବାହକୁ ନିୟନ୍ତ୍ରଣ କରିବା ଲାଗି ୫ଟି ଭାରତୀୟ ଜନତା ପାର୍ଟି (ଭାଜପା) ଶାସିତ ରାଜ୍ୟରେ ଆଇନ ପାସ୍ କରାଯାଇଛି। ଏହି ଆଇନ ଧର୍ମ ପ୍ରଚାର ଓ ପାଳନ ସ୍ୱାଧୀନତାକୁ ସଙ୍କୁଚିତ କରୁଛି। କର୍ନାଟକରେ ଭାଜପା ସରକାର ଏବେ ରାଜ୍ୟର ଚର୍ଚ୍ଚଗୁଡ଼ିକ ଉପରେ ସର୍ଭେ କରିବାକୁ ବିଚାର କରୁଛନ୍ତି। ହେଲେ ଖ୍ରୀଷ୍ଟିଆନ ଓ ସେମାନଙ୍କ ଧାର୍ମିକ କାର୍ଯ୍ୟ ଓ ସ୍ଥଳୀଗୁଡ଼ିକର ସମୀକ୍ଷା ବିନା ଏଥିରୁ କୌଣସି ସ୍ପଷ୍ଟ ସିଦ୍ଧାନ୍ତ ମିଳିବାର ସମ୍ଭାବନା ନାହିଁ। ଧର୍ମ ଓ ଜାତି ଆଧାରିତ ହିଂସା ବା ଅପରାଧକୁ ରାଜ୍ୟ ଅଲଗା ପଞ୍ଜୀକୃତ କରୁ ନାହିଁ। ଏହିସବୁ ଘଟଣା ସମ୍ପର୍କରେ ସରକାର ଖୁବ୍ କମ୍ ତଥ୍ୟ ଦେଉଛନ୍ତି। ଚଳିତ ବର୍ଷ ପ୍ରାରମ୍ଭରେ ପ୍ରକାଶିତ ଏକ ତଥ୍ୟ ସମ୍ବଳିତ ରିପୋର୍ଟରୁ ଜଣାପଡ଼ିଥିଲା ଯେ, କର୍ନାଟକରେ ୯୦ରୁ ଅଧିକ ଏଭଳି ହିଂସା ଘଟିଛି। ମୁଖ୍ୟତଃ ଉତ୍ତର ଭାରତରେ ଖ୍ରୀଷ୍ଟିଆନ, ସେମାନଙ୍କ ଚର୍ଚ୍ଚ ଓ ପ୍ରାର୍ଥନା ଗୃହ ଉପରେ ୩୦୦ରୁ ଊର୍ଦ୍ଧ୍ୱ ଆକ୍ରମଣ କରାଯାଇଥିବା ମଧ୍ୟ ଏହି ରିପୋର୍ଟ ସୂଚିତ କରିଛି। ଆସୋସିଏଶନ ଫର୍ ପ୍ରୋଟେକ୍ସନ ଅଫ୍ ସିଭିଲ୍ ରାଇଟ୍ସ, ୟୁନାଇଟେଡ୍ ଖ୍ରୀଷ୍ଟିଆନ ଫୋରମ୍ ଏବଂ ୟୁନାଇଟେଡ୍ ଏଗ୍ନେଷ୍ଟ ହେଟ୍ ଦ୍ୱାରା ପ୍ରସ୍ତୁତ ଏହି ରିପୋର୍ଟ 'ଖ୍ରୀଷ୍ଟିଆନ୍ ଅଣ୍ଡର୍ ଆଟାକ୍'ରେ ଯେଉଁ ବିଷୟଗୁଡ଼ିକୁ ରେକର୍ଡ କରାଯାଇଛି ତାହା ଏବକାର ପିୟୁସିଏଲ୍ ରିପୋର୍ଟକୁ ମଧ୍ୟ ପରିପୁଷ୍ଟ କରୁଛି। ପ୍ରାର୍ଥନା କରିବାକୁ ବାରଣ, ଧର୍ମଯାଜକ ଓ ପ୍ରାର୍ଥନାକାରୀଙ୍କୁ ବେଆଇନ ଭାବେ ଅଟକ ଏବଂ ସେମାନଙ୍କ ବିରୋଧରେ ଭୁଲ୍ ଅଭିଯୋଗ ଦାଏର କରିବା ଭଳି ବିଷୟଗୁଡ଼ିକ ଏଥିରେ ରହିଛି। ଧାର୍ମିକ ଆଇନ ଏବଂ ଭାଜପାର ନେତା ଓ ସହଯୋଗୀମାନଙ୍କ ହିଂସା ଉଦ୍ରେକକାରୀ ଭାଷଣ ଯୋଗୁ ଏସବୁ ଘଟୁଛି।

ଭାରତୀୟ ସଂଖ୍ୟାଲଘୁଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ହିଂସା, ଦମନ ଓ ଭୟ ପ୍ରଦର୍ଶନ ଅନେକ ସମୟରେ ରାଜ୍ୟ ଏବଂ କ୍ଷମତାରେ ଥିବା ପାର୍ଟି ସମର୍ଥନରେ କରାଯାଉଛି ବୋଲି ସିଭିଲ୍ ସୋସାଇଟି ଡକ୍ୟୁମେଣ୍ଟରୁ ଜଣାପଡ଼ିବା ବାସ୍ତବିକ ଗୁରୁତ୍ୱପୂର୍ଣ୍ଣ। କର୍ନାଟକରେ ଏହି ପ୍ରକାରେ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ କରାଯାଇଛି। ଅନେକ ସମୟରେ ଆକ୍ରମଣକାରୀମାନେ ଚର୍ଚ୍ଚ ଓ ପ୍ରାର୍ଥନା ଗୃହରେ ସଂଘବଦ୍ଧ ଭାବେ ପ୍ରବେଶ କରି ଭଜନ ବୋଲୁଛନ୍ତି ଏବଂ ସ୍ଲୋଗାନ୍ ଦେଉଛନ୍ତି। ସେଠାରେ କ'ଣ ହେଉଛି ତାହା ନ ଜାଣି କିମ୍ବା କୌଣସି ପ୍ରମାଣ ନ ଥାଇ ବଳପୂର୍ବକ ଧର୍ମାନ୍ତରୀକରଣ ହେଉଛି ବୋଲି ସେମାନେ ଦାବି କରୁଛନ୍ତି। ବହୁ ସମୟରେ ସେମାନେ ସମବେତ ଲୋକଙ୍କୁ ଆକ୍ରମଣ କରୁଛନ୍ତି ଓ ପ୍ରାର୍ଥନାରେ ବାଧା ସୃଷ୍ଟି କରୁଛନ୍ତି। ରାଜ୍ୟ ଏଭଳି ଆପରାଧିକ ହସ୍ତକ୍ଷେପକୁ ଏକ ପ୍ରମୁଖ ଅପରାଧ ଭାବେ ଦେଖୁନାହିଁ। ଏପରି କି ମିଡିଆ ଅତୀତରେ 'ବଳପୂର୍ବକ ଧର୍ମାନ୍ତରୀକରଣ'ର ଅସଂଖ୍ୟ ପ୍ରମାଣରହିତ ଅଭିଯୋଗକୁ ଦେଖିବାରେ ସକ୍ଷମ ହୋଇପାରିନାହିଁ। ବହୁ ସମୟରେ ନିଜର ଧର୍ମ ଓ ବିଶ୍ୱାସକୁ ନେଇ ସାମ୍ବିଧାନିକ ତଥା ମୌଳିକ ଅଧିକାର ପାଳନ କରୁଥିବା ଚର୍ଚ୍ଚର ପାଦ୍ରୀ ବା ଧର୍ମଯାଜକଙ୍କୁ ଅକଳରେ ପକାଉଥିବା ହିଂସୁକ ଗୋଷ୍ଠୀଙ୍କୁ ଛାଡ଼ି ପୀଡ଼ିତଙ୍କ ବିରୋଧରେ ପୋଲିସ କେସ୍ ଫାଇଲ୍ କରୁଛି। ଓ୍ୱର୍ସିପର୍ସ ବା ପ୍ରାର୍ଥନାରେ ସମବେତ ଲୋକଙ୍କ ବ୍ୟକ୍ତିଗତ ଜୀବନରେ ପୋଲିସ ହସ୍ତକ୍ଷେପ କରୁଛି ଓ ସେମାନେ କେଉଁ ଜାତିର ଜାଣିବାକୁ ଚାପ ପକାଉଛି। ଓ୍ୱର୍ସିପର୍ସ ସୁରକ୍ଷା ଚାହୁଁଥିବାବେଳେ ସେମାନଙ୍କୁ ଭୟଭୀତ କରାଯାଉଛି। ବହୁ ସମୟରେ ସେମାନେ ଆଉ ପ୍ରାର୍ଥନା କରିବାକୁ ଆସୁନାହାନ୍ତି। ଚର୍ଚ୍ଚର କାର୍ଯ୍ୟ ଓ ପ୍ରାର୍ଥନା ଏକ ମୌଳିକ ଅଧିକାର ଓ ଏହା କରିବା ଲାଗି ପର୍ଯ୍ୟାପ୍ତ ସ୍ୱାଧୀନତା ରହିଛି। କିନ୍ତୁ ଏହା ବନ୍ଦ କରିବାକୁ ଚେଷ୍ଟା କରାଯାଉଛି। ବହୁ ସମୟରେ ପୋଲିସ ହିଂସା ଓ ଭୟ ପ୍ରଦର୍ଶନର ଭିତିରି ରହସ୍ୟ ଉପରେ ନିଶ୍ଚିତ ହେଉନାହିଁ। ହିଂସା ଓ ଭୟ ପ୍ରଦର୍ଶନ ପର ଘଟଣା ଉପରେ ଅଧିକ ଧ୍ୟାନ ଦିଆଯାଉଛି।

ଏଭଳି ଆକ୍ରମଣରେ ନିହିତ ରହିଛି ଜାତି ବା ସମ୍ପ୍ରଦାୟବାଦ, ଜାତିଭିତ୍ତିକ ନିର୍ଯାତନା ଏବଂ ହିଂସାଭାବ। ଧାର୍ମିକ ସ୍ୱାଧୀନତାକୁ ଅନୁପ୍ରବେଶ କରୁଥିବା ଆକ୍ରମଣକାରୀ ଏବଂ ବ୍ୟକ୍ତିମାନେ ପ୍ରାର୍ଥନା ପାଇଁ ସମବେତ ଲୋକଙ୍କୁ ଜାତିଭିତ୍ତିକ ଗାଳି କରୁଛନ୍ତି। ପ୍ରାର୍ଥନାକାରୀଙ୍କୁ ଲଗାତର ଆକ୍ରମଣ କରାଯାଉଛି। ହିଂସା ପରେ କିଛି ସାମାଜିକ ସ୍ତରରେ ମାନସିକ ଆଘାତ ଦିଆଯାଉଛି ବୋଲି ଏହି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ବହୁ କ୍ଷେତ୍ରରେ ଜୀବିକାରେ କ୍ଷତି, ସାମାଜିକ ବାସନ୍ଦ ଓ ବହିଷ୍କାର କରାଯାଉଛି। ସେମାନେ ପ୍ରାପ୍ୟ ବା ଅଧିକାରରୁ ବଞ୍ଚିତ ହେଉଛନ୍ତି, ଗୃହର କ୍ଷତି ହେଉଛି। ଏସବୁ ଘଟଣା କେବଳ ସେମାନଙ୍କ ଅଧିକାର ଓ ମର୍ଯ୍ୟାଦା କ୍ଷୁଣ୍ଣ କରୁଛି। ଏଭଳି ଆପରାଧିକ ଅଭିଯୋଗ ଯେଉଁମାନଙ୍କ ବିରୋଧରେ ଆସୁଛ, ସେମାନେ ହିନ୍ଦୁତ୍ୱବାଦୀ କିମ୍ବା ସେମାନଙ୍କ ଦ୍ୱାରା ସଂଗଠିତ ଗୋଷ୍ଠୀର ବୋଲି ପିୟୁସିଏଲ୍ ରିପୋର୍ଟ ଦର୍ଶାଇଛି। କର୍ନାଟକରେ ହେବାକୁ ଥିବା ଆଇନ ଯୋଗୁ ସଂଖ୍ୟାଲଘୁଙ୍କ ଉପରେ ଅକ୍ରମଣ ବଢିଚାଲିବ। ଉକ୍ତ ଆଇନ ବିଶେଷକରି କର୍ନାଟକର ଖ୍ରୀଷ୍ଟିଆନଙ୍କ ସ୍ୱାଧୀନତାରେ ବାଧା ସୃଷ୍ଟି କରିବାକୁ ରାଜ୍ୟ ସରକାର ଓ ପୋଲିସକୁ ସୁଯୋଗ ଦେବ। ୨୦୧୮ ପରଠାରୁ ଧାର୍ମିକ ସ୍ୱାଧୀନତା ବିରୋଧରେ ଆଇନ ଆଣିଥିବା ଅନ୍ୟ ୫ ଭାଜପା ଶାସିତ ରାଜ୍ୟରେ ଅନୁରୂପ ଘଟଣା ମଧ୍ୟ ଘଟିବ।

Email:aakar.patel@gmail.com

## su|do|ku
Puzzles by Srikant Ghosh
## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 1 | | 5 | | 8 | | | | 3 |
| 4 | | | 6 | | 2 | | | 9 |
| 9 | | | | | | 6 | | |
| 5 | | | | | | 1 | 4 | |
| | | | 4 | | | | | |
| | 7 | | | 2 | 3 | | | 6 |
| 2 | | | | | | 8 | | 5 |
| | | 9 | | | | 3 | | |
| | 4 | | | | 5 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 3 | 7 | 5 | 9 | 6 | 4 | 2 |
| 5 | 4 | 9 | 3 | 2 | 6 | 7 | 8 | 1 |
| 7 | 6 | 2 | 1 | 8 | 4 | 5 | 3 | 9 |
| 2 | 7 | 4 | 9 | 1 | 3 | 8 | 6 | 5 |
| 9 | 8 | 1 | 5 | 6 | 7 | 4 | 2 | 3 |
| 6 | 3 | 5 | 8 | 4 | 2 | 1 | 9 | 7 |
| 4 | 5 | 7 | 2 | 3 | 8 | 9 | 1 | 6 |
| 1 | 2 | 8 | 6 | 9 | 5 | 3 | 7 | 4 |
| 3 | 9 | 6 | 4 | 7 | 1 | 2 | 5 | 8 |

ଗତ କାଲିର ଉତ୍ତର

# କଥାଟି କାହାକୁ କହିବେନି



ଚିତ୍ର ଚରିତ୍ର

## ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଯେଉଁ ବନ୍ଧୁଙ୍କ ପାଖରୁ କଥାଟି ଶୁଣିବାକୁ ମିଳିଥିଲା, ସେ ଅବଶ୍ୟ ବାରଣ କରି ନ ଥିଲେ କାହାକୁ କହିବା ପାଇଁ। ମାତ୍ର ତାଙ୍କୁ ଯିଏ କଥାଟି କହିଥିଲେ, ସେ ମହାଶୟ ବିକଳ ଅନୁରୋଧଟାଏ କରିଥିଲେ, ''କହୁ କହୁ କଥାଟା କହିଦେଲି। ଦୟାକରି ଆଉ କାହାକୁ କହିବେନି।'' ନିହାତି ଗୋପନୀୟ ନ ହେଲେ କଥା ଲୁଚାଇବା ପାଇଁ ଏପରି ଅନୁରୋଧ କେହି କେବେ କରନ୍ତି ନାହିଁ। ପ୍ରକୃତରେ କଥାଟି ସେମିତି। ତଥାପି କଥାଟିର ଗୋପନୀୟତା ରକ୍ଷା କରିବାକୁ କରାଯାଇଥିବା ଅନୁରୋଧ ପ୍ରତ୍ୟକ୍ଷ ଭାବେ ଆସି ନ ଥିବାରୁ ପ୍ରତିଶ୍ରୁତି ଭଙ୍ଗର ପାପ ଏ ଲେଖକଙ୍କୁ ଲାଗିବ ନାହିଁ। ବରଂ ଆମ ସାମାଜିକ ଜୀବନରେ ଭୟଙ୍କର ବ୍ୟାଧି ହୋଇ ଆସ୍ତେ ଆସ୍ତେ ଏକ ବୃହତ୍ତର ଗୋଷ୍ଠୀକୁ ସଂକ୍ରମିତ କରୁଥିବା କଥାଟିକୁ ସାଧାରଣରେ ବାଣ୍ଟିବାର ଆବଶ୍ୟକତାକୁ ଅସ୍ୱୀକାର କରି ହେବ ନାହିଁ। ସୁତରାଂ, ବିଜ୍ଞଜନଙ୍କ ବିଚାର ଉଦ୍ଦେଶ୍ୟରେ ସମର୍ପିତ କଥାଟି ଏହିପରି।

ରାଜ୍ୟର ଏକ ସୀମାନ୍ତବର୍ତ୍ତୀ ଜିଲା ଅନ୍ତର୍ଗତ ଏକ ବିଦ୍ୟାଳୟରେ ଅବସ୍ଥାପିତ ଜଣେ ଶିକ୍ଷକଙ୍କ କଥା ୟେ। ଶିକ୍ଷକ ମହୋଦୟ ଦୁଇ ଭାଇ। ଦୁହେଁ ପରସ୍ପରଠାରୁ ଭିନ୍ନ ଓ ବିଚ୍ଛିନ୍ନ। ସେ ନିଜେ ନିଜର ବୃତ୍ତିଲବ୍ଧ ସ୍ୱଚ୍ଛଳତାକୁ ନେଇ ଆପଣାର ପିଲା ପରିବାର ସହ ସୁଖରେ ଥାଆନ୍ତି, ନିଜ ଚାକିରି ସ୍ଥଳରେ। ବଡ଼ଭାଇ ତାଙ୍କ ନିଜ ଜନ୍ମମାଟି ଗାଁରେ ପଡ଼ିଥାନ୍ତି, ଚାଷବାଷ କରି, ପିଲା ପରିବାରଙ୍କୁ କଷ୍ଟେମଷ୍ଟେ ପାଳି। ଦୁଇ ଭାଇଙ୍କର ଗୋଟିଏ କରି ପୁଅ। ଚାଷୀ ବଡ଼ଭାଇଙ୍କ ପୁଅଟି ଭଲ ପଢୁଥିଲେ ବି ସମ୍ବଳ ଅଭାବରୁ ମାଟ୍ରିକ୍ ଆଗକୁ ଯାଇ ନ ପାରି ଗାଁରେ ରହି ବାପାଙ୍କୁ ଚାଷ କାମରେ ସାହାଯ୍ୟ କରେ। ଶିକ୍ଷକ ସାନଭାଇଙ୍କ ପୁଅ ବି.ଏ. ପାସ୍ କରି ବାପାଙ୍କ ପାଖରେ ରହି ଚାକିରି ଖୋଜୁଛି। ଏମିତି ଦୁଇ ଭାଇଙ୍କର ଆର୍ଥିକ ଓ ସାମାଜିକ ସ୍ଥିତି।

ଜଣେ ସମଧର୍ମା ଶିକ୍ଷକ ବନ୍ଧୁଙ୍କ ସହ ଥରେ ଅନ୍ତରଙ୍ଗ ଆଳାପ କରୁଥିଲା ବେଳେ ଚରମ ଦୁଃଖ ଓ ଆବେଗରେ ଫାଟିପଡ଼ିଲେ ସାନଭାଇ। ଅନ୍ୟ ଶିକ୍ଷକ ଜଣକ ଥିଲେ ତିନୋଟି କନ୍ୟା ସନ୍ତାନଙ୍କ ଜନକ। ଏକ ପୁତ୍ର ସନ୍ତାନର ପିତା ହୋଇପାରି ନ ଥିବା ଦୁଃଖରେ ନିରନ୍ତର ସେ ଘାଣ୍ଟି ହେଉଥିବା ବେଳେ ତାଙ୍କ ସୌଭାଗ୍ୟକୁ କିନ୍ତୁ ଈର୍ଷା କରୁଥିଲେ ଆମର ଏଇ ଶିକ୍ଷକ। କହୁଥିଲେ, ''ପୁତ୍ରପ୍ରାପ୍ତିରୁ ବଞ୍ଚିତ ରହି ତୁମେ ପ୍ରକୃତରେ ସୁଖୀ। ପ୍ରାରବ୍ଧରେ ଯଦି କିଛି ପୁଣ୍ୟ ଥାଏ, ତେବେ ପରଜନ୍ମରେ ତୁମ ଭଳି କେବଳ ଝିଅଙ୍କ ବାପା ହେବାକୁ ଚାହିଁବି।''

'ମିଲ୍ ଯାଏ ତୋ ମିଟ୍ଟି, ନା ମିଲେ ତୋ ସୋନା'– ପୁଅ ନଥିବା ପିତା ବା ଝିଅ ନଥିବା ବାପାମାନଙ୍କର କାମନା ସଚରାଚର ଏଇ ମାନସିକତାରେ ଆକ୍ରାନ୍ତ। ସୁତରାଂ, ପରଜନ୍ମରେ ଝିଅର ବାପା ହେବାକୁ କାମନା କରୁଥିବା ଆମ ଏଇ ଶିକ୍ଷକ ଭାଇଙ୍କ କଥାରେ କିଛି ନୂତନତ୍ୱ ନଥିଲା। ମାତ୍ର ତାଙ୍କର ଏପରି କାମନା ମୂଳରେ ଯେଉଁ କାରଣଟି ଥିଲା, ତାହା ହିଁ ଥିଲା ଯେମିତି ଅଭିନବ, ସେମିତି ଦୁର୍ଭାଗ୍ୟପୂର୍ଣ୍ଣ।

ବି.ଏ. ପାସ୍ କରି ଚାକିରି ଖୋଜୁଥିବା ଓ ନିଜ ଅଯୋଗ୍ୟତା ପାଇଁ ପାଉ ନ ଥିବା ତାଙ୍କ ପୁଅଟି ପ୍ରକାଶ୍ୟରେ ତା' ବାପାଙ୍କ ମୃତ୍ୟୁ କାମନା କରୁଥିଲା। ଚାକିରି ଖୋଜିବାରେ ଟଙ୍କା ତିରିଶ ହଜାର ଉଡ଼ାଇ ଦେବା ପରେ ଓ ସେଥିରେ ଅସଫଳ ହୋଇ ବେପାର ଆରମ୍ଭ କରି ତହିଁରେ ଲକ୍ଷେ ଟଙ୍କା ବୁଡ଼ାଇ ଦେବା ପରେ ତା' ସାମର୍ଥ୍ୟ ଉପରୁ ଆସ୍ଥା ହରାଇ ବସିଥିଲେ ଶିକ୍ଷକ ବାପା ଜଣକ। ତା' ପାଇଁ ସେ ଆଉ କିଛି ଖର୍ଚ୍ଚ କରିପାରିବେ ନାହିଁ ବୋଲି ସ୍ପଷ୍ଟ ଶୁଣାଇ ଦେଲା ପରେ ଆରମ୍ଭ ହୋଇଥିଲା ତାଙ୍କ ସମସ୍ୟା। ବାପା ମୁଣ୍ଡ ଉପରେ ବୋଝ ହେବାକୁ ନିଜର ଜନ୍ମସିଦ୍ଧ ଅଧିକାର ଭାବୁଥିବା ପୁଅ ପ୍ରତିକ୍ରିୟା ପ୍ରକାଶ କରିଥିଲା, ''ଜନ୍ମ କରିବାକୁ ଖୁସି ଲାଗୁଥିଲା କି ? ଚାକିରି କରି ବହୁଦିନ ଆରାମରେ ବିତାଇଲଣି। ଢେର ସୁଖ ଭୋଗିଲଣି। ପୁଅ ପାଇଁ ଖର୍ଚ୍ଚ କରିବାକୁ ପାଖରେ ଟଙ୍କା ନାହିଁ ତ ବଞ୍ଚି ରହିଛ କାହିଁକି ? ତୁମେ ମରିଗଲେ ସରକାରଙ୍କ ଥଇଥାନ ବ୍ୟବସ୍ଥାରେ ମୋତେ ତ ଚାକିରିଟିଏ ମିଳିପାରନ୍ତା !''

ଅତୀତରେ ବୟସ ଖସି ଯାଇଥିବା ନିଜ ବୁଢ଼ାବାପାଙ୍କୁ ସୁଖୀ କରିବା ପାଇଁ ଜଣେ ପୁଅ ନିଜର ଯୌବନ ଉଜାଡ଼ି ଦେଇଥିଲା। ଏବେ କିନ୍ତୁ ସମୟ ବଦଳି ଯାଇଛି। ବୃତ୍ତିରୁ ଅବସର ନେବାକୁ ତଥାପି କେଇ ବର୍ଷ ବାକି ଥିବା ଜଣେ ବାପାଙ୍କୁ ନିଜ ଜୀବନରୁ ଅବସର ନେଇ ଚାଲିଯିବା ପାଇଁ ତାଙ୍କ ଯୁବାପୁଅ କହୁଛି। ସତୀର୍ଥ ବନ୍ଧୁଙ୍କ ଆଗରେ ନିଜର ଏଇ ଦୁର୍ଭାଗ୍ୟ ବଖାଣି ମନବୋଧ କରି କାନ୍ଦିବା ବ୍ୟତୀତ ହତଭାଗ୍ୟ ବାପା ଜଣକ ଅଧିକ କ'ଣ କରିପାରନ୍ତେ ! ଅତଏବ, ଶିକ୍ଷକ ବାପା ନିଜ ସହକର୍ମୀଙ୍କ ଆଗରେ କାନ୍ଦୁଥିଲେ ଓ ଅତୀତର ସ୍ମୃତି ସାଉଁଟି ଆଣି ଆବେଗଭରା କଣ୍ଠରେ କହୁଥିଲେ, ''କିଛିଦିନ ତଳେ ବଡ଼ଭାଇ ଅସୁସ୍ଥ ଥିବା ଖବର ପାଇ ତାଙ୍କୁ ଦେଖିବାକୁ ଗାଁକୁ ଯାଇଥିଲି। ରୋଗଶଯ୍ୟା ପାଖରେ ବସି ଦିନରାତି ତାଙ୍କର ସେବା କରୁଥିବା ମୋ ପୁଅ ବୟସର ତାଙ୍କ ପୁଅଟି ମୋତେ ଦେଖି କାନ୍ଦି ପକାଇଥିଲା ଓ କହିଥିଲା, ''ଠାକୁରଙ୍କୁ ଡାକୁଛି, ବାପା ଶୀଘ୍ର ସୁସ୍ଥ ହୋଇ ଉଠନ୍ତୁ। ତାଙ୍କ ବିନା ଭାରି ଅସହାୟ ଲାଗୁଛି। ।''

ଆର୍ଥିକ ଅସ୍ୱଚ୍ଛଳତା କାରଣରୁ ମେଟ୍ରିକ୍‌ରୁ ଆଗକୁ ଯାଇପାରି ନ ଥିବା ଏବଂ ଗାଁରେ ରହି ଚାଷ କରୁଥିବା ପୁଅର ଅଶିକ୍ଷିତ ବାପାଙ୍କ ଜୀବନ ପ୍ରତି କି ଅପୂର୍ବ ଅନୁରାଗ ! ଅଥଚ ଜଣେ ଉଚ୍ଚଶିକ୍ଷିତ ପୁଅର ତା' ବାପାଙ୍କ ଆଶୁ ମରଣ ପାଇଁ କି କୁତ୍ସିତ କାମନା ! ଶିକ୍ଷକ ବନ୍ଧୁ ଭାଇଙ୍କ ପୁଅ ସହ ନିଜ ପୁଅକୁ ତୁଳନା କରି ସୌଭାଗ୍ୟ ଓ ଦୁର୍ଭାଗ୍ୟର ଦୂରତାକୁ ତଉଲୁଥିଲେ। ବଡ଼ଭାଇ ଯାବତୀୟ ଅଭାବ ଅସୁବିଧାରେ ରହିଲେ ବି ତାଙ୍କ ତୁଳନାରେ କେତେ ସୁଖୀ ସତରେ ! ବନ୍ଧୁଙ୍କ ନିକଟରେ ନିଜ ଜୀବନର ଗୋପନ ପେଡ଼ି ଫିଟାଇ ନିଜକୁ ଆଶ୍ୱସ୍ତ ମନେ କଲାପରେ ସେ ଏକ ବିକଳ ଅନୁରୋଧ କଲେ– ''ଏ କଥା କାହାକୁ ବି କହିବନି। ଯିଏ ଶୁଣିବ, ମୋ ଦୁର୍ଭାଗ୍ୟ ପାଇଁ ତା' ଅନ୍ତରରୁ ସାମାନ୍ୟ ସମବେଦନା ତ ଝରିପଡ଼ିବ ନାହିଁ, ବରଂ ମୋତେ ଦୋଷ ଦେବ, ଯେମିତି କି ମୋର କେଉଁଠି ବଡ଼ ଭୁଲ୍‌ଟାଏ ରହିଛି !''

ପ୍ରକୃତରେ ଅନୁକମ୍ପା ସୂତ୍ରରେ ଚାକିରି ପାଇବା ପାଇଁ ଚାକିରିଆ ବାପାର ମୃତ୍ୟୁ କାମନା କରୁଥିବା କୁଳାଙ୍ଗାର ପୁଅର ବାପା ହେବାରେ ଭୁଲ୍ ରହିଲା କେଉଁଠି ? ତେବେ ଏ କ୍ଷେତ୍ରରେ ପୁତ୍ରଠୁଁ ପରାଭବ ଭୋଗୁଥିବା ପିତାର ଦୁଃଖରେ ଭାସି ନ ଯାଇ ତାଙ୍କ ଅତୀତ ଭିତରକୁ ଟିକେ ନିରେଖି ଚାହିଁଲେ ଭୁଲ୍ ଠିକ୍‌ର ହିସାବ ବୁଝିବା ବେଶି କଷ୍ଟକର ହେବ ନାହିଁ।

ଗୋଲାପର ଶଯ୍ୟା ପରି ମୁଲାୟମ ନ ଥିଲା ଏଇ ଶିକ୍ଷକଙ୍କ ଅତୀତ। ବାପା ତାଙ୍କର ଥିଲେ ଅଭାବୀ ଅସ୍ୱଚ୍ଛଳ ଚାଷୀ। ଏପରି ଏକ ଅସମର୍ଥ ପରିବାରରେ ଜନ୍ମ ନେଇଥିବା ଯୋଗୁ ପାଠ ପଢ଼ିବାର ସ୍ୱପ୍ନ ଯେତେବେଳେ ପ୍ରତିକ୍ଷଣ ସଂକଟର ସମ୍ମୁଖୀନ ହେଉଥିଲା, ସେତେବେଳେ ବଡ଼ଭାଇ ତାଙ୍କର ଆଗେଇ ଆସିଥିଲେ ଦଧୀଚିଙ୍କ ଆତ୍ମତ୍ୟାଗ ନେଇ। ନିଜେ ଅପାଠୁଆ ରହି, ବାପା ସାଙ୍ଗରେ କାନ୍ଧକୁ କାନ୍ଧ ମିଳାଇ ବିଲବାଡ଼ିରେ ଖଟିଥିଲେ ସେ ଓ ସାନ ଭାଇକୁ ପାଠ ପଢ଼ାଇଥିଲେ। ପଢ଼ା ଶେଷ କରି ସାନଭାଇ ଶିକ୍ଷକ ହେଲେ। ଶିକ୍ଷିତ ସାନଭାଇଙ୍କ ସମ୍ମାନ ଓ ପ୍ରତିଷ୍ଠା ଆଗରେ ମ୍ଳାନ ପଡ଼ିଗଲା ଅଶିକ୍ଷିତ ବଡ଼ଭାଇଙ୍କ ଅନନ୍ୟ ଆତ୍ମତ୍ୟାଗ। ଅବସ୍ଥା ଏପରି ହେଲା ଯେ ଦାରିଦ୍ର୍ୟ ଓ ବାର୍ଦ୍ଧକ୍ୟର ତାଡ଼ନାରେ ବୁଢ଼ା ବାପା ଆଖି ବୁଜିଦେଲାବେଳେ ଚରମ ଅସହାୟତା ମଧ୍ୟରେ କାଳ କାଟୁଥିଲେ ବଡ଼ଭାଇ। ଅଥଚ ଏଣେ ନିଜ ପିଲା ପରିବାର ସହ ସକଳ ପ୍ରକାର ସଂସାର ସୁଖରେ ବୁଡ଼ି ରହିଥିଲେ ଶିକ୍ଷକ ବୋଲାଉଥିବା ସାନଭାଇ। ସେଇ ଶିକ୍ଷକ ଆଜି ପରିବର୍ତ୍ତିତ ପରିସ୍ଥିତିରେ ଦୁଃଖୀ ମଣିଷଟିଏ। ପ୍ରକୃତରେ ଭୁଲ୍ ତାଙ୍କର ନୁହେଁ। ଭୁଲ୍ ହେଉଛି ଚକ୍ର ପରି ଅହରହ ଘୂରି ବୁଲୁଥିବା ସମୟର ; ସବୁବେଳେ ନିଷ୍ଠୁର ଭାବେ ପୁନରାବୃତ୍ତି ହେଉଥିବା ଇତିହାସର।

ଏଇ ସମୟ ଦିନେ ପୂର୍ଣ୍ଣ କରି ଦେଇଥିଲା ମୋଗଲ ସମ୍ରାଟ୍ ଶାହାଜାହାନଙ୍କୁ। ଅଥଚ ସମୟର କରାଳ ଚକ୍ରରେ ଦିନେ ସବୁ ଓଲଟପାଲଟ ହୋଇଗଲା। ନିଜ ପ୍ରିୟାର ମଧୁର ସ୍ମୃତିରେ ସମର୍ପିତ ସ୍ମୃତିସୌଧ ବିଶ୍ୱର ବିସ୍ମୟ ତାଜମହଲ ନିର୍ମାଣ କରି ମଧ୍ୟ ସେ ଏହାକୁ ଉପଭୋଗ କରିପାରି ନ ଥିଲେ। କାରଣ ମହତ୍ତ୍ୱାକାଂକ୍ଷୀ ପ୍ରବଳ ପରାକ୍ରମୀ ଯୁବାପୁଅ ଆଉରଙ୍ଗଜେବଙ୍କ ଆଦେଶରେ ତାଙ୍କୁ କାରାରୁଦ୍ଧ କରାଯାଇଥିଲା। ଅସହ୍ୟ ଯନ୍ତ୍ରଣା ଓ ଅସୀମ ଦୁଃଖ ମଧ୍ୟରେ ଏକ ରାଜପୁରୁଷଙ୍କ ଜୀବନର ଅକାଳ ଅବସାନ ହେଉଥିଲାବେଳେ ତେଣେ ଆତ୍ମଜ ଆଉରଙ୍ଗଜେବ ନିଜ ରାଜମୁକୁଟକୁ ନେଇ ଥିଲେ ଢେର ଉନ୍ମତ୍ତ ଓ ଉତ୍ସାହିତ। ଅଥଚ ସେ ପାସୋରି ପକାଇଥିଲେ ଯେ ତାଙ୍କ ଅଲକ୍ଷ୍ୟରେ ସମୟ ତାଙ୍କ ପାଇଁ ମଧ୍ୟ ସଞ୍ଚିତ କରି ରଖିଛି ଏକ ଅସହାୟ ଅନ୍ତର କାହାଣୀ !

ଚାକିରି ମିଳିଯିବ ବୋଲି ବାପାର ମୃତ୍ୟୁ ବାଞ୍ଛା କରୁଥିବା ଭଳି ପୁଅଟିଏ ଜନ୍ମ କରିଥିବାରୁ ନିଜ ଭାଗ୍ୟକୁ ନିନ୍ଦୁଥିବା ଶିକ୍ଷକ ମହୋଦୟ ଅତୀତରେ ଇତିହାସ ପଢ଼ିଥିଲାବେଳେ ଅବା ଏବେ ଇତିହାସ ପଢ଼ାଉଥିବାବେଳେ ସେଇ ଶାହାଜାହାନ ଓ ଆଉରଙ୍ଗଜେବଙ୍କ କାହାଣୀ ଜାଣିଥିବେ। ଏ କଥା ବି ହେଜିଥିବେ ଯେ ଗାଁରେ ବୁଢ଼ାବାପା ଓ ବଡ଼ଭାଇଙ୍କୁ ଅସହାୟତାର କାରାକକ୍ଷ ମଧ୍ୟରେ ନିକ୍ଷେପ କରି ନିଜେ ଏକ ମୁକ୍ତ ସ୍ୱଚ୍ଛଳ ଜୀବନ ବଞ୍ଚୁଥିବା ଲୋକର କେବେ ପୁଅଟିଏ ହୋଇପାରେ ଓ ସେ ପୁଅଟି ତା' ବାପାଙ୍କ ପଦାଙ୍କ ଅନୁସରଣ କରି ପିତାର ସତ୍‌ପୁତ୍ର ବୋଲି ଗର୍ବ କରିପାରେ। ଅତଏବ ବନ୍ଧୁଙ୍କ ନିକଟରେ ନିଜ ଦୁଃଖ ବଖାଣି କଥାଟି କାହାକୁ କହିବେନି ବୋଲି ଅନୁରୋଧ କଲେ, ଅବଶିଷ୍ଟ ଅନ୍ୟ ସଭିଙ୍କଠାରୁ କଥାଟିକୁ ସିନା ଗୁପ୍ତ ରଖିହେବ, ହେଲେ କଥାଟିକୁ ନେଇ ଯେଉଁ ମରମ ବ୍ୟଥା, ତାହାକୁ କ'ଣ ନିଜଠୁଁ କେବେ ଲୁଚାଇ ରଖିହେବ ! ପ୍ରତି ମୁହୂର୍ତ୍ତରେ ଏହା ଦଂଶି ଚାଲିଥିବ ନିଜ ଅନ୍ତରାତ୍ମାକୁ। ଅଜାଗା ଘାଆ ପରି କେବଳ ନିଜକୁ ହିଁ ଭୋଗିବାକୁ ପଡ଼ିବ ସିନା କେବେ କାହାକୁ ଦେଖାଇ ହେବ ନାହିଁ କି ଉପଶମ ଉପଲବ୍ଧ ହେବ ନାହିଁ। ପ୍ରକୃତରେ କଳାକର୍ମର ପରିଣାମ ମଣିଷ ଯଦି ଭୋଗ କରୁ ନ ଥା'ନ୍ତା, ତେବେ କେଡ଼େ କଥା ନ ହୁଅନ୍ତା !!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର
ଚକେଇସିହାଣି, ଭୁବନେଶ୍ୱର–୧୦
ମୋ: ୮୮୯୫୬୨୪୧୦୫

# ପାରଦର୍ଶୀ ଗଣିତଜ୍ଞ

ବ୍ୟକ୍ତିତ୍ୱ



ନୀନା ଗୁପ୍ତା

ଗଣିତ ପାଠ କଥା ଉଠିଲେ ଅନେକ ପିଲା ଡରି ଯାଇଥାଆନ୍ତି। ବିଶେଷକରି ଝିଅଙ୍କର ଏହି ବିଷୟ ଭଲ ହୋଇ ନ ଥାଏ ବୋଲି ଏକ ଧାରଣା ସୃଷ୍ଟି ହୋଇଛି। କିନ୍ତୁ ତାହା ଏକ ଭୁଲ୍ ଚିନ୍ତାଧାରା ବୋଲି ଭାରତୀୟ ଗଣିତଜ୍ଞ ନୀନା ଗୁପ୍ତା ପ୍ରମାଣ କରିଦେଇଛନ୍ତି। ୨୦୨୧ ମସିହା ଲାଗି ରାମାନୁଜନ୍ ପୁରସ୍କାର ବିଜେତା ନୀନା କହିଛନ୍ତି, ଗଣିତ ଏକ କଷ୍ଟ ବିଷୟ ନୁହେଁ। ଅନ୍ୟ ପାଠ ଭଳି ଏହାକୁ ଭଲ ଭାବେ ମନେରଖାଯାଇପାରିବ। ଯଦି ଏହା ଉପରେ ଜଣଙ୍କ କନ୍‌ସେପ୍ଟ ବା ଧାରଣା ସ୍ପଷ୍ଟ ଅଛି, ତେବେ ସେ ଗାଣିତିକ ସମସ୍ୟାର ସମାଧାନ କରିପାରିବେ। ଏହି ବିଷୟରେ ସିଦ୍ଧି ପାଇବା ପାଇଁ ଏକମାତ୍ର ମନ୍ତ୍ର ହେଉଛି ଅଭ୍ୟାସ। ଜଣେ ଯେତେ ଅଭ୍ୟାସ ଜାରି ରଖିବେ, ତାଙ୍କର ମସ୍ତିଷ୍କ ସେତେ ସକ୍ରିୟ ଓ ସମାଧାନର ସୂତ୍ର ବାହାର କରିଦେବ। ଗାଣିତିକ ସମସ୍ୟାର ସମାଧାନ ପାଇଁ ଦୃଢ଼ ଇଚ୍ଛାଶକ୍ତି ରଖି ଆଗେଇ ଆସିଲେ ତାହା ଜଣଙ୍କୁ ଏଥିପ୍ରତି ଆଗ୍ରହୀ କରାଇଦେବ ଓ ସେ ଗଣିତ ପ୍ରେମରେ ପଡ଼ିଯିବେ। ମାତ୍ର ଦେଖାଯାଏ ଯେତେବେଳେ ଜଣେ ଏହାକୁ ଭୟ କରିବସିବେ ସେତେବେଳେ ତାହାକୁ ଅଣଦେଖା କରିଚାଲିବେ। ଗଣିତ ପ୍ରତି ଯୁବପିଢ଼ିଙ୍କ ମନରେ ଉତ୍ସାହ ଜାଗ୍ରତ କରିବା ଲାଗି ଏଭଳି ମନ୍ତ୍ର ଦେଇଥିବା ନୀନା ହେଉଛନ୍ତି ରାମାନୁଜନ୍ ପୁରସ୍କାର ପାଇବାରେ ଚତୁର୍ଥ ଭାରତୀୟ। ୨୦୦୬ରେ ରାମଦୋରାଇ ସୁଜାଥା, ୨୦୧୫ରେ ଅମଲେନ୍ଦୁ କ୍ରିଷ୍ଣା ଏବଂ ୨୦୧୮ରେ ରୀତାବ୍ରତ ମୁନ୍‌ସୀ ଏହି ମର୍ଯ୍ୟାଦାଜନକ ପୁରସ୍କାର ପାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗଣିତ ବିଷୟରେ ସର୍ବୋତ୍ତମ ପ୍ରଦର୍ଶନ ଲାଗି ବିକାଶଶୀଳ ଦେଶର ୪୫ ବର୍ଷରୁ କମ୍ ବୟସ୍କ ଗବେଷକଙ୍କୁ ୨୦୦୫ଠାରୁ ଏହା ପ୍ରଦାନ କରାଯାଇଆସୁଛି। ଇଟାଲୀର ଟ୍ରିଷ୍ଟେସ୍ଥିତ ଅବଦୁସ୍ ସାଲମ୍ ଇଣ୍ଟରନ୍ୟାଶନାଲ ସେଣ୍ଟର ଫର୍ ଥିଓରିଟିକାଲ ଫିଜିକ୍ସ (ଆଇସିଟିପି), ଭାରତ ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ (ଡିଏସ୍‌ଟି) ଏବଂ ଇଣ୍ଟରନ୍ୟାଶନାଲ ମାଥ୍‌ମେଟିକାଲ୍ ୟୁନିୟନ (ଆଇଏମ୍‌ୟୁ)ର ମିଳିତ ସହଯୋଗରେ ଏହି ପୁରସ୍କାର ଦିଆଯାଉଛି। ତେବେ ନୀନା ୨୦୧୪ରେ ଇଣ୍ଡିଆନ୍ ନ୍ୟାଶନାଲ ସାଇନ୍ସ ଏକାଡେମୀ ପକ୍ଷରୁ ଜରିସ୍କି କ୍ୟାନ୍‌ସେଲେଶନ ପ୍ରୋବଲେମ୍ ସମାଧାନ ସକାଶେ ୟଙ୍ଗ୍ ସାଇଣ୍ଟିଷ୍ଟ ଆୱାର୍ଡ ଓ ଏଫିନ୍ ଆଲ୍‌ଜେବ୍ରିକ୍ ଜିଓମେଟ୍ରି ଆଣ୍ଡ୍ କ୍ୟୁମିଟେଟିଭ୍ ଆଲ୍‌ଜେବ୍ରା ଉପରେ ଅତ୍ୟନ୍ତ ଦକ୍ଷତା ରଖିଥିବାରୁ ୨୦୧୯ରେ ତାଙ୍କୁ ଶାନ୍ତି ସ୍ୱରୂପ ଭଟ୍ଟନାଗର ପୁରସ୍କାର ମିଳିଥିଲା। ତେବେ ଜରିସ୍କି କ୍ୟାନ୍‌ସେଲେଶନ ପ୍ରୋବଲେମ୍ ସମାଧାନ କରିବାରେ କୀର୍ତ୍ତିମାନ ରଚିଥିବା ନୀନା ଭାରତର ମହାନ୍ ଗଣିତଜ୍ଞ ଶ୍ରୀନିବାସ ରାମାନୁଜନ୍‌ଙ୍କ ନାମରେ ନାମିତ ଏହି ସମ୍ମାନ ପାଇବା ତାଙ୍କ ପାଇଁ ସର୍ବଶ୍ରେଷ୍ଠ ପୁରସ୍କାର ବୋଲି କହିଛନ୍ତି। ଆସନ୍ତା ୨୧ ତାରିଖରେ ତାଙ୍କୁ ଏହି ପୁରସ୍କାର ମିଳିବ। ଅର୍ଥରାଶି ଆକାରରେ ବିଜେତାଙ୍କୁ ୧୫,୦୦୦ ଆମେରିକୀୟ ଡଲାର ଦିଆଯିବାର ବ୍ୟବସ୍ଥା ରହିଛି।

ନୀନା ୧୯୮୪ରେ କୋଲକାତାରେ ଜନ୍ମଗ୍ରହଣ କରିଥିଲେ। ଡନ୍‌ଲପ୍‌ସ୍ଥିତ ଖାଲ୍‌ସା ହାଇସ୍କୁଲରେ ପ୍ରାରମ୍ଭିକ ପାଠ ଶେଷ କରିବା ପରେ ସେ ବେଥୁନ୍ କଲେଜରୁ ଗଣିତ ସମ୍ମାନରେ ଉତ୍ତୀର୍ଣ୍ଣ ହୋଇଥିଲେ। ଇଣ୍ଡିଆନ୍ ଷ୍ଟାଟିଷ୍ଟିକାଲ୍ ଇନ୍‌ଷ୍ଟିଚ୍ୟୁଟ (ଆଇଏସ୍‌ଆଇ)ରୁ ୨୦୦୮ରେ ସ୍ନାତକୋତ୍ତର ଓ ୨୦୧୧ରେ ପିଏଚ୍.ଡି. ଡିଗ୍ରୀ ହାସଲ କରିଥିଲେ। ନିଜ ଉଚ୍ଚଶିକ୍ଷା ନେଇ ନୀନା କହନ୍ତି ଯେ, ତାଙ୍କ ପଢ଼ା ବେଳେ ଅନେକ ବାଧା ଆସିଥିଲା। କିନ୍ତୁ ମାତାପିତା ତାଙ୍କୁ ଦୃଢ଼ ସମର୍ଥନ ଦେବାରୁ ସେ ଆଜି ପ୍ରତିଷ୍ଠିତ ହୋଇପାରିଛନ୍ତି। ଗବେଷଣା କରିବାକୁ ବାହାରିବା ବେଳେ ପିଏଚ୍.ଡି. କେତେ ବର୍ଷରେ ସରିଯିବ ବୋଲି ପିତା ପଚାରିଥିଲେ। ଉତ୍ତରରେ ସେ କହିଥିଲେ ୫ ବର୍ଷ ଲାଗିବ। କିନ୍ତୁ ପିତାଙ୍କ ଆତ୍ମବିଶ୍ୱାସ ଥିଲା ତାଙ୍କ ଝିଅ ଦୁଇ ବର୍ଷରେ ତାହାକୁ ଶେଷ କରିଦେବ। ତାହା ହିଁ ହେଲା। ସେ ଦୁଇ ବର୍ଷରେ ଏହି ଡିଗ୍ରୀ ପାଇଯାଇଥିଲେ। ଗବେଷଣା ସମୟକୁ ମନେପକାଇ ସେ କହିଛନ୍ତି, ୨୦୦୯ରେ ଜରିସ୍କି କ୍ୟାନ୍‌ସେଲେଶନ ପ୍ରୋବଲେମ୍ ସମାଧାନ କରିବା ଲାଗି ପ୍ରଫେସରଙ୍କ ସହାୟତା ଚାହିଁଥିଲେ। ପ୍ରଫେସରଙ୍କ ଉତ୍ତର ଥିଲା ତାହା ଅତି କଷ୍ଟ। ତେଣୁ ସେଥିରେ ସମୟ ନଷ୍ଟ ନ କରି ତାହାକୁ ଅଣଦେଖା କରିଦିଅ। ସେହି ସମୟ ପାଇଁ ନୀନା ସେହି ପ୍ରୋବଲେମ୍ ସମାଧାନ କରି ନ ଥିଲେ ମଧ୍ୟ ତାଙ୍କ ମନରେ ତାହା ବସା ବାନ୍ଧି ରହିଥିଲା। ଅନବରତ ଉଦ୍ୟମ କରିବା ପରେ ସେ ୨୦୧୨ରେ ତାହାର ସମାଧାନର ସୂତ୍ର ପାଇଗଲେ ଓ ସେହି 'ୟୁରେକା' ବା 'ପାଇଗଲି'ର ମୁହୂର୍ତ୍ତ ତାଙ୍କୁ ଅପାର ଆନନ୍ଦ ଦେଇଥିଲା ବୋଲି କହିଛନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ୧୯୪୯ରେ ରୁଷିଆ ଜନ୍ମିତ ଆମେରିକୀୟ ଗଣିତଜ୍ଞ ଓସ୍କାର ଜରିସ୍କି ପ୍ରଥମେ ଏହି ଗାଣିତିକ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସେହି ସମୟରେ ତାହା ସର୍ବାଧିକ ପ୍ରଭାବଶାଳୀ ଆଲ୍‌ଜେବ୍ରିକ୍ ଜିଓମେଟ୍ରି ଭାବେ ଗଣାଯାଇଥିଲା।

ଆଇଏସ୍‌ଆଇରେ ପାଠ ପଢ଼ିଥିବା ନୀନା ଏବେ ସେହିଠାରେ ପ୍ରଫେସର ଭାବେ କାର୍ଯ୍ୟରତ। ନିଜେ ଗବେଷଣା ବେଳେ ସମ୍ମୁଖୀନ ହୋଇଥିବା ସମସ୍ୟାକୁ ସମାଧାନ କରିବା ଲାଗି ସେ ଯେତିକି ସହଯୋଗ ପାଇଥିଲେ, ତା'ଠାରୁ ଅଧିକ ଶ୍ରମ ଓ ଅଭିଜ୍ଞତା ତାଙ୍କ ଗବେଷଣାରତ ଛାତ୍ରୀଛାତ୍ରଙ୍କୁ ବାଣ୍ଟିବେ ବୋଲି ଏବେ କହିଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଗୋଟିଏ ଟି–ଶାର୍ଟ ଏବଂ ଏକ ଯୋଡ଼ା ଜିନ୍ସ ଲାଗି ଆବଶ୍ୟକ ଫାଇବର ପ୍ରସ୍ତୁତିରେ ଯଥାକ୍ରମେ ୨,୭୦୦ ଓ ୧୦,୦୦୦ ଲିଟର ପାଣି ଲାଗୁଛି। ଏହା ଜାଣି ଆଶ୍ଚର୍ଯ୍ୟ ହେଉଥିବେ, ହେଲେ ଏହା ସତ। ଏହି ପରିମାଣ ପାଣିକୁ ଜଣେ ଲୋକ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ପାନୀୟଜଳ ଭାବେ ବ୍ୟବହାର କରିପାରିବ। ହଲେ ଜିନ୍ସ ପାଇଁ ୧କେ.ଜି. କଟନ ଦରକାର ଓ ଏହାର ପରିବେଶଗତ ପ୍ରଭାବ ଢେର୍ ଅଧିକ। ଏହି ନକାରାତ୍ମକ ପ୍ରଭାବ ଦୂର କରିବାକୁ ବାହାରିଛନ୍ତି ଗୁଜରାଟର ଶେୟାନ କୋକ୍ରା। ସେ 'କାନ୍‌ଭାଲୁପ୍' ଷ୍ଟାର୍ଟଅପ୍ ଆରମ୍ଭ କରି କୃଷି ବର୍ଜ୍ୟରୁ ଜିରୋ ୱେଷ୍ଟ ପ୍ରୋସେସ୍‌ରେ ପରିବେଶ ଉପଯୋଗୀ ଫାଇବର ପ୍ରସ୍ତୁତ କରୁଛନ୍ତି। କୋକ୍ରା ଆମେରିକାର ବବ୍‌ଶନ କଲେଜରୁ ଏଣ୍ଟରପ୍ରିନ୍ୟୁରଶିପ୍ କୋର୍ସ ଶେଷ କରି ଭାରତ ଫେରିବା ପରେ ୨୦୧୭ରେ କାନଭାଲୁପ ଷ୍ଟାର୍ଟଅପ୍ ଗଠନ କରିଥିଲେ। ଏବେ ନୂତନ ଟେକ୍‌ନୋଲୋଜି ମାଧ୍ୟମରେ ସେ ମାତ୍ର ୧୦ ଲିଟର ପାଣିରେ କୃଷି ବର୍ଜ୍ୟରୁ ହଲେ ଜିନ୍ସ ଲାଗି ଫାଇବର ପ୍ରସ୍ତୁତ କରିପାରୁଛନ୍ତି। ଫାଇବର ଲାଗି ସପୁରି ପତ୍ର ବ୍ୟବହାର କରୁଛନ୍ତି। ଗୋଟିଏ ମାସରେ ସେ ୮୦ ଟନ୍ ଫାଇବର କୃଷି ବର୍ଜ୍ୟରୁ ପାଉଛନ୍ତି। ଏହାକୁ ବହୁ ପ୍ରତିଷ୍ଠିତ କମ୍ପାନୀ ନେଇ ଜିନ୍ସ ଓ ଟି–ଶାର୍ଟ ତିଆରି କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଡିସେମ୍ବର ୧୯୯୬

- ପେରୁର ବାମପନ୍ଥୀ ବିଦ୍ରୋହୀ ଗେରିଲାମାନେ ରାଜଧାନୀ ଲିମାସ୍ଥିତ ଜାପାନ ରାଷ୍ଟ୍ରଦୂତଙ୍କର ବାସଭବନ ଭିତରେ ଦେଶର ୨ ବରିଷ୍ଠ ମନ୍ତ୍ରୀ ଏବଂ ୨୫୦ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ମୁଣ୍ଡଜାମିନ ଭାବେ ରଖିଛନ୍ତି।
- ଜେଲଖାନା ଭିତରେ ବହୁସଂଖ୍ୟକ କଏଦୀଙ୍କୁ ପୁରାଇବା ଏବଂ ନିମ୍ନମାନର ଖାଦ୍ୟ ଖାଇବାକୁ ଦିଆଯିବା ପ୍ରତିବାଦରେ ବାଂଲାଦେଶର ଜେସୋର ଦିଲ ଜେଲକୁ ଏଥର ୭୦୦ କଏଦୀ ଏବଂ ଅନ୍ତେବାସୀ ଅକତିଆର କରିନେଇଛନ୍ତି।

## ଚିରନ୍ତନୀ

ନିଜକୁ ଭୁଲି ଏ ନଦୀ ତଟେ
ସୁଦୂର ଗ୍ରାମେ ରହେ ମୁଁ ଚାହିଁ,
ଲୁପତ ଧରା ଲୁପତ ବିଶ୍ୱ
ବିଜନ ଏଥି କେହି କି ନାହିଁ।
(ନିଜ ଭୁଲା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ

ମହାଶୟ,

ବାତ୍ୟା ଜୱାଦ ପ୍ରଭାବରେ ସତ୍ୟବାଦୀ ବ୍ଲକର ୨୪ଗୋଟି ପଞ୍ଚାୟତର ପ୍ରାୟ ଅଶୀଭାଗ ଚାଷ ଜମିରେ ଧାନ ଫସଲ ଓ ରବି ଫସଲ ମୁଗ, ବିରି ଓ କୋଳଥ ନଷ୍ଟ ହୋଇଛି। ପାଚିଲା ଧାନ କିଆରିରେ ପାଣିଜମି ଧାନ ନଷ୍ଟ ହୋଇଛି। ଏନେଇ ଚାଷୀମାନେ ଚିନ୍ତାରେ ରହିଛନ୍ତି। କୋବି, ପୋଟଳ, ମୂଳା, ବାଇଗଣ, କଲରା, ଜହ୍ନି, ଭେଣ୍ଡି ଫସଲ ମଧ୍ୟ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଚାଷୀମାନେ ସରକାରୀ ସହାୟତା ପାଇଁ ନିବେଦନ କରିଛନ୍ତି। ବାତ୍ୟାକୁ ନେଇ କୃଷି ବିଭାଗ ପକ୍ଷରୁ ପ୍ରଚାର ଗାଡ଼ି ବୁଲାଯାଇ ଚାଷୀମାନଙ୍କ ଧାନ କାଟିଆଣିବା ଲାଗି ପରାମର୍ଶ ଦିଆଯାଇଥିଲା। ସ୍ୱଳ୍ପ ସମୟ ମଧ୍ୟରେ ଚାଷୀମାନେ ଧାନକାଟିବା ସମ୍ଭବ ହୋଇପାରିଲାନାହିଁ। ରଣକରି ଚାଷ କରିଥିବା ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଚାଷୀମାନେ କ୍ଷତିପୂରଣ ପାଇବାରେ ବିଳମ୍ବ ହେଉଛି। ତୁରନ୍ତ ଯଥାସମ୍ଭବ ସରକାରୀ ସହାୟତା ଯୋଗାଇ ଦିଆଯାଉ।

– ଦେବବ୍ରତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବେଦାନ୍ତ ସ୍କୁଲ ଛାତ୍ରଙ୍କ ସଫଳତା

ଭୁବନେଶ୍ୱର,୧୮।୧୨: ଭୁବନେଶ୍ୱରଠାରେ ଆୟୋଜିତ ୧୧ତମ ରାଷ୍ଟ୍ରୀୟ ଓପନ କରାଟେ ଚାମ୍ପିୟନଶିପରେ ଭାରତର ଅଗ୍ରଣୀ ମେଟାଲର୍ଜିକାଲ ଗ୍ରେଡ୍ର ଆଲୁମିନା ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଲାଞ୍ଜିଗଡ଼ ସହାୟତାରେ ଭାଗନେଇ ଛାତ୍ରମାନେ ବିଜୟୀ ହେବାର ଗୌରବ ଅର୍ଜନ କରିଛନ୍ତି। ଡିଏଭି ବେଦାନ୍ତ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ର ହିତେଶ କୁମାର ମହାକୁଡ଼ ୧୩ ବର୍ଷରୁ କମ୍ ବୟସ ବର୍ଗର ବାଳକ ବିଭାଗ କାଟାରେ ସ୍ୱର୍ଣ୍ଣପଦକ ଓ କୁମିତେ (ଫାଇଟିଂ)ରେ ରୌପ୍ୟ ପଦକ ହାସଲ କରିଛନ୍ତି। ସେହିଭଳି କିରନ ବେମାଲ ମଧ ସେହି ବର୍ଗରେ କାଟାରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଅପରପକ୍ଷରେ ଲାଞ୍ଜିଗଡ଼ ଏସ୍ଏସ୍ଡି ସ୍କୁଲର ଛାତ୍ର ଜକ୍ଷ ପାଟମାଝୀ ମଧ ୧୫ବର୍ଷରୁ କମ୍ ବୟସ ବର୍ଗର ବାଳକ ବିଭାଗ କୁମିତେରେ ବ୍ରୋଞ୍ଜ ପଦକ ପାଇଛନ୍ତି। ଏ ସମ୍ପର୍କରେ ବେଦାନ୍ତ ଆଲୁମିନା ବିଜ୍ନେସ୍ର ଡେପୁଟି ସିଇଓ ଜି.ଜି.ପଲ୍ କୃତୀ ଛାତ୍ରମାନଙ୍କୁ ଅଭିନନ୍ଦନ ଜଣାଇବା ସହ କହିଥିଲେ , ଆମ ପ୍ରୋତ୍ସାହନ ବଳରେ ଛାତ୍ରୀଛାତ୍ରମାନଙ୍କ ଉକ୍ତ ସଫଳତା ପାଇଁ ଆମେ ବହୁ ଗର୍ବିତ ଓ ଆନନ୍ଦିତ। କେବଳ ଶିକ୍ଷା କ୍ଷେତ୍ରରେ ନୁହେଁ, କ୍ରୀଡ଼ା କ୍ଷେତ୍ରରେ ମଧ ଆମେ ପିଲାମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରୁଛି।

### ଲାଇଫ୍ଷ୍ଟାଇଲ ପକ୍ଷରୁ ରିହାତି ଅଫର

ଭୁବନେଶ୍ୱର,୧୮।୧୨: ଦେଶର ପ୍ରମୁଖ ଫ୍ୟାଶନ ଷ୍ଟୋର ଲାଇଫ୍ଷ୍ଟାଇଲ ପକ୍ଷରୁ ନିକଟରେ ବହୁ ପ୍ରତୀକ୍ଷିତ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଉକ୍ତ ସେଲ୍ ଡିସେମ୍ବର ୧୮ରୁ ଲାଇଭ୍ ହୋଇଥିବା ଜଣାପଡ଼ିଛି। ଏଠାରୁ ଶପିଂ କରୁଥିବା ଗ୍ରାହକମାନେ ଶୀର୍ଷ ଫ୍ୟାଶନ ବ୍ରାଣ୍ଡଗୁଡିକରେ ନୂଆ ଷ୍ଟାଇଲ୍ ଉପରେ ୫୦% ପର୍ଯ୍ୟନ୍ତ ରିହାତି ଓ ଅନେକ ଉତ୍ସାହଜନକ ଡିଲ୍ ପାଇପାରିବେ। ଫ୍ୟାଶନ ଶପରମାନେ ନିଜ ୱାର୍ଡ୍ରୋବ୍କୁ ଏକ ଷ୍ଟାଇଲିଶ ମେକ୍ଓଭର ଦେବା ସମ୍ପର୍କରେ ଭାବିପାରିବେ। କାରଣ ଲାଇଫ୍ଷ୍ଟାଇଲ ପୁରୁଷ, ମହିଳା ଓ ପିଲାମାନଙ୍କ ପାଇଁ ବିଭିନ୍ନ ବର୍ଗରେ ଆକର୍ଷଣୀୟ ରିହାତି ପ୍ରଦାନ କରୁଛି।

# ସିବିଡିସିକୁ ଗୁରୁତ୍ୱ ଦେଉଛି ଆର୍ବିଆଇ

ନୂଆଦିଲ୍ଲୀ,୧୮।୧୨

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍ବିଆଇ) ପକ୍ଷରୁ ଦେଶର ବହୁ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ସେବା ଓ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ପାଇଁ ନିକଟରେ କେନ୍ଦ୍ରୀୟ ବ୍ୟାଙ୍କର ୫୯୨ତମ ବୋର୍ଡ ବୈଠକ ଲକ୍ଷ୍ନୌଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଆର୍ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ଅଧ୍ୟକ୍ଷତା କରିଥିବା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଚର୍ଚ୍ଚା କରାଯାଇଥିଲା। ବିଶେଷକରି ଉକ୍ତ ବୈଠକରେ କ୍ରିପ୍ଟୋ କରେନ୍ସି ଓ କେନ୍ଦ୍ରୀୟ ବ୍ୟାଙ୍କ ଡିଜିଟାଲ ମୁଦ୍ରା (ସିବିଡିସି)ର ବିଭିନ୍ନ ଦିଗକୁ ନେଇ ବ୍ୟାପକ ଆଲୋଚନା ହୋଇଥିଲା। ବୈଠକରେ ଘରୋଇ କ୍ରିପ୍ଟୋ କରେନ୍ସିଗୁଡ଼ିକୁ ନିଷିଦ୍ଧ ଘୋଷଣା କରିବା ଲାଗି ମତ ପ୍ରକାଶ ପାଇଥିବା ବେଳେ ସିବିଡିସିର ପ୍ରଚଳନକୁ ନେଇ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।



ଶକ୍ତିକାନ୍ତ ଦାସ

ଭାରତରେ ସରକାରୀ ଡିଜିଟାଲ ମୁଦ୍ରା ପ୍ରଚଳନ ସମ୍ପର୍କରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ସେପରି କିଛି ସ୍ପଷ୍ଟ କରାଯାଇନାହିଁ। ହେଲେ ଭାରତରେ କ୍ରିପ୍ଟୋକୁ ନିଷିଦ୍ଧ କରିବା ସପକ୍ଷରେ ଶକ୍ତିକାନ୍ତ ବହୁ ଦିନରୁ ଦୃଢ଼ ଯୁକ୍ତି ଉପସ୍ଥାପନ କରି ଆସୁଛନ୍ତି। ଏ ନେଇ ମଧ ଦାସ ବାରମ୍ବାର ସରକାରଙ୍କ ସହିତ ଆଲୋଚନା କରିବା ସହ ନିଜ ପକ୍ଷକୁ ମଧ ବିସ୍ତୃତ ଭାବେ ଉପସ୍ଥାପନ କରିଛନ୍ତି। କ୍ରିପ୍ଟୋକୁ ଅନୁମତି ଦେଲେ ଦେଶର ଆର୍ଥିକ ବ୍ୟବସ୍ଥା ପ୍ରତି ଅନେକ

### କ୍ରିପ୍ଟୋକୁ ବୋର୍ଡର ବିରୋଧ

ପ୍ରକାର ବିପଦ ସୃଷ୍ଟିହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି। କ୍ରିପ୍ଟୋ କରେନ୍ସି ଲାଗି ଦେଶରେ ଏକ ସ୍ୱତନ୍ତ୍ର ଆଇନ ଆଣିବା ପାଇଁ କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ସୂଚନା ମିଳିଛି। ଏ ସମ୍ପର୍କିତ ବିଲ୍କୁ ଚଳିତ ଅଧିବେଶନରେ ଉପସ୍ଥାପନ କରିବାକୁ ସଂସଦର ଚିଠା ପ୍ରସ୍ତାବରେ ସାମିଲ କରାଯାଇନାହିଁ। କିନ୍ତୁ ଗତ କିଛିଦିନ ହେବ ଏହାକୁ ନେଇ ଜୋର ଚର୍ଚ୍ଚା ଚାଲିଛି । ଚଳିତ ଅଧିବେଶନରେ ଉକ୍ତ ମୁଦ୍ରା ସମ୍ପର୍କିତ ବିଲ୍ ଉପସ୍ଥାପନ ହୋଇ ନ ପାରେ। ସେହିପରି ବ୍ୟାଙ୍କ ନୋଟ୍ର ସଂଜ୍ଞାକୁ ବ୍ୟାପକ କରି ସେଥିରେ ଡିଜିଟାଲ ମୁଦ୍ରାକୁ ସାମିଲ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ନିୟମ ୧୯୩୪ରେ ସଂଶୋଧନ କରିବା ଲାଗି ରିଜର୍ଭ ବ୍ୟାଙ୍କ ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ସେ ବିଷୟରେ ମଧ ସରକାର ସଂସଦକୁ ଅବଗତ କରିଛନ୍ତି। ରିଜର୍ଭ ବ୍ୟାଙ୍କ ନିଜସ୍ୱ ଡିଜିଟାଲ୍ ମୁଦ୍ରା ଆଣିବା ଉପରେ କାର୍ଯ୍ୟ କରୁଛି। ଏହାକୁ ବିଭିନ୍ନ ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ମିଳିଛି। ଏହି ବୈଠକରେ ଡେପୁଟି ଗଭର୍ଣ୍ଣର ମହେଶ କୁମାର ଜୈନ, ମାଇକେଲ ଦେବବ୍ରତ ପାତ୍ର, ଏମ୍.ରାଜେଶ୍ୱର ରାଓ, ଟି ରବିଶଙ୍କରଙ୍କ ସମେତ ସତୀଶ କେ. ମରାଥେ, ଜି ଗୁରୁମୂର୍ତ୍ତି, ରେବତୀ ଆୟାର ଓ ସଚ୍ଚିନ ଚତୁର୍ବେଦୀ ପ୍ରମୁଖ ଉପସ୍ଥିତ ଥିଲେ। ଆର୍ଥିକ ସେବା ବିଭାଗର ସଚିବ ଦେବାଶିଷ ପଣ୍ଡା ମଧ ଉକ୍ତ ବୈଠକରେ ଯୋଗ ଦେଇଥିବା ସୂଚନା ମିଳିଛି। ଏହା ପୂର୍ବରୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ମତ ଦେଇ କହିଥିଲେ ସରକାର ମଧ ଏ ସମ୍ପର୍କରେ ଗଭୀର ବିଚାରବିମର୍ଶ କରୁଛନ୍ତି।

# ମାରୁତି ସୁଜୁକି ସୁପର କ୍ୟାରିର ସଫଳତା




ଭୁବନେଶ୍ୱର,୧୮।୧୨

ଦେଶର ସବୁଠାରୁ ଶକ୍ତିଶାଳୀ ମିନି ଟ୍ରକ୍ ମାରୁତି ସୁଜୁକି ସୁପର୍ କ୍ୟାରି ଶୁଭାରମ୍ଭ ହେବାର ମାତ୍ର ୫ ବର୍ଷ ମଧ୍ୟରେ ୧ ଲକ୍ଷ ୟୁନିଟ୍ରୁ ଊର୍ଦ୍ଧ୍ୱ ଯାନ ବିକ୍ରିର ରେକର୍ଡ ହାସଲ କରିଛି। ମାରୁତି ସୁଜୁକି ଭାରତରେ ସୁପର କ୍ୟାରିର ଶୁଭାରମ୍ଭ ସହିତ ୨୦୧୬ରେ ବାଣିଜ୍ୟିକ ସେଗ୍ମେଣ୍ଟରେ ପ୍ରବେଶ କରିଛି। ଖୁବ୍କମ୍ ସମୟ ମଧ୍ୟରେ ସୁପର କ୍ୟାରି ଗ୍ରାହକଙ୍କ ଲାଭ ବୃଦ୍ଧି କରିବାରେ ସାହାଯ୍ୟ କରୁଥିବା ବେଳେ ଏହାର ବେଷ୍ଟ-ଇନ୍-ସେଗ୍ମେଣ୍ଟ ପାୱାର, ଚମତ୍କାର ମାଇଲେଜ, ସହଜ ରକ୍ଷଣାବେକ୍ଷଣ, ଆରାମ ଓ ବର୍ଦ୍ଧିତ ଷ୍ଟୋରେଜ୍ କ୍ଷମତା ପାଇଁ ଗ୍ରାହକଙ୍କଠାରୁ ବ୍ୟାପକ ପ୍ରଶଂସା ଜିତିପାରିଛି। ସ୍ୱତନ୍ତ୍ର ଭାବେ ଭାରତରେ ୩୩୫ରୁ ଅଧିକ ମାରୁତି ସୁଜୁକି କମର୍ସିଆଲ ଆଉଟ୍ଲେଟ୍ରେ ଏହାର ବିକ୍ରି କରାଯାଇଛି। ଏ ସମ୍ପର୍କରେ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ର ବରିଷ୍ଠ କାର୍ଯ୍ୟକାରୀ ନିର୍ଦ୍ଦେଶକ ଶଶାଙ୍କ ଶ୍ରୀବାସ୍ତବ କହିଛନ୍ତି, ଏହି ଅଳ୍ପ ସମୟ ମଧ୍ୟରେ ସୁପର କ୍ୟାରି ଏକ ଆକର୍ଷଣୀୟ ବଜାର ଗ୍ରହଣୀୟତା ହାସଲ କରିଛି ଏବଂ ଗ୍ରାହକଙ୍କ ମଧ୍ୟରେ ବ୍ୟାପକ ଗ୍ରହଣୀୟ ହୋଇଛି। ସୁପର କ୍ୟାରିର ଏସ୍-ସିଏନ୍ଜି ଭାରିଆଣ୍ଟ ଘଣ୍ଟା ପ୍ରତି ୨୧.୫୫ ମାଇଲେଜ୍ ସହିତ ବ୍ୟବସାୟଗୁଡ଼ିକୁ ସେମାନଙ୍କର ଲାଭ ବୃଦ୍ଧି କରିବାରେ ସାହାଯ୍ୟ କରିଛି।

# ଅରୁନ୍ଧତୀ ଜୁଏଲର୍ସର ହୀରାଗହଣା ମହୋତ୍ସବ

ଭୁବନେଶ୍ୱର,୧୮।୧୨

ରାଜ୍ୟର ଅଗ୍ରଣୀ ସୁନାଗହଣା ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସର ଏକ ସ୍ୱତନ୍ତ୍ର କାରିଗରି ଭରା ହୀରାଗହଣା 'ଆଦ୍ର' କଲେକ୍ସନ ସହ 'ହୀରାଗହଣା ମହୋତ୍ସବ' ର କାର୍ଯ୍ୟକ୍ରମ ପ୍ରତିଷ୍ଠାନର ସମସ୍ତ ଶୋ'ରୁମ୍ ପରିସରରେ ଆରମ୍ଭ କରାଯାଇଛି। ଚଳିତ ବର୍ଷର ପବିତ୍ର ବଡ଼ଦିନ(ଖ୍ରୀଷ୍ଟମାସ) ଓ ନୂଆ ବର୍ଷ (ନ୍ୟୁ ୟଇର)କୁ ଦୃଷ୍ଟିରେ ରଖି ଏଭଳି ଏକ ସୂକ୍ଷ୍ମ ଏବଂ ସ୍ୱତନ୍ତ୍ର କାରୁକାର୍ଯ୍ୟଭରା ଗହଣାକୁ ନିୟମିତ ହୀରାଗହଣାଠାରୁ ୩୦% କମ୍ ଦାମ୍ରେ ଉପଲବ୍ଧ କରାଯାଇଛି। ଅରୁନ୍ଧତୀର ଏହି ଡାଇମଣ୍ଡ ଆଦ୍ର କଲେକ୍ସନର ନେକ୍ଲେସ୍ (ହାର) ର ମୂଲ୍ୟ ୯୯,୯୯୯ ଟଙ୍କାରୁ ଗ୍ରାହକମାନଙ୍କ ପାଇଁ ଉପଲବ୍ଧ ହେଉଛି। ସେହିଭଳି ଏହି କଲେକ୍ସନ ଅନ୍ତର୍ଗତ ବିଭିନ୍ନ ଗହଣାର ମୂଲ୍ୟ ୧୯,୯୯୯




ଟଙ୍କାରୁ ଆରମ୍ଭ କରାଯାଇଛି। ଏହି କଲେକ୍ସନରେ ସମସ୍ତ ଡାଇମଣ୍ଡ ସେଟ୍ ଆଇଜିଆଇ ଯୁକ୍ତ । ଏଥିସହିତ ଅରୁନ୍ଧତୀ ଜୁଏଲର୍ସ ଗ୍ରାହକମାନଙ୍କ ପାଇଁ ଡାମଇମଣ୍ଡ କଲେକ୍ସନରେ ଅନେକ ଆକର୍ଷଣୀୟ ଡିଜାଇନକୁ ମଧ ସ୍ୱତନ୍ତ୍ର ମୂଲ୍ୟରେ ପ୍ରସ୍ତୁତ କରିଛି। ବର୍ତ୍ତମାନ ସମୟରେ ବହୁ ସଂଖ୍ୟକ ଶୁଭେଚ୍ଛୁ, ପ୍ରଶଂସକ ଓ ମୂଲ୍ୟବାନ୍ ଗ୍ରାହକବନ୍ଧୁଙ୍କ ରୁଚିକୁ ଦୃଷ୍ଟିରେ ରଖି ୧୦,୦୦୦ରୁ ଊର୍ଦ୍ଧ୍ୱ ହୀରା ଗହଣାର ବିସ୍ତୃତ ଡିଜାଇନ ସହିତ ବଜାରର ସର୍ବୋତ୍ତମ ଅଫର ଘୋଷଣା କରାଯାଇଛି। ଏହି ଅଫର ମାଧ୍ୟମରେ ଗ୍ରାହକମାନେ ହୀରା ମୂଲ୍ୟ ଉପରେ ଫ୍ଲାଟ୍ ୨୫% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହି ଅଫର ଡିସେମ୍ବର ୩୧ ପର୍ଯ୍ୟନ୍ତ ସମସ୍ତ ଶାଖାରେ ଉପଲବ୍ଧ ହେବ। ବିଗତ ୨୨ ବର୍ଷ ଧରି ନିରନ୍ତର ଭାବେ ଗ୍ରାହକ ସନ୍ତୁଷ୍ଟି କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିପାରିଥିବା ଅରୁନ୍ଧତୀ ଆମ ପାଇଁ ଗର୍ବ, ଗୌରବ ଓ ପ୍ରେରଣାଦାୟକ ବୋଲି ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଅରୁନ୍ଧତୀ ୫ ଷ୍ଟାର ପ୍ରମିଜ ସେବା ମାଧ୍ୟମରେ ଗ୍ରାହକ ସନ୍ତୁଷ୍ଟିକୁ ବଜାୟ ରଖିବା ପ୍ରତିଶ୍ରୁତି ଦେଉଛି।

### ଆୱାର୍ଡ ପାଇଁ ଆବେଦନପତ୍ର ଆହ୍ୱାନ କଲା ନାଲ୍କୋ

ଭୁବନେଶ୍ୱର,୧୮।୧୨

ନବରତ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ (ନାଲ୍କୋ) ପକ୍ଷରୁ ପୁରସ୍କାର ପାଇଁ ଆବେଦନପତ୍ରର ଆହ୍ୱାନ କରାଯାଇଛି। ୨୦୨୨ ଜାନୁୟାରୀରେ ଅନୁଷ୍ଠିତ ହେବାକୁ ଥିବା କମ୍ପାନୀର ପ୍ରତିଷ୍ଠା ଦିବସରେ ଉକ୍ତ ପୁରସ୍କାରଗୁଡିକ ପ୍ରଦାନ କରାଯିବ। ସଂସ୍କୃତ ଭାଷା ଓ ଶିକ୍ଷାର ପ୍ରଚାର ପ୍ରସାର ନିମନ୍ତେ କାର୍ଯ୍ୟ କରୁଥିବା ସଂସ୍କୃତ ବିଶାରଦଙ୍କୁ 'ନାଲ୍କୋ କାଳିଦାସ' ପୁରସ୍କାର ଓ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ଥିବା ଓଡ଼ିଶୀ ଗୁରୁ ଏବଂ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କୁ 'ନାଲ୍କୋ ଖାରବେଳ' ପୁରସ୍କାର ପ୍ରଦାନ କରାଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ପୁରସ୍କାର ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବା ସହ ଏହାର ସମୟସୀମା ଚଳିତ ବର୍ଷ ଡିସେମ୍ବର ୩୧ ପର୍ଯ୍ୟନ୍ତ ରହିଛି।

### ଏଚ୍ଏମ୍ଏସ୍ଆଇ ପକ୍ଷରୁ ୨ୟ ଟର୍ବାଇନ୍ ବ୍ୟବସ୍ଥା

ଭୁବନେଶ୍ୱର,୧୮।୧୨

ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ (ଏଚ୍ଏମ୍ଏସ୍ଆଇ) ପକ୍ଷରୁ ଗୁଜରାଟ ରାଜ୍ୟ ଦ୍ୱାରକା ଜିଲାର ଭାନ୍ୱାଡ୍ଠାରେ ୨ୟ ଟର୍ବାଇନ୍ବ୍ୟବସ୍ଥାକୁଉଦ୍ଘାଟନ କରାଯାଇଛି। କମ୍ପାନୀର ବିଠଲ୍ପୁର କାରଖାନା ଠାରୁ ୩୫୦ କିମି ଦୂରରେ ଏହି ପ୍ଲାଣ୍ଟ ଅବସ୍ଥିତ। ଏହାକୁ ୧୭୬ ନିୟୁତ ଟଙ୍କା ନିବେଶରେ ସ୍ଥାପନ କରାଯାଇଛି, ଯେଉଁଥିରୁ ମୋଟ ୪.୭ ମେଗାୱାଟ୍ ପବନରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେବ। କମ୍ପାନୀ ଏହାର ପ୍ରଥମ ପବନ ଟର୍ବାଇନ୍ ୟୁନିଟ୍କୁ ଗୁଜରାଟର ପଟନ୍ ଜିଲାର ରାଧାନ୍ପୁରରେ ସ୍ଥାପନ କରାଯାଇଥିଲା। ଏଚ୍ଏମ୍ଏସ୍ଆଇର ହରିୟାଣାରେ ଥିବା ମାନେସର୍, ରାଜସ୍ଥାନର ଟାପୁକାରା, କର୍ଣାଟକର ନର୍ସାପୁର୍ ଓ ଗୁଜରାଟର ବିଠଲ୍ପୁରରେ ଥିବା ଚାରି କାରଖାନାର ୫୦%ରୁ ଅଧିକ ଶକ୍ତି ଆବଶ୍ୟକତାକୁ ଏବେ ଅକ୍ଷୟ ଶକ୍ତି ଉତ୍ସରୁ ପୂରଣ କରିପାରିବ।

ଏ ସମ୍ପର୍କରେ ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ସ୍କୁଟର୍ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ, ସଭାପତି ଓ ସିଇଓ ଆତ୍ସୁସି ଓଗାଟା କହିଛନ୍ତି ଯେ, ସମାଜ ପ୍ରତି ଦାୟବଦ୍ଧତା ବିଷୟରେ କମ୍ପାନୀ ଅବଗତ ଥିବାବେଳେ ଏବେ ଓ ଭବିଷ୍ୟତରେ ହୋଣ୍ଡାରେ ଆମ ପାଇଁ ଗୁରୁତ୍ୱର ବିଷୟ ହେଉଛି ଶକ୍ତି ସୁରକ୍ଷା। ତାପଜ ବିଦ୍ୟୁତ୍ ଉପଯୋଗିତାକୁ ହ୍ରାସ କରିବା ସହ ୨୦୫୦ ସୁଦ୍ଧା କାର୍ବନ୍ ନ୍ୟୁଟ୍ରାଲ୍ ପାଇଁ ହୋଣ୍ଡା ପକ୍ଷରୁ ପରିବେଶକୁ ନେଇଥିବା ଦୀର୍ଘମିଆଦୀ ଲକ୍ଷ୍ୟକୁ ହାସଲ କରିବାର ଆଉ ଗିକେନିକଟତରହୋଇଛିଏଚ୍ଏମ୍ଏସ୍ଆଇ।

## ଫୁର୍ସତ୍




### 'ଯୋଦ୍ଧା'ରେ ନଜର ଆସିବେ ସିଦ୍ଧାର୍ଥ

ମୁମ୍ବାଇ: ଫିଲ୍ମ ନିର୍ମାତା କରଣ ଜୋହରଙ୍କ ଚଳଚ୍ଚିତ୍ର 'ଯୋଦ୍ଧା'ରେ ମୁଖ୍ୟ ଭୂମିକାରେ ନଜର ଆସିବେ ଅଭିନେତା ସିଦ୍ଧାର୍ଥ ମାଲାହୋତ୍ରା। ଏହି ଫିଲ୍ମକୁ ସାଗର ଅମ୍ବ୍ରେ ଏବଂ ପୁଷ୍କର ଓଝା ନିର୍ଦ୍ଦେଶନା ଦେବେ ବୋଲି ଜଣାପଡିଛି। ଫିଲ୍ମ 'ଯୋଦ୍ଧା'ର ପ୍ରଥମ ଲୁକ ଶେୟାର କରି ଏହିଫିଲ୍ମଟି ୧୧ ନଭେମ୍ବର ୨୦୨୨ରେ ପ୍ରେକ୍ଷାଳୟକୁ ଆସିବ ବୋଲି ଏହାର ନିର୍ମାତା ଘୋଷଣା କରିଥିଲେ। ସିଦ୍ଧାର୍ଥଙ୍କ ବିପକ୍ଷରେ ଅଭିନୟ କରିବା ମୁଖ୍ୟ ଅଭିନେତ୍ରୀଙ୍କ ନାମ ମଧ ଶନିବାର ଘୋଷଣା କରାଯାଇଛି। ସେ ହେଉଛନ୍ତି ଦିଶା ପଟାନି ଏବଂ ରାଶି ଖାନ୍ନା। ଦିଶା ପଟାନି ଏହାର ଏକ ପୋଷ୍ଟର ଇନଷ୍ଟାଗ୍ରାମରେ ଶେୟାର କରିଛନ୍ତି। ସେଥିରେ ଲେଖାଅଛି, 'ୱେଲକମ ଦିଶା ପଟାନି'। ଅଭିନେତ୍ରୀ ଏହାର କ୍ୟାପଶନରେ ଲେଖିଛନ୍ତି, 'ମୁଁ ଏହି ଆକ୍ସନ ପ୍ୟାକ୍ ଯାତ୍ରାରେ ଯୋଗ ଦେବାକୁ ଯାଉଥିବାରୁ ବହୁ ଆନନ୍ଦିତ ଅଛି'। ସେହିପରି ରାଶି ଖାନ୍ନା ମଧ ଏକ ପୋଷ୍ଟର ଶେୟାର କରି ଲେଖିଛନ୍ତି, 'ମୁଁ ଏହି ଟିମ୍ରେ ଯୋଗ ଦେବାକୁ ଅତ୍ୟନ୍ତ ଉତ୍ସାହିତ ଅଛି'। ଫିଲ୍ମର ଟିଜର ମଧ ରିଲିଜ ହୋଇଛି। ଏକ ବିମାନ ମଧ୍ୟରେ ସିଦ୍ଧାର୍ଥଙ୍କୁ ଦେଖିବାକୁ ମିଳିଛି।

# ୧୩୦୬ ଗୋଡ଼ ଥିବା ଜୀବର ସନ୍ଧାନ



ମେଲବର୍ନ: ଦୁନିଆରେ ଅନେକ ବିରଳ ଜୀବ ଅଛନ୍ତି, ଯାହା ବିଷୟରେ ଖୁବ କମ ଲୋକ ଜାଣିଥାନ୍ତି। ବର୍ତ୍ତମାନ ଏମିତି ଏକ ଜୀବର ସନ୍ଧାନ ମିଳିଛି, ଯାହା ବିଷୟରେ ଜାଣିଲେ ଆଶ୍ଚର୍ଯ୍ୟ ହେବେ। ଏହି ଜୀବଟିର ୧୩୦୬ଟି ଗୋଡ଼ ରହିଛି। ୨୦୦ ଫୁଟ ଗଭୀରରେ ଏହା ବାସ କରେ। ଅଷ୍ଟ୍ରେଲୀୟ ବୈଜ୍ଞାନିକମାନେ ଦୁନିଆର ପ୍ରଥମ ମିଲିପେଡ୍ସ ଆବିଷ୍କାର କରିଛନ୍ତି। ଯାହା ଅତ୍ୟନ୍ତ ବିରଳ। ବୈଜ୍ଞାନିକମାନେ କହିଛନ୍ତି, ୪୦୦ ମିଲିୟନ ବର୍ଷ ପୂର୍ବେ ପ୍ରଥମ ମିଲିପେଡ୍ ମିଳିଥିଲା। କିନ୍ତୁ ହଜାର ହଜାର ଫୁଟ ବିଶିଷ୍ଟ ଏପରି ମିଲିପେଡ୍ ପୂର୍ବରୁ ମିଳି ନ ଥିଲା। ବର୍ତ୍ତମାନ ପର୍ଯ୍ୟନ୍ତ ୧୦୦ ଫୁଟର ମିଲିପେଡ୍ସ ମିଳିଛି। ବର୍ତ୍ତମାନ ମିଳିଥିବା ମିଲିପେଡ୍ସ ୭୫୦ ଫୁଟର। ସବୁଠୁ ଆଶ୍ଚର୍ଯ୍ୟଜନକ କଥା ହେଲା ଏହି ଜୀବର ୧୩୦୬ ଗୋଡ଼ ରହିଛି। ଯାହାକୁ ଗଣିବା ଏତେ ସହଜ ନ ଥିଲା। କାରଣ ଏହି ଜୀବଟି ନିଜକୁ ସର୍ବଦା ଗୋଲାକାର କରି ରଖିଥାଏ। ଏହି ଜୀବର ଜୀବନ ମଧ ଦୀର୍ଘଦିନ। କାରଣ ଏହାର ଅଧିକ ଗୋଡ଼ ଅଛି। ମିଲିପେଡ୍ସ ଆୟୁଷ ପ୍ରାୟ ୨ ବର୍ଷ। କିନ୍ତୁ ଇଉମିଲିପ୍ସ ପର୍ସେଫୋନ ଶରୀରରେ ଥିବା ରିଙ୍ଗଗୁଡିକ ୫ରୁ ୧୦ବର୍ଷ ବଞ୍ଚିପାରେ।

**ଜନ୍ମଦିନ ଶୁଭେଚ୍ଛା**



(କିମନ୍)

**ଅର୍ପଣ କୁମାର ସାହୁ**

ସବୁବେଳେ ତୋ ଓଠରେ ହସଟିଏ ଥାଉ, ତୋ ଜୀବନରେ ସବୁବେଳେ ହସର ଲହରି ଖେଳିଯାଉ। "ଜନ୍ମ ଦିନର ଅନେକ ଅନେକ ଶୁଭେଚ୍ଛା" ଭଗବାନ ତୋ ଚଲାପଥରେ ସହାୟ ହୁଅନ୍ତୁ।

-:ଶୁଭେଚ୍ଛା ସହ:-

ଗୁନୁଭାଇ, ଅଜା, ଆଈ ଓ ମାମୁ।

ଧ-୨୨୫୯୫

**ଜନ୍ମଦିନ ଶୁଭେଚ୍ଛା**



**ସତ୍ୟ ପ୍ରକାଶ ପାତ୍ର**

ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ତୋର ଜୀବନର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ।

ଶୁଭେଚ୍ଛା ସହ: ତୋର ବାପା, ବୋଉ, ପାପା, ମାମା, ଲିପୁପାପା, ମାନିମାମା, ତୋର ସାନ ଭଉଣୀ: ମାମା, ଛୁଆପାପା, ଅଜା ଓ ଆଈ।

ଧ-୨୨୫୯୪

**CLASSIFIED DISPLAY**

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

### ୩୭ ବର୍ଷରେ ମା' ହେବେ ଭାରତୀ



ମୁମ୍ବାଇ: କମେଡି କୁଇନ ଭାରତୀ ସିଂ ଓ ସ୍ୱାମୀ ହର୍ଷ ଲିମ୍ବାଚିୟା ପ୍ରଥମ ଥର ପାଇଁ ମାତା ପିତା ହେବାକୁ ଯାଉଛନ୍ତି । ଇତି ମଧ୍ୟରେ ପତି ହର୍ଷ ଲିମ୍ବାଚିୟାଙ୍କ ସହ ବେବି ବମ୍ପ ସହ ନଜର ଆସିଛନ୍ତି ଭାରତୀ । ଏମିତି କିଛି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । କେବଳ ସେତିକି ନୁହେଁ ଭାରତୀ ସାଙ୍ଗମାନଙ୍କ ସହ ପାର୍ଟି କରିବାର ଫଟୋ ବି ଶେୟାର କରିଛନ୍ତିଯେଉଁଥିରେସେ ଖୁବ ଖୁସିଥିବା ଦେଖାଯାଇଛି। ଆଉ ଏଥିରେ ଲେଖାଯାଇଛି 'ବେବି ଲିମ୍ବାଚିୟା କମିଂ ସୁନ'। ଭାରତୀ କହିଛନ୍ତି, 'ଆମ ପିଲା ଆମର ପରିଶ୍ରମକୁ ଅନୁଭବ କରିପାରୁଛି । ଆଉ ଆଶା କରୁଛୁ ସେ ବଡ ହୋଇ ଆମ ଭଳି ପରିଶ୍ରମୀ ହେଉ' ।

## ମନେ ପଡ଼ନ୍ତି

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମା**

କବିରାଜଭବନ, ଆସିକା, ଗଞ୍ଜାମ

ଆବିର୍ଭାବ: ମହାଶିବରାତ୍ରି, ୧୯୧୪

ତିରୋଧାନ: କାର୍ତ୍ତିକ କୃଷ୍ଣପକ୍ଷ ଏକାଦଶୀ-୨୦୦୬

ଆପଣଙ୍କ ଆଦର୍ଶ ଆମ୍ଭମାନଙ୍କର ପାଥେୟ।

-:ଶୋକସନ୍ତପ୍ତ:-

ପୁତ୍ର: ପ୍ରଶାନ୍ତ, ବୋହୂ- ବିଜୟଲକ୍ଷ୍ମୀ, ଝିଅ- ରଞ୍ଜିତା, ଜ୍ୱାଇଁପୁଅ- ଡ଼. ଏନ୍.ସି.ପାଢ଼ୀ ଓ ବନ୍ଧୁବର୍ଗ ।

ଧ-୨୨୫୯୧

**ଦଶାହ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**√ପଙ୍କଜ କୁମାର କର**

ଜୟପୁର, ସାକ୍ଷୀଗୋପାଳ

ଆବିର୍ଭାବ : ୨୧.୦୨.୧୯୫୨
ତିରୋଧାନ : ୧୦.୧୨.୨୦୨୧

ଆପଣଙ୍କ ଅମରାତ୍ମାର ଚିରଶାନ୍ତି ଓ ସଦ୍ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।

ଶୋକସନ୍ତପ୍ତ

ପତ୍ନୀ-ବିଦ୍ୟୁତପ୍ରଭା କର, ପୁତ୍ର-ଶିଶିର କୁମାର କର, ବୋହୂ-ସାଗରିକା, କନ୍ୟା-ମଞ୍ଜୁଶ୍ରୀ ପାଣି, ଜାମାତା-ପାର୍ଥ ସାରଥୀ ପାଣି, ନାତି-ପୂର୍ଣ୍ଣାୟନ, ବନ୍ଧୁ ଓ କର ପରିବାରବର୍ଗ ।

ଧ-୬୭୬୪୦

**ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ବିନୋଦିନୀ ଦେବୀ**

ସ୍ୱାମୀ: ସ୍ୱର୍ଗତ କବିରାଜ କୃଷ୍ଣଚନ୍ଦ୍ର ତ୍ରିପାଠୀ ଶର୍ମା

କବିରାଜଭବନ, ଆସିକା, ଗଞ୍ଜାମ

ଆବିର୍ଭାବ: ୨୩।୦୮।୧୯୨୪

ତିରୋଧାନ: ମାର୍ଗଶିର ପୂର୍ଣ୍ଣିମା-୨୦୦୬

ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ସର୍ବଦା ଦିଗ୍ଦର୍ଶନ ଦେଉଥାଉ।

-:ଶୋକସନ୍ତପ୍ତ:-

ପୁତ୍ର: ପ୍ରଶାନ୍ତ, ବୋହୂ- ବିଜୟଲକ୍ଷ୍ମୀ, ଝିଅ- ରଞ୍ଜିତା, ଜ୍ୱାଇଁପୁଅ- ଡ଼. ଏନ୍.ସି.ପାଢ଼ୀ ଓ ପରିବାରବର୍ଗ, ଆତ୍ମୀୟସ୍ୱଜନ ।

ଧ-୨୨୫୯୨

**FINANCE**

ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ପର୍ସନାଲ, ବିଜ୍ନେସ, ପ୍ରପୋଟି, ମଡ଼ଗେଜ ଲୋନ୍ ମାତ୍ର ୮.୫% ସୁଧରେ ୭ ରୁ ୧୦ ଦିନ ମଧରେ ଯୋଗାଇ ଦିଆ ଯାଉଛି ।

DK Small Finance Ltd
Navi Mumbai
www.dksfl.in
7684939383

**BALAJI FINANCE**
(Reg. No. 0061)

(ଖର୍ଚ୍ଚ ଲୋନ ପାସ୍ ହେଲା ପରେ) ୧୯୮୨ ରୁ ଆପଙ୍କର ସେବାରେ ୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।

2% ସୁଧ ଏବଂ 40% ଛାଡ

ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି

ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ

2th floor, Krishna Reddy, Mumbai, Maharastra

8902403341

**ମୁଦ୍ରା ଫାଇନାନ୍ସ**

PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ । 2% ସୁଧ, 40% ରିହାତି । ମହିଳାଙ୍କ ପାଇଁ ବିଶେଷ ରିହାତି । ଅନ୍ଲାଇନ୍ ସୁବିଧା ।

Mudra Finance
Mob. 8987604637
Whatsapp: 8902923601

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**କେମିତି ମଦ ଛାଡିବେ**

ନିଶାସକ୍ତ ବ୍ୟକ୍ତିଙ୍କୁ ନଆଣି ଓ ନଜଣାଇ ସମ୍ପୂର୍ଣ୍ଣ ପୂର୍ବାହ୍ଣ ୧୦ଘଟିକାରୁ ଅପରାହ୍ଣ ୨ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର - ପ୍ରତ୍ୟେକ ମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ, ଭଦ୍ରକ - ୨ ଓ ୧୬, ହୋଟେଲ ବ୍ଲୁଭାଇନ, ରାଜଘାଟ ଛକ, ଯାଜପୁର- ୩ ଓ ୧୭, ହୋଟେଲ ଭିମ୍ସେନ ପ୍ୟାଲେସ, ଗୋପବନ୍ଧୁ ଛକ ନିକଟ, ଯାଜପୁର ରୋଡ୍, କଟକ- ୪ ଓ ୧୮, ହୋଟେଲ ରକ୍ସି, ବାଦାମବାଡି, ବସ୍ଷ୍ଟାଣ୍ଡ, ଭୁବନେଶ୍ୱର- ୫ ଓ ୧୯ , ହୋଟେଲ ଟ୍ରାଇଡେଣ୍ଟ, ଅଶୋକ ନଗର, ପୁରୀ- ୬ ଓ ୨୦, ହୋଟେଲ ପାରାଡାଇଜ, ଗ୍ରାଣ୍ଡ ରୋଡ୍, ବାରିପଦା- ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ, ସମ୍ବଲପୁର- ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍ ମାର୍ଗ, ରାଉରକେଲା- ୯ ଓ ୨୩, ହୋଟେଲ ଶ୍ୟାମ୍, ବିଶ୍ରାରୋଡ୍, ରେଲୱେ ଷ୍ଟେସନ ନିକଟ, ପାରାଦ୍ୱୀପ- ୮ ଓ ୨୨, ହୋଟେଲ ଆରିଷ୍ଟୋକାଟ, କେନ୍ଦ୍ରାପଡା- ୯ ଓ ୨୩, ହୋଟେଲ ଗୋଲଡେନ ପ୍ୟାଲେସ, ବସ୍ଷ୍ଟାଣ୍ଡ ନିକଟ, କେନ୍ଦୁଝର- ୧୦ ଓ ୨୪, ହୋଟେଲ ବରାଳ, ବସ୍ଷ୍ଟାଣ୍ଡ ନିକଟ, ଝାରସୁଗୁଡା- ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି.ରୋଡ, ଅନୁଗୁଳ- ୧୧ ଓ ୨୫, ହୋଟେଲ ଶାନ୍ତି ଗେଷ୍ଟ ହାଉସ, ବସ୍ଷ୍ଟାଣ୍ଡ ନିକଟ, ବ୍ରହ୍ମପୁର- ୧୨ ଓ ୨୬, ହୋଟେଲ ଭୁବନେଶ୍ୱରୀ ପ୍ୟାଲେସ, ସରକାରୀ ବସ୍ଷ୍ଟାଣ୍ଡ ନିକଟ, ଭବାନିପାଟଣା- ୧୩ ଓ ୨୭, ରବି ଲଜ୍, ଗାନ୍ଧି ଚୌକ, ବରଗଡ- ୧୪ ଓ ୨୮, ହୋଟେଲ ସାରଳା, ପ୍ରାଇଭେଟ ବସ୍ଷ୍ଟାଣ୍ଡ ନିକଟ, ନୟାଗଡ-୧୧, ହୋଟେଲ ତ୍ରିନାଥ, ପୁଜା ହେଲ୍ଥ ସେଣ୍ଟର।

ଶ୍ୱାସ, ଗଣ୍ଠିଯନ୍ତ୍ରଣା, ଅର୍ଶ, ଓଜନବୃଦ୍ଧି ପାଇଁ ଫଳପ୍ରଦ ଔଷଧ।

# ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ଦ୍ୱିତୀୟ ଟେଷ୍ଟ

**ଆଡିଲେଡ,୧୮।୧୨**

ଆଡିଲେଡ ଓଭାଲ ଗ୍ରାଉଣ୍ଡରେ ଚାଲିଥିବା ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଆଶେସ ଟେଷ୍ଟରେ ଘରୋଇ ଅଷ୍ଟ୍ରେଲିଆ ସ୍ଥିତି ମଜଭୁତ କରିଛି। ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ବୃହତ ଅଗ୍ରଣୀ ହାସଲ କରି ଏହି ଡେ- ନାଇଟ ତଥା ପିଙ୍କ ବଲ ଟେଷ୍ଟକୁ ନିଜ ନିୟନ୍ତ୍ରଣକୁ ନେଇଛି।

ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ଦମ୍‌ଦାର ବ୍ୟାଟିଂ କରି ୧୫୦.୪ ଓଭରରେ

## ଆଶେସ ସିରିଜ

୯ ଉଇକେଟ ହରାଇ ୪୭୩ ରନକରି ଇନିଂସ ଘୋଷଣା କରିଥିଲା। ଜବାବରେ ଇଂଲଣ୍ଡ ପ୍ରଥମ ଇନିଂସରେ ଆଶାନୁରୂପ ପ୍ରଦର୍ଶନ କରି ନ ପାରି ୮୪.୧ ଓଭରରେ ୨୩୬ ରନକରି ଅଲଆଉଟ ହୋଇ ବୃହତ୍ ୨୩୭ ରନ ପଛରେ ପଡିଥିଲା। ଏହା ପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଅଷ୍ଟ୍ରେଲିଆ ଶନିବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୭ ଓଭରରେ ଗୋଟିଏ ଉଇକେଟ ହରାଇ ୪୫ ରନ ସଂଗ୍ରହ କରିଛି। ଫଳରେ ୯ ଉଇକେଟ ହାତରେ ଥାଇ ଅଷ୍ଟ୍ରେଲିଆ ମୋଟ ଉପରେ ୨୮୨ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଓପନର ମାର୍କସ ହାରିସ୍ ୨୧ ଓ ନାଇଟ୍ ୱାଚ ମ୍ୟାନ ମାଇକେଲ ନେସେର ୨ ରନକରି ଅପରାଜିତ ରହିଛନ୍ତି। ପ୍ରଥମ ଇନିଂସରେ ୯୫ ରନର ଇନିଂସ ଖେଳିଥିବା ଓପନର ଡେଭିଡ ୱାର୍ନର ମାତ୍ର ୧୩ ରନକରି ଷ୍ଟୁଆର୍ଟ ବ୍ରଡଙ୍କ ଥ୍ରୋରେ ଉଇକେଟକିପର ଜୋଶ ବଟଲରଙ୍କ ଦ୍ୱାରା ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ।



ଇଂଲଣ୍ଡର ଜୋସ୍ ବଟଲରଙ୍କୁ ଆଉଟ କରିବା ପରେ ଗର୍ଜନ କରୁଛନ୍ତି ଅଷ୍ଟ୍ରେଲୀୟ ବୋଲର ମିଚେଲ ଷ୍ଟାର୍କ।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୭/୨ରୁ ଖେଳ ଆରମ୍ଭ କରି ଇଂଲଣ୍ଡ ଶନିବାର ଅଲଆଉଟ ହୋଇଥିଲେ। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଦାୱିଦ ମଲନ ୧ ଓ ଅଧିନାୟକ ଜୋ ରୁଟ୍ ୫ ରନରୁ ଖେଳ ଆରମ୍ଭ କରି ଯଥାକ୍ରମେ ୮୦ ଓ ୬୨ ରନ କରି ଆଉଟ ହୋଇଥିଲେ। ମଲନ ୧୫୭ ବଲର ସମ୍ମୁଖୀନ ହୋଇ ୧୦ଟି ଚୌକା ମାରି ମିଚେଲ ଷ୍ଟାର୍କଙ୍କ ବଲ୍‌ରେ ଷ୍ଟିଭ ସ୍ମିଥ୍‌ଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ସେହିପରି ୧୧୬ ବଲ ଖେଳି ୭ ଚୌକା ମାରିଥିବା ରୁଟ୍ କାମେରନ ଗ୍ରୀନଙ୍କ ବଲ୍‌ରେ ସ୍ମିଥ୍‌ଙ୍କୁ କ୍ୟାଚ୍ ଦେଇଥିଲେ। ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ୩୪ ରନକରି ଗ୍ରୀନଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ। ସେହିପରି କ୍ରିସ୍ ୱୋକ୍ସ ୨୪ ରନକରି ସ୍ପିନର ନାଥନ ଲିୟନଙ୍କ ଦ୍ୱାରା ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଦଳର ଅନ୍ୟ ୭ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ ମିଚେଲ ଷ୍ଟାର୍କ ସର୍ବାଧିକ ୪, ଲିୟନ ୩, ଗ୍ରୀନ ୨ ଓ ମାଇକେଲ ନେସେର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ପୂର୍ବରୁ ବ୍ରିସବେନର ଗାବାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୯ ଉଇକେଟରେ ବିଜୟୀ ହୋଇ ୫ ମ୍ୟାଚ୍ ବିଶିଷ୍ଟ ଏହି ହାଇପ୍ରୋଫାଇଲ ସିରିଜରେ ୧-୦ରେ ଅଗ୍ରଣୀ ହୋଇଛି।

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ-** ୧୫୦.୪ ଓଭରରେ ୪୭୩/୯ ଇନିଂସ ଘୋଷଣା।

**ଇଂଲଣ୍ଡ ପ୍ରଥମ ଇନିଂସ-** ୮୪.୧ ଓଭରରେ ୨୩୬ ଅଲଆଉଟ। (ମଲନ- ୮୦, ରୁଟ୍- ୬୨, ଷ୍ଟୋକ୍ସ- ୩୪, ୱୋକ୍ସ- ୨୪, ଷ୍ଟାର୍କ- ୪/୩୭, ଲିୟନ- ୩/୫୮, ଗ୍ରୀନ- ୨/୨୪)। **ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ-** ୧୭ ଓଭରରେ ୪୫/୧। (ହାରିସ- ୨୧*, ନେସେର- ୨*, ୱାର୍ନର- ୧୩)।

# ଗୌତମ ଗମ୍ଭୀର ଲକ୍ଷ୍ନୌ ଫ୍ରାଞ୍ଚାଇଜ୍‌ର ଟିମ୍ ମେଣ୍ଟର

**ନୂଆଦିଲ୍ଲୀ, ୧୮।୧୨ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୨ ପୂର୍ବରୁ ଭାରତର ପୂର୍ବତନ ଓପନର ଗୌତମ ଗମ୍ଭୀର ନୂଆ ଲକ୍ଷ୍ନୌ ଫ୍ରାଞ୍ଚାଇଜ୍‌ର ଟିମ୍ ମେଣ୍ଟର ଭାବେ ନିଯୁକ୍ତି ପାଇଛନ୍ତି। ଗମ୍ଭୀର ବର୍ତ୍ତମାନ ପାର୍ଲାମେଣ୍ଟ ସଦସ୍ୟ ଅଛନ୍ତି। ସେ ଆଇପିଏଲ୍ ଖେଳୁଥିବା ବେଳେ ତାଙ୍କ ଅଧିନାୟକତ୍ୱରେ କୋଲକାତା ନାଇଟ ରାଇଡର୍ସ (କେକେଆର୍) ଦୁଇଥର ଟାଇଟଲ ଜିତିଥିଲା। ଗମ୍ଭୀରଙ୍କ ନିଯୁକ୍ତିକୁ ଫ୍ରାଞ୍ଚାଇଜ୍ ମାଲିକ ସଞ୍ଜୀବ ଗୋଏଙ୍କା ସ୍ୱାଗତ କରିଛନ୍ତି। ଗମ୍ଭୀରଙ୍କ କ୍ରିକେଟ କ୍ୟାରିୟର ରେକର୍ଡ ଖୁବ୍ ଭଲ ରହିଛି। ଦଳ ପାଇଁ ସେ ବେଶ୍ ଉପଯୋଗୀ ହେବେ ବୋଲି ସେ କହିଛନ୍ତି। ଆଇପିଏଲ୍ ପାଇଁ ଫ୍ରାଞ୍ଚାଇଜର ଏପର୍ଯ୍ୟନ୍ତ ନାମକରଣ କରାଯାଇ ନାହିଁ। ୪୦ ବର୍ଷୀୟ ଗମ୍ଭୀର ଭାରତ ତରଫରୁ ୫୮ ଟେଷ୍ଟ, ୧୪୭ ଅନ୍ତର୍ଜାତୀୟ ଦିନିକିଆ ଓ ୩୭ ଅନ୍ତର୍ଜାତୀୟ ଟି୨୦ ଖେଳି ସାରିଛନ୍ତି।








# ବିସିସିଆଇ ଅମ୍ପାୟର୍ସ ସବ୍‌କମିଟି ଗଠିତ

**ନୂଆଦିଲ୍ଲୀ, ୧୮।୧୨ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୩ ଜଣ ସଦସ୍ୟ ବିଶିଷ୍ଟ ଅମ୍ପାୟର୍ସ ସବ୍‌କମିଟି ଶନିବାର ଘୋଷଣା କରାଯାଇଛି। ଏଥିରେ ପୂର୍ବତନ ଅନ୍ତର୍ଜାତୀୟ ମ୍ୟାଚ ଅଫିସିଆଲ ଆମିସ୍ ସାହେବା, କ୍ରିଷ୍ଣା ହରିହରନ ଓ ସୁଧୀର ଆସ୍‌ନାନି ପ୍ରମୁଖ ସଦସ୍ୟ ରହିଛନ୍ତି। ଚଳିତମାସ ପ୍ରଥମ ଭାଗରେ କୋଲକାତାଠାରେ ବିସିସିଆଇର ୯୦ତମ ଏଜିଏମ୍‌ରେ ବିଭିନ୍ନ କମିଟି ଗଠନ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା। ବିସିସିଆଇ ନୂତନ ଭାବେ ଦିବ୍ୟାଙ୍ଗ କମିଟି ଗଠନ କରିବା ଲାଗି ନିଷ୍ପତ୍ତି ନେଇଥିଲା। ଏଥିରେ ଦୃଷ୍ଟିହୀନ, ଦିବ୍ୟାଙ୍ଗ ଓ ବଧିର କ୍ରିକେଟରମାନେ ସ୍ଥାନ ପାଇବେ। ଭାରତୀୟ ଦିବ୍ୟାଙ୍ଗ କ୍ରିକେଟ ଆସୋସିଏଶନ ସମ୍ପାଦକ ରବି ଚୌହାନ ନୂଆ କମିଟିର ଅଂଶବିଶେଷ ରହିଛନ୍ତି। ପୂର୍ବତନ ଟେଷ୍ଟ ବାମହାତୀ ସ୍ପିନର ରଘୁରାମ ଭଟ୍ଟ ଓ ସିନିୟର ସିଏବି ଅଫିସିଆଲ ପ୍ରବୀର ଚକ୍ରବର୍ତ୍ତୀ ଟୁର୍, ଫିକ୍ସର୍ସ ଓ ଟେକ୍‌ନିକାଲ କମିଟିର ଅଂଶବିଶେଷ ରହିଛନ୍ତି। ଡିଡିସିଏର ବିକାଶ କାଟ୍ୟାଲ ବର୍ତ୍ତମାନ ସିନିୟର ଟୁର୍ନାମେଣ୍ଟ କମିଟିର ସଦସ୍ୟ ରହିଛନ୍ତି।

**ଟୁର୍ସ, ଫିକ୍ସ୍ ଓ ଟେକ୍‌ନିକାଲ କମିଟି:** ଅମିତାଭ ବିଜୟ ଭାର୍ଗିୟ, ଜୟେନ୍ଦ୍ର ସାହଗଲ, ରଘୁରାମ ଭଟ୍ଟ, ପ୍ରବୀର ଚକ୍ରବର୍ତ୍ତୀ, ହରି ନାରାୟଣ ପୂଜାରୀ।

# ରାହୁଲ ଭାରତୀୟ ଦଳ ଉପଅଧିନାୟକ

**ନୂଆଦିଲ୍ଲୀ,୧୮।୧୨**

ଡିସେମ୍ବର ୨୬ରୁ ଆରମ୍ଭ ହେବାକୁ ଯାଉଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ ପାଇଁ ଓପନର ଲୋକେଶ ରାହୁଲ ଭ୍ରମଣକାରୀ ଭାରତୀୟ ଦଳର ଉପଅଧିନାୟକ ନିଯୁକ୍ତ ହୋଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ଶନିବାର ଏ ନେଇ ସୂଚନା ଦେଇଛନ୍ତି।

ପୂର୍ବରୁ ରୋହିତ ଶର୍ମା ଉପଅଧିନାୟକ ଦାୟିତ୍ୱରେ ରହିଥିଲେ। ତେବେ ଲେଫ୍ଟ ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରିର ଶିକାର ହୋଇ ସେ ଦଳରୁ ବାଦ୍ ପଡିଛନ୍ତି। ୨୯ ବର୍ଷୀୟ ରାହୁଲ ଏପର୍ଯ୍ୟନ୍ତ ୪୦ଟି ଟେଷ୍ଟ ଖେଳି ୩୫.୧୬ ରନ ହାରରେ ୨୩୨୧ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ୬ଟି ଶତକ ସାମିଲ ରହିଛି। ତାଙ୍କୁ ଭବିଷ୍ୟତର ଅଧିନାୟକ ଭାବେ ଦେଖାଯାଉଛି। ଆଗାମୀ ୩ଟି ଟେଷ୍ଟ ପାଇଁ ଭାରତୀୟ ଚୟନ କମିଟି ରାହୁଲଙ୍କୁ ଅଧିନାୟକ ଚୟନ କରିଛି। ରୋହିତଙ୍କ ବଦଳରେ ରାହୁଲ ଉପଅଧିନାୟକ ରହିବେ ବୋଲି ଶାହା କହିଛନ୍ତି। ପୂର୍ବରୁ ଅଜିଙ୍କ୍ୟ ରାହାନେଙ୍କ ବଦଳରେ ରୋହିତଙ୍କୁ ଉପଅଧିନାୟକ ନିଯୁକ୍ତ କରାଯାଇଥିଲା। ମୁମ୍ବାଇରେ ନେଟ ସେସନ ଅବସରରେ ସେ ହାମଷ୍ଟ୍ରିଙ୍ଗ୍ ଇଞ୍ଜୁରିର ଶିକାର ହୋଇଥିଲେ। ଫଳରେ ସେ ଅତିକମ୍‌ରେ ୩ରୁ ୪ ସପ୍ତାହ ଖେଳରୁ ବାଦ୍ ପଡିବେ। ଆଗକୁ ଟେଷ୍ଟ ଦଳରେ ରାହାନେ ସ୍ଥାନ ବଜାୟ ରଖିବା ସମ୍ଭବପର ମନେ ହେଉ ନ ଥିବା ବେଳେ ତାଙ୍କୁ ପୁଣି ଥରେ ଉପଅଧିନାୟକ ଦାୟିତ୍ୱ ଦେବାକୁ ଚୟନକର୍ତ୍ତାମାନେ ଅନିଚ୍ଛା ପ୍ରକାଶ କରିଥିଲେ।



ଲୋକେଶ ରାହୁଲ




E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in

**SKY AUTOMOBILES**
BERHAMPUR: 9778202019.
BHANJANAGAR: 9778202019.
PARALAKHEMUNDI: 9778202019.
PHULBANI: 9778202019.

**ODYSSEY MOTORS**
SAMBALPUR: 7381433909. BOLANGIR: 9438068327.
BARGARH: 9556352943. NUAPADA: 7381017851.
SONEPUR: 9438068327. JHARSUGUDA: 9439892153.
BOUDH: 8594908009.

**ORBIT MOTORS**
ROURKELA: 9040404444, 9040404333.
SUNDARGARH: 9437049161.
DEOGARH: 9437061223.

**LEGEND CARS**
JEYPORE: 7894442905.
BHAWANIPATNA: 7894442907.

*Offer includes consumer offer, exchange bonus and institutional offer (wherever applicable) on selected models/ variants. Above mentioned savings amount is the value of maximum savings on selected models. *^Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. Up To 100% on-road funding is provided by select financiers only. #Gold Voucher is applicable on select models/variants. The terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st December, 2021.


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ବ୍ରହ୍ମପୁର, ରବିବାର, ଡିସେମ୍ବର ୧୯/୨୦୨୧ (୮+୮=୧୬ ପୃଷ୍ଠା) | Berhampur, Sunday, December 19/2021 | ପୃଷ୍ଠା-୧



**ଶୁଭ୍ରାଂଶୁଙ୍କ ପାଇଁ ଆଇପିଏଲ୍ ସୁଯୋଗ**
ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବାକୁ ଓଡ଼ିଶା କ୍ରିକେଟ ଦଳର ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଛି।

୦୮

୦୨

**ଦଳ ଗଢ଼ିଲେ କୃଷକ ନେତା**
ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ଭାରତୀୟ କିଷାନ ୟୁନିୟନର ହରିୟାଣା ସଭାପତି ଗୁରନାମ ସିଂ ଚାରୁନି ସଂଯୁକ୍ତ ସଂଘର୍ଷ ପାର୍ଟି ନାଁରେ ଏକ ରାଜନୈତିକ ଦଳ ଗଢ଼ିଛନ୍ତି।






# ଅପାରଗତାରୁ ଇ-ସେବା ଫେଲ୍

## ଅଧିକାରୀ ବୁଡ଼ାଇଲେ ୪.୦୭ କୋଟି

## ଫେରିଗଲା ୮.୬୩ କୋଟି କେନ୍ଦ୍ରୀୟ ସହାୟତା

**ଭୁବନେଶ୍ୱର,୧୮।୧୨(ବ୍ୟୁରୋ)**

ସବୁ କାର୍ଯ୍ୟ ଡିଜିଟାଲରେ ହେବ। ଲୋକମାନଙ୍କୁ ବାରମ୍ବାର ଅଫିସ ଦୌଡ଼ିବାକୁ ପଡ଼ିବ ନାହିଁ। ରାଜ୍ୟର ସମସ୍ତ ସହରାଞ୍ଚଳରେ ଲୋକମାନେ ଇ-ସେବା ପାଇପାରିବେ। ଜନ୍ମ ମୃତ୍ୟୁ ପଞ୍ଜୀକରଣଠାରୁ ଆରମ୍ଭ କରି ହୋଲ୍ଡିଂ ଟ୍ୟାକ୍ସ, ସମ୍ପତ୍ତି ଟିକସ, ପ୍ରମାଣପତ୍ର ଏବଂ ବିଭିନ୍ନ ପ୍ରକାର ଜନସେବା ୱେବ୍ ପ୍ଲାଟ୍‌ଫର୍ମ ଜରିଆରେ ଯୋଗାଇ ଦିଆଯିବ ବୋଲି ଲକ୍ଷ୍ୟ ରଖାଯାଇଥିଲା। ତେବେ ଅଧିକାରୀଙ୍କ ଅପାରଗତା ଯୋଗୁ ଇ-ଗଭର୍ନାନ୍ସ ପ୍ରକଳ୍ପ ଫେଲ୍ ମାରିଛି। ସହରବାସୀଙ୍କୁ ଇ-ସେବା ତ ମିଳିଲା ନାହିଁ ଏହି କାର୍ଯ୍ୟ ପାଇଁ ରାଜ୍ୟ ସରକାର ଖର୍ଚ୍ଚ କରିଥିବା ୪.୦୭ କୋଟି ଟଙ୍କା ପାଣିରେ ପଡ଼ିଛି। କେବଳ ସେତିକି ନୁହେଁ, କେନ୍ଦ୍ର ସରକାର ଏ ବାବଦରେ ଯୋଗାଇ ଦେବାକୁ ଥିବା ୮.୬୩ କୋଟି ଟଙ୍କା ମଧ୍ୟ ରାଜ୍ୟକୁ ହରାଇବାକୁ ପଡ଼ିଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଏହି ଅପାରଗତାକୁ କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ପଦାରେ ପକାଇଛନ୍ତି।

ସିଏଜି ନିଜ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ୨୦୦୫ରେ ଜବାହରଲାଲ ନେହେରୁ ଜାତୀୟ ସହରାଞ୍ଚଳ ନବୀକରଣ ମିଶନ (ଜେଏନ୍‌ଏନ୍‌ୟୁଆର୍‌ଏମ୍) ଅଧୀନରେ ୨୦୦୫ରେ ଇ-ଗଭର୍ନାନ୍ସ ଉପରେ ନ୍ୟାଶନାଲ ମିଶନ ମୋଡ୍ ପ୍ରୋଜେକ୍ଟ (ଏନ୍‌ଏମ୍‌ଏମ୍‌ପି) ଆରମ୍ଭ କରାଯାଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ୱେବ୍ ପ୍ଲାଟ୍‌ଫର୍ମ ଜରିଆରେ ସହରବାସିନ୍ଦାଙ୍କୁ ବିଭିନ୍ନପ୍ରକାର ମୌଳିକ ଜନସେବା ଯୋଗାଇ ଦେବା। ଏଥିରେ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ୮୦:୨୦ ଅନୁପାତରେ ଖର୍ଚ୍ଚ ବହନ କରିବେ। ଏନ୍‌ଏମ୍‌ଏମ୍‌ପି ଗାଇଡ୍‌ଲାଇନ ଅନୁସାରେ ରାଜ୍ୟ ସରକାର ଉଭୟ ରାଜ୍ୟ ଓ ସହରାଞ୍ଚଳ ଇ-ଗଭର୍ନାନ୍ସ ପାଇଁ ଜଣେ ପରାମର୍ଶଦାତା ନିଯୁକ୍ତି କରିବେ। ପରାମର୍ଶଦାତା ବିସ୍ତୃତ ପ୍ରକଳ୍ପ ରିପୋର୍ଟ(ଡିପିଆର) ପ୍ରସ୍ତୁତ କରିବା, ରିକ୍ୱେଷ୍ଟ ଫର ପ୍ରପୋଜାଲ(ଆର୍‌ଏଫ୍‌ପି), ସଫ୍ଟୱେର ଡେଭଲପର ଚୟନ ପ୍ରକ୍ରିୟା ସହିତ ସିଷ୍ଟମ ଚାଲୁ ହେବା ଯାଏ ତଦାରଖ କରିବେ ବୋଲି ସ୍ଥିର ହୋଇଥିଲା। ଓଡ଼ିଶା ସରକାର ୨୦୧୨ ଜାନୁୟାରୀ ୧୮ରେ ମେସର୍ସ ୱିପ୍ରୋ ଲିମିଟେଡକୁ ପରାମର୍ଶଦାତା ଭାବେ ନିଯୁକ୍ତ କରିଥିଲେ। ପ୍ରଥମେ ଭୁବନେଶ୍ୱର ଓ ପୁରୀରେ ଏନ୍‌ଏମ୍‌ଏମ୍‌ପି କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ। ଭୁବନେଶ୍ୱର ପାଇଁ ୧୨.୯୮ କୋଟି ଏବଂ ପୁରୀ ସହର ପାଇଁ ୧.୦୪ କୋଟି ଟଙ୍କାକୁ ମିଶାଇ ମୋଟ ୧୪.୦୨ କୋଟି ଟଙ୍କା ପ୍ରକଳ୍ପ ମୂଲ୍ୟର ପ୍ରସ୍ତାବକୁ କେନ୍ଦ୍ର ନଗର ଉନ୍ନୟନ ମନ୍ତ୍ରଣାଳୟ ଅନୁମୋଦନ କରିଥିଲା। ୨୦୧୨ ଅକ୍ଟୋବରରେ କେନ୍ଦ୍ର ସରକାର ପ୍ରଥମ କିସ୍ତି ହିସାବରେ ୨.୬ କୋଟି ଟଙ୍କା ପ୍ରଦାନ କରିଥିଲେ। ୨୦୧୨ ଡିସେମ୍ବରରେ ରାଜ୍ୟ ସରକାର ନିଜ ଅଂଶଧନ ବାବଦରେ ୬୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ପରାମର୍ଶଦାତା ୱିପ୍ରୋ ଚୁକ୍ତିନାମା ଅନୁସାରେ ଦୁଇ ସହରରେ ୨.୬ କୋଟି ଟଙ୍କାରେ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଉତ୍ତରଦାୟୀ । ୨୦୧୪ରେ ପ୍ରକଳ୍ପ ଶେଷ ହେବାକୁ ସମୟ ଧାର୍ଯ୍ୟ ହୋଇଥିଲା। ମାତ୍ର ୱିପ୍ରୋ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିପାରି ନ ଥିଲା। ୱିପ୍ରୋ ଚୁକ୍ତିନାମାକୁ ୨୦୧୫ ଜାନୁୟାରୀ ୧୬ ଯାଏ ବୃଦ୍ଧି କରାଯାଇଥିଲା। କେବଳ ସେତିକି ନୁହେଁ, ଚୁକ୍ତିନାମା ସହିତ ୬୦ ଲକ୍ଷ ଟଙ୍କାର ପ୍ରକଳ୍ପ ମୂଲ୍ୟ ମଧ୍ୟ ବଢ଼ାଇ ଦିଆଯାଇଥିଲା। ୨୦୧୭ ଡିସେମ୍ବର ୩୧ ସୁଦ୍ଧା ଚୁକ୍ତିନାମା ଶେଷ ହୋଇଥିବାରୁ ୩.୨ କୋଟି ବର୍ଦ୍ଧିତ ଚୁକ୍ତିନାମା ମଧ୍ୟରୁ ୨୦୧୩ ଜାନୁୟାରୀରୁ ୨୦୧୭ ମେ' ମାସ ମଧ୍ୟରେ ଡିପିଆର ପ୍ରସ୍ତୁତି ଏବଂ ପ୍ରକଳ୍ପ ପରିଚାଳନା ମୂଲ୍ୟ ବାବଦରେ ୱିପ୍ରୋକୁ ୨.୬୩ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ସିଏଜି ଅଡିଟରୁ ଜାଣିବାକୁ ପାଇଲେ ଯେ ରାଜ୍ୟ ନଗର ଉନ୍ନୟନ ବିଭାଗ ୨୦୨୦ ମାର୍ଚ୍ଚ ସୁଦ୍ଧା ପ୍ରକଳ୍ପ ପାଇଁ ପ୍ରାରମ୍ଭିକ ୪.୦୭ କୋଟି ଖର୍ଚ୍ଚ କରିଥିଲେ ମଧ୍ୟ ତାହା ବେକାର ହୋଇଥିଲା। ପ୍ରକଳ୍ପର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିବା ଓ ଡେଭଲପର ଚୟନରେ ବିଳମ୍ବ ଏବଂ ତ୍ରୁଟି ଯୋଗୁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ପାରି ନ ଥିଲା। ଓପିଡବ୍ଲ୍ୟୁଡି କୋଡ୍ ଅନୁଯାୟୀ ଯଦି ଏଲ୍-୧ ବିଡର ଚୟନ ପରେ ଚୁକ୍ତିନାମା ପାଇଁ ନ ଆସନ୍ତି ତେବେ ଏଲ୍-୨ ବିଡରଙ୍କ ସହିତ ଚୁକ୍ତିନାମା କରାଯିବ। ନଚେତ୍ ଟେଣ୍ଡର ବାତିଲ କରାଯିବ। ଦେଖାଯାଇଥିଲା ଯେ ରାଜ୍ୟ ନଗର ଉନ୍ନୟନ ବିଭାଗ ଏକ ସଫ୍ଟୱେର ଡେଭଲପର ଚୟନ ପାଇଁ ୨୦୧୩ ଫେବୃୟାରୀ ୬ରେ ଆର୍‌ଏଫ୍‌ପି ଜାରି କରିଥିଲା। ୱିପ୍ରୋ ସହ ଚୁକ୍ତିନାମା ଅନୁଯାୟୀ ଆର୍‌ଏଫ୍‌ପି ଚୂଡ଼ାନ୍ତ ପାଇଁ ☞ ପୃଷ୍ଠା-୬

## ପୋଲିସ ସହ ଗୁଳି ବିନିମୟ
### ୨ ମହିଳା ମାଓବାଦୀ ନିହତ

**ମାଲକାନଗିରି,୧୮।୧୨ (ଡି.ଏନ୍.ଏ.):** ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡା ଜିଲାରେ ଡିଆର୍‌ଜି ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟି ଶନିବାର ୨ଜଣ ମହିଳା ମାଓବାଦୀ ନିହତ ହୋଇଛନ୍ତି। ମୃତ ମାଓବାଦୀ ଦ୍ୱୟ ହିଡମେ କୋରାମେ ଓ ପୋଜେ ବୋଲି ଜଣାପଡ଼ିଛି। ଖବରରୁ ପ୍ରକାଶ, ଦାନ୍ତେୱାଡା ଜିଲା ଅରନପୁର ଥାନା ଅନ୍ତର୍ଗତ ଗଦେରସ୍ ଜଙ୍ଗଲରେ ମାଓବାଦୀଙ୍କ ଶିବିର ଚାଲିଥିବା ନେଇ ପୋଲିସକୁ ଗୋଇନ୍ଦା ସୂଚନା ମିଳିବା ପରେ ଡିଆର୍‌ଜି ଯବାନଙ୍କ ଏକ ଟିମ୍ ସମ୍ପୃକ୍ତ ଜଙ୍ଗଲରେ କୋମ୍ବିଂ ଅପରେଶନ ଆରମ୍ଭ କରିଥିଲେ। ଯବାନଙ୍କୁ ଦେଖି ପ୍ରଥମେ ମାଓବାଦୀମାନେ ଗୁଳିଚାଳନା କରିଥିଲେ। ଜବାବରେ ଯବାନମାନେ ମଧ୍ୟ ପାଲଟା ଗୁଳି ଚଳାଇଥିଲେ। ଫଳରେ ପ୍ରାୟ ୨ଘଣ୍ଟା ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ଜାରି ରହିଥିଲା। ଶେଷରେ ଯବାନଙ୍କ ଗୁଳିକୁ ସାମ୍ନା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଘଟଣାସ୍ଥଳ ସର୍ଚ୍ଚ ଅପରେଶନ କରିବାରୁ ଉପରୋକ୍ତ ୨ ମହିଳା ମାଓବାଦୀଙ୍କ ମୃତଦେହ ମିଳିଥିଲା। ମାଓବାଦୀ ହିଡମେ ଦର୍ଭା ଡିଭିଜନର ଏରିଆ କମିଟି ସଦସ୍ୟ ବୋଲି ଜଣାପଡଛି। ତାଙ୍କୁ ଧରିବା ପାଇଁ ଛତିଶଗଡ଼ ସରକାର ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ପୋଜେ ମାଲେଙ୍ଗର ଡିଭିଜନର ସଦସ୍ୟ ରୂପେ କାର୍ଯ୍ୟ କରୁଥିଲେ।

# ଦୂରଗାମୀ ଟ୍ରେନ୍‌ରେ ମହିଳାଙ୍କ ପାଇଁ ସଂରକ୍ଷିତ ବର୍ଥ



**ନୂଆଦିଲ୍ଲୀ, ୧୮।୧୨**

ଦୂରଗାମୀ ଟ୍ରେନ୍‌ଗୁଡ଼ିକରେ ମହିଳା ଯାତ୍ରୀମାନଙ୍କ ନିମନ୍ତେ ସ୍ୱତନ୍ତ୍ର ବର୍ଥ ସଂରକ୍ଷିତ ରହିବ। ଏହିପାଇଁ ରେଲୱେ ପଦକ୍ଷେପ ନେଉଥିବା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର ଘୋଷଣା କରିଛନ୍ତି। ଦୂରଗାମୀ ଟ୍ରେନ୍‌ରେ ମହିଳାମାନଙ୍କୁ ନିରାପଦ ଓ ଆରାମଦାୟକ ଯାତ୍ରା ସୁବିଧା ସୁନିଶ୍ଚିତ କରିବା ଏହାର ଲକ୍ଷ୍ୟ। ରେଲୱେ ଏଥିପାଇଁ ସ୍ୱତନ୍ତ୍ର ବର୍ଥ ଓ ଅନ୍ୟାନ୍ୟ ସୁବିଧା ବ୍ୟବସ୍ଥା କରିଛି। ସେହି ଅନୁଯାୟୀ ଦୀର୍ଘ ଯାତ୍ରା କରୁଥିବା ମେଲ୍ ଏବଂ ଏକ୍ସପ୍ରେସ୍ ଟ୍ରେନ୍‌ର ସ୍ଲିପର କ୍ଲାସ୍‌ରେ ୬ଟି ବର୍ଥ ମହିଳାଙ୍କ ନିମନ୍ତେ ସଂରକ୍ଷିତ ରହିବ। ସେହିପରି ଗରିବ ରଥ, ରାଜଧାନୀ, ଦୂରନ୍ତୋର ୩ଏସି ଶ୍ରେଣୀରେ ଏବଂ ସମ୍ପୂର୍ଣ୍ଣ ଏସି ଏକ୍ସପ୍ରେସ୍‌ରେ ମଧ୍ୟ ଅନୁରୂପ ବର୍ଥ ମହିଳାଙ୍କ ନିମନ୍ତେ ଉଦ୍ଦିଷ୍ଟ ରହିବ। ବୟସ ନିର୍ବିଶେଷରେ ସବୁ ମହିଳା ଏହାର ସୁଯୋଗ ନେଇପାରିବେ। ଏତଦ୍ ବ୍ୟତୀତ ପ୍ରତି ସ୍ଲିପର କୋଚରେ ୬ରୁ ୭ଟି ତଳ ବର୍ଥ, ୩ଏସି କୋଚ୍‌ରେ ୪ରୁ ୫ ତଳ ବର୍ଥ ଏବଂ ୨ଏସି କୋଚରେ ୩ରୁ ୪ ବର୍ଥ ବରିଷ୍ଠ ନାଗରିକ ଏବଂ ୪୫ ବର୍ଷରୁ ଊର୍ଦ୍ଧ୍ୱ ତଥା ଗର୍ଭବତୀ ମହିଳାଙ୍କ ନିମନ୍ତେ ସଂରକ୍ଷିତ ରହିବ। ଟ୍ରେନ୍‌ର କୋଚ ସଂଖ୍ୟା ଅନୁଯାୟୀ ସିଟ୍ କୋଟା ସଂରକ୍ଷିତ ରହିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ମହିଳାଙ୍କ ସମେତ ସମସ୍ତ ଯାତ୍ରୀଙ୍କ ସୁରକ୍ଷା ଲାଗି ଟ୍ରେନ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ସମ୍ବିଧାନର ସପ୍ତମ ଅନୁଚ୍ଛେଦ ଅନୁଯାୟୀ ପୋଲିସ ଓ ଆଇନ ଶୃଙ୍ଖଳା ରାଜ୍ୟ ଦାୟିତ୍ୱ। ମହିଳା ଯାତ୍ରୀମାନଙ୍କୁ ଉତ୍ତମ ସୁରକ୍ଷା ଯୋଗାଇ ଦେବା ଲାଗି ରେଳ ସୁରକ୍ଷା ବଳ (ଆର୍‌ପିଏଫ୍), ସରକାରୀ ରେଲୱେ ପୋଲିସ(ଜିଆର୍‌ପି) ଏବଂ ଜିଲା ପୋଲିସକୁ ସ୍ୱତନ୍ତ୍ର ପରାମର୍ଶ ଦିଆଯାଇଥିବା ବୈଷ୍ଣବ କହିଛନ୍ତି। ଏଥିପାଇଁ ଗତବର୍ଷ ଅକ୍ଟୋବରରୁ ମେରି ସହେଲି ନାମରେ ଏକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି।

## କଟକରେ ଓମିକ୍ରନ୍ ସନ୍ଦିଗ୍ଧ
### ସ୍ପଷ୍ଟ ହୋଇନି, ଜିନୋମ୍ ସିକ୍ୱେନ୍ସିଂ ପାଇଁ ପଠାଯାଇଛି

**ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)**

ଦକ୍ଷିଣ ଆଫ୍ରିକାରୁ ଆରମ୍ଭ ହୋଇଥିବା ଓମିକ୍ରନ୍ ଭାରିଆଣ୍ଟ ଏବେ ବିଶ୍ୱର ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ଦେଶକୁ ବ୍ୟାପିଲାଣି। ବିଶେଷକରି ବ୍ରିଟେନ୍, ଡେନ୍‌ମାର୍କ ଓ ନରୱେରେ ଏହା କ୍ଷିପ୍ର ଗତିରେ ବଢ଼ିବାରେ ଲାଗିଥିବାରୁ ଭାରତରେ ଏହାକୁ ନେଇ ଲୋକଙ୍କ ମଧ୍ୟରେ ଛନକା ପଶିଲାଣି। ଏଭଳିସ୍ଥିତିରେ କଟକରେ ଜଣେ ଓମିକ୍ରନ ସନ୍ଦିଗ୍ଧଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି। ନାଇଜେରିଆରୁ କଟକ ଆସିଥିବା ଜଣେ ଯୁବକ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଉକ୍ତ ଯୁବକଙ୍କ ନମୁନା ଶନିବାର ଜିନୋମ୍ ସିକ୍ୱେନ୍ସିଂ ପାଇଁ ପଠାଯାଇଛି। ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲର ସ୍ୱତନ୍ତ୍ର ପ୍ରକୋଷ୍ଠରେ ରଖାଯାଇ ଚିକିତ୍ସା କରାଯାଉଛି ବୋଲି କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ଅନନ୍ୟା ଦାସ କହିଛନ୍ତି। ☞ ପୃଷ୍ଠା-୬

# ଗଙ୍ଗା ଏକ୍ସପ୍ରେସ୍‌ୱେର ଶିଳାନ୍ୟାସ କଲେ ମୋଦି

**ଶାହଜାହାନପୁର, ୧୮।୧୨**



ଉତ୍ତରପ୍ରଦେଶର ଶାହଜାହାନପୁର ଜିଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ୫୯୪ କିଲୋମିଟର ଦୀର୍ଘ ଗଙ୍ଗା ଏକ୍ସପ୍ରେସ୍‌ୱେର ଶିଳାନ୍ୟାସ କରିଛନ୍ତି। ମିରଟର ବିଜାଉଲି ଗ୍ରାମ ନିକଟରୁ ଆରମ୍ଭ ହୋଇ ପ୍ରୟାଗରାଜର ଜୁଡାପୁର ଦାଣ୍ଡୁ ଗ୍ରାମ ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ଏହି ୬ ଲେନ୍ ଏକ୍ସପ୍ରେସ୍‌ୱେରେ ୩୬,୨୩୦ କୋଟି ଟଙ୍କା ବ୍ୟୟ ହେବ। ଭବିଷ୍ୟତରେ ଏହାକୁ ୮ ଲେନ୍ କରାଯାଇପାରିବ। ଏହି ଏକ୍ସପ୍ରେସ୍‌ୱେ ମିରଟ, ହାପୁର, ବୁଲନ୍ଦସହର, ଆମ୍ରୋହା, ସମ୍ଭଲ, ବଦାଉଁ, ଶାହାଜାହନପୁର, ହର୍ଦୋଇ, ଉନ୍ନାଓ, ରାଏବରେଲି, ପ୍ରତାପଗଡ଼ ଏବଂ ପ୍ରୟାଗରାଜ ଜିଲା ଦେଇ ଗତିଶୀଳ ହେବ। ନିର୍ମାଣ ଶେଷ ହେଲେ ଏହା ଉତ୍ତରପ୍ରଦେଶର ଦୀର୍ଘତମ ଏକ୍ସପ୍ରେସ୍‌ୱେ ହେବ, ଯାହା ପଶ୍ଚିମରୁ ପୂର୍ବ ପାର୍ଶ୍ୱକୁ ସଂଯୋଗ କରିବ। ଗଙ୍ଗା ଏକ୍ସପ୍ରେସ୍‌ୱେରେ ୩.୫ କିଲୋମିଟର ଦୀର୍ଘ ଏୟାରଷ୍ଟ୍ରିପ୍ ଜରୁରୀ ସମୟରେ ବାୟୁସେନା ବିମାନ ଉଡ଼ାଣ ଓ ଅବତରଣ ପାଇଁ ବ୍ୟବହାର କରାଯିବ। ଏକ୍ସପ୍ରେସ୍‌ୱେର ଉଭୟ ପାର୍ଶ୍ୱରେ ଶିଳ୍ପ କରିଡର ନିର୍ମାଣ ପ୍ରସ୍ତାବ ରହିଛି।

ଏହି ମେଗା ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଦିଲ୍ଲୀରୁ ପ୍ରୟାଗରାଜ ୭ ଘଣ୍ଟାରେ ପହଞ୍ଚିହେବ। ଗଙ୍ଗା ଏକ୍ସପ୍ରେସ୍‌ୱେ କେବଳ ଗମନାଗମନ ସୁଗମ କରିବ ତାହା ନୁହେଁ, ଉକ୍ତ ଅଞ୍ଚଳର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହା ଉତ୍ତରପ୍ରଦେଶ ପାଇଁ ବିକାଶର ଦ୍ୱାର ଖୋଲିଦେବ। ଏକ୍ସପ୍ରେସ୍‌ୱେ ନିର୍ମାଣ ହେଲେ ବହୁ ଶିଳ୍ପ ସଂସ୍ଥା ଆସିବେ ଏବଂ ହଜାର ହଜାର ଲୋକଙ୍କ ପାଇଁ ସୁଯୋଗ ଆସିବା ସହ ନିଯୁକ୍ତି ସୃଷ୍ଟି ହେବ। ଉତ୍ତରପ୍ରଦେଶର ବିକାଶ ଡବଲ ଇଞ୍ଜିନ୍ ସରକାରର ମୁଖ୍ୟ ଲକ୍ଷ୍ୟ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ସବ୍ କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ ଦ୍ୱାରା ଏହା ସମ୍ଭବ ହୋଇପାରିବ ବୋଲି ସେ ମତ ଦେଇଥିଲେ।

## ଅଗ୍ନି ପ୍ରାଇମ୍‌ର ସଫଳ ପରୀକ୍ଷଣ



ଅଗ୍ନି ପ୍ରାଇମ୍ କ୍ଷେପଣାସ୍ତ୍ର

**ବାଲେଶ୍ୱର ଅଫିସ, ୧୮।୧୨:** ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ(ଡିଆରଡିଓ) ପକ୍ଷରୁ ଭଦ୍ରକ ଜିଲା ଧାମରାସ୍ଥିତ ଡ. ଏପିଜେ ଅବଦୁଲ କଲାମ ଦ୍ୱୀପରୁ ଅଗ୍ନି ପ୍ରାଇମ (ଅଗ୍ନି-ପି) କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ହୋଇଛି। ଶନିବାର ପୂର୍ବାହ୍ନ ୧୧ଟା ୬ମିନିଟ୍‌ରେ ଏହାର ପରୀକ୍ଷଣ କରାଯାଇଥିଲା। ପରୀକ୍ଷଣ ସମୟରେ ମିଶନ ଉଦ୍ଦେଶ୍ୟ ପୂରଣ କରୁଥିବା ଟ୍ରାଜେକ୍ଟୋରୀ ଅନୁସରଣ କରାଯାଇଥିଲା। ଆଣବିକ କ୍ଷମତା ସମ୍ପନ୍ନ ଏହି ନୂଆ ପିଢ଼ି କ୍ଷେପଣାସ୍ତ୍ରର ପରୀକ୍ଷଣ ସଫଳତାର ସହ ହୋଇଥିବା ଡିଆରଡିଓ ପକ୍ଷରୁ କୁହାଯାଇଛି। ଅଗ୍ନି-ପି ହେଉଛି ଦ୍ୱି-ପର୍ଯ୍ୟାୟ ବିଶିଷ୍ଟ କ୍ୟାନିଷ୍ଟାଇଜଡ୍ କଠିନ ପ୍ରୋପେଲାଣ୍ଟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ସହ ଦ୍ୱୈତ ଅନାବଶ୍ୟକ ନାଭିଗେସନ୍ ଏବଂ ଗାଇଡ୍ ସିଷ୍ଟମ୍। ଏହି ଦ୍ୱିତୀୟ ଫ୍ଲାଇଟ୍-ଟେଷ୍ଟ ସିଷ୍ଟମରେ ସଂଯୁକ୍ତ ସମସ୍ତ ଉନ୍ନତ ଜ୍ଞାନକୌଶଳର ନିର୍ଭରଯୋଗ୍ୟ କାର୍ଯ୍ୟଦକ୍ଷତାକୁ ପ୍ରମାଣିତ ☞ ପୃଷ୍ଠା-୬

# ସ୍ୱଦେଶ ଦର୍ଶନ ଯୋଜନାରେ ଓଡ଼ିଶାକୁ ଅଣଦେଖା

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୧୮।୧୨**



ଓଡ଼ିଶାକୁ ବିଦେଶୀ ପର୍ଯ୍ୟଟକ ଆସିଲେ କେନ୍ଦ୍ର ସରକାର ମଧ୍ୟ ବିଭିନ୍ନ ବାଟରେ ଆର୍ଥିକ ଲାଭବାନ୍ ହେଉଛନ୍ତି। କିନ୍ତୁ ଓଡ଼ିଶାର ପର୍ଯ୍ୟଟନ ବିକାଶ ପାଇଁ ଆଖିବୁଜି ଦେଉଛନ୍ତି। ଏ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ସ୍ୱଦେଶ ଦର୍ଶନ ଯୋଜନାକୁ ଉଦାହରଣ ନିଆଯାଇପାରେ, ଯେଉଁଥିରେ ଓଡ଼ିଶାକୁ ଅଣଦେଖା କରାଯାଉଛି। ଉକ୍ତ ଯୋଜନା ଅଧୀନ ବିଭିନ୍ନ ପର୍ଯ୍ୟଟନ ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରିବାକୁ ଦିଆଯାଇଥିବା ପ୍ରସ୍ତାବଗୁଡ଼ିକୁ ଏଯାଏ ଗ୍ରହଣ କରାଯାଇନାହିଁ।

ସୁଦୀର୍ଘ ବେଳାଭୂମି, ଆକର୍ଷଣୀୟ ମନ୍ଦିର ଭାସ୍କର୍ଯ୍ୟ, ବୌଦ୍ଧ କୀର୍ତ୍ତିରାଜି, ଐତିହାସିକ ସ୍ଥାନ, ପ୍ରାକୃତିକ ଶୋଭାରାଜି, ଜୈବ ବିବିଧତା, ଅନନ୍ୟ ଆଦିବାସୀ ସଂସ୍କୃତି, ବିବିଧ ରୀତିନୀତି ଏବଂ ଭଳିକି ଭଳି ସୁସ୍ୱାଦ ଖାଦ୍ୟର ସମ୍ଭାର ଓଡ଼ିଶାକୁ ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର କରିପାରିଛି। ଏଠାରେ ୫୦୦ରୁ ଊର୍ଦ୍ଧ୍ୱ ଏଭଳି ଛୋଟ ବଡ଼ ସ୍ଥାନ ରହିଛି, ଯାହା ଦେଶବିଦେଶର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁଛି। ଏହିସବୁ ପର୍ଯ୍ୟଟନ କ୍ଷେତ୍ର ରାଜ୍ୟ ଓ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବାରେ ପ୍ରମୁଖ ଭୂମିକା ନେବା ସହ ବହୁ ଲୋକଙ୍କୁ ରୋଜଗାର ଦେଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନିଜ ଉଦ୍ୟମରେ ଭିତ୍ତିଭୂମି ବିକାଶ ପାଇଁ ପ୍ରୟାସ ଚଳାଇଛନ୍ତି। ବିଶେଷକରି ଶ୍ରୀକ୍ଷେତ୍ର ପୁରୀ, ଗଞ୍ଜାମର ଶକ୍ତିପୀଠ ମା' ତାରାତାରିଣୀ, ସମ୍ବଲପୁରର ମା' ସମଲେଇ, କୋଣାର୍କ ସୂର୍ଯ୍ୟମନ୍ଦିର, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ସାଙ୍ଗକୁ ବ୍ରହ୍ମପୁର ରାମଲିଙ୍ଗମ୍‌ଶ୍ୱର ପାର୍କ, ଯାଜପୁରଟାଉନର ବିଶାଳ ପୋଖରୀ କୁସୁମାର ବିକାଶ କାର୍ଯ୍ୟ କରାଯାଇଛି। ଏହାବାଦ ଚଳିତବର୍ଷ ପର୍ଯ୍ୟଟନ ବିଭାଗ ଦ୍ୱାରା ରାମଚଣ୍ଡୀ, ଭିତରକନିକା, ଦାରିଙ୍ଗିବାଡ଼ି, ସାତକୋଶିଆ, ପାତୀ ସୋନପୁର, ହୀରାକୁଦ ଏବଂ କୋରାପୁଟର ଦେଓମାଳି ପାହାଡ଼ ପାଦଦେଶ ପୁଟସିଲଠାରେ ଇକୋ ରିଟ୍ରିଟ ଆୟୋଜନ ହୋଇଛି। କିନ୍ତୁ ଏହିସବୁ ହାତଗଣତି ବିକାଶ କାର୍ଯ୍ୟ ଏବଂ କାର୍ଯ୍ୟକ୍ରମ ରାଜ୍ୟ ପର୍ଯ୍ୟଟନ ଶିଳ୍ପର ଆବଶ୍ୟକତା ପୂରଣ କରିପାରୁନାହିଁ। ଆହୁରି ଶତାଧିକ ପର୍ଯ୍ୟଟନସ୍ଥଳର ଭିତ୍ତିଭୂମି ବିକାଶ ହୋଇପାରୁନାହିଁ। ଫଳରେ ଅନେକ କ୍ଷେତ୍ରକୁ ପର୍ଯ୍ୟଟକଙ୍କ ପାଦ ପଡୁନାହିଁ। ଏନେଇ କେନ୍ଦ୍ର ସରକାରଙ୍କର ମଧ୍ୟ କିଛି ଦାୟିତ୍ୱ ଥିବା ଭଳି ମନେହେଉନାହିଁ।

ଗତ ବିଧାନସଭାରେ ବିଧାୟକ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଦେଇଥିବା ଉତ୍ତରରୁ କେନ୍ଦ୍ର ଅବହେଳା ସ୍ପଷ୍ଟ ହେଉଛି। ମନ୍ତ୍ରୀଙ୍କ ଉତ୍ତର ଅନୁସାରେ କେନ୍ଦ୍ର ସରକାରଙ୍କ ସ୍ୱଦେଶ ଦର୍ଶନ ଯୋଜନା ଅଧୀନ ବୌଦ୍ଧ ପରିପଥ (ବୁଦ୍ଧିଷ୍ଟ ସର୍କିଟ) ପ୍ରକଳ୍ପରେ ଓଡ଼ିଶାକୁ ଏଯାଏ ସ୍ଥାନ ମିଳିନାହିଁ। ରାଜ୍ୟ ପର୍ଯ୍ୟଟନ ବିଭାଗ ୨୪।୯।୨୦୧୯ରେ କେନ୍ଦ୍ର ସରକାରଙ୍କୁ ପ୍ରକଳ୍ପ ☞ ପୃଷ୍ଠା-୬

## ୧୫ ଡିଗ୍ରୀ ତଳେ ୨୬ ସହର

**ଭୁବନେଶ୍ୱର,୧୮।୧୨(ବ୍ୟୁରୋ)**

ରାଜ୍ୟରେ ଶୀତର ପ୍ରକୋପ ଜାରି ରହିଛି। ରାଜ୍ୟର ୨୬ଟି ସ୍ଥାନରେ ପାରଦ ୧୫ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସି ଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଶନିବାର ଦାରିଙ୍ଗବାଡିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୭.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୭, କୋରାପୁଟ ୭.୫, ବାଲେଶ୍ୱର ୧୩.୩, ଚାନ୍ଦବାଲି ୧୧.୬, କଟକ ୧୩, ପାରାଦୀପ ୧୪.୭, ଭୁବନେଶ୍ୱର ୧୩, ଗୋପାଳପୁର ୧୪, ପୁରୀ ୧୫.୮, ଅନୁଗୋଳ ୧୧, ବାରିପଦା ୧୩.୨, ଝାରସୁଗୁଡ଼ା ୧୨.୨, କେନ୍ଦୁଝର ୧୧, ସମ୍ବଲପୁର ୧୩.୫, ସୁନ୍ଦରଗଡ଼ ୯.୫, ହୀରାକୁଦ ୧୨.୪, ତାଳଚେର ୧୪, ଭବାନୀପାଟଣା ୧୦, ବଲାଙ୍ଗୀର ୧୧, ଟିଟିଲାଗଡ଼ ୯.୮, ମାଲକାନଗିରି ୧୧.୫, ସୋନପୁର ୧୦.୫, ନୟାଗଡ଼ ୧୨, ବୌଦ୍ଧ ୧୪.୫, ଛତ୍ରପୁରରେ ୧୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ରବିବାରଠାରୁ ରାଜ୍ୟରେ ଥଣ୍ଡାର ପ୍ରକୋପ ଆହୁରି ବଢ଼ିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

# ବେଲ୍‌ଗାଭିରେ ତେଜିଲା ହିଂସା



ବେଲ୍‌ଗାଭିର ଧରମବୀର ସମ୍ଭାଜୀ ସର୍କଲରେ ବିକ୍ଷୋଭକାରୀମାନେ ଧାରଣାରେ ବସିଛନ୍ତି।

**ବେଲ୍‌ଗାଭି, ୧୮।୧୨**

■ସଙ୍ଗୋଲି ରାୟାନ୍ନାଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଲେ

■୨୭ ଗିରଫ, ୧୪୪ ଧାରା ଜାରି

ସୀମା ବିବାଦକୁ କେନ୍ଦ୍ର କରି ମହାରାଷ୍ଟ୍ର ଓ କର୍ନାଟକ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଛି। ବେଙ୍ଗାଲୁରୁରେ ଛତ୍ରପତି ଶିବାଜୀ ମହାରାଜଙ୍କ ପ୍ରତିମୂର୍ତ୍ତି ଉପରେ ବୁଧବାର କାଳି ଫିଙ୍ଗିବା ଘଟଣା ପରେ ଶୁକ୍ରବାର ରାତିରେ କର୍ନାଟକର ବେଲ୍‌ଗାଭିରେ ହିଂସାକାଣ୍ଡ ଘଟିଛି। କେତେକ ହିନ୍ଦୁ ସମର୍ଥକ ଗୋଷ୍ଠୀ ବେଲ୍‌ଗାଭିରେ ସର୍ବସାଧାରଣ ସମ୍ପତ୍ତିକୁ ନଷ୍ଟ କରିଛନ୍ତି। ବେଲ୍‌ଗାଭିର କେତେକ ଅଞ୍ଚଳରେ ଏକ ପ୍ରକାର ଅଘୋଷିତ ବନ୍ଦ ଦୃଶ୍ୟ ଦେଖିବାକୁ ମିଳିଛି। ଘଟଣାରେ ପୋଲିସ ୨୭ ଜଣଙ୍କୁ ଗିରଫ କରିଛି। ସ୍ଥିତି ନିୟନ୍ତ୍ରଣ ପାଇଁ ସେଠାରେ ୧୪୪ ଧାରା ଲାଗୁ ହୋଇଛି।

ଶିବାଜୀଙ୍କ ପ୍ରତିମୂର୍ତ୍ତି ଉପରେ କାଳି ଫିଙ୍ଗିବା ଘଟଣା ପରେ ସମ୍ଭାଜୀ ସର୍କଲଠାରେ ଶତାଧିକ ବିକ୍ଷୋଭକାରୀ ଶୁକ୍ରବାର ରାତିରେ ଏକାଠି ହୋଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ ହେଁ ଉତ୍ତେଜିତ ବିକ୍ଷୋଭକାରୀ ଟେକାମାଡ଼ କରିବା ସହ ଗାଡ଼ି ଭଙ୍ଗାରୁଜା କରିଥିଲେ। ସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ଲାଠିମାଡ଼ କରିଥିଲା। ସଂଗ୍ରାମୀ ସଙ୍ଗୋଲି ରାୟାନ୍ନାଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ଏବଂ ୨୬ରୁ ଊର୍ଦ୍ଧ୍ୱ ପୋଲିସ ଓ ସରକାରୀ ଗାଡ଼ି ଭଙ୍ଗାରୁଜା କରିବା ଅଭିଯୋଗରେ ପୋଲିସ ୨୭ ଜଣଙ୍କୁ ଗିରଫ କରିଛି। ସେଠାରେ ୧୪୪ ଧାରା ଲାଗୁ ସହ ୪୦୦ ପୋଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଥିବା ବେଲ୍‌ଗାଭି ପୋଲିସ କମିଶନର ଡ. କେ. ତ୍ୟାୟାଗରଞ୍ଜନ କହିଛନ୍ତି। କର୍ନାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ଘଟଣାକୁ ନିନ୍ଦା କରିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଶିବସେନା ନେତା ସଞ୍ଜୟ ରାଉତ ମଧ୍ୟ ଶିବାଜୀଙ୍କ ପ୍ରତିମୂର୍ତ୍ତି ଉପରେ କାଳି ଫିଙ୍ଗାଯିବାକୁ ନିନ୍ଦା କରିଛନ୍ତି। ପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କାଶୀରେ ଛତ୍ରପତି ଶିବାଜୀ ମହାରାଜଙ୍କୁ ସମ୍ମାନ ଦେଉଥିବା ବେଳେ ଭାଜପା ଶାସିତ କର୍ନାଟକରେ ଶିବାଜୀଙ୍କୁ ଅପମାନିତ କରାଯିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ସଙ୍ଗୋଲି ରାୟାନ୍ନାଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ କନ୍ନଡ ସାମାଜିକ କର୍ମୀମାନେ ବେଲ୍‌ଗାଭି ପୋଲିସ କମିଶନରଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି। ଶିବାଜୀଙ୍କ ପ୍ରତିମୂର୍ତ୍ତିରେ କାଳି ଫିଙ୍ଗା ଘଟଣା ପରେ ଶିବସେନା କର୍ମୀମାନେ କନ୍ନଡ଼ ପତାକାକୁ ପୋଡ଼ି ଦେଇଥିଲେ।

## ବେଲ୍‌ଗାଭି ବିବାଦ କ'ଣ

**ବେଲ୍‌ଗାଭି ସହରକୁ ନେଇ କର୍ନାଟକ ଏବଂ ମହାରାଷ୍ଟ୍ର ମଧ୍ୟରେ ବିବାଦ ବହୁ ପୁରୁଣା। ଏହି ସହର ଦୁଇ ରାଜ୍ୟର ସୀମାକୁ ଲାଗିଛି। ବେଲ୍‌ଗାଭି ବା ବେଲ୍‌ଗାମ ଏବେ କର୍ନାଟକର ଅଂଶ ହୋଇଥିବାବେଳେ ମହାରାଷ୍ଟ୍ର ତାହାକୁ ନିଜର ବୋଲି ଦାବି କରିଆସୁଛି। ସେଠାରେ ମରାଠୀ ଭାଷା କହୁଥିବା ଲୋକଙ୍କ ସଂଖ୍ୟା ଅଧିକ। ତେଣୁ ତାହାକୁ ମହାରାଷ୍ଟ୍ର ନିଜ ସହ ମିଶାଇବାକୁ ଉଦ୍ୟମ କରିଆସିଛି।**




➔ବେଲ୍‌ଗାମ୍ ମୂଳତଃ ବମ୍ବେ ପ୍ରେସିଡେନ୍ସିର ଅଂଶ ଥିଲା। ସେଠାରେ ବହୁ ଭାଷାଭାଷୀ ଲୋକ ରହୁଥିଲେ। କର୍ନାଟକର ବିଜୟପୁରା, ବେଳଗାଭି, ଧରୱାଡ଼, ଉତ୍ତର-କନ୍ନଡ ମଧ୍ୟ ବମ୍ବେ ପ୍ରେସିଡେନ୍ସି ଅଧୀନରେ ଥିଲା। ୧୯୪୭ରେ ଦେଶ ସ୍ୱାଧୀନ ହେବା ପରେ ବେଲଗାମ୍ ବମ୍ବେର ଅଂଶ ଥିଲା।

➔୧୮୮୧ ଭାଷାଭିତ୍ତିକ ଜନଗଣନା ଅନୁଯାୟୀ ସେଠାରେ ୬୪.୩୯% କନ୍ନଡ ଭାଷା କହୁଥିବା ଏବଂ ୨୬.୦୪% ମରାଠୀ ଭାଷା କହୁଥିବା ଲୋକ ରହିଥିଲେ। କିନ୍ତୁ ୪୦ ଦଶକରେ ମରାଠୀଙ୍କ ସଂଖ୍ୟା ବୃଦ୍ଧି ଘଟିଥିଲା ଏବଂ ସେମାନେ ପ୍ରସ୍ତାବିତ ସଂଯୁକ୍ତ ମହାରାଷ୍ଟ୍ରରେ ମିଶିବା ପାଇଁ ଦାବି କରିଥିଲେ।

➔ଦାବି ଅନୁସାରେ ରାଜ୍ୟ ପୁନର୍ଗଠନ ଅଧିନିୟମ ଆଇନ ୧୯୫୬ରେ ବେଲଗାମ ଏବଂ ବମ୍ବେର ୧୦ ତାଲୁକକୁ ମହୀଶୂରର ଅଂଶ କରାଯାଇଥିଲା, ଯାହାର ପରବର୍ତ୍ତୀ ନାଁ ୧୯୭୩ରେ କର୍ନାଟକ ହୋଇଥିଲା। ଏହି ନିୟମ ଯୋଗୁ ଭାଷାଭିତ୍ତିକ ଏବଂ ପ୍ରଶାସନିକ କାର୍ଯ୍ୟ ଆଧାରରେ ବିବାଦ ସୃଷ୍ଟି ହୋଇଥିଲା।

➔ବମ୍ବେ ସରକାରଙ୍କ ବିରୋଧ ପରେ ୧୯୬୬ରେ ପୂର୍ବତନ ପ୍ରଧାନ ବିଚାରପତି ମେହର ଚାନ୍ଦ ମହାଜନଙ୍କ ଅଧୀନରେ ମହାଜନ କମିଶନ ଗଠନ କରାଯାଇଥିଲା।

➔୧୯୬୭ରେ କମିଶନ ରିପୋର୍ଟ ପ୍ରକାଶ ପାଇଥିଲା। ଏଥିରେ ବିବାଦୀୟ ୨୬୪ ଗ୍ରାମକୁ ମହାରାଷ୍ଟ୍ର ଏବଂ ୨୪୭ ଗ୍ରାମକୁ କର୍ନାଟକରେ ମିଶାଯାଇଥିଲା। କିନ୍ତୁ ବେଲଗାମ୍‌କୁ କର୍ନାଟକରେ ହିଁ ରଖାଯାଇଥିଲା।

➔ଏହି ରିପୋର୍ଟକୁ ମହାରାଷ୍ଟ୍ର ସରକାର ଖଣ୍ଡନ କରିବା ସହ ବେଲଗାମକୁ ମହାରାଷ୍ଟ୍ରରେ ମିଶାଇବା ପାଇଁ ଉଦ୍ୟମ କରିଆସୁଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ୨ ଅଭିନେତ୍ରୀଙ୍କ ମୃତ୍ୟୁ

**ହାଇଦ୍ରାବାଦ, ୧୮।୧୨:** ହାଇଦ୍ରାବାଦ ସହରରେ ଶନିବାର ଭୋର ସମୟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨ ଜଣ ଜୁନିୟର ଅଭିନେତ୍ରୀଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଛି ଓ ଅନ୍ୟ ଜଣେ ଆହତ ହୋଇଛନ୍ତି। ସେମାନଙ୍କୁ ନେଇ ଯାଉଥିବା କାର ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛକୁ ଧକ୍କା ଦେଇଥିଲା। ହାଇଦ୍ରାବାଦ ସେଣ୍ଟ୍ରାଲ ୟୁନିଭର୍ସିଟି ନିକଟରେ ଏହି ଦୁର୍ଘଟଣା ଘଟିଛି। ଅବଦୁଲ ରହିମ (୨୫) ନାମକ ଜଣେ ବ୍ୟାଙ୍କ କର୍ମଚାରୀ କାର ଚଳାଉଥିବାବେଳେ ସେଥିରେ ଜୁନିୟର ଆର୍ଟିଷ୍ଟ ଏନ୍. ମନସା (୨୩) ଏବଂ ଏମ୍. ମନସା (୨୧) ଥିଲେ। ଘଟଣାସ୍ଥଳରେ ସେମାନଙ୍କର ମୃତ୍ୟୁ ହୋଇଥିଲା। ଅଭିନେତ୍ରୀ ଦୁଇଜଣ ଅମିରପେଟ ଅଞ୍ଚଳରେ ଏକ ହଷ୍ଟେଲରେ ରହିଥିଲେ। ସାଇ ସିଦ୍ଧୁ ନାମକ ଅନ୍ୟ ଜଣେ ଆର୍ଟିଷ୍ଟ ଆହତ ହୋଇଛନ୍ତି। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସମସ୍ତେ ସିଦ୍ଧୁଙ୍କ ଘରେ ମଦ ପିଇଥିଲେ ଏବଂ ଲିଙ୍ଗମ୍‌ପାଲି ଯାଉଥିଲେ।

### କରାଚୀରେ ବିସ୍ଫୋରଣ: ୧୪ ମୃତ



**କରାଚୀ, ୧୮।୧୨:** ପାକିସ୍ତାନର କରାଚୀଠାରେ ଶନିବାର ଏକ ଘରୋଇ ବ୍ୟାଙ୍କ ବିଲ୍ଡିଂର ସିୱେଜ୍ ସିଷ୍ଟମରେ ଗ୍ୟାସ୍ ବିସ୍ଫୋରଣ ହୋଇଛି। ଏଥିରେ ଅନ୍ୟୂନ ୧୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୨ ଜଣ ଚିକିତ୍ସାଧୀନ ଅଛନ୍ତି। ମୃତକଙ୍କ ମଧ୍ୟରେ ଅଧିକାଂଶ ବ୍ୟାଙ୍କ ଗ୍ରାହକ ଏବଂ କର୍ମଚାରୀ ରହିଛନ୍ତି। ବିସ୍ଫୋରଣର ତୀବ୍ରତା ଏତେ ଥିଲା ଯେ, ଏଥିରେ ଘରୋଇ ବ୍ୟାଙ୍କର କୋଠା ଭୁଶୁଡ଼ି ପଡ଼ିଛି। ବିଲ୍ଡିଂର ଏକ ବଡ଼ ଭାଗ ନିକଟରେ ଥିବା ନାଳରେ ପୋତି ହୋଇଯାଇଛି। ଅନେକ ଘରର କବାଟ ଝରକା ଉଡ଼ିଯାଇଛି। ପାର୍କିଂରେ ଥିବା ଗାଡ଼ିଗୁଡ଼ିକ ଭାଙ୍ଗିରୁଜି ଯାଇଛି। ଉଦ୍ଧାରକାର୍ଯ୍ୟ ଆରମ୍ଭ ହେବା ସମୟରେ ସେଠାରେ ଆଉ ଏକ ବିସ୍ଫୋରଣ ହୋଇଥିବା ଜଣାପଡ଼ିଛି। ବିସ୍ଫୋରଣରେ ଭୁଶୁଡି ପଡିଥିବା ବ୍ୟାଙ୍କ କୋଠା ବେଆଇନ ଭାବେ ଡ୍ରେନ୍ ଉପରେ ନିର୍ମାଣ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି।

### ସ୍ୱର୍ଣ୍ଣମନ୍ଦିରରେ ପଶିଥିବା ଯୁବକଙ୍କୁ ପିଟି ହତ୍ୟା

**ଚଣ୍ଡିଗଡ଼, ୧୮।୧୨ :** ଅମୃତସରର ସ୍ୱର୍ଣ୍ଣ ମନ୍ଦିର ଅପବିତ୍ର କରିବାକୁ ଉଦ୍ୟମ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ମାରିଦେଇଛନ୍ତି। ଖବର ଅନୁଯାୟୀ ଯୁବକ ଜଣଙ୍କ ଶନିବାର ସନ୍ଧ୍ୟା ପ୍ରାର୍ଥନା ସମୟରେ ରେଲିଂ ଡେଇଁ ମନ୍ଦିର ଭିତରେ ପ୍ରବେଶ କରିଥିଲେ। ଶିଖ୍‌ମାନଙ୍କ ପବିତ୍ର ଧର୍ମଗ୍ରନ୍ଥ ଗୁରୁଗ୍ରନ୍ଥ ସାହିବ ଆଗରେ ରଖାଯାଇଥିବା ଖଣ୍ଡାକୁ ସେ ଛୁଇଁବାକୁ ଉଦ୍ୟମ କରୁଥିଲେ ବୋଲି ଅଭିଯୋଗ ହୋଇଛି। ଲୋକେ ତାଙ୍କୁ ଧରିନେଇ କରିଡର ବାହାରକୁ ଆଣିଥିଲେ। ସେଠାରେ ଉତ୍ତ୍ୟକ୍ତ ଲୋକେ ତାଙ୍କୁ ଘେରିଯାଇ ମାଡ଼ ମାରିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି।

### ସୀମାରେ ଡ୍ରୋନ୍‌କୁ ଗୁଳିକରି ଖସାଇଲା ସେନା

**ଚଣ୍ଡିଗଡ଼, ୧୮।୧୨:** ପଞ୍ଜାବରେ ଭାରତ-ପାକିସ୍ତାନ ସୀମା ନିକଟରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ଏକ ଡ୍ରୋନକୁ ଗୁଳି କରି ଖସାଇଛି। ଶୁକ୍ରବାର ରାତିରେ ଚାଇନାରେ ନିର୍ମିତ ଏହି ଡ୍ରୋନକୁ ଫିରୋଜପୁର ସେକ୍ଟର ୱାନ ବର୍ଡର ପୋଷ୍ଟ ନିକଟରେ ଦେଖିବାକୁ ମିଳିଥିଲା। ଏଲ୍‌ଓସିଠାରୁ ୩୦୦ ମିଟର ଦୂରତାରେ ଉଡୁଥିବାବେଳେ ତାହାକୁ ଖସାଇ ଦିଆଯାଇଥିବା ବିଏସ୍‌ଏଫ୍ ପକ୍ଷରୁ କୁହାଯାଇଛି। ଏହି ହେକ୍ସା-କପ୍ଟର ଡ୍ରୋନର ଓଜନ ୨୩ କେଜି ଏବଂ ଏହା ୧୦ କେଜିର ପ୍ଲେଲୋଡ୍ ବହନ କରିପାରିବ। ତେବେ ସେଥିରୁ କୌଣସି ଅସ୍ତ୍ରଶସ୍ତ୍ର କିମ୍ବା ଡ୍ରଗ୍ସ ଭଳି ପଦାର୍ଥ ମିଳିନାହିଁ। ଘଟଣା ପରେ ଆଖପାଖ ଅଞ୍ଚଳରେ ସର୍ଚ୍ଚ ଅପରେଶନ ଜାରି ରହିଛି।

## କୋର୍ଟରେ ବୋମା ଖଞ୍ଜିଥିଲେ ଡିଆର୍‌ଡିଓ ବୈଜ୍ଞାନିକ



ଭାରତ ଭୂଷଣ କଟାରିଆ

**ଓକିଲଙ୍କୁ ମାରିବାକୁ ଚାହୁଁଥିଲେ**

**ନୂଆଦିଲ୍ଲୀ, ୧୮।୧୨**

ଗତ ୯ ତାରିଖରେ ରୋହିଣୀ ଜିଲା କୋର୍ଟରେ ଏକ ବୋମା ବିସ୍ଫୋରଣ ମାମଲାରେ ଦିଲ୍ଲୀ ପୋଲିସ ଶନିବାର ଜଣେ ଡିଆର୍‌ଡିଓ ବୈଜ୍ଞାନିକଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ନାମ ଭାରତ ଭୂଷଣ କଟାରିଆ (୪୯) ବୋଲି ଜଣାପଡ଼ିଛି। ପ୍ରଥମେ ଏହା ଏକ ଆତଙ୍କବାଦୀ ଆକ୍ରମଣ ବୋଲି ପୋଲିସ ସନ୍ଦେହ କରୁଥିବାବେଳେ ଯାଞ୍ଚ ପରେ ପ୍ରତିରକ୍ଷା ବୈଜ୍ଞାନିକ ଭୂଷଣ ସେଠାରେ ତାଙ୍କ ପଡ଼ୋଶୀ ଓକିଲଙ୍କୁ ହତ୍ୟା ପାଇଁ ବୋମା ଖଞ୍ଜିଥିବା ତଦନ୍ତରୁ ଜଣାପଡ଼ିଥିଲା। ନିମ୍ନ ତୀବ୍ରତାର ଏହି ବିସ୍ଫୋରଣରେ ଜଣେ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ବୈଦ୍ୟୁତିକ ଉପକରଣ ସମେତ ଭୂଷଣଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ରହିଥିବା ସ୍ପେଶାଲ ସେଲ୍‌ର ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ଅନ୍ୟ କାହାର ଏଥିରେ ସମ୍ପୃକ୍ତି ଅଛି କି ନାହିଁ ସେ ଦିଗରେ ତଦନ୍ତ ଚାଲିଛି।

ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି, ଅଭିଯୁକ୍ତ ଭୂଷଣ ଏବଂ ଓକିଲ ଅମିତ୍ ବଶିଷ୍ଟଙ୍କ ମଧ୍ୟରେ କିଛି ବର୍ଷ ହେଲା ବିବାଦ ଲାଗି ରହିଥିଲା। ଭୂଷଣଙ୍କ ବିରୋଧରେ ଅମିତ ୭ଟି ମାମଲା ଏବଂ ଭୂଷଣ ଅମିତଙ୍କ ନାଁରେ ୫ଟି କେସ୍ କରିଥିଲେ। ବୋମା ବିସ୍ଫୋରଣ ପରେ ଅମିତ ତାଙ୍କ ନାଁରେ ଭିଜିଲାନ୍ସରେ ମଧ୍ୟ ଅଭିଯୋଗ କରିଥିଲେ। ଭୂଷଣ କୋର୍ଟର ୧୦୨ ନମ୍ବର ରୁମ୍‌ରେ ବୋମା ରଖିଥିଲେ ବୋଲି ପୋଲିସ କହିଛି। ଓକିଲଙ୍କୁ ମାରିବା ପାଇଁ ସେ ସେଠାରେ ଆଇଇଡି ଖଞ୍ଜିଥିବା ସ୍ୱୀକାର ମଧ୍ୟ କରିଛନ୍ତି। ଦିଲ୍ଲୀ ସ୍ପେଶାଲ ସେଲ୍‌ର ନର୍ଦନ ରେଞ୍ଜ୍ ଦୁଇ ଟିମ୍ ସହାୟତାରେ ତଦନ୍ତ କରିଥିଲା। ପ୍ରାୟ ୧ ଘଣ୍ଟାର ସିସିଟିଭି ଫୁଟେଜ ଭିଡିଓ ଯାଞ୍ଚ କରାଯାଇଥିଲା। ବୋମା ଥିବା ବ୍ୟାଗ୍‌ରେ ଏକ ଲୋଗୋ ଦେଖି ପୋଲିସ ସେହି ବ୍ୟାଗ୍ ବିକ୍ରି କରୁଥିବା କମ୍ପାନୀ ଓ ଦୋକାନୀଙ୍କ ନିକଟକୁ ମଧ୍ୟ ଯାଇଥିଲା। ପରେ ଅନ୍ୟ ତଥ୍ୟକୁ ଆଧାର କରି ପୋଲିସ ଅଭିଯୁକ୍ତ ଭୂଷଣଙ୍କ ନିକଟରେ ପହଞ୍ଚିଥିଲା।

## ଫିଲିପାଇନ୍ସରେ ବାତ୍ୟା: ୩୧ ମୃତ



**ମାନିଲା, ୧୮।୧୨**

ପ୍ରଳୟଙ୍କରୀ ବାତ୍ୟା ପ୍ରଭାବରେ କେନ୍ଦ୍ରୀୟ ଫିଲିପାଇନ୍ସରେ ବ୍ୟାପକ କ୍ଷୟକ୍ଷତି ହେବା ସହ ୩୧ ଜଣଙ୍କ ଜୀବନ ଯାଇଛି। ବାତ୍ୟା ଯୋଗୁ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହେବା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଦକ୍ଷିଣ ଚାଇନା ସାଗରରେ ସୃଷ୍ଟ ବାତ୍ୟା ରାଇ ଗୁରୁବାର ରାତିରେ ଫିଲିପାଇନ୍ସ ଉପକୂଳ ଛୁଇଁବା ସହ ଦକ୍ଷିଣ ଓ କେନ୍ଦ୍ରୀୟ ଦ୍ୱୀପ ପ୍ରଦେଶଗୁଡ଼ିକରେ ତାଣ୍ଡବ ରଚିଥିଲା। ଏହାର ପ୍ରଭାବରେ ୧୯୫ କିଲୋମିଟର ବେଗରେ ପବନ ବହିବା ସହ ମଝିରେ ମଝିରେ ପବନର ବେଗ ୨୭୦ କିଲୋମିଟର ଛୁଇଁଥିଲା। ପ୍ରଶାନ୍ତ ମହାସାଗର ଓ ଦକ୍ଷିଣ ଚାଇନା ସାଗର ମଧ୍ୟବର୍ତ୍ତୀ ଅଞ୍ଚଳରେ ଏଭଳି ଭୟଙ୍କର ବାତ୍ୟା ନିକଟ ଅତୀତରେ କେବେ ଦେଖାଦେଇ ନ ଥିଲା। ବାତ୍ୟା ପୂର୍ବରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ବିଦ୍ୟୁତ୍ ସଂଯୋଗ ଓ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବାରୁ ବାତ୍ୟା ସ୍ଥଳଭାଗ ଛୁଇଁବାର ଦୁଇଦିନ ପରେ ମଧ୍ୟ କ୍ଷୟକ୍ଷତିର ସବିଶେଷ ତଥ୍ୟ ମିଳିପାରି ନାହିଁ। ତେବେ ବାତ୍ୟା ଯୋଗୁ ଡିନାଗାଟ୍ ଆଇଲାଣ୍ଡ ମାଟିରେ ମିଶିଯାଇଥିବା ଏହାର ଗଭର୍ନର ଆର୍ଲେନେ ବାଗ-ଆଓ ସରକାରୀ ୱେବ୍‌ସାଇଟ୍‌ରେ ଏକ ବିବୃତି ପୋଷ୍ଟ କରିଛନ୍ତି। ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିବାରୁ ମୃତାହତ ସମ୍ପର୍କିତ ସ୍ପଷ୍ଟ ଚିତ୍ର ମିଳିପାରୁ ନ ଥିବା ସେ କହିଛନ୍ତି। ବାତ୍ୟା ବିପନ୍ନଙ୍କୁ ତୁରନ୍ତ ଖାଦ୍ୟ, ପାନୀୟ ଜଳ, ଅସ୍ଥାୟୀ ଆଶ୍ରୟ ଏବଂ ଔଷଧ ଯୋଗାଇଦେବା ଲାଗି ସେ ନିବେଦନ କରିଛନ୍ତି।

## ୩ ଦିନରେ ଦୁଇଗୁଣ ହେଉଛି ଓମିକ୍ରନ୍ ସଂକ୍ରମଣ

**ଜେନେଭା, ୧୮।୧୨**



**୮୯ ଦେଶକୁ ବ୍ୟାପିଲାଣି ନୂଆ ଭାରିଆଣ୍ଟ**

ଦକ୍ଷିଣ ଆଫ୍ରିକାରେ ପ୍ରଥମେ ଚିହ୍ନଟ ହୋଇଥିବା କୋଭିଡ୍-୧୯ ଭୂତାଣୁର ନୂଆ ଭାରିଆଣ୍ଟ ଓମିକ୍ରନ୍ ଏବେ ୮୯ ଦେଶକୁ ବ୍ୟାପିସାରିଲାଣି। ଏହା ଅତ୍ୟନ୍ତ ଦ୍ରୁତ ବେଗରେ ସଂକ୍ରମଣ ହେଉଛି। ଗୋଷ୍ଠୀ ସଂକ୍ରମଣ ଥିବା ଅଞ୍ଚଳରେ ଦେଢ଼ରୁ ୩ ଦିନ ମଧ୍ୟରେ ମାମଲା ସଂଖ୍ୟା ଦୁଇଗୁଣ ହେଉଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଶନିବାର କହିଛି। ସର୍ବାଧିକ ଟିକା ନେଇଥିବା ଦେଶରେ ମଧ୍ୟ ଓମିକ୍ରନ୍‌ର ଦ୍ରୁତ ସଂକ୍ରମଣ ହେଉଛି। ତେବେ ନୂଆ ଭାରିଆଣ୍ଟ ଟିକାର ରୋଗ ପ୍ରତିରୋଧ ଶକ୍ତିକୁ ଅତିକ୍ରମ କରିଯାଉଛି କିମ୍ବା ସଂକ୍ରମଣ ବୃଦ୍ଧି ଏହାର ଅନ୍ତର୍ନିହିତ ଅଥବା ଉଭୟର ମିଶ୍ରଣ ତାହା ସ୍ପଷ୍ଟ ହୋଇ ନ ଥିବା ଡବ୍ଲ୍ୟୁଏଚ୍‌ଓ କହିଛି। ନୂଆ ଭାରିଆଣ୍ଟ ଚିହ୍ନଟ ହେବା ପରେ ଡବ୍ଲ୍ୟୁଏଚ୍‌ଓ ନଭେମ୍ବର ୨୬ରେ ଏହାକୁ ଚିନ୍ତାଜନକ କହିବା ସହ ଓମିକ୍ରନ୍ ଭାବେ ନାମିତ କରିଥିଲା। ଏହା କେତେ ଘାତକ ତାହା ଜାଣିବା ପାଇଁ ସବିଶେଷ ତଥ୍ୟ ମିଳିନାହିଁ। ଦକ୍ଷିଣ-ପୂର୍ବ ଏସିଆ ଅଞ୍ଚଳର ୭ ଦେଶକୁ ଓମିକ୍ରନ ବ୍ୟାପିବା ପରେ ତୁରନ୍ତ ସ୍ୱାସ୍ଥ୍ୟସେବା ବଢ଼ାଇବା ଓ ସଂକ୍ରମଣ ରୋକିବା ପାଇଁ ସାମାଜିକ କଟକଣା ଲଗାଇବା ଲାଗି ଡବ୍ଲ୍ୟୁଏଚ୍‌ଓ ଶନିବାର ପରାମର୍ଶ ଦେଇଛି। ଉପଯୁକ୍ତ ସ୍ୱାସ୍ଥ୍ୟସେବା ସୁବିଧା ଏବଂ ସାମାଜିକ ପଦକ୍ଷେପ ଦ୍ୱାରା ସଂକ୍ରମଣକୁ ପ୍ରତିହତ କରାଯାଇପାରିବ ବୋଲି ଡବ୍ଲ୍ୟୁଏଚ୍‌ଓ ଦକ୍ଷିଣପୂର୍ବ ଏସିଆ ଅଞ୍ଚଳର ଆଞ୍ଚଳିକ ନିର୍ଦ୍ଦେଶକ ପୁନମ କ୍ଷେତ୍ରପାଳ ସିଂ କହିଛନ୍ତି। ସବୁଠୁ କମ୍ ସୁରକ୍ଷିତ ଏବଂ ଅଧିକ ବିପଦ ଥିବା ଲୋକଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଉପରେ ପ୍ରାଧାନ୍ୟ ଦେବାକୁ ସେ ପରାମର୍ଶ ଦେଇଛନ୍ତି।

ସଂକ୍ରମଣର ଦ୍ୱିତୀୟ ଲହର ଆଣିଥିବା ଡେଲ୍ଟା ଭାରିଆଣ୍ଟଠାରୁ ଓମିକ୍ରନ୍ ଅଧିକ ସଂକ୍ରମକ ବୋଲି ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇଛି। ବାସ୍ତବରେ ଏହି ଭାରିଆଣ୍ଟ ରୋଗୀଙ୍କୁ କେତେ ଗୁରୁତର କରୁଛି ତାହା ଜାଣିବା ପାଇଁ ଅଧିକ ତଥ୍ୟର ଆବଶ୍ୟକ ଥିବା ପୁନମ୍ କହିଛନ୍ତି। ଆଗାମୀ ସପ୍ତାହରେ ଏହା ସ୍ପଷ୍ଟ ହୋଇଯିବ ବୋଲି ଆଶା କରାଯାଉଛି। ତେଣୁ ଏହାକୁ ସାଧାରଣ ସଂକ୍ରମଣ ଭାବି ଅଣଦେଖା କରାଯିବା ଉଚିତ ନୁହେଁ। ଏହି ରୋଗୀଙ୍କ ଚିକିତ୍ସା ଲାଗି ଆଇସିୟୁ ବେଡ୍, ଅକ୍ସିଜେନ ଏବଂ ସବୁ ସ୍ତରରେ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କରି କର୍ମଚାରୀଙ୍କୁ ପ୍ରସ୍ତୁତ ରଖିବା ଲାଗି ଡବ୍ଲ୍ୟୁଏଚ୍‌ଓ ପରାମର୍ଶ ଦେଇଛି। ମହାମାରୀ ନିରୋଧୀ ଲଢ଼େଇରେ ଟିକା ଗୁରୁତ୍ୱପୂର୍ଣ୍ଣ। ତେବେ କେବଳ ଟିକା ଦ୍ୱାରା ମହାମାରୀରୁ ଦେଶକୁ ରକ୍ଷା କରାଯାଇପାରିବ ନାହିଁ। ଟିକାକରଣ ବଢ଼ାଇବା ସହ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ବଢ଼ାଇବା ଓ ସାମାଜିକ କଟକଣା ଲଗାଇବାକୁ ହେବ ବୋଲି ପୁନମ୍ ସତର୍କ କରାଇଛନ୍ତି।

## 'ଲଦାଖରେ ସୈନ୍ୟ ମୁତୟନ ବଢ଼ାଇବାକୁ ପ୍ରସ୍ତୁତ'



ଚିଫ୍ ମାର୍ଶାଲ ବିବେକ ରାମ ଚୌଧୁରୀ

**ହାଇଦ୍ରାବାଦ, ୧୮।୧୨**

ପୂର୍ବଲଦାଖରେ ଭାରତ-ଚାଇନା ମଧ୍ୟରେ ସୀମା ବିବାଦ ଜାରିରହିଥିବାବେଳେ ଭାରତୀୟ ବାୟୁସେନା (ଆଇଏଏଫ୍) ସେଠାରେ ସୈନ୍ୟ ମୁତୟନ ବଢ଼ାଇଛି। ଆବଶ୍ୟକ ପଡ଼ିରେ ଅଧିକ ସଂଖ୍ୟାରେ ସୈନ୍ୟଙ୍କୁ ସେଠାରେ ନିୟୋଜିତ କରିବାକୁ ପ୍ରସ୍ତୁତ ବୋଲି ଆଇଏଏଫ୍ ମୁଖ୍ୟ ମାର୍ଶଲ ବିବେକ ରାମ ଚୌଧୁରୀ ଶନିବାର କହିଛନ୍ତି। ହାଇଦ୍ରାବାଦର ଡୁଣ୍ଡିଗଲ ଏୟାର ଫୋର୍ସ ଏକାଡେମୀରେ ଅନୁଷ୍ଠିତ କମ୍ବାଇଣ୍ଡ ଗ୍ରାଜୁଏଶନ ପରେଡରେ ଯୋଗ ଦେବା ଅବସରରେ ସେ କହିଛନ୍ତି, ପୂର୍ବ ଲଦାଖରେ ସମ୍ପୂର୍ଣ୍ଣ ଭାବେ ସୈନ୍ୟ ପ୍ରତ୍ୟାହାର ହୋଇନାହିଁ। ଚାଇନା ପଟୁ କୌଣସି ସମସ୍ୟା ସୃଷ୍ଟି ହେଲେ ଏହାର ଜବାବ ଦେବାକୁ ଭାରତୀୟ ସେନା ସର୍ବଦା ପ୍ରସ୍ତୁତ। ପୂର୍ବ ଲଦାଖରେ ଗତ ଏପ୍ରିଲ ମାସର ସ୍ଥିତି ଏବେ ବି ସମାନ ରହିଛି ବୋଲି ସେ ପ୍ରକାଶ କରିଛନ୍ତି।

## ଚାଇନାର ସବୁଠୁ ବୟସ୍କାଙ୍କ ୧୩୫ ବର୍ଷରେ ପରଲୋକ



**ବେଜିଂ, ୧୮।୧୨(ପି.ଟି.)**

ଚାଇନାର ସବୁଠୁ ବୟସ୍କ ବ୍ୟକ୍ତି ଆଲିମିହାନ ସେୟିତିଙ୍କର ୧୩୫ ବର୍ଷ ବୟସରେ ପରଲୋକ ହୋଇଯାଇଛି। ୧୮୮୬ ଜୁନ୍ ୨୫ରେ ଜନ୍ମିତ ସେୟିଟି ଶୁଲେ କାଉଣ୍ଟି ଅନ୍ତର୍ଗତ କୋମୁକ୍ସେରିକ୍ ସହରରେ ରହୁଥିଲେ। ୨୦୧୩ରେ ଚାଇନା ପକ୍ଷରୁ ପ୍ରକାଶିତ ସର୍ବବରିଷ୍ଠ ଜୀବିତ ଲୋକଙ୍କ ତାଲିକାରେ ସେ ଶୀର୍ଷରେ ରହିଥିଲେ। ବୃଦ୍ଧା ଜଣକ ଅତି ସରଳ ଓ ନିୟମିତ ଜୀବନ ଯାପନ କରୁଥିଲେ। ସେ ଠିକ୍ ସମୟରେ ଖାଦ୍ୟ ଗ୍ରହଣ କରିବା ସହ ଖରା ପୋହୁଥିଲେ ଏବଂ ଅଣନାତି ନାତୁଣୀଙ୍କ ଯତ୍ନ ନେଉଥିଲେ। କୋମୁକ୍ସେରିକ୍ ସହରରେ ଅଧିକାଂଶ ବୃଦ୍ଧଙ୍କ ବୟସ ୯୦ ବର୍ଷରୁ ଅଧିକ।

## ରାଜନୈତିକ ଦଳ ଗଢ଼ିଲେ କୃଷକ ନେତା



ଗୁର୍‌ନାମ ସିଂ ଚାରୁନି

**ଚଣ୍ଡିଗଡ଼, ୧୮।୧୨**

ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ କୃଷକ ନେତା ଗୁର୍‌ନାମ ସିଂ ଚାରୁନି ଶନିବାର ଏକ ନୂଆ ରାଜନୈତିକ ଦଳ ଗଠନ କରିଛନ୍ତି। ଏହାର ନାଁ ରଖାଯାଇଛି ସଂଯୁକ୍ତ ସଂଘର୍ଷ ପାର୍ଟି। ରାଜନୀତି କଳୁଷିତ ହୋଇଗଲାଣି। ରାଜନେତାମାନେ ପୁଞ୍ଜିବାଦର ପ୍ରସାର କରୁଛନ୍ତି ଏବଂ ପୁଞ୍ଜିପତିମାନଙ୍କ ହିତ ପାଇଁ ନୀତି ପ୍ରଣୟନ କରୁଛନ୍ତି। ତେଣୁ ପରିବର୍ତ୍ତନ ଆବଶ୍ୟକ ବୋଲି ଗୁର୍‌ନାମ କହିଛନ୍ତି। ୩ କୃଷି ଆଇନ ବିରୋଧରେ ଆନ୍ଦୋଳନର ନେତୃତ୍ୱ ନେଇଥିବା ଏସ୍‌କେଏମ୍‌ରେ ଚାରୁନି ସଦସ୍ୟ ଅଛନ୍ତି। ଆସନ୍ତା ବର୍ଷ ହେବାକୁ ଥିବା ପଞ୍ଜାବ ବିଧାନସଭା ନିର୍ବାଚନରେ ତାଙ୍କ ଦଳ ପ୍ରତିଦ୍ୱନ୍ଦ୍ୱିତା କରିବ ବୋଲି ସେ କହିଛନ୍ତି। ପଞ୍ଜାବରେ ଅଫିମ ଚାଷ ସପକ୍ଷରେ ସେ ଯୁକ୍ତି ବାଢ଼ିଛନ୍ତି। ଏହି ଚାଷ ଯୁବକମାନଙ୍କୁ ନିଯୁକ୍ତି ଦେଇପାରିବ। ଦେଶର ଅନ୍ୟାନ୍ୟ ଭାଗରେ ଏହି ଚାଷ ହେଲାଣି। ରାଜସ୍ଥାନରେ ଅଫିମ ଚାଷ ପାଇଁ ଲାଇସେନ୍ସ ଦିଆଯାଉଛି। ଏହା ଏକ ଦାମୀ ପଦାର୍ଥ ଏବଂ ଔଷଧରେ ବ୍ୟବହୃତ ହେଉଥିବାରୁ ଚାଷୀମାନେ ଏଥିରୁ ଲାଭବାନ୍ ହୋଇପାରିବେ ବୋଲି ଚାରୁନି କହିଛନ୍ତି।

## ସଂକ୍ଷେପରେ

### ଜୁଆରେ ସର୍ବସ୍ୱାନ୍ତ ହୋଇ ଜୀବନ ହାରିଲେ ଯୁବକ

କାମାକ୍ଷାନଗର, ୧୮।୧୨(ଡି.ଏନ୍.ଏ.)- ଜୁଆ ଖେଳ କରିଦେଲା ସର୍ବସ୍ୱାନ୍ତ। ଆର୍ଥିକ ସ୍ଥିତି ଶୋଚନୀୟ ହୋଇପଡ଼ିବା ପରେ ଦାମ୍ପତ୍ୟ ଜୀବନରେ ଉଠିଲା ଝଡ଼। ନିର୍ଯାତନାର ଶିକାର ସ୍ତ୍ରୀ ୨ଝିଅଙ୍କୁ ଧରି ଘର ଛାଡ଼ି ବାପଘରେ ନେଲେ ଆଶ୍ରୟ। ଏଭଳି ସ୍ଥିତିରେ ମାନସିକ ଭାରସାମ୍ୟ ହରାଇ ରଶି ଲଗାଇ ଝୁଲିପଡ଼ି ଜୀବନ ହାରିଲେ ଯୁବକ। ଜୁଆ ଖେଳର ବିଷମ ପରିଣତିର ଏଭଳି ଭୟଙ୍କର ଚିତ୍ର ଆସିଛି ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଅଞ୍ଚଳରୁ। ମୃତ ଯୁବକ ହେଲେ ତୁମୁସିଙ୍ଗା ଥାନା ସୋଗର ନୂଆସାହି ଗ୍ରାମର ପ୍ରସନ୍ନ ସାହୁ (୪୧)। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ପ୍ରସନ୍ନ ଜଣେ ପେସାଦାର ଜୁଆଡ଼ି। ଜୁଆଖେଳ ନିଶାରେ ସେ ସର୍ବସ୍ୱ ହରାଇଥିଲେ। ଏହାକୁ ନେଇ ପରିବାରରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଲା। ନିର୍ଯାତନା ଅସହ୍ୟ ହେବାରୁ ସ୍ତ୍ରୀ ଦୁଇଝିଅଙ୍କୁ ନେଇ ୮ ମାସ ହେଲା ବାପଘରକୁ ଚାଲି ଯାଇଥିଲେ। ଏହାପରେ ପ୍ରସନ୍ନଙ୍କ ମାନସିକ ଅବସ୍ଥା ଠିକ୍ ନ ଥିଲା। ଶନିବାର ସକାଳେ ସେ ରଶି ଲଗାଇ ଘରେ ଝୁଲି ପଡ଼ିଥିଲେ। ସୂଚନା ପାଇ ପୋଲିସ ପହଞ୍ଚି ତଦନ୍ତ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ. ୧୨/୨୧ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ସୂତ୍ରରୁ ଜଣାପଡ଼ିଛି।

### ପତ୍ର ପଡ଼ିବାରୁ ଯୁବକଙ୍କୁ ହତ୍ୟା

ଢେଙ୍କାନାଳ ଅଫିସ, ୧୮।୧୨-ଗଛରୁ ପତ୍ର ଝଡ଼ି ପଡ଼ୋଶୀଙ୍କ ଘର ପରିସରରେ ପଡୁଥିଲା। ଜମିବିବାଦକୁ ନେଇ ଶତ୍ରୁତା ମଧ ଲାଗି ରହିଥିଲା। ଏସବୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ତିକ୍ତତାରୁ ସଂଘବଦ୍ଧ ଆକ୍ରମଣରେ ଯାଇଛି ଜଣେ ଯୁବକଙ୍କ ଜୀବନ। ହତ୍ୟାର ଶିକାର ହୋଇଛନ୍ତି ଜଗନ୍ନାଥ ନାୟକ ଓରଫ ଜଗା (୩୦)। ଢେଙ୍କାନାଳ ସଦର ଥାନା ତରଭା ଫାଣ୍ଡି ଅଧୀନ ସଞ୍ଜୟପଲ୍ଲୀରେ ଶୁକ୍ରବାର ସନ୍ଧ୍ୟାରେ ଘଟିଥିବା ଏଭଳି ଏକ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ପୋଲିସ ପଡ଼ୋଶୀ ଘରର ୪ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଜଗନ୍ନାଥ କାମ ସାରି ଘରକୁ ଫେରିଥିଲେ। ପୂର୍ବ ବିବାଦକୁ ନେଇ ପଡ଼ୋଶୀ ରଥ ନାୟକଙ୍କ ସହ ତାଙ୍କ ସ୍ତ୍ରୀଙ୍କ ଗଣ୍ଡଗୋଳ ହୋଇଥିବା ଜାଣିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ରଥଙ୍କୁ ପଚାରିବାକୁ ଯାଇଥିବାବେଳେ ଗଣ୍ଡଗୋଳ ଉଗ୍ରରୂପ ନେଇଥିଲା। ରଥ ନାୟକଙ୍କ ପରିବାର ସଦସ୍ୟ ସଂଘବଦ୍ଧ ଭାବେ ଠେଙ୍ଗା ଓ ଫାର୍ସାରେ ଜଗନ୍ନାଥଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ସକାଳେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୂଚନା ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ୪ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରାଯାଉଛି। ଏ ନେଇ ନଂ. ୬୪୬/୨୧ରେ ଏକ ମାମଲା ରୁଜୁ ହୋଇଛି।

### ସ୍ଥାୟୀ ନିଯୁକ୍ତି ଦାବିରେ ଆୟୁଷ ଡାକ୍ତର ମହାସଂଘର ଧାରଣା
### ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅନଶନ ଚେତାବନୀ

**ଭୁବନେଶ୍ୱର,୧୮।୧୨(ବ୍ୟୁରୋ):** ରାଜ୍ୟର ପ୍ରତି ଜିଲାରେ ଥିବା ପିଏଚ୍‌ସି ଓ ସିଏଚ୍‌ସିରେ ଡାକ୍ତର ଅଭାବଜନିତ ସମସ୍ୟା ଦୂର କରିବା ପାଇଁ ୨୦୦୭ରେ ଏନ୍‌ଏଚ୍‌ଏମ୍ ଜରିଆରେ ସରକାର ପକ୍ଷରୁ ୧୪୮୫ଜଣ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଥିବାବେଳେ ବର୍ତ୍ତମାନ ୧୧୫୧ଜଣ କାର୍ଯ୍ୟରତ ଅଛନ୍ତି। ୧୪ବର୍ଷ ଧରି ରୋଗୀସେବା କରିବା ପରେ ବି ସରକାର ଏମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେଉ ନ ଥିବାରୁ ଓଡ଼ିଶା ଆୟୁଷ ଡାକ୍ତର ମହାସଂଘ ଆନ୍ଦୋଳନକୁ ଓହ୍ଲାଇଛି। ୧୬ଦିନ ହେବ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦିଆଯାଇଥିଲେ ମଧ ଏଯାଏ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ସୁଇପର, ପିଅନ ଏବଂ ଏଏନ୍‌ଏମ୍‌ଙ୍କଠାରୁ କମ୍ ବେତନ ମଧ ମିଳୁଥିବା ସଂଘ ସଭାପତି ଜ୍ୟୋତିରଞ୍ଜନ ଗହନ କହିଛନ୍ତି। ଶନିବାର ମହାସଂଘର କର୍ମକର୍ତ୍ତା ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ନିଜ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। କିନ୍ତୁ ଆଲୋଚନାରେ ମନ୍ତ୍ରୀ ସେହି ପୁରୁଣା କଥା, ଦେଖିବା, ବୁଝିବା ବୋଲି କହିଛନ୍ତି। ସରକାର ତୁରନ୍ତ ଦାବି ପୂରଣ ନ କଲେ ଆମରଣ ଅନଶନ କରି ଜୀବନ ହାରିବେ ପଛେ ଘରକୁ ଖାଲି ହାତରେ ଫେରିବେ ନାହିଁ ବୋଲି ସଂଘ ପକ୍ଷରୁ ପ୍ରକାଶ କରାଯାଇଛି।

# ତୃତୀୟ ଲହର ଆଶଙ୍କା

- ଡିସେମ୍ବର ଶେଷ ସପ୍ତାହରେ ବଢ଼ିପାରେ ସଂକ୍ରମଣ
- ଓଡ଼ିଶାରେ ଦୈନିକ ଚିହ୍ନଟ ହେବେ ପ୍ରାୟ ୩୦ ରୁ ୫୦ ହଜାର

ଭୁବନେଶ୍ୱର, ୧୮।୧୨(ବ୍ୟୁରୋ)

ଡରାଇଲାଣି କରୋନାର ନୂଆ ରୂପ ଓମିକ୍ରନ୍। ବାହାର ଦେଶରେ ଓମିକ୍ରନ୍ ସଂକ୍ରମଣ ବଢୁଥିବାବେଳେ ଆମ ଦେଶରେ ମଧ ସଂକ୍ରମଣ ବଢ଼ିବାର ସମ୍ଭାବନା ରହିଛି। ଡିସେମ୍ବର ଶେଷ କିମ୍ବା ଜାନୁୟାରୀ ପ୍ରଥମ ସପ୍ତାହରେ ସଂକ୍ରମଣ ବଢ଼ିପାରେ। ଜାନୁୟାରୀ ତୃତୀୟ ସପ୍ତାହ ସୁଦ୍ଧା ସଂକ୍ରମଣ ଶୀର୍ଷରେ ପହଞ୍ଚି ପାରେ। ଓଡ଼ିଶାରେ ପାଖାପାଖି ୩୦ରୁ ୫୦ହଜାର ଭିତରେ କେସ୍ ଲୋଡ୍ ରହିପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନିରୋଜ ମିଶ୍ର କହିଛନ୍ତି। ସେ କହିଛନ୍ତି, ‘ଓମିକ୍ରନ’ ନିଶ୍ଚିତ ଭାବେ ଭାରତରେ ତୃତୀୟ ଲହର। ଏଥିରେ କୌଣସି ସନ୍ଦେହ ନାହିଁ। ଏହା ଯେଉଁ ଭଳି ସଂକ୍ରମଣ କରୁଛି ତାହା ଚିନ୍ତାଜନକ। ଦକ୍ଷିଣ ଆଫ୍ରିକା, ବ୍ରିଟେନ, ଡେନମାର୍କ ଓ ନରୱେରେ ଏହା କ୍ଷିପ୍ର ଗତିରେ ମାଡୁଛି। ଏହା ସମଗ୍ର ବିଶ୍ୱକୁ ବ୍ୟାପିବ। ଆମ ଦେଶରେ ମଧ କେସ୍ ଲୋଡ୍ ବହୁତ ବଢ଼ିବ। ତେବେ ଏହାର ସିଭିୟରିଟି ବା ଭୟାବହତା ସେତେଟା ରହିବ ନାହିଁ। ବିଦେଶ ଅନୁପାତରେ ଆମ ଦେଶରେ ଦୈନିକ ୨୦ରୁ ୨୫ ଲକ୍ଷ କେସ୍ ଆସିବ। ଯେଉଁମାନେ ଚିହ୍ନଟ ହେବେ ସମସ୍ତେ ଲକ୍ଷଣବିହୀନ ହିଁ ଚିହ୍ନଟ ହେବେ। ଯେଉଁମାନଙ୍କ ଇମ୍ୟୁନିଟି କମ୍ ରହିଛି ସେମାନଙ୍କ କ୍ଷେତ୍ରରେ ସିଭିୟରିଟି ବଢ଼ିବ। ଆମର ଏଠି ଜାନୁୟାରୀ ମାସରେ ସଂଖ୍ୟା ବଢ଼ିବା ଆରମ୍ଭ ହେବ। ଏହା ବହୁତ ଫାଷ୍ଟ ବଢୁଛି। ପିକ୍‌ରେ ପହଞ୍ଚିବା ପାଇଁ ୩ରୁ ୪ ସପ୍ତାହ ଲାଗୁଛି। ତେଣୁ ଜାନୁୟାରୀ ତୃତୀୟ ସପ୍ତାହରେ ପିକ୍ ନେବା ସହ ଦୈନିକ ୩୦ରୁ ୫୦ ହଜାର ସଂକ୍ରମିତ ଚିହ୍ନଟ ହେବେ ବୋଲି ଆକଳନ କରାଯାଉଛି। ଯେହେତୁ ଅନେକ ଲକ୍ଷଣ ବିହୀନ ରହୁଛନ୍ତି, ତେଣୁ ସେମାନଙ୍କୁ ଚିହ୍ନଟ କରିବା କଷ୍ଟ ହେବ। ଏହି ଲହର କମ୍ ଦିନ ପର୍ଯ୍ୟନ୍ତ ରହିଲେ ମଧ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ଏହା ଚାପ ସୃଷ୍ଟି କରିବ। ପ୍ରଥମ ଦୁଇ ଲହର ଅପେକ୍ଷା ଏହା ବହୁତ ଶୀଘ୍ର ଆସି ପିକ୍‌ରେ ପହଞ୍ଚି ଶୀଘ୍ର ଶେଷ ହୋଇଯିବ ବୋଲି ଡା. ନିରୋଜ ମିଶ୍ର ସୂଚନା ଦେଇଛନ୍ତି।

ସେପଟେ ସମ୍ଭାବ୍ୟ ତୃତୀୟ ଲହରକୁ ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତତ୍ପର ହୋଇଛି। ହୁ ହୁ ହୋଇ ବଢୁଥିବା କୋଭିଡ୍‌ର ନୂଆ ପ୍ରଜାତି ‘ଓମିକ୍ରନ’ର ଦ୍ରୁତ ସଂକ୍ରମଣ ତୃତୀୟ ଲହର ଆଶଙ୍କାକୁ ବଢ଼ାଇ ଦେଇଛି। ଆଉ ସେଥିପାଇଁ ପ୍ରସ୍ତୁତ ରହିବାକୁ ରାଜ୍ୟ ସରକାରଙ୍କ ସହଭାଗିତାରେ ଚାଲୁଥିବା ଘରୋଇ କୋଭିଡ୍ ହସ୍ପିଟାଲକୁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି। ଡେଲ୍‌ଟା ଭାରିଆଣ୍ଟ ଠାରୁ ‘ଓମିକ୍ରନ’ ୫ଗୁଣା ଅଧିକ ବେଗରେ ସଂକ୍ରମିତ କରୁଥିବାରୁ ଏକା ସମୟରେ ଗୁରୁତର ରୋଗୀଙ୍କ ସଂଖ୍ୟା ବୃଦ୍ଧି ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ଆଶଙ୍କା କରୁଛି। ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ତୃତୀୟ ଲହର ମୁକାବିଲା ଲାଗି ରାଜ୍ୟ ସରକାର ପ୍ରସ୍ତୁତ ଅଛନ୍ତି। ଯେତେ ରୋଗୀ ଚିହ୍ନଟ ହେଲେ ବି ସମସ୍ତଙ୍କୁ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ବ୍ରିଟେନରେ ଯେପରି ସଂକ୍ରମଣ ବଢୁଛି, ତୃତୀୟ ଲହର ସମ୍ଭାବନା ଅଛି ବୋଲି ମଧ ସେ ଆଶା ପ୍ରକଟ କରିଛନ୍ତି। ତେବେ ନିୟମାବଳୀ ଅନୁସାରେ ଅନ୍ତର୍ଜାତୀୟ ଯାତ୍ରୀଙ୍କ ସର୍ଭେଲାନ୍ସ ଚାଲିଛି। ଏହାସହ ସତର୍କତା ବଢ଼ାଯାଇଛି। ଓମିକ୍ରନ ସଂକ୍ରମଣ ଚିହ୍ନଟ ପାଇଁ ଜିନୋମ୍ ସିକ୍ୱେନ୍ସିଂ ଜରୁରୀ। ସେଥିପାଇଁ ଅଧିକ ସଂଖ୍ୟକ ନମୁନା ସିକ୍ୱେନ୍ସିଂ ପାଇଁ ପଠାଯାଉଛି। ତେବେ ଓମିକ୍ରନ ସଂକ୍ରମଣ ବ୍ୟାପିଥିବା ଦେଶରୁ ପ୍ରାୟ ୧,୫୦୦ ଯାତ୍ରୀ ଆସିଛନ୍ତି। ଓମିକ୍ରନର ଲକ୍ଷଣ ପୂର୍ବ ଭାରିଆଣ୍ଟ ଭଳି ଥିବାରୁ ସେହିଭଳି ଚିକିତ୍ସା ଜାରି ରହିଛି। ରୋଗୀ ସଂଖ୍ୟା ବୃଦ୍ଧି ସହ ତାଳ ଦେଇ ଭିତ୍ତିଭୂମି ବଢ଼ାଯିବ। ପୂର୍ବ ପ୍ରସ୍ତୁତି ସହ ଅକ୍ସିଜେନ, ବେଡ୍, ଜରୁରୀ ଔଷଧ ମହଜୁଦ ରଖାଯାଉଛି। ଏହା ସହ ନିୟମିତ ଏହାର ତର୍ଜମା କରାଯାଉଛି। ରାଜ୍ୟର ସମସ୍ତ କୋଭିଡ୍ ହସ୍ପିଟାଲ, ଘରୋଇ ହସ୍ପିଟାଲରେ ସ୍ୱତନ୍ତ୍ର ଓମିକ୍ରନ ବ୍ଲକ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ମିଶ୍ର ସୂଚନା ଦେଇଛନ୍ତି। ଏନେଇ ଡିଏମ୍‌ଇଟି ଡା. ରମାରମଣ ମହାନ୍ତି କହିଛନ୍ତି, ଆବଶ୍ୟକ ହେଲେ ନିର୍ଦ୍ଦେଶ ମିଳିବା କ୍ଷଣି କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ କରାଇବାକୁ ପଡ଼ିବ। ଏହା ସହ ଟୀକାକରଣ ବଢ଼ାଇବାକୁ ମଧ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ଡିଏମ୍‌ଇଟି କହିଛନ୍ତି।



### ବେଦିକ କଲେଜର ୯ ଛାତ୍ର କରୋନା ଆକ୍ରାନ୍ତ

ସମ୍ବଲପୁର,୧୮।୧୨(ବ୍ୟୁରୋ)

ସମ୍ବଲପୁର ଶାସନସ୍ଥିତ ବେଦିକ କଲେଜ ଛାତ୍ର କୋଭିଡ୍‌ରେ ଆକ୍ରାନ୍ତ ହୋଇଛନ୍ତି। ୩ଦିନ ତଳେ ୩ ଛାତ୍ର ଆକ୍ରାନ୍ତ ହୋଇଥିବା ବେଳେ ଶନିବାର ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇ ୯ରେ ପହଞ୍ଚିଛି।

ଏଡିଏମ୍‌ଓ ଆଶୋକ ଦାସ କହିଛନ୍ତି, ଜଣେ ଛାତ୍ର ଥାଲାସେମିଆ ପରୀକ୍ଷା କରିବା ପାଇଁ ନିକଟରେ ଥିବା ପାପପାଲି ପରୀକ୍ଷା କେନ୍ଦ୍ରକୁ ଯାଇଥିଲେ। ସେଠାରେ ଡାକ୍ତର କୋଭିଡ୍ ଲକ୍ଷଣ ଜାଣି ପରୀକ୍ଷା କରିବାକୁ କହିଥିଲେ। ପରୀକ୍ଷା ପରେ କୋଭିଡ୍ ଆକ୍ରାନ୍ତ ଥିବା ଜଣାପଡିଥିଲା। ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ କଲେଜ ପରିଦର୍ଶନ କରି ଅନ୍ୟ କେତେଜଣ ଛାତ୍ରଙ୍କ ସ୍ୱାବ୍ ସଂଗ୍ରହ କରିଥିଲେ। ପରୀକ୍ଷା ପରେ ପୁଣି ୨ଛାତ୍ର ସଂକ୍ରମିତ ଥିବା ଜଣାପଡିଥିଲା। ପରେ ହଷ୍ଟେଲର ଅନ୍ୟ କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ସ୍ୱାବ୍ ସଂଗ୍ରହ ହୋଇଥିଲା। ରିପୋର୍ଟ ଆସିବା ପରେ ସେମାନଙ୍କ ମଧ୍ୟରୁ ଆଉ ୬ ଜଣ ପଜିଟିଭ ଥିବା ଜଣାପଡିଛି। ସ୍ୱାସ୍ଥ୍ୟ ବିଭାଗର ଟିମ୍ ରବିବାର ପୁଣି କଲେଜ ପରିଦର୍ଶନ କରିବାକୁ ସ୍ଥିର ହୋଇଛି। କଲେଜ ଅଧକ୍ଷ ଆନନ୍ଦ ଅଗ୍ରୱାଲ କହିଛନ୍ତି, କଲେଜରେ ଯୁକ୍ତ ୨ ପ୍ରଥମବର୍ଷର ଜଣେ ଛାତ୍ର କୋଭିଡ୍ ସଂକ୍ରମିତ ଥିବା ଜଣାପଡିଥିଲା। କଲେଜରେ ଆଡ୍‌ମିଶନ ସମୟରେ ଛାତ୍ରଙ୍କ ଆଣ୍ଟିଜେନ୍ ପରୀକ୍ଷା କରାଯିବାରୁ ରିପୋର୍ଟ ନେଗେଟିଭ୍ ଆସିଥିଲା। ହେଲେ ପରିବାର ବର୍ଗ ଆର୍‌ଟିପିସିଆର୍ ଟେଷ୍ଟରେ ପଜିଟିଭ ଆସିଥିବା ସୂଚନା ଦେଇଥିଲେ। ସଙ୍ଗେ ସଙ୍ଗେ ଛାତ୍ରଙ୍କୁ ବ୍ୟବସ୍ଥା କରି ଘରକୁ ପଠାଇ ଦିଆଯାଇଥିଲା। ଅନ୍ୟ ରିପୋର୍ଟ ଆମ ପାଖକୁ ଆସି ନାହିଁ। କଲେଜ ପକ୍ଷରୁ କୋଭିଡ୍ ନିୟମ ମାନି ସୁରକ୍ଷା ଦିଗରେ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଉଛି।

## ଭିସୁଟ୍ ଛାତ୍ରଙ୍କୁ ମାଡ଼

### ଥାନାରେ ୬ ଜଣଙ୍କ ନାମରେ ଅଭିଯୋଗ

ସମ୍ବଲପୁର,୧୮।୧୨(ବ୍ୟୁରୋ)

ସମ୍ବଲପୁର ବୁର୍ଲା ଭିସୁଟ୍ ଦ୍ୱିତୀୟ ବର୍ଷ ଛାତ୍ର ମାନସ ସିଂଙ୍କୁ ମାଡ଼ ମରାଯାଇଥିବା ନେଇ ବୁର୍ଲା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ.୭୪୫/୨୧) ରୁଜୁ କରି ଘଟଣା ତଦନ୍ତ କରୁଛି। ପୋଲିସ ସୂଚନା ଅନୁସାରେ ଛାତ୍ର ମାସନ କ୍ୟାମ୍ପସ୍ ବାହାରେ କିରବା ଛକକୁ ଚା ପିଇବା ପାଇଁ ଆସିଥିଲେ। ସେ ସମୟରେ ଦୋକାନକୁ ୬ଜଣ ସିନିୟର ଛାତ୍ର ଆସିଥିଲେ। ପରେ ସେମାନେ ସିନିୟର ଛାତ୍ରଙ୍କୁ କିଭଳି ସମ୍ମାନ ଦିଅନ୍ତି ଜାଣିନାହୁଁ କହି ମାଡ ମାରିଥିବା ନେଇ ମାନସ ପୋଲିସ ପାଖରେ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ କମଳ ଲୋଚନ ପଣ୍ଡା କହିଛନ୍ତି, ଅଭିଯୋଗ ଉପରେ ୬ ଛାତ୍ରଙ୍କ ନାମରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ସବୁ ଘଟଣା କଲେଜ କ୍ୟାମ୍ପସ ବାହାରେ କିରବା ଛକରେ ଘଟିଛି। ଏଥିପାଇଁ ଏକ ଟିମ୍ ଗଠନ କରାଯାଇଛି ବୋଲି କହିଥିଲେ। ଏ ସମ୍ପର୍କରେ ଭିସୁଟ କୁଳପତି ପ୍ରଫେସର ବଂଶୀଧର ମାଝି କହିଛନ୍ତି, ର୍‍ୟାଗିଂ କିମ୍ବା ମାରପିଟ ହୋଇଥିବା ନେଇ କୌଣସି ଅଭିଯୋଗ ହୋଇ ନାହିଁ। କଲେଜ କ୍ୟାମ୍ପସ ବାହାରେ ଛାତ୍ରମାନେ ମାରପିଟ ହୋଇଥିବେ। ଅଭିଯୋଗ ଉପରେ ପୋଲିସ ତଦନ୍ତ କରୁଛି। ଆମ ପାଖକୁ ଅଭିଯୋଗ ଆସିବା ପରେ ପଦକ୍ଷେପ ଗ୍ରହଣ କରାଯିବ। ଛାତ୍ର ମାନସ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ରାତି ୮ଟା ସମୟରେ ଜଣେ ସାଙ୍ଗ ସହିତ କିରବା ଛକକୁ ଖାଇବାକୁ ଯାଇଥିଲେ। ସେ ସମୟରେ ଉକ୍ତ ଦୋକାନରେ ୬ ଜଣ ସିନିୟର ଛାତ୍ର ବସିଥିଲେ। ସେମାନେ ପାଖକୁ ଡାକି ଆମେ କିଏ ଜାଣିଛୁ ବୋଲି ପ୍ରଶ୍ନ କରିଥିଲେ। ସିନିୟର ଛାତ୍ର କହି ନାମ ପଚାରିଥିଲେ। ନାମ ଜାଣି ନ ଥିବା କହିବାରୁ ମାରପିଟ କରିଥିଲେ। ଟି ଶାର୍ଟ ଫାଡି ଦେଇଥିଲେ। ଗାଳିଗୁଲଜ ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଥାନାରେ ପରିବାର ସହ ଯାଇ ଅଭିଯୋଗ କରିଛି। ଭିସୁଟ କର୍ତ୍ତୃପକ୍ଷଙ୍କୁ ମଧ ଅଭିଯୋଗ କରିବି ବୋଲି କହିଥିଲେ।



ଭିସୁଟ ଛାତ୍ର ମାନସ ସିଂ।

## ସ୍ଥିତି ଅନୁଧ୍ୟାନ କଲେ କ୍ରାଇମବ୍ରାଞ୍ଚ ଏଡିଜି

ପୁରୀ ଅଫିସ,୧୮।୧୨

ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ବ୍ୟକ୍ତିଗତ ସହାୟକ(ପିଏ) ଚିତ୍ତରଞ୍ଜନ ପଲେଇ ହତ୍ୟା ମାମଲରେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ଶନିବାର ୩ୟ ଦିନରେ ପହଞ୍ଚିଛି। ୩ୟ ଦିନରେ କ୍ରାଇମ୍‌ବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ପୁରୀ ଗସ୍ତରେ ଆସି ହତ୍ୟା ଘଟଣାର ତଦନ୍ତ ଅଗ୍ରଗତି ସମୀକ୍ଷା କରିଛନ୍ତି। ସେ ଏସ୍‌ପି କନୱର ବିଶାଲ ସିଂଙ୍କ ସହ ଆଲୋଚନା କରିବା ପରେ ମୃତଦେହ ଜବତ ହୋଇଥିବା ଗଡ଼ମୃଗଶରା ନୂଆଗାଁସ୍ଥିତ ଘଟଣାସ୍ଥଳକୁ ଯାଇଥିଲେ। ଏଡିଜିଙ୍କ ସହ ପୁରୀ ଏସ୍‌ପି, କ୍ରାଇମବ୍ରାଞ୍ଚର ୪ଜଣିଆ ଟିମ୍, ମାମଲାର ତଦନ୍ତକାରୀ ଅଧିକାରୀ ଓ ଫରେନ୍ସିକ୍ ଟିମ୍ ରହିଥିଲେ। ମୁଖ୍ୟତଃ ଗାଡ଼ି ଦୁର୍ଘଟଣା ହୋଇଥିବା ସ୍ଥାନ, ଚିତ୍ତରଞ୍ଜନଙ୍କ ମୃତ ଶରୀର ମିଳିଥିବା ସ୍ଥାନ ଓ ଜଗନ୍ନାଥଙ୍କ ଉଦ୍ଧାର କରାଯାଇଥିବା ସ୍ଥାନରେ ସ୍ଥିତି ଯାଞ୍ଚ କରାଯାଇଛି। ସେହିଭଳି ଅନେକ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଛି। ଏଡିଜି ଦୁର୍ଘଟଣାସ୍ଥଳକୁ ତନ୍ନତନ୍ନ କରି ଯାଞ୍ଚ କରିବା ସହ ସ୍ଥାନୀୟ ଲୋକ ଓ ଫରେନ୍ସିକ୍ ଟିମ୍ ସହ ଆଲୋଚନା କରିଛନ୍ତି। ଏଡିଜି ପଣ୍ଡା କହିଛନ୍ତି , କେବେ ସୁଦ୍ଧା ମାମଲାର ତଦନ୍ତ ଶେଷ ହେବ ତାହା ସ୍ପଷ୍ଟ ଭାବେ କହିବା ସମ୍ଭବପର ନୁହେଁ। ଚିତ୍ତରଞ୍ଜନଙ୍କ ମୃତ୍ୟୁର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ଟିମ୍ ବୟାନ ରେକର୍ଡ କରୁଛି। ସ୍ପଟ ଭିଜିଟ୍ ଶେଷ ହୋଇସାରିଥିବା ବେଳେ ସବୁ ଦିଗରୁ ମାମଲାକୁ ଦେଖାଯାଉଛି। ଘଟଣା ସହ ସମ୍ପୃକ୍ତ ଓ ସାକ୍ଷୀମାନଙ୍କ ବୟାନ ରେକର୍ଡ ଉପରେ ଗୁରୁତ୍ୱ ଦେଉଛି। ଯାହାର ବୟାନ ଉପରେ ସନ୍ଦେହ ହେବ ସେମାନଙ୍କ ଲାଏ-ଡିଟେକ୍ସନ୍ ଟେଷ୍ଟ କରାଯାଇପାରେ। ଗଣମାଧ୍ୟମରେ ଏହି ଘଟଣାକୁ ନେଇ ଅନେକ ରିପୋର୍ଟ ହସ୍ତଗତ ହୋଇଛି, ସେହି ଦିଗକୁ ମଧ ଧାନ ଦେଉଛୁ ବୋଲି ପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ୩ୟ ଦିନରେ ମଧ କ୍ରାଇମବ୍ରାଞ୍ଚ ଟିମ୍ ୬ଜଣଙ୍କୁ ଜେରା କରିଥିବାବେଳେ ୫ଜଣଙ୍କୁ ପଚରାଉଚରା କରି ଛାଡ଼ି ଦେଉଛି। ଚିତ୍ତରଞ୍ଜନଙ୍କ ମୁଖ୍ୟ ସହଯୋଗୀ ଜଗନ୍ନାଥ ଷଡ଼ଙ୍ଗୀଙ୍କୁ ପୋଲିସ ଅଟକ ରଖିଛି। ଜେରାବେଳେ କିଛି ବ୍ୟକ୍ତିଙ୍କ କଥା ମେଳ ଖାଉ ନ ଥିବାବେଳେ ଲାଏ ଡିଟେକ୍ସନ କରାଯିବା ନେଇ ଚର୍ଚ୍ଚା ଜୋର ଧରିଥିଲା। ଶନିବାର କ୍ରାଇମବ୍ରାଞ୍ଚ ଏଡିଜିଙ୍କର ପ୍ରତିକ୍ରିୟା ପରେ ଏକଥା ସ୍ପଷ୍ଟ ହୋଇଛି ଯେ ଜେରା ଅନ୍ତର୍ଭୁକ୍ତ ସମସ୍ତ ବ୍ୟକ୍ତିଙ୍କର ଲାଏ ଡିଟେକ୍ସନ୍ କରାଯିବ। ଅନ୍ୟପକ୍ଷରେ ପୁରୀ ପୋଲିସ ଜଗନ୍ନାଥ ଭଡ଼ା ଘର ନିକଟରେ ଥିବା ସିସିଟିଭି ଫୁଟେଜ ସଂଗ୍ରହ ଉପରେ ଜୋର ଦେଇଛି। ଶୁକ୍ରବାର କ୍ରାଇମବ୍ରାଞ୍ଚ ଜଗନ୍ନାଥଙ୍କ ମାଟିଆପଡ଼ାସ୍ଥିତ ଭଡ଼ାଘରକୁ ଯାଇ ଛାନ୍‌ଭିନ୍ କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲା। ସେହିଭଳି ସିସିଟିଭି ଫୁଟେଜ ବାହାର କରିବାରେ ପୁରୀ ଏସ୍‌ପିଙ୍କୁ ସହଯୋଗ ମଗାଯାଇଥିଲା। ସିସିଟିଭି ଫୁଟେଜ୍ ମିଳିପାରିଲେ ସେହିଦିନ ରାତ୍ରିରେ କିଏ କିଏ ବାଇକ ଯୋଗେ ଭୋଜି ପରେ ବାହାରକୁ ଯାଇଥିଲେ ତାହା ଜଣାପଡ଼ିପାରିବ। ସେହିଭଳି ପୋଷ୍ଟମୋର୍ଟମ ରିପୋର୍ଟ ଓ ଭିସେରା ରିପୋର୍ଟ କ୍ରାଇମବ୍ରାଞ୍ଚର ହସ୍ତାନ୍ତର ହୋଇଛି କି ନାହିଁ ସେନେଇ କ୍ରାଇମବ୍ରାଞ୍ଚ ଏଡିଜି ସ୍ପଷ୍ଟ ପ୍ରତିକ୍ରିୟା ରଖିପାରି ନାହାନ୍ତି।



କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡା ଗଡ଼ମୃଗଶରା ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି।

**ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ପିଏ ଚିତ୍ତରଞ୍ଜନ ମୃତ୍ୟୁ ଘଟଣା**

**ଆବଶ୍ୟକ ପଡ଼ିଲେ ଲାଏ ଡିଟେକ୍ସନ୍ ଟେଷ୍ଟ ହେବ**

## ‘ପ୍ରକୃତିର ସୁରକ୍ଷା ବିନା ମଣିଷର ସୁରକ୍ଷା ଅସମ୍ଭବ’

### ଓଡ଼ିଶା ପରିବେଶ କଂଗ୍ରେସ ଅଧିବେଶନ ଉଦ୍‌ଘାଟିତ

ବାଲେଶ୍ୱର ଅଫିସ, ୧୮।୧୨

ଓଡ଼ିଶା ପରିବେଶ କଂଗ୍ରେସ-୨୦୨୧ର ୧୨ତମ ଅଧିବେଶନ ବାଲେଶ୍ୱରର ରେମୁଣା ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ସଭାଗୃହରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଡ. ଗଣେଶୀ ଲାଲ୍ ଭିଡିଓ କନଫରେନ୍ସିଂରେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିସହ ପ୍ରକୃତିର ସୁରକ୍ଷା ବିନା ମଣିଷର ସୁରକ୍ଷା ଅସମ୍ଭବ ଏବଂ କରୋନା ଭଳି ମହାମାରୀକୁ ମୁକାବିଲା କରିବା ମଧ କଷ୍ଟକର। ପ୍ରକୃତି ସହିତ ମଣିଷର ଏକ ଭାବଗତ ଓ ଆଧ୍ୟାତ୍ମିକ ସମ୍ପର୍କ ରହ ଆସିଛି। ଏ ସମ୍ପର୍କ ସଙ୍କଟରେ ପଡ଼ିବାରୁ ତା’ର ପରିଣାମ ଆଜି ମଣିଷ ଭୋଗୁଛି। ତେଣୁ ଧରିତ୍ରୀ ମା’ର ସୁରକ୍ଷା ଲାଗି ସକଳ ପ୍ରୟାସ ପାଇଁ ସେ ଆହ୍ୱାନ ଦେଇଥିଲେ।

ମୁଖ୍ୟବକ୍ତା ଭାବେ ସୋଆ ବିଶ୍ୱବିଦ୍ୟାଳୟ କୁଳପତି ଡ. ଅଶୋକ ମହାପାତ୍ର କରୋନା ମହାମାରୀକୁ ପ୍ରତିହତ ଲାଗି ଆମକୁ ପରିବେଶକୁ ସୁରକ୍ଷିତ ରଖିବାକୁ ପଡ଼ିବ ବୋଲି ସେ କହିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଛାତ୍ରୀଛାତ୍ର ପରିବେଶର ସୁରକ୍ଷା ଦିଗରେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଶିବପ୍ରସାଦ ଅଧିକାରୀ ପରିବେଶ ଓ ମହାମାରୀକୁ ନେଇ ଅଧିକ ଗବେଷଣା ହେବା ଉପରେ ଗୁରୁତ୍ୱ ଦେଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରି ପୂର୍ବତନ ବରିଷ୍ଠ ପ୍ରଶାସକ ଡ. ଅରବିନ୍ଦ ବେହେରା କରୋନା ମହାମାରୀ ପ୍ରକୃତି ଏବଂ ପରିବେଶ ପ୍ରତି ମଣିଷର ଅବିଚାରର ଏକ ନିଛକ ପ୍ରତିଫଳନ ବୋଲି ଅଭିହିତ କରିଥିଲେ। ଓଡ଼ିଶା ପରିବେଶ କଂଗ୍ରେସର ସାଙ୍ଗଠନିକ ସମ୍ପାଦକ ସୁଦର୍ଶନ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଭୃଗୁ ବକ୍ସିପାତ୍ର, ଡ. ବାବା ଆମ୍‌ତେ, ଡ. ବି.ବି. ସାମନ୍ତ ବକ୍ତବ୍ୟ ରଖିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ରନିନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ନରେ ମହାମାରୀର ପ୍ରକୃତି, ସାମାଜିକ ଓ ଅର୍ଥନୈତିକ ପ୍ରଭାବ ବିଷୟ ଉପରେ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ ରମାଦେବୀ ବିଶବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ପଦ୍ମଜା ମିଶ୍ର ଓ ଫକୀରମୋହନ ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନର ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଡ. ଶିଶିରକାନ୍ତ ବେହେରା, ଡ. ଜୟକୃଷ୍ଣ ପାଣିଗ୍ରାହୀ, ଡ. ସୁରେନ୍ଦ୍ର ନାରାୟଣ ପାତ୍ର, ପ୍ରଫେସର କପିଳେଶ୍ୱର ମିଶ୍ର, ଡ. ସୁଦେଶନା ଖଟୁଆ, ଦୀପଙ୍କର ଜେନା, ବାଳ ମୁକୁନ୍ଦ ଦାସ ପ୍ରମୁଖ ସେମାନଙ୍କର ପ୍ରବନ୍ଧ ଉପସ୍ଥାପିତ କରିଥିଲେ । ଏହି ଅବସରରେ ବିଶିଷ୍ଟ ଚିତ୍ରଶିଳ୍ପୀ କେଶୁ ଦାସଙ୍କ ଦ୍ୱାରା ପରିବେଶ ସମ୍ପର୍କିତ ଏକ ଚିତ୍ରକଳା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସେହିପରି ଅଯୋଧାର ନାରାୟଣ ଖଟୁଆଙ୍କ ପ୍ରକୃତିର ଅନାବରଣ ଶୀର୍ଷକ ଏକ ପ୍ରଦର୍ଶନୀ ସହିତ ନୟାଗଡ଼ର ଗଛସାର୍‌ଙ୍କ ଦ୍ୱାରା ଗଛ ଏବଂ ବନ୍ୟଜନ୍ତୁ ଉପରେ ତାଙ୍କର ସାଧନାକୁ ନେଇ ଏକ ପ୍ରଦର୍ଶନୀ ମଧ ଆୟୋଜିତ ହୋଇଥିଲା। ଏହାକୁ ବିଶବିଦ୍ୟାଳୟ କୁଳସଚିବ କୁକୁମିନା ଦାସ, ବିଭିନ୍ନ ବିଭାଗର ମୁଖ୍ୟମାନେ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟ ସଭା ଗୃହ ପ୍ରାଙ୍ଗଣରେ ଏହି କର୍ମଶାଳାର ବିଷୟବସ୍ତୁଭିତ୍ତିକ ତୈଳଚିତ୍ର ଓ ହସ୍ତଶିଳ୍ପ ପ୍ରଦର୍ଶନ କରି ଜୈବ ସଚେତନତା ସୃଷ୍ଟି କରିବାର ବାର୍ତ୍ତା ଦିଆଯାଇଥିଲା।



ବିଶ୍ୱବିଦ୍ୟାଳୟ ପରିସରରେ ପ୍ରଦର୍ଶିତ ତୈଳଚିତ୍ରକୁ ଦେଖୁଛନ୍ତି ଅତିଥି।

### ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରସ୍ତାବକୁ ସମାଜବାଦୀ ପାର୍ଟିର ବିରୋଧ

ଭୁବନେଶ୍ୱର,୧୮।୧୨(ବ୍ୟୁରୋ)

ପ୍ରସ୍ତାବିତ ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ସମାଜବାଦୀ ପାର୍ଟି ପକ୍ଷରୁ ବିରୋଧ କରାଯାଇଛି। ଗତ ନଭେମ୍ବର ୩୦ରେ ବିଦ୍ୟୁତ୍ ଯୋଗାଣ କମ୍ପାନୀଗୁଡ଼ିକ ପକ୍ଷରୁ ଓଡ଼ିଶା ରାଜ୍ୟ ବିଦ୍ୟୁତ ନିୟାମକ ଆୟୋଗ (ଓଇଆର୍‌ସି) ପାଖରେ ବିଦ୍ୟୁତ ଶୁଳ୍କ ବୃଦ୍ଧି ପାଇଁ ଆବେଦନ କରାଯାଇଛି। ବର୍ତ୍ତମାନର ୟୁନିଟ୍ ପିଛା ଶୁଳ୍କ ୨ଟଙ୍କା ୯୬ ପଇସାରୁ ୩ ଟଙ୍କା ୮୫ ପଇସାକୁ ବୃଦ୍ଧି କରିବା ପାଇଁ କମ୍ପାନୀ ପ୍ରସ୍ତାବ ରଖିଛି। ଗ୍ରୀଡ୍‌କୋର ଆବେଦନକୁ ଗ୍ରହଣ କରି ଓଇଆର୍‌ସି କେସ୍ ନଂ ୧୦୭/୨୧ରେ ରେଜେଷ୍ଟ୍ରିଭୁକ୍ତ କରିଛି। ଯଦି ଏହି ଆବେଦନକୁ ଅନୁମୋଦନ କରାଯାଏ, ତା’ହେଲେ ବିଜୁଳି ବଳକା ରାଜ୍ୟ ଓଡ଼ିଶାରେ ବିଜୁଳି ଦର ଆକାଶଛୁଆଁ ହେବ। ଏହାର ପରୋକ୍ଷ ପ୍ରଭାବ କେବଳ ଘରୋଇ ଗ୍ରାହକ ନୁହନ୍ତି, ରାଜ୍ୟର କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ବାଣିଜ୍ୟ ବ୍ୟବସାୟ ପ୍ରତିଷ୍ଠାନ ଉପରେ ପଡ଼ିବ । ଏଭଳି ଆବେଦନକୁ ମଞ୍ଜୁରୀ ଦେବାରୁ ସରକାର କ୍ଷାନ୍ତ ରହିବାକୁ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ତଥା ରାଜ୍ୟ ବିଦ୍ୟୁତ୍ ଉପଭୋକ୍ତା ମହାସଂଘର ଆବାହକ ରବି ବେହେରା ଦାବି କରିଛନ୍ତି।

ଧରିତ୍ରୀ
DHARITRI
ବ୍ରହ୍ମପୁର, ରବିବାର , ୧୯ ଡିସେମ୍ବର, ୨୦୨୧



## ବ୍ୟବସାୟୀଙ୍କୁ ମାଡ ଅଭିଯୋଗ, ଜଣେ ଗିରଫ

ବୁଗୁଡା,(ଡି.ଏନ.ଏ.)ବୁଗୁଡା ସହର ବାଲିପିଣ୍ଡି ସାହିର ଜଣେ ଯୁବ ବ୍ୟବସାୟୀଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ଶନିବାର ଜଣଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ବୁଗୁଡା ସହର ଅରବିନ୍ଦ ନଗରର ପିତବାସ ସାହୁ। ଏ ନେଇ ବୁଗୁଡ଼ା ଥାନାରେ ନଂ. ୬୬୧/୨୧ରେ ଏକ ମାମଲା ରୁଜୁ ହୋଇଛି। ବାଲିପିଣ୍ଡି ସାହିର ଯୁବ ବ୍ୟବସାୟୀ କେଶବ ସାହୁ ଶୁକ୍ରବାର ବ୍ୟବସାୟ ପାଇଁ ଅରବିନ୍ଦ ନଗର ଲେନକୁ ଗଲାବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପୀତବାସ ରାଗରେ କେଶବ ସାହୁଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଏ ନେଇ କେଶବ ବୁଗୁଡା ଥାନାରେ ଅଭିଯୋଗ କରିଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡି ଯୁବକଙ୍କ ମୃତ୍ୟୁ

ଆସିକା,୧୮।୧୨(ଡି.ଏନ.ଏ.):ଆସିକା ଏନ୍‌ଏସିର ତାଲୁକା ଛକସ୍ଥିତ ବାଲିଙ୍କେଶ୍ୱର ମନ୍ଦିର ପୋଖରୀରେ ବୁଡିଯାଇ ଶନିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ସୋରଡା ଥାନା ନୂଆଗଡ ଗ୍ରାମର ରାଜେଶ ପଣ୍ଡା (୨୨)। ରାଜେଶ ଗତ ସପ୍ତାହେ ହେଲା ଏହି ପୋଖରୀ ନିକଟରେ ଥିବା ତାଙ୍କ ମାମୁ ଘରକୁ ଆସିଥିଲେ । ଶନିବାର ପୋଖରୀକୁ ଗାଧୋଇବାକୁ ଯାଇ ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ପକ୍ଷରୁ ତାଙ୍କର ଅନୁସନ୍ଧାନ କରାଯାଇଥିଲା। ପରେ ଅଗ୍ନିଶମ ବିଭାଗ ସହାୟତାରେ ପୋଖରୀରୁ ତାଙ୍କୁ ଉଦ୍ଧାର କରାଯାଇ ଆସିକା ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ରାଜେଶଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ମାମୁ ବାଳକୃଷ୍ଣ ପାଢ଼ୀଙ୍କ ଅଭିଯୋଗକୁ ଭିତ୍ତିକରି ଆସିକା ପୋଲିସ ନଂ.୨୬/୨୧ରେ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତ ଦେହକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

### ଚଢ଼ାଉ କରିବାକୁ ଯାଇ ବନ କର୍ମଚାରୀ ହଟହଟା

ଆସିକା,୧୮।୧୨(ଡି.ଏନ୍.ଏ.)-ଆସିକା ବନାଞ୍ଚଳର କବିସୂର୍ଯ୍ୟନଗର ଥାନା କୁଶପଲ୍ଲୀ ଗ୍ରାମକୁ ଗତ ଗୁରୁବାର ରାତିରେ ବାର୍‌ହା ମାଂସ ଜବତ କରିବାକୁ ଯାଇ ବନକର୍ମଚାରୀ ହଟହଟାର ସମ୍ମୁଖୀନ ହୋଇଥିଲେ। ଶେଷରେ ଗ୍ରାମବାସୀଙ୍କ ଆକ୍ରୋଶର ଶିକାର ହୋଇ ବନକର୍ମଚାରୀ ଖାଲି ହାତରେ ଫେରି ଆସିଥିଲା ବେଳେ ଜବତ ମାଂସ ଆଣିବା ଲାଗି ନେଇଥିବା ଅଟୋକୁ ମଧ ଉତ୍ୟକ୍ତ ଲୋକେ ଭଙ୍ଗାରୁଜା କରିବା ସହ ଚାଳକଙ୍କୁ ମାଡ ମାରିଥିଲେ। ଏ ସମ୍ପର୍କରେ ଆସିକା ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ସାହୁଙ୍କୁ ପଚାରିବାରେ କୁଶପଲ୍ଲୀରେ ମାଂସ ଭାଗପକା ଯାଇ ବଣ୍ଟନ କରାଯାଉଥିବା ଖବର ପାଇ ଆସିକା ବନପାଳଙ୍କ ସହ ବନକର୍ମଚାରୀମାନେ ଗ୍ରାମରେ ପହଞ୍ଚିଥିଲେ। ତେବେ ବନକର୍ମଚାରୀଙ୍କୁ କେତେକ ମହିଳା ଓ ନାବାଳକ ସଂଘବଦ୍ଧ ଭାବେ ତୀବ୍ର ବିରୋଧ କରିଥିଲେ। ତେବେ ଏହି ଘଟଣାର ବିଭାଗ ପକ୍ଷରୁ ତଦନ୍ତ ଚାଲିଥିବା ବନାଞ୍ଚଳ ଅଧିକାରୀ ସାହୁ ପ୍ରକାଶ କରିଛନ୍ତି।

### ପାରଳାଖେମୁଣ୍ଡି ପୌରପରିଷଦର ରୂପାନ୍ତରିତ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୧୮।୧୨(ଡି.ଏନ୍.ଏ.) ପାରଳାଖେମୁଣ୍ଡି ପୌରପରିଷଦର ରୂପାନ୍ତରୀକରଣ ନିମନ୍ତେ ଆବଶ୍ୟକ ଥିବା ବିଭିନ୍ନ ପ୍ରକଳ୍ପର ମଞ୍ଜୁରୀ ଲାଗି ୫ଟି ସଚିବଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଶନିବାର ନିବେଦନ କରାଯାଇଛି। ଗଜପତି ଜିଲାର ପୌରପରିଷଦର ଜନସାଧାରଣ ସହର ଭିତ୍ତିଭୂମିର ବିକାଶ ନିମନ୍ତେ ୫୯ ପ୍ରକଳ୍ପ ପାଇଁ ୪ କୋଟି ୯୧ଲକ୍ଷ ଟଙ୍କା ମଞ୍ଜୁର କରିବାକୁ ପ୍ରସ୍ତାବ ଦିଆଯାଇଛି। ଗଜପତି ଜିଲାରେ ରାଜ୍ୟ ପର୍ଯ୍ୟବେକ୍ଷକ ଅତନୁ ସବ୍ୟସାଚୀଙ୍କ ଉପସ୍ଥିତିରେ ଜିଲାପାଳ ଲିଙ୍ଗରାଜ ପଣ୍ଡା ଓ ସହର ସ୍ୱୟଂସହାୟକ ଗୋଷ୍ଠୀ ସମସ୍ତ ପ୍ରକଳ୍ପ ମଞ୍ଜୁର କରିବାକୁ ୫ଟି ସଚିବକୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୌରପରିଷଦ ହେବାକୁ ଥିବା ପ୍ରକଳ୍ପଗୁଡିକ ହେଲା ମୀନ ପାର୍କ, ଓପନ ଜିମ୍, ଚିଲଡ୍ରେନ ପ୍ଲେ ଷ୍ଟେଶନ, ୱାକିଙ୍ଗ ଟ୍ରକ୍, ଲୁ, ଭେଣ୍ଡିଂଜୋନ ହେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ଜ୍ଞାନରଞ୍ଜନ ମାଝୀ ଉପସ୍ଥିତ ଥିଲେ।

### ପର୍ଯ୍ୟଟନ ସ୍ଥଳୀ ଲାଗି ସ୍ଥାନ ପାଇଲା ବଟେଶ୍ୱର ଶୈବପୀଠ

#### ଜିଲା ପ୍ରଶାସନକୁ କୃତଜ୍ଞତା

ଗଞ୍ଜାମ,୧୮।୧୨(ଡି.ଏନ.ଏ.)- ଗଞ୍ଜାମ ଜିଲାର ପର୍ଯ୍ୟଟନ ସ୍ଥଳ ଭ୍ରମଣ ପାଇଁ ନୂତନ ପଦକ୍ଷେପ ନିଆଯାଇଛି। ସେଥିପାଇଁ ଗଞ୍ଜାମ ଦର୍ଶନ ପର୍ଯ୍ୟଟକ ସ୍ଥଳୀ ପାଇଁ ଗଞ୍ଜାମ ବ୍ଲକ ପାଲିବନ୍ଧ ପଞ୍ଚାୟତରେ ରହିଥିବା ବଟେଶ୍ୱର ଶୈବପୀଠ ସ୍ଥାନ ପାଇଥିବା ଯୋଗୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ, ଏପିଡି ଜ୍ୟୋତି ଶଙ୍କର ରାୟ, ଗଞ୍ଜାମ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱଜିତ ରାୟ, ତହସିଲଦାର ଅରୁଣ କୁମାର ନାୟକଙ୍କୁ ପାଲିବନ୍ଧ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ସହ ବଟେଶ୍ୱର ଐତିହ୍ୟ ସଂରକ୍ଷଣ କମିଟିର ଆବାହକ ଦିଲିପ ଛୋଟରାୟ, ସଭାପତି ପୀତାମ୍ବର ସ୍ୱାଇଁ, ଉପସଭାପତି ଶବର କୁମାର ତରାଇ, ସମ୍ପାଦକ ରଞ୍ଜିତ ପଲାଇ, ଶିକ୍ଷକ ସଞ୍ଜୟ କୁମାର ତରାଇଙ୍କ ସମେତ ଅନ୍ୟମାନେ ସମସ୍ତ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଶପ୍‌-ଫେଷ୍ଟ , ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

ଛତ୍ରପୁର, ୧୮।୧୨ (ଡିଏନ.ଏ.)



ଏମ୍‌ପି ଓ ଅନ୍ୟମାନେ।

ଛତ୍ରପୁର ଷ୍ଟାଡିୟମରେ ଓରମାସ, ମିଶନ ଶକ୍ତି ଓ ଜିଲା ପ୍ରଶାସନର ସହଯୋଗରେ ଅନୁଷ୍ଠିତ ଦୁଇଦିନିଆ ଜିଲାସ୍ତରୀୟ ଶପ୍‌-ଫେଷ୍ଟ, ପଲ୍ଲୀଶ୍ରୀ ମେଳା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମା' ମାନେ ବହୁ ପରିଶ୍ରମ କରି ନିଜେ ବିଭିନ୍ନ କଳାକୃତୀ ଠାରୁ ଆରମ୍ଭ କରି ଘରୋଇ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରସ୍ତୁତ କରିଛନ୍ତି ଯାହାର ବିକ୍ରିବଟା ନିମନ୍ତେ ଏହି ପଲ୍ଲିଶ୍ରୀ ମେଳା ସହାୟକ ହେବ ବୋଲି ଏହି ମେଳାକୁ ଉଦ୍‌ଘାଟନ କଲା ବେଳେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି ।

ଜଲା ଏବଂ ବାହାରୁ ମିଶନ ଶକ୍ତି ମା' ମାନେ ନିଜେ ପ୍ରସ୍ତୁତ କରିଥିବା ବିଭିନ୍ନ ସାମଗ୍ରୀ ଗୁଡିକୁ ୫୦ ଷ୍ଟଲରେ ବିକ୍ରି କରାଯାଇଥିଲା । ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଶପ୍ ପେଷ୍ଟ ଓ ପଲ୍ଲିଶ୍ରୀ ମେଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ କାର୍ଯ୍ୟକ୍ରମ ଛତ୍ରପୁରଠାରେ ହେଉଥିବାରୁ ସେ ଜିଲା ପ୍ରଶାସନକୁ ଧନ୍ୟବାଦ ଜଣାଇବା ସହ ପଲ୍ଲିଶ୍ରୀ ମେଳାରେ ମିଶନ ଶକ୍ତିର ମା' ମାନେ ନିଜେ ପ୍ରସ୍ତୁତ କରିଥିବା ବିଭିନ୍ନ ସାମଗ୍ରୀ ବିକ୍ରି ବଟା କରି ନିଜେ ସ୍ୱାବଲମ୍ବୀ ହେବା ସହ ନିଜ ପରିବାର ପ୍ରତିପୋଷଣ କରିବାରେ ସହାୟକ ହେବ ବୋଲି କହିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ସୋନମ୍ ପଲାଇ, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ, ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସ୍, ଡୁଡା ପିଡି ସଚ୍ଚିଦାନନ୍ଦ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଓରମାସ୍‌ର ସିଇଓ ଡ଼. ଜ୍ୟୋତି ପ୍ରକାଶ ମହାନ୍ତି, ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡିଆ କଣ୍ଠଶିଳ୍ପୀ ଦୀପ୍ତିରେଖା, ଆଶୁତୋଷ ମହାନ୍ତି, ସତ୍ୟଜିତ୍ ପ୍ରଧାନ ସେମାନଙ୍କର କଳା ପ୍ରଦର୍ଶନ କରିଛନ୍ତି। ନିଜ ନିଜ ଗୀତ ଯାଦୁରେ ଦର୍ଶକମାନଙ୍କୁ ନଚାଇବା ସହ ଖୁସି କରାଇଛନ୍ତି। କାର୍ଯ୍ୟକ୍ରମରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ନିଜ ନିଜ କଳା କୃତି ପରିବେଷଣ କରାଯାଇଥିଲା।

## ସାବିତ୍ରୀ ମହିଳା କଲେଜର ପାଠଚକ୍ର



ଅତିଥିମାନେ ସନ୍ଦର୍ଭଟିକୁ ଉନ୍ମୋଚନ କରୁଛନ୍ତି ।

ଭଞ୍ଜନଗର,୧୮।୧୨(ଡି.ଏନ.ଏ)

ଭଞ୍ଜନଗର ସାବିତ୍ରୀ ମହିଳା ମହାବିଦ୍ୟାଳୟ ଇଂଲିଶ ବିଭାଗ ପକ୍ଷରୁ ଶନିବାର ବିଜ୍ଞାନ ଓ ଧର୍ମ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କେଏସ୍‌ୟୁବି କଲେଜ ଇଂଲିଶ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ସାତ୍ତ୍ୱିକୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟକ୍ଷ ଡ. ଜୟରାମ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସନ୍ଧ୍ୟାରାଣୀ ପ୍ରଧାନ ପାଠଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଛାତ୍ରୀ କୀର୍ତ୍ତି ସାହୁ ସନ୍ଦର୍ଭଟିକୁ ପଠନ କରିଥିବା ବେଳେ ସମ୍ପାଦିକା ବ୍ରତ ପ୍ରିୟା ରାଉଳ ଓ ସହ ସମ୍ପାଦିକା କେ. ସ୍ୱାଗତିକା ବିବରଣୀ ପଠନ କରିଥିଲେ। ଅଧ୍ୟାପକ ସୋନା ରାଓ ଧନ୍ୟବାଦ ପ୍ରଦାନ କରିଥିଲେ।

## ହତ୍ୟା ଅଭିଯୋଗରେ ବ୍ରାହ୍ମଣୀଗାଁ ବନ୍ଦ

ଦାରିଙ୍ଗବାଡ଼ି,୧୮।୧୨(ଡି.ଏନ.ଏ)


ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଜଣେ ଯୁବକଙ୍କୁ ହତ୍ୟା ଅଭିଯୋଗରେ ଶନିବାର କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁକୁ ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ଘଟଣାକୁ ପରିବାର ଲୋକ ଏହା ଏକ ହତ୍ୟା ବୋଲି ଅଭିଯୋଗ କରିଥିଲେ। ହେଲେ ପୋଲିସର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ପ୍ରତିବାଦରେ ବ୍ରାହ୍ମଣୀଗାଁ ଅଞ୍ଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ବିଭିନ୍ନ ସଙ୍ଗଠନ ପକ୍ଷରୁ ବ୍ରାହ୍ମଣୀଗାଁକୁ ଅବରୋଧ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାରିଙ୍ଗବାଡ଼ି ତହସିଲଦାର ଚାର୍ଲସ ନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ରାହ୍ମଣୀଗାଁର ବିଭିନ୍ନ ସ୍ଥାନରେ ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରିଥିବାରୁ ବ୍ରହ୍ମପୁର, ଫୁଲବାଣୀ, ଦାରିଙ୍ଗବାଡ଼ିକୁ ସମ୍ପୂର୍ଣ୍ଣ ବସ ଚଳାଚଳ ବନ୍ଦ ରହିଛି। ଉକ୍ତ ଥାନା କିନାରୀ ନୂଆଗାଁ ଅଞ୍ଚଳରେ ଗତ ମାସ ୩ରେ ଅକ୍ଷୟ କୁମାର ପାତ୍ରଙ୍କ ବାଡାସୁରୁ ଜଙ୍ଗଲରରୁ ଝୁଲନ୍ତା ମୃତଦେହ ଜବତ ହୋଇଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କହିଥିଲା। ହେଲେ ବର୍ତ୍ତମାନ ସୁଦ୍ଧା ଘଟଣାର ତଦନ୍ତ ଠିକ ଦିଗରେ କରୁ ନ ଥିବା ପରିବାର ଲୋକ କନ୍ଧମାଳ ଏସ୍‌ପିଙ୍କୁ ଅଭିଯୋଗ କରିଥିଲେ କିନ୍ତୁ ଆଜି ପର୍ଯ୍ୟନ୍ତ ପରିବାର ଲୋକଙ୍କୁ କୌଣସି ନ୍ୟାୟ ନ ମିଳିବାରୁ ଏହି ବନ୍ଦ ଡାକରା ଦେଇଥିଲେ।

**ଯୁବକଙ୍କ ମୃତଦେହ ମିଳିବା ଘଟଣା**

## ମନ୍ତ୍ରୀଙ୍କ ଏସ୍‌ଏଚ୍‌ଜିକୁ ସହାୟତା ରାଶି ବଣ୍ଟନ

ଫୁଲବାଣୀ ଅଫିସ/ଖଜୁରିପଡ଼ା/ ବଲସକୁମ୍ପା (ଡି.ଏନ୍.ଏ.), ୧୮।୧୨




ଖଜୁରିପଡ଼ା ଏବଂ ଫିରିଙ୍ଗିଆ ବ୍ଲକରେ ମିଶନ୍ ଶକ୍ତି ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ଖଜୁରୀପଡା ପଂଚାୟତ ସମିତି ପକ୍ଷରୁ ଆୟୋଜିତ ମେଳାରେ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ସହାୟତା ରାଶି ବଣ୍ଟନ କରିଛନ୍ତି। ସ୍ଥାନୀୟ ହାଇସ୍କୁଲ ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଯୋଗଦେଇ ରାଜ୍ୟ ସରକାର ମହିଳା ମାନଙ୍କ ବିକାଶ ପାଇଁ ଲାଗୁ କରିଥିବା ବିଭିନ୍ନ ଯୋଜନା ସଂପର୍କରେ ସୂଚନା ଦେଇଥିଲେ। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ମନ୍ତ୍ରୀ ଜେନା ବ୍ଲକରେ କାର୍ଯ୍ୟକାରୀ ହେବାକୁ ଥିବା ରାସ୍ତା, ବିଦ୍ୟାଳୟ, ମିଶନ ଶକ୍ତି ଗୃହ ଏବଂ ଅଙ୍ଗନବାଡି କେନ୍ଦ୍ରର ଶିଳାନ୍ୟାସ କରିଥିଲେ। ବିଡିଓ ରବୀନ୍ଦ୍ରନାଥ କହଁର ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକ, ଏମ୍‌ପି ପ୍ରତିନିଧି ପଙ୍କଜ ମଲିକ, ଜିଲା ପରିଷଦ ସଦସ୍ୟା ଜୁଲିଲତା ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷ ବୀରେନ୍ଦ୍ର କହଁର ଧନ୍ୟବାଦ ଦେଇଥିଲେ। ସେହିପରି ଫିରିଙ୍ଗିଆରେ ନୂତନ ଭାବରେ ନିର୍ମାଣ କରାଯାଇଥିବା ଜଗନ୍ନାଥ କଲ୍ୟାଣ ମଣ୍ଡପ ଓ ରତଙ୍ଗଠାରେ ନବ ନିର୍ମିତ ଭୋଳେଶ୍ୱର କଲ୍ୟାଣ ମଣ୍ଡପ ଓ ମିଶନ ଶକ୍ତି ଗୃହର ଉଦ୍‌ଘାଟନ କରାଯାଇଥିଲା। ମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରି ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ସଭାସ୍ଥଳରୁ ପୋଲିସ ସେମାନଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖିଥିଲା । ବିଡିଓ ରଶ୍ମିରଞ୍ଜନ ମହାନ୍ତ ଏହି ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ବ୍ଲକ ଅଧ୍ୟକ୍ଷ ଲାଲନନ୍ଦା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ଫୁଲବାଣୀରେ କଂଗ୍ରେସ ପ୍ରଭାରୀ ଚେଲ୍ଲା କୁମାର

ଫୁଲବାଣୀ ଅଫିସ, ୧୮।୧୨

କନ୍ଧମାଳ ଜିଲା ଗସ୍ତରେ ଶନିବାର କଂଗ୍ରେସର ରାଜ୍ୟ ପ୍ରଭାରୀ ଡ. ଚେଲ୍ଲା କୁମାର ଆସିଛନ୍ତି। ସ୍ଥାନୀୟ ସର୍କିଟ ହାଉସଠାରେ ସେ ପହଞ୍ଚିବା ପରେ ଜିଲା କଂଗ୍ରେସ ସଭାପତି ଅନାମ ନାୟକ, ପୂର୍ବତନ ଏମ୍‌ପି ରାଧାକାନ୍ତ ଦିଗାଲ, ନକୁଳ ନାୟକ, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାଢ଼ୀ, ଛାତ୍ର କଂଗ୍ରେସ ସଭାପତି ଅନୁପମ କହଁର, ସୋସିଆଲ ମିଡିଆ ଅଧ୍ୟକ୍ଷ ନନ୍ଦ କିଶୋର ଦାଶ, ବରିଷ୍ଠ ନେତା ଚନ୍ଦ୍ର ଶେଖର ପରିଡାଙ୍କ ସମେତ ଦଳୀୟ ନେତାମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି । ଚେଲ୍ଲା କୁମାରଙ୍କ ସହ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଓ ଏଆଇସିସି ସମ୍ପାଦକ ରୁଦ୍ର ରାଜୁ ମଧ ଉପସ୍ଥିତ ଥିଲେ। ରବିବାର ସ୍ଥାନୀୟ କରୋନେଶନ ପଡିଆଠାରେ ଆୟୋଜିତ ହେବାକୁ ଥିବା ଜିଲା କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ସେମାନେ ଯୋଗ ଦେବେ। ଏଥିସହ ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ମଧ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ସବୁ କାର୍ଯ୍ୟକ୍ରମରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ବିଧାୟକ ତାରା ପ୍ରସାଦ ବାହିନିପତି, ନୂଆପଡା ବିଧାୟକ, ମୋହନା ବିଧାୟକ ଯୋଗ ଦେବେ ବୋଲି ସ୍ଥାନୀୟ ପ୍ରେସ କ୍ଲବଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳ ପକ୍ଷରୁ ସୂଚନା ଦିଆଯାଇଛି।

## ବିଭିନ୍ନ ଦାବି ନେଇ ପାଚିକା ସହାୟିକା ସଂଘର ସ୍ମାରକପତ୍ର

ହିଞ୍ଜିଳିକାଟୁ,୧୮।୧୨(ଡି.ଏନ୍.ଏ)

ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା, ସହାୟିକା ସଂଘ ପକ୍ଷରୁ ଶନିବାର ୧୨ଦଫା ଦାବି ପୂରଣ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ହିଞ୍ଜିଳିକାଟୁ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବ୍ଲକର ବିଭିନ୍ନ ସ୍କୁଲରେ ଏମ୍‌ଡିଏମ୍ ପାଚିକା ଓ ସହାୟିକାମାନେ ସଭାନେତ୍ରୀ ସୁଷମା ବେହେରାଙ୍କ ନେତୃତ୍ୱରେ ବଙ୍ଗଳବଣିଆ ପୂର୍ତ୍ତ ଡାକବଙ୍ଗଳାରୁ ରାଲିରେ ବାହାରିଥିଲେ। ପରିଚାଳନା କମିଟି ଓ ସ୍ୱୟଂ ସହାୟିକା ଗୋଷ୍ଠୀ ମିଥ୍ୟା ଅଭିଯୋଗ ଉପରେ ତଦନ୍ତ ନ ହୋଇ ପାଚିକାମାନଙ୍କୁ ବହୁ ସ୍ଥାନରେ କାର୍ଯ୍ୟରୁ ବହିଷ୍କାର କରାଯାଉଥିବା ନେଇ ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ସେମାନଙ୍କୁ ସର୍ବନିମ୍ନ ମଜୁରି, ମାସର ନିର୍ଦ୍ଦିଷ୍ଟ ତାରିଖରେ ଭତ୍ତା ପ୍ରଦାନ ଆଦି କରିଛନ୍ତି। ସମ୍ପାଦିକା ମାଧୁରୀ ପଟ୍ଟନାୟକ, ସଙ୍ଗୀତା ପଣ୍ଡା, ରଞ୍ଜିତା ସେଠୀ, ମମତା ପୃଷ୍ଟି, ସୁକାନ୍ତି ପଣ୍ଡା ପ୍ରମୁଖ ବହୁ ପାଚିକା ସଂଘ ସଦସ୍ୟା ଉପସ୍ଥିତ ଥିଲେ।

## ମିଶନ ଶକ୍ତି ଋଣ ମେଳା

କାଶୀନଗର,୧୮।୧୨(ଡି.ଏନ.ଏ.)

ରାଜ୍ୟ ସରକାରଙ୍କ ଅଗ୍ରଣୀ ବିଭାଗ ଜୀବନ ଜୀବିକା ମିଶନ (ଶକ୍ତି)ର ଏକ ସଫଳ ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ନେଇ ବିଭିନ୍ନ ସ୍କିମରେ ଋଣ ପ୍ରଦାନ କରାଯାଉଛି। କାଶୀନଗର ବ୍ଲକ ପରିସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ଲକ୍ଷ୍ମୀ ପ୍ରସାଦ ସାହୁଙ୍କ ଦ୍ୱାରା ଆୟୋଜିତ ମିଶନ ତରଫରୁ ଋଣ ପ୍ରଦାନ ମେଳାରେ ମୁଖ୍ୟଅତିଥି ଭାବେ ଉପଜିଲାପାଳ, ସମ୍ମାନିତ ଅତିଥି ଭାବେ ଜିଲା ପ୍ରୋଗ୍ରାମ ମ୍ୟାନେଜର ପ୍ରିୟମ୍ବଦା ବିଷୋଇ, ଡିପିସି ରଶ୍ମିରଞ୍ଜନ ସେଠୀ, ଏପିଡି ବିଦ୍ୟାଧର ମୁଦୁଲି, ଏଲଡିଏମ୍ କିଶୋର ଚନ୍ଦ୍ର ନାୟକ, ସିଡିପିଓ କନକଲତା ପୂଜାରୀ, ୟୁନିୟନ ବ୍ୟାଙ୍କ, ଷ୍ଟେଟ ବ୍ୟାଙ୍କର ପ୍ରମୁଖ ବ୍ରାଞ୍ଚ ମ୍ୟାନେଜରମାନେ ଉପସ୍ଥିତ ଥିଲେ। ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଅଜୟ ବାରିକ, ବିପିସି ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖଙ୍କ ଉପସ୍ଥିତିରେ ମହିଳା ଗୋଷ୍ଠୀମାନଙ୍କୁ ଋଣ ପ୍ରଦାନ କରାଯାଇଥିଲା। ମୋଟ ୧୦୫ ଗ୍ରୁପକୁ ଅଣୁ ବିନିଯୋଗ ପାଣ୍ଠି, ଆବର୍ତ୍ତନ ପାଣ୍ଠିରୁ ୨ କୋଟି ୧୩ ଲକ୍ଷ ୭୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ମେଳାରେ ବ୍ଲକ ଅଧ୍ୟକ୍ଷଙ୍କୁ ଡକାଯାଇନଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଥିଲେ।

## ଋଷିକୂଲ୍ୟାରେ ପୋତି ହୋଇଛି ପୋତାଗଡ଼ର ପାଚେରି

ଗଞ୍ଜାମ,୧୮।୧୨(ଡି.ଏନ.ଏ.)

ଗଞ୍ଜାମ ସହରସ୍ଥିତ ଋଷିକୂଲ୍ୟା ନଦୀ ପାର୍ଶ୍ୱରେ ବ୍ରିଟିଶ ଅମଳରୁ ଐତିହାସିକ ପୋତାଗଡ଼ ରହିଛି। ଏହି ଗଡ଼ ବହୁ ବର୍ଷରୁ ପୋତି ହୋଇଯିବାରୁ ଏହା ପୋତାଗଡ଼ ନାମରେ ନାମିତ ହୋଇଥିଲା। ସେଠାରେ ଥିବା ହାତୀ ଘୋଡା ଶାଳ ଭାଙ୍ଗି ରୁଜି ଯାଇଥିବା ବେଳେ ଅନେକ କୀର୍ତ୍ତି ପୋତି ହୋଇ ରହିଥିବା ଦେଖିବାକୁ ମିଳୁଛି। ଏଥିସହିତ ଋଷିକୂଲ୍ୟା ନଦୀ ଗର୍ଭରେ ପୋତାଗଡ଼ର ଭଗ୍ନ ପାଚେରୀ ପୋତି ହୋଇ ରହିଥିବା ବେଳେ ଏବେ ମଧ ପାଚେରୀର କିଛି ଅଂଶ ଦେଖିବାକୁ ମିଳିଛି। ସବୁବେଳେ ନଦୀ ପାଣିରେ ପାଚେରୀଟି ରହିଥିଲେ ବି ସତେଜ ଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଜିଲା ପ୍ରଶାସନ ଏହି ପୋତାଗଡ଼ର ପୁନଃ ଉଦ୍ଧାର ଏବଂ ଉନ୍ନତି ପାଇଁ ବିଭିନ୍ନ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଘନ ଘନ ପୋତାଗଡ଼ ଗସ୍ତ କରି ବିଭିନ୍ନ କାର୍ଯ୍ୟ ତଦାରଖ ପାଇଁ ତହସିଲଦାର ଅରୁଣ କୁମାର ନାୟକଙ୍କୁ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ଗଞ୍ଜାମ ଦର୍ଶନରେ ଯେଉଁ ବସର ଶୁଭାରମ୍ଭ ହୋଇଛି ସେଥିରେ ପୋତାଗଡ଼ ସ୍ଥାନ ପାଇଛି। ତେଣୁ ଶନିବାର ଯୁଦ୍ଧ କାଳୀନ ଭିତ୍ତିରେ ପୋତାଗଡ଼ଠାରେ ପର୍ଯ୍ୟଟକଙ୍କ ବିଶ୍ରାମ ନେବା ଲାଗି ସିମେଣ୍ଟରେ ନିର୍ମିତ ଚେୟାର ରଖାଯାଇଛି। ଋଷିକୂଲ୍ୟା ଗର୍ଭରେ ଥିବା ଭଗ୍ନ ପାଚେରୀ ପୁନଃ ଉଦ୍ଧାର ପାଇଁ ସ୍ଥାନୀୟବାସୀ ଜିଲା ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି।


ଋଷିକୂଲ୍ୟା ନଦୀରେ ପୋତି ହୋଇ ରହିଛି ପୋତାଗଡ଼ର ବିଭିନ୍ନ ପାଚେରି।

## ମନ୍ତ୍ରୀ, ଜିଲାପାଳଙ୍କ ହେଲ୍‌ଥ କାର୍ଡ ବଣ୍ଟନ

ପୁରୁଷୋତ୍ତମପୁର/ ଜଗନ୍ନାଥପ୍ରସାଦ,୧୮।୧୨(ଡି.ଏନ.ଏ.)


ଜଗନ୍ନାଥପ୍ରସାଦରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉଦ୍‌ବୋଧନ ଦେଉଛନ୍ତି।

ପୁରୁଷୋତ୍ତମପୁର ବ୍ଲକ କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀର ୧୧ ପଞ୍ଚାୟତରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଡ ବଣ୍ଟନ କରାଯାଇଛି। ବଡଖରିଡା କାଳେଶ୍ୱର ମନ୍ଦିର ପାର୍କ ପରିସରରେ ଶନିବାର ଅନିଲ କୁମାର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଓ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଜିଲା ପରିଷଦ ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା, ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ପଣ୍ଡା, ଉପାଧ୍ୟକ୍ଷା ବବିତା ରାଉଳ, ଜିଲା ପରିଷଦ ସଭ୍ୟ ପି. ନାରାୟଣ ରାଓ ଯୋଗଦେଇ ହିତାଧିକାରୀଙ୍କୁ କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ। ସେହିପରି ଭୂତସରସିଙ୍ଗି, ପାଣ୍ଡିଆ, ଶିକୁଳା, ସମା, ଅନ୍ତରିଗାଁ, ଝାଡବାଇ, ଟଙ୍କାଛାଇ, ସିହେଚ ନୂଆଗାଁ ପଞ୍ଚାୟତରେ ପ୍ରାୟ ୧୫ ହଜାର ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଛି। ଏହାକୁ ବିଡିଓ ବିଜୟ କୁମାର ବେହେରା, ଏବିଡିଓ ମଧୁସୂଦନ ମହାରଣା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ତଦାରଖ କରିଥିବା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଜିଆରଏସମାନେ ପରିଚାଳନା କରିଥିଲେ। ସେହିପରି ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଜଗନ୍ନାଥପ୍ରସାଦ ବ୍ଲକ ଗସ୍ତ କରି ୮ ପଞ୍ଚାୟତରେ ସ୍ମାର୍ଟ କାର୍ଡ ବଣ୍ଟନ କରିଛନ୍ତି। ମନ୍ତ୍ରୀ ପ୍ରଥମେ ବରଗାଁ ପଞ୍ଚାୟତରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ବେହେରା, ବିଡ଼ିଓ ଅନୁପ ପଣ୍ଡା, ତହସିଲଦାର ମନୋଜ କୁମାର ତ୍ରିପାଠୀ, ବିପ୍ର ଚରଣ ବାରିକ, ଉପାଧ୍ୟକ୍ଷ ହିମାଂଶୁ ବାରିକ, ବ୍ଲକ ବିଜେଡି ସଭାପତି ମୋହନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ନବବଧୂଙ୍କ ଆତ୍ମହତ୍ୟା

ବଲସକୁମ୍ପା,୧୮।୧୨

ଖଜୁରିପଡ଼ା ଥାନା ଅନ୍ତର୍ଗତ ଟିଗ୍ରାପଙ୍ଗା ଗାଁର ମୁଖି ସାହିରେ ଶନିବାର ଜଣେ ନବବଧୂ ଆତ୍ମହତ୍ୟା କରିଛନ୍ତି। ଘରେ ନିଜ ସ୍ୱାମୀ ଏବଂ ପରିବାର ବର୍ଗ କେହି ନଥିବାର ସୁଯୋଗ ନେଇ ଅଜିତ ମୁଖୀଙ୍କ ନବବିବାହିତା ସ୍ତ୍ରୀ ଅନିତା ଘରେ ରସି ଲଗେଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ସ୍ୱାମୀ ଭୁବନେଶ୍ୱରର ଏକ ବେସରକାରୀ ସଂସ୍ଥାରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଛନ୍ତି। ଏହିଭଳି ସ୍ଥଳେ ଅନିତା କୌଣସି କାରଣକୁ ନେଇ ଆତ୍ମହତ୍ୟା କରିଛନ୍ତି ତାହାର ଜଣାପଡ଼ିନାହିଁ। ଏ ନେଇ ଖଜୁରିପଡ଼ା ପୋଲିସ ନଂ. ୧୭/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବାଇକ୍ ଧକ୍କାରେ ଜଣେ ମୃତ

ସୋରଡ଼ା,୧୮।୧୨(ଡି.ଏନ.ଏ.)

ବଡ଼ଗଡ଼ ଥାନା ଅନ୍ତର୍ଗତ ଗୌଡ଼ଗୋଠ ପଞ୍ଚାୟତର ପାତମା ଗ୍ରାମ ନିକଟରେ ଶନିବାର ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗୌଡ଼ଗୋଠ ପଞ୍ଚାୟତର ଭାଲିଆପଦା ଗ୍ରାମର ରାମ ଗମାଙ୍ଗ। ଗୁରୁତରମାନେ ହେଲେ ତ୍ରିନାଥ ଗମାଙ୍ଗ ଓ ବଦ୍ରିନାଥ ଗମାଙ୍ଗ। ସେମାନଙ୍କୁ ବଡ଼ଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଭାଲିଆପଦା ଗ୍ରାମର ରାମ, ତ୍ରିନାଥ ଓ ବଦ୍ରିନାଥ ବାଇକ୍ ଯୋଗେ ଗୌଡ଼ଗୋଠରୁ ଫେରିବା ବେଳେ ପାତମା ନିକଟରେ ଏକ ଟାଟାଏସିଇ ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ବାଇକ୍ ଚାଳକ ରାମଙ୍କ ମୃତ୍ୟୁ ଘଟିଥିଲା। ବଡ଼ଗଡ଼ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଛି।

## ଆନ୍ତଃ-ମହାବିଦ୍ୟାଳୟ ପୁରୁଷ କବାଡି ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବୁଗୁଡ଼ା,୧୮।୧୨(ଡି.ଏନ.ଏ.)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ପିପୁଲ୍ସ କଲେଜ ସହଯୋଗରେ ଶନିବାର କଲେଜ ପଡିଆରେ ୫୦ତମ ଆନ୍ତଃ-ମହାବିଦ୍ୟାଳୟ ପୁରୁଷ କବାଡି ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ରଜନୀ କାନ୍ତ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟି ସଭାପତି ରଜନୀ କାନ୍ତ ଭଞ୍ଜ ଯୋଗଦେଇ ଟୁର୍ନାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉକ୍ତ ତ୍ରିଦିବସୀୟ ଟୁର୍ନାମେଣ୍ଟରେ ୧୭ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଉଦ୍‌ଘାଟନୀ ମ୍ୟାଚଟି ଆଦିବାସୀ ମହାବିଦ୍ୟାଳୟ ବାଲିଗୁଡ଼ା ଏବଂ ଋଷିକୁଲ୍ୟା ମହାବିଦ୍ୟାଳୟ ସୋରଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଦ୍ୟ ମ୍ୟାଚଟିକୁ ରେଫରି ସଚ୍ଚିଦାନନ୍ଦ ଦାସ ଏବଂ ଅମ୍ପାୟର ଭଞ୍ଜ କିଶୋର ଗୌଡ ଓ ଶ୍ରୀନିବାସ ଦୋରା ପରିଚାଳନା କରିଥିବା ବେଳେ ଜଗନ୍ନାଥ ମହାନ୍ତି, ହରିହର ବିଶ୍ୱାଳ ସ୍କୋରର ଭାବେ ନିୟୋଜିତ ଥିଲେ। ଉକ୍ତ ଟୁର୍ନାମେଣ୍ଟକୁ କଲେଜର କ୍ରୀଡ଼ା ସାଙ୍ଗଠନିକ ସମ୍ପାଦକ ଅକ୍ଷୟ କୁମାର ସାହୁ ଓ କ୍ରୀଡ଼ା ଶିକ୍ଷକ କ୍ରିଷ୍ଣା ରାଓ ପାତ୍ର ପରିଚାଳନା କରିଥିଲେ।

## ଅପାରଗତାରୁ ଇ-ସେବା...

ପ୍ରଥମ ପୃଷ୍ଠାରୁ...

୬୦ ଦିନ ସମୟ ଧାର୍ଯ୍ୟ କରାଯାଇଥିବାବେଳେ ତାହାକୁ ୩୮୪ ଦିନକୁ ଗଡ଼ାଇ ଦିଆଯାଇଥିଲା। ଅନ୍ୟ ପକ୍ଷରେ ଏଲ୍‌-୧ ବିଡରକୁ ବିଭାଗ ପ୍ରତ୍ୟାଖ୍ୟାନ କରିବା ପରେ ଏଲ୍‌-୨ ବିଡରକୁ କାର୍ଯ୍ୟ ନ ଦେଇ ଟେଣ୍ଡରକୁ ବାତିଲ କରାଯାଇଥିଲା। ୨୦୧୩ ଡିସେମ୍ବର ୧୮ରେ ନଗର ଉନ୍ନୟନ ବିଭାଗ ଆଉ ଏକ ଟେଣ୍ଡର ଜାରି କରିଥିଲା। ଏଥିରେ ମାତ୍ର ଜଣେ ବିଡର ଅଂଶଗ୍ରହଣ କରିବାରୁ ଉକ୍ତ ଟେଣ୍ଡରକୁ ବାତିଲ କରାଯାଇଥିଲା। ଇତିମଧ୍ୟରେ କେନ୍ଦ୍ରୀୟ ଯୋଜନା ଜେଏନ୍‌ଏନ୍‌ୟୁଆରଏମ୍‌ର ଅବଧି ଶେଷ ହୋଇଯାଇଥିଲା। ସଫ୍ଟୱେର ବିକାଶ କରିବା ପୂର୍ବରୁ ଏସ୍‌ଆରଏସ୍‌ ଚୂଡ଼ାନ୍ତ ନ ହେବା ଏବଂ ସଫ୍ଟୱେର ଡେଭଲପର ଚୟନରେ ବିଳମ୍ବ ହେତୁ ଏନ୍‌ଏମ୍‌ଏମ୍‌ପି ସଫଳତାର ସହିତ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଫଳରେ ଏହି ପ୍ରକଳ୍ପ ପାଇଁ ବ୍ୟୟ କରାଯାଇଥିବା ୪.୦୭ କୋଟି ଟଙ୍କା ପାଣିରେ ପଡ଼ିବା ସହ ୮.୬୩ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ରାଜ୍ୟକୁ ହରାଇବାକୁ ପଡ଼ିଲା ବୋଲି ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

## କଟକରେ ଓମିକ୍ରନ୍‌...

ମିଳିଥିବା ସୂଚନା ଅନୁସାରେ ନାଇଜେରିଆରୁ ଫେରିଥିବା ଉକ୍ତ ଯୁବକଙ୍କ ଘର ଜଗତ୍‌ସିଂହପୁର ଜିଲା ଏରସମା ଅଞ୍ଚଳରେ। ନାଇଜେରିଆରୁ ଆସି ସେ ପ୍ରଥମେ ଗ୍ରାମକୁ ଯାଇଥିଲେ। ସେଠାରୁ କଟକ ଆସି ଏକ ଲଜ୍‌ରେ ରହିଥିଲେ। ପରେ କରୋନା ପଜିଟିଭ୍‌ ଚିହ୍ନଟ ହୋଇଥିଲେ। ଏପରିକି ତାଙ୍କ ସଂସ୍ପର୍ଶରେ ଆସିଥିବା ଶଳା ଏବଂ ୬ଜଣ ଲଜ୍‌ କର୍ମଚାରୀ ମଧ୍ୟ ପଜିଟିଭ୍‌ ଚିହ୍ନଟ ହୋଇଛନ୍ତି। ବିଦେଶ ଫେରନ୍ତା ପଜିଟିଭ ଚିହ୍ନଟ ହେବା ସମ୍ପର୍କରେ ପ୍ରତିକ୍ରିୟା ରଖି କଟକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସତ୍ୟବ୍ରତ ଛୋଟରାୟ କହିଛନ୍ତି, ଏପର୍ଯ୍ୟନ୍ତ ବିଦେଶରୁ ଫେରିଥିବା ୧୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ କରୋନା ପରୀକ୍ଷା କରାଯାଇଛି। କଟକ ମେରିଆବଜାରର ଗୋଟିଏ ପରିବାରର ୭ଜଣ ପଜିଟିଭ ଆସିଥିବା ସେ କହିଛନ୍ତି।

## ଅଗ୍ନି ପ୍ରାଇମ୍‌ର ସଫଳ...

କରିଛି। ଏହାର ଯୁଦ୍ଧାସ୍ତ୍ର ବହନ କ୍ଷମତା ୧୫୦୦ରୁ ୩ ହଜାର କେଜି ଥିବାବେଳେ ଲକ୍ଷ୍ୟଭେଦ କ୍ଷମତା ୧ ହଜାରରୁ ୨ହଜାର କି.ମି. ରହିଛି। ତେବେ ଆଜିର ସଫଳ ପରୀକ୍ଷଣକୁ ନେଇ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆରଡିଓ ଟିମ୍‌କୁ ଅଭିନନ୍ଦନ ଜଣାଇବା ସହ ସିଷ୍ଟମର ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଖୁସି ବ୍ୟକ୍ତ କରିଛନ୍ତି। ସେହିପରି ପ୍ରତିରକ୍ଷା ବିଭାଗର ସଚିବ ଜି. ସତୀଶ ରେଡ୍ଡୀ ଡିଆରଡିଓ ଏଭଳି ପ୍ରୟାସକୁ ପ୍ରଶଂସା କରିବା ସହ ଚଳିତବର୍ଷର କ୍ରମାଗତ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ।

## ସ୍ୱଦେଶ ଦର୍ଶନ ଯୋଜନାରେ...

ରିପୋର୍ଟ ସହିତ ଏକ ପ୍ରସ୍ତାବ ଦିଆଯାଇଥିଲା। ଏହାପରେ ୧୭।୭।୨୦୨୦ରେ ଏକ ରିମାଇଣ୍ଡର ପତ୍ର ଦିଆଯାଇଥିଲା। ତାହାକୁ କେନ୍ଦ୍ର ସରକାର ଅଣଦେଖା କରୁଛନ୍ତି। ଦ୍ୱିତୀୟରେ ସ୍ୱଦେଶ ଦର୍ଶନ ଯୋଜନା ଅଧୀନ ଗ୍ରାମୀଣ ପରିପଥ (ରୁରାଲ ସର୍କିଟ) ପ୍ରକଳ୍ପରେ ଓଡ଼ିଶାକୁ ସାମିଲ କରିବା ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୪।୧୦।୨୦୧୫ରେ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ତାହା ବି ଫାଇଲ ତଳେ ଚାପି ରହିଯାଇଛି। ତୃତୀୟରେ ସ୍ୱଦେଶ ଦର୍ଶନ ଯୋଜନା ଅଧୀନ ଆଧ୍ୟାତ୍ମିକ ପରିପଥ (ସ୍ପିରିଚୁଆଲ ସର୍କିଟ) ପ୍ରକଳ୍ପ ଓଡ଼ିଶାରେ କାର୍ଯ୍ୟକାରୀ କରିବାକୁ ପର୍ଯ୍ୟଟନ ବିଭାଗ ୫।୧।୨୦୧୬ରେ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଚତୁର୍ଥରେ ସାଗରମାଳା ପ୍ରକଳ୍ପ ପ୍ରସ୍ତାବିତ ଅଞ୍ଚଳରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଯୋଜନା କରାଯାଇଥିବା ପ୍ରକଳ୍ପଗୁଡ଼ିକର ତାଲିକା କେନ୍ଦ୍ର ସରକାରଙ୍କୁ ୨୨।୧୦।୨୦୨୦ରେ ଜଣାଇ ଦିଆଯାଇଛି। ହେଲେ ଏହାର ଅଗ୍ରଗତି ମଧ୍ୟ ମନ୍ଥର ରହିଛି। କେନ୍ଦ୍ରର ଅବହେଳା ଜାରି ରହିଥିବାବେଳେ ରାଜ୍ୟ ସରକାରଙ୍କ ଉଦ୍ୟମରେ ଚାଲିଥିବା ପର୍ଯ୍ୟଟନର ବିକାଶରେ ଅଧିକାରୀ ଓ କର୍ମଚାରୀଙ୍କ ଆନ୍ତରିକତାର ଅଭାବ ମଧ୍ୟ ଦେଖିବାକୁ ମିଳୁଛି। କେତେକ ବିକାଶ କାର୍ଯ୍ୟ ଅଧାରେ ଅଟକି ରହିବା ସହ ନିମ୍ନମାନର ମଧ୍ୟ ହେଉଛି। ୨୦୧୯-୨୦ ବର୍ଷରେ ରାଜ୍ୟର ୧୫ଟି ପର୍ଯ୍ୟଟନସ୍ଥଳୀର ବିକାଶ ପାଇଁ ୧୬୭.୪୧ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏହିସବୁ ପ୍ରକଳ୍ପଗୁଡ଼ିକର ନୈରାଶ୍ୟଜନକ ଅଗ୍ରଗତି ଉପରେ ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ(ଅଡିଟ-୨) ୭।୮।୨୦୨୧ରେ ସ୍ପଷ୍ଟୀକରଣ ମାଗିଥିଲେ। ଏନେଇ ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ ଇ.ବି. ଜେନା ୯।୮।୨୦୨୧ରେ ଆସିଷ୍ଟାଣ୍ଟ ଅଡିଟ୍‌ ଅଫିସରଙ୍କୁ ଦେଇଥିବା ରିପୋର୍ଟରେ ମାତ୍ର ୪ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଯାଇଛି। ଏଥିରେ ଯାଜପୁର ଜିଲାର ବୈତରଣୀ ନଦୀକୂଳରେ ଥିବା ବରାହପୀଠରେ ହେରିଟେଜ ପାର୍କ ଅଧାପନ୍ତରିଆ ରହିଥିଲେ ହେଁ ରିପୋର୍ଟରେ ସମ୍ପୂର୍ଣ୍ଣ ହୋଇଥିବାର ଦର୍ଶାଯାଇଛି। ଏହାକୁ ଏକ ଉଦାହରଣ ଭାବେ ନେଇ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଅନେକ ଅନିୟମିତତାର ପର୍ଦ୍ଦାଫାଶ୍‌ ହୋଇପାରିବ। ନଚେତ ସରକାରଙ୍କ ବହୁ ଉଦ୍ୟମ ଫସରପାଟିବ ଏବଂ କରଦାତାଙ୍କ ଅର୍ଥ ଆତ୍ମସାତ ହେବ ବୋଲି ମତପ୍ରକାଶ ପାଇଛି।

# ଜାଲ୍‌ ପ୍ରମାଣପତ୍ର ଦେଇ ପଦୋନ୍ନତି ପୂର୍ବତନ ଆଇସିଡିଏସ୍‌ ସୁପରଭାଇଜରଙ୍କୁ ୨ ବର୍ଷ ଜେଲ

**ଜୟପୁର, ୧୮।୧୨ (ନି.ପ୍ର.)**

ଜାଲ ପ୍ରମାଣପତ୍ର ଦେଇ ପଦୋନ୍ନତି ପାଇଥିବା ନେଇ ଏକ ମାମଲାର ଶୁଣାଣି ହୋଇଛି। ଜୟପୁର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ ରାଜେଶ ଏକ୍କା ମାମଲାର ଶୁଣାଣି କରି ପଦୋନ୍ନତି ପାଇଥିବା ମାଲକାନଗିରି ଜିଲା କରୁକୋଣ୍ଡା ବ୍ଲକର ପୂର୍ବତନ ଆଇସିଡିଏସ ସୁପରଭାଇଜର ଶୁଭମଣି ଦେଈଙ୍କୁ ୨ବର୍ଷ ଜେଲଦଣ୍ଡ ସହ ତାଙ୍କୁ ୭ହଜାର ଟଙ୍କା ଜରିମାନା କରାଯାଇଛି। ଶୁଭମଣି ଜାଲ ମାଟ୍ରିକ ପ୍ରମାଣପତ୍ର ଦେଇ ଆଇସିଡିଏସ ସୁପରଭାଇଜର ପଦବୀକୁ ପଦୋନ୍ନତି ପାଇଥିବା ନେଇ ୨୦୧୨ରେ ଅଭିଯୋଗ ହୋଇଥିଲା। ସେ ଏହି ଜାଲ ପ୍ରମାଣପତ୍ର ଦେଇ ୯ ଲକ୍ଷ ୩୭ ହଜାର ୧୬ ଟଙ୍କା ପାଇଥିଲେ। ଭିଜିଲାନ୍ସ ଅଭିଯୋଗ ପାଇବା ପରେ ତାଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରିଥିଲା। ସତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଏମ. ବାଲାଜି ରାଓ ମାମଲା ପରିଚାଳନା କରୁଥିଲେ। ସେହିପରି ୧୫।୧୨।୨୧ରେ ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମାର ପୂର୍ବତନ ସୁପରଭାଇଜର ପି. ଲକ୍ଷ୍ମୀ ମଧ୍ୟ ଏପରି ଜାଲ ପ୍ରମାଣପତ୍ର ଦେଇ ପଦୋନ୍ନତି ହାତେଇଥିବାରୁ ଦଣ୍ଡିତ ହୋଇଛନ୍ତି।

# ସାକାର ହେବ ୬୦ ବର୍ଷର ସ୍ୱପ୍ନ



ବିଧାୟକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୧୮।୧୨**

- ‘ଦରହ’ ପ୍ରକଳ୍ପ ଶୁଭ ପଡ଼ିଲା
- ନଭେମ୍ବର ସୁଦ୍ଧା ସରିବ କାର୍ଯ୍ୟ
- ୫୦୦ ହେକ୍ଟରକୁ ମାଡ଼ିବ ପାଣି

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକବାସୀଙ୍କ ଦୀର୍ଘ ୬୦ବର୍ଷର ସ୍ୱପ୍ନ ସାକାର ରୂପ ନେବାକୁ ଯାଉଛି। ବହୁ ପ୍ରତୀକ୍ଷିତ ‘ଦରହ’ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ ପାଇଁ ଶନିବାର ଶୁଭ ପଡ଼ିଛି। ବିଧାୟକ ସୁଧୀର କୁମାର ସାମଲ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ସେଚପ୍ରକଳ୍ପ ପୂର୍ଣ୍ଣାଙ୍ଗ ହେଲେ ୪ ପଞ୍ଚାୟତର ୫୦୦ ହେକ୍ଟର ଜମିକୁ ପାଣି ମାଡ଼ିବ। ଅଞ୍ଚଳବାସୀଙ୍କ ସାମାଜିକ, ଅର୍ଥନୈତିକ ଜୀବନ ସମୃଦ୍ଧ ହେବ ବୋଲି ବିଧାୟକ ଆଶାବ୍ୟକ୍ତ କରିଛନ୍ତି।

ରାଜ୍ୟ ଜଳ ସମ୍ପଦ ବିଭାଗ ଏବଂ ଜିଲା କ୍ଷୁଦ୍ର ଜଳସେଚନ ବିଭାଜନର ମିଳିତ ଆନୁକୂଲ୍ୟରେ ‘ଦରହ’ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯିବ। ଏଥିଲାଗି ୨କୋଟି ୧୨ଲକ୍ଷ ୧୬ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି। ୨୦୨୨ ନଭେମ୍ବର ୧୨ ସୁଦ୍ଧା ଏହାକୁ ସମ୍ପୂର୍ଣ୍ଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଖଙ୍କିରା, ଲାଉଲଇ, ଲେଥକା, ବେଗା ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ୫୦୦ ହେକ୍ଟରରୁ ଊର୍ଦ୍ଧ୍ୱ ଜମିକୁ ଜଳସେଚନ ସୁବିଧା ହେବ। ଚାଷୀମାନେ ବର୍ଷ ସାରା ଫସଲ ଉତ୍ପାଦନ କରିପାରିବେ। ଅଞ୍ଚଳବାସୀଙ୍କ ଦୀର୍ଘଦିନର ଆଶା ପୂରଣ ହୋଇଥିବାରୁ ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। କାର୍ଯ୍ୟକ୍ରମରେ ଢେଙ୍କାନାଳ କ୍ଷୁଦ୍ର ଜଳସେଚନ ବିଭାଜନ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ ସାହୁ, ଜିଲା ବିଜେଡି କୃଷକ ମୋର୍ଚ୍ଚା ସଭାପତି ନରୋତ୍ତମ ସାହୁ, ସରପଞ୍ଚ ଶ୍ରୀବତ୍ସ ସେଠୀ, ଗଁଦିଆ ବ୍ଲକ ବିଜେଡି ସଭାପତି ବିଶ୍ୱନାଥ ଜେନା, ଯୁବ ବିଜେଡି ସଭାପତି ପ୍ରଦୀପ ରାଉତ, ନବକିଶୋର ସାମଲ, ଜିଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ରୁବି ବିଶ୍ୱାଳ, ଧରିତ୍ରୀ ମଲ୍ଲିକ, ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନାବାଳକ ସମେତ ୨ ଧରାପଡ଼ିଲେ

## ଯୁବକଙ୍କ ତଣ୍ଟି କାଟି ହତ୍ୟା ଘଟଣା

**ବଲାଙ୍ଗୀର ଅଫିସ, ୧୮।୧୨**



ଶନିବାର ଫରେନସିକ୍‌ ଟିମ୍‌ ଓ ପୋଲିସ ଘଟଣାସ୍ଥଳରେ ଛାନ୍‌ଭିନ୍‌ କରୁଛନ୍ତି।

ବଲାଙ୍ଗୀର ସହର ଗାନ୍ଧୀନଗରପଡା ବରଫ ମିଲ୍‌ ସମ୍ମୁଖ ଗଳିରେ ଶୁକ୍ରବାର ଅପରାହ୍ଣରେ ଘରେ ପଶି ଯୁବକଙ୍କୁ ହତ୍ୟା ଘଟଣାରେ ପୋଲିସ ଜଣେ ନାବାଳକଙ୍କ ସମେତ ଦୁଇ ଜଣଙ୍କୁ ଧରିଛି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଓ ଅନ୍ୟ ଜଣେ ବଲାଙ୍ଗୀର ହାତୀଶାଳପଡାର ଯୁକ୍ତତିନି ଶ୍ରେଣୀ ଛାତ୍ର ରାଜୀବ ସେହ୍ନିଆ(୧୯)। ଧରା ପଡିଥିବା ନାବାଳକ ଜଣକ ତୁଳସୀନଗରପଡାର। ସେ ଯୁକ୍ତ ୨ଶ୍ରେଣୀର ଛାତ୍ର। ଉଭୟ ଅଭିଯୁକ୍ତଙ୍କ ସୂଚନା ମୁତାବକ ବଲାଙ୍ଗୀର ସଦାଇପାଲି ରାସ୍ତାକଡ ବିଲ ଭିତରୁ ରକ୍ତଭିଜା ଡ୍ରେସ୍‌ ଓ ଛୁରି ଜବତ୍‌ କରିଛି। ହତ୍ୟାକାଣ୍ଡର କାରଣ ସମ୍ପର୍କରେ ପୋଲିସ ପକ୍ଷରୁ କିଛି ସୂଚନା ଦିଆଯାଇନାହିଁ।

ଶୁକ୍ରବାର ଅପରାହ୍ଣ ୫ଟାରେ ଗାନ୍ଧୀନଗରପଡାର ଅରବିନ୍ଦ କୁମାର ସିଂ(୩୬)ଙ୍କୁ ଘରେ ପଶି ତଣ୍ଟି କାଟି ହତ୍ୟା କରାଯାଇଥିବା ଜଣାପଡିଥିଲା। ମୃତକଙ୍କ ପିତା ରଣଜିତ୍‌ ସିଂ ଦୁଇଜଣ ଯୁବକ ତାଙ୍କ ଘରୁ ବାହାରି ଦୌଡି ପଳାଇଥିବା ସୂଚନା ଦେଇଥିଲେ। ଏହି ସୂଚନାକୁ ଆଧାର କରି ଟାଉନ୍‌ ଥାନା ପୋଲିସ ସେହି ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ଫୁଟେଜ ଯାଞ୍ଚରୁ ଦୁଇଜଣ ଯୁବକ ଗାନ୍ଧୀନଗରପଡା ବରଫ ମିଲ୍‌ ଗଳିରେ ଆସୁଥିବା ଏବଂ କିଛି ସମୟ ପରେ ଦୌଡି ପଳାଉଥିବା ଦେଖିବାକୁ ମିଳିଥିଲା। ତନାଘନା ପରେ ସମ୍ପୃକ୍ତ ଦୁଇଜଣଙ୍କୁ ପୋଲିସ ଚିହ୍ନଟ କରିଥିଲା। ପୋଲିସ ଟିମ୍‌ ଉଭୟଙ୍କ ବିଷୟରେ ଟିକିନିକି ଖବର ସଂଗ୍ରହ କରିବା ପରେ ରାତି ପ୍ରାୟ ୨ଟାରୁ ୩ଟା ମଧ୍ୟରେ ସମ୍ପୃକ୍ତ ଦୁଇ ଜଣଙ୍କ ଘରେ ଚଢ଼ାଉ କରି ଉଠାଇ ଆଣିଥିଲା। ଥାନାକୁ ଆଣି ପଚରାଉଚରା ପରେ ସେମାନେ ଅରବିନ୍ଦଙ୍କୁ ହତ୍ୟା କରିଥିବା ଜଣାପଡିଥିଲା। ସେମାନଙ୍କ ସୂଚନା ଆଧାରରେ ପୋଲିସ ସଦାଇପାଲି ରାସ୍ତାକଡ ବିଲରୁ ଛୁରି ଓ ଅଭିଯୁକ୍ତଙ୍କ ରକ୍ତଭିଜା ଶାର୍ଟ ଜବତ୍‌ କରିଛି। ଶନିବାର ସକାଳୁ ଫରେନ୍‌ସିକ୍‌ ଟିମ୍‌ ଘଟଣାସ୍ଥଳକୁ ଯାଇ ଛାନ୍‌ଭିନ୍‌ କରିଥିଲା। ଅପରାହ୍ଣରେ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଉଭୟ ଅଭିଯୁକ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ବ୍ଲାକ୍‌ମେଲିଂରୁ ଏହି ହତ୍ୟାକାଣ୍ଡ ଘଟିଥିବାକୁ ନେଇ ସବୁଠୁ ଆଲୋଚନା ହେଉଛି। ତେବେ କେଉଁ ଘଟଣାକୁ ନେଇ କିଏ କାହାକୁ ବ୍ଲାକ୍‌ମେଲିଂ କରୁଥିଲେ ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷେ ସମଲିଙ୍ଗୀ ସମ୍ପର୍କକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥାଇପାରେ ବୋଲି ଚର୍ଚ୍ଚା ହେଉଛି। ମୃତ ଅରବିନ୍ଦ ଜଣେ ମାନସିକ ଅନଗ୍ରସର ଯୁବକଭାବେ ପରିଚିତ ଥିବାବେଳେ ତାଙ୍କ ସଂସ୍ପର୍ଶରେ ଏହି ଦୁଇ ଅଭିଯୁକ୍ତ କିପରି ଆସିଲେ ତାକୁ ନେଇ ଅଧିକ ପ୍ରଶ୍ନ ଉଠୁଛି।

### ହତ୍ୟା ପରେ ସ୍ୱାଭାବିକ ଥିଲେ ଦୁଇ ଅଭିଯୁକ୍ତ

ହତ୍ୟା କରିବା ପରେ ରାଜୀବ ଓ ନାବାଳକ ଅଭିଯୁକ୍ତ ନିଜ ଘରକୁ ଫେରି ସ୍ୱାଭାବିକ୍‌ ଭାବେ ଖାଇ ଶୋଇଥିଲେ। ଘର ଲୋକେ ସେମାନଙ୍କ ହାବଭାବରେ କୌଣସି ଅସ୍ୱାଭାବିକତା ଲକ୍ଷ୍ୟ କରି ନ ଥିଲେ। ରାତିରେ ପୋଲିସ ଟିମ୍‌ ସେମାନଙ୍କୁ ଉଠାଇ ଆଣିବା ଓ ସେମାନଙ୍କ ବିରୋଧରେ ହତ୍ୟା ଅଭିଯୋଗ ଆଣିବା ପରେ ପରିବାର ଲୋକେ ବିଶ୍ୱାସ କରିପାରି ନ ଥିଲେ।


**OFFICE OF THE COLLECTOR, JAGATSINGHPUR**
**ST & SC DEVELOPMENT SECTION**
**DISTRICT PROJECT MONITORING CELL (PMAGY)**
**EXPRESSION OF INTEREST (EOI)**
**No. 14730, dt.16.12.2021**

**No.V-46:**- Expression of Interest from NGOs having willingness and aptitude and manpower (one team leader and two Community Resource Persons) for various activities under **Pradhan Mantri Adarsh Gram Yojana** (PMAGY) are invited to submit their proposals before the District Monitoring Cell in the District Welfare Office, Jagatsinghpur by **5.00 PM of 25th December 2021**. The requisite qualification of the interested NGOs and other details including terms and conditions are available in www.jagatsinghpur.nic.in.

**Sd./- District Welfare Officer, Jagatsinghpur**
OIPR-26059/11/0001/2122



**ODISHA LIFT IRRIGATION CORPORATION LIMITED**
(A GOVERNMENT OF ODISHA UNDERTAKING)
**OFFICE OF THE EXECUTIVE ENGINEER, LIFT IRRIGATION DIVISION, BHAWANIPATNA**
E-mail ID: liftirrigation_bpt@yahoo.in
**"E" Procurement Notice**
**Bid Identification No. OLIC-BPT-05/2021-22 Dt.15.12.2021**

No. CAD-2344: The **Executive Engineer, Lift Irrigation Division, Bhawanipatna** on behalf of OLIC invites **Percentage Rate** bids in Single Cover System to be received in **Online Mode only** for the work Construction of Office Building of The **Executive Engineer, Lift Irrigation Division, Bhawanipatna** as detailed in the table below. The bid should be submitted by the eligible class of civil contractors as mentioned below registered with the State Government and contractors of equivalent grade/class registered with Central Government/M.E.S./Railways/ C.P.W.D. for execution of building work with sanitary system & electrification through Online in the Govt. website **www.tendersodisha.gov.in**. The bidders should have necessary portal enrollment (with own digital signature certificate). The registered bidders from outside Odisha can also participate in this Online tender process after necessary portal enrollment but shall have to subsequently undergo registration with appropriate authority of the State.

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of Opening of tender in the Office of the Executive Engineer, L.I. Division, Bhawanipatna |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I. Division, Bhawanipatna | OLIC-BPT-05/2021-22 | 21.12.2021 at 11.00 hrs. | 29.12.2021 at 17.00 hrs. | 27.12.2021 at 17.00 hrs. | 30.12.2021 at 11.00 hrs. |

**ANNEXURE**

| Pkg. No. | Brief Description of Works | Approximate Estimated Cost in Rs. (Exclusive of GST) | Bid Security in Rs. (EMD) | Cost of Bid Document (+5% GST on reverse Charge Mechanism in Rs.) | Class of Contractor |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Construction Office Building of the Executive Engineer, Lift Irrigation Division, Bhawanipatna | 21,28,800.00 | Bid Security Declaration is required | 6000 + 300 GST | "C" or "B" |

5% GST (CGST 2.5% & SGST 2.5%) on the paper cost should be deposited in the GSTIN No.- 21AAACO5986G1ZF in legal name/Trade Name: Odisha Lift Irrigation Corporation Ltd. through e-Challan).
- Details can be seen from the website **www.tenderodisha.gov.in**.
- Any Corrigendum/Addendum will be displayed in the above website only.

**OIPR-32148/11/0016/2122** **Sd./- Executive Engineer, L.I. Division, Bhawanipatna**



**OFFICE OF THE PANCHAYAT SAMITI, CHATRAPUR**
**INVITATION FOR BIDS**
**Tender Call Notice: 02/2021-22** **No.4939 / Dt.17.12.2021**

No. i-283: The Block Development Officer, Chatrapur Block on behalf of Government of Odisha invites percentage rate bids in single for the works as detailed in the table below.

| Sl. No. | Name of the Work | Approximate Estimate Cost in Rs. | Put to tender of Civil work | EMD in Rs. | Class of Bidder | Period of Completion | Cost of Bid Document (in Rs.) |
|---|---|---|---|---|---|---|---|
| 1 | Construction of additional class rooms for Womens Degree College under Chatrapur Block | 3200000/- | 2366087/- | 23661/- | C & B | 6 (Six) Calendar Months | 6000/- |
| 2 | Construction of Examination Hall for Womens Degree College under Chatrapur Block | 2800000/- | 2424068/- | 24241/- | C & B | 6 (Six) Calendar Months | 6000/- |

1. The sale of bid document shall start from 17.12.2021 (10.00 A.M.) to 24.12.2021 (05.30 P.M.) during office horus in the office of the undersigned. Bids shall be received on or before 5.30 of 24.12.2021 through Registered Post/Speed Post or it can be placed in the Box kept in Office of the said purpose.
2. Bid documents consisting of specification, the schedule of quantities and the set of terms and conditions of contracts & other necessary documents & collected from Block Office or can be downloaded from the website **www.ganjam.nic.in**.
3. After the date, time and receipt of bid is over. The original Bids security and Demand Draft towards cost of Bid documents shall be submitted along with the Bid or Registered Post in the Office of the undersigned from 17.12.2021 (10.00 A.M.) to 24.12.2021 (5.30 P.M.) during office hours on working days failing which the bid will be rejected. The received bid security and bid cost will be verified at 11.00 A.M. on 27.12.2021.
4. The Bids received shall be opened at 11.00 A.M. on 27.12.2021 in the O/o. the Block Development Officer, Chatrapur in the presence of bidders who wish to attend. The bidders who participated in the bid can withness the opening of the bids. If the office happens to be closed in the last date of the opening of the bids as specified the bids will be opened in the next working day at the same time and venue of Bid.
5. The authority reserves the right to cancel any or all bid without assigning any reason thereof.
6. Any addendum/corrigendum/cancellation can also be seen in the paper.

**OIPR-19102/11/0005/2122** **Sd./- Block Development Officer, Chatrapur**



**ODISHA HYDRO POWER CORPORATION LTD.**
OHPC
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), INDIA
PHONE: 0663-2950721(O), 2950765(R), E-Mail : srgmhps_burla@yahoo.co.in
GSTIN No.: 21AAACO2575P1Z9, CIN. U40101OR1995SGC003963
No. HHEP/Tech-WK-104/Vol-III/5902 Date: 16.12.2021
**NOTICE INVITING TENDER No. HHEP-61/2021**

**No. CAD-2329:-** Sealed tenders are invited in two parts i.e. (i) Techno Commercial bid and (ii) Price bid in from the reputed contractors having H.T. License with supervision for EHT works issued from ELBO, Govt. of Odisha valid IT PAN, GST registration certificate and past experience for carrying out such type of work as mentioned below:

| Sl. No. | Description of Services | Cost of tender paper (Non-refundable) in Rs. | EMD in shape of DD/BC only (Refundable) in Rs. |
|---|---|---|---|
| 1 | **Annual Maintenance Contract for Maintenance of equipements of 132 KV Switchyard, 11KV Switch House & LT Systems of HHEP, Burla** | Rs.7080/- (Rs.6,000/- + GST @18%) | Bid security declaration in lieu of EMD |

- Period of availability of tender at OHPC website : **20.12.2021 to 30.12.2021**
- Last date & Time of receipt of tender : **31.12.2021 upto 03.30 PM**
- Date & Time of opening of Techno commercial bid : **31.12.2021 at 04.30 PM**

For details and further correspondence/corrigendum, please visit our website: www.ohpcltd.com
OIPR-04007/11/0029/2122 **Sd./- C&P Head, HHEP, Burla**



**ODISHA LIFT IRRIGATION CORPORATION LIMITED**
(A Government of Odisha Undertaking)
**OFFICE OF THE EXECUTIVE ENGINEER, L. I. DIVISION, BALASORE**
e-mail I.D – eelidvnbls@yahoo.com
**Identification No. - 05 /21-22 Dt. 14.12.2021**
**TENDER CALL NOTICE**

No.CAD-2334:- Sealed tenders are invited from registered manpower agencies / service providers to provide the services of One no. Junior Engineer (Mech) for a period of one year w.e.f. the date of commencement of the agreement through a suitable Security agency on outsourcing basis i.e. 01.02.2022.

The detailed information for out sourcing the service of aforesaid posts have been given in the tender document which may be obtained in person from the office of **Executive Engineer, Lift Irrigation Corporation Ltd, Balasore** on any working days between **11 A.M. to 4 P.M** from **20.12.2021 to 22.12.2021**. The tender paper cost should be deposited in shape of demand draft for an amount of Rs. 2000/- in favour of Executive Engineer, OLIC Division, Balasore and GST 5% i.e. Rs. **100/-** in shape of challan against **GST No GSTIN – 21AAACO5986G1ZF**. The last date and time for submission of tender document is **23.12.2021** by **2** P.M. in **L.I. Division office, Balasore**. Tender will be opened on **23.12.2021** at. **03.00 PM** in **L.I. Division office, Balasore**.

**Sd./- Er. S.K. CHOUDHARY**
**Executive Engineer, L.I.Division, Balasore**
OIPR-32150/11/0005/2122



**ODISHA LIFT IRRIGATION CORPORATION LIMITED**
(A Government of Odisha Undertaking)
**OFFICE OF THE EXECUTIVE ENGINEER, L.I. DIVISION, ROURKELA**
**No. CAD-2332** **e-mail ID: eeolicrourkela@gmail.com**
**NATIONAL COMPETITIVE BIDDING THROUGH e-Procurement**
**Identification No. EEOLICRKL-17/21-22 Dt.15.12.2021**

| | | | |
|---|---|---|---|
| 01 | Name of work | : | Installation & Energisation of 122 Nos. of New LIPs in different Blocks of Sundargarh Dist. under RIDF-XXVII grant. |
| 02 | Estimated Cost | : | Rs.24.35 lakhs to Rs.49.97 lakhs (approx.) |
| 03 | Period of Completion | : | 90 days |
| 04 | Date & time of availability of bid document in the portal | : | From 10.00 hrs. of 18.12.2021 to 17.00 hrs. of 29.12.2021 |
| 05 | Date & time of opening of bid | : | 11.00 hrs. of 30.12.2021 |
| 06 | Name and address of the Officer Inviting Bid | : | Executive Engineer, L.I. Division, Rourkela |

Further details can be seen from the website **www.tendersorissa.gov.in**.
**Sd./- Executive Engineer**
**OIPR-32138/11/0005/2122** **L.I. Division, Rourkela**



**GOVT. OF ODISHA** **No. n-73**
**DISTRICT PROJECT OFFICE SAMAGRA SIKSHYA, KEONJHAR**
**Email ID: dpckeonjharssa.opepa@nic.in, dpckeonjhar@gmail.com**
**"e" Procurement Notice**
**Bid Identification No. DPC/SS-KEONJHAR.03 of 2021-22**
**Letter No. 3887** **Date: 15.12.2021**

| | | | |
|---|---|---|---|
| 1 | The **District Project Co-ordinator, Samagra Sikshya, Keonjhar** on behalf of Governor of Odisha invites **Percentage Rate** bids in **Double Cover System** only in **"ONLINE"** mode for the work "Renovation, Addition & Alternation of Existing District Project Office Building including Electrical & PH Work. | | |
| 2 | Nature of Work | : | Renovation, Addition & Alternation of Existing District Project Office, Building |
| 3 | No. of Work | : | 01 (One) |
| 4 | Tender Paper Cost (Non refundable) | : | Rs.6,000/- (Online) |
| 5 | Class of Contractor | : | C & B |
| 6 | Availability of Bid document in the website | : | From 10.00 A.M. of Date: 16.12.2021 to 05.00 P.M. of Date: 22.12.2021 |
| 7 | Date of Opening Bid | : | 11.00 A.M. on Date: 23.12.2021 |
| 8 | The bidders have to participate online bidding only. Further the details can be seen from the website **(https://tendersodisha.gov.in) (www.kendujhar.nic.in / www.opepa.in)**. Any addendum/corrigendum/cancellation of tender can also be seen in the website said only. | | |

**Sd./- DEO-cum-DPC, RTE-Samagra Sikshya, Keonjhar**
**OIPR-27063/11/0001/2122**



**BERHAMPUR MUNICIPAL CORPORATION**
**GANJAM**
**INVITATIONS FOR BIDS (IFB)**
**Letter No. 16837** **Date: 16.12.2021**
**Invitation for Bids**
**NATIONAL COMPETITIVE BIDDING THROUGH E-PROCUREMENT**
**Bid Identification No. BMC (BAM) 251/2021-22**
**No. C-1613:-**

| | | |
|---|---|---|
| 1 | **The Municipal Commissioner, Berhampur, invites percentage rate bids in ONLINE MODE only, as per annexure "A"** | |
| 2 | **Nature of work** | Building Work |
| 3 | **No. of work** | **1 No.** |
| 4 | **Bid Cost.** | The bidders shall remit online the cost of bid document for amount through the process as mentioned in the DTCN as per Annexure "A" |
| 5 | **E.M.D.** | The bidder shall remit online the Earnest Money Deposit/Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to remit online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha as per Annexure "A" |
| 6 | **Class of Contractor** | As per the Annexure "A" |
| 7 | **Availability of Bid Documents in the website** | From 15.05 hrs. of **Dt.22.12.21** to 17.00 hrs. of **06.01.22** |
| 8 | **Date & Time of Opening of Technical Bids** | 11.30 hrs. onwards on **Dt. 07.01.22** |
| 9 | **Date & time of opening of financial bids** | Shall be intimated to the responsive Technically qualified bidder after evolution of Technical bids. |
| 10 | **Mode of submission of tender** | Tender should submitted Online in **www.tendersorissa.gov.in** |
| 11 | **The bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.** | |

**Sd./- Commissioner,**
**Berhampur Municipal Corporation**
*OIPR-13035/11/0035/2122* **Berhampur, Odisha**



**BHUBANESWAR DEVELOPMENT AUTHORITY**
**Akash Shova Building, Sachivalaya Marg**
**Bhubaneswar- 751001**
**Notice No.: 41502/BDA** **Date: 16.12.2021**
**File No.- BDA/ Planning / EOI for empanelment of survey agency of BDA/2021/52**
**EXPRESSION OF INTEREST (EOI) FOR EMPANELMENT OF SURVEY AGENCIES FOR VARIOUS SURVEY WORKS UNDER BHUBANESWAR DEVELOPMENT AUTHORITY (BDA)**

No.CAD-2345:- Bhubaneswar Development Authority (BDA) invites proposals for empanelment of Survey Agencies for various works related to Total Station Survey, Land Demarcation, Revenue data Collection etc.

The EOI document will be available in BDA website i.e. bda.gov.in from 16.12.2021, 10.00 AM onwards. Interested firms meeting the eligibility criteria stipulated in the EOI documents shall submit their applications for empanelment.

For second phase of empanelment, the last date for receipt of application is 31.12.2021 by 3.00 P.M. and the same would be opened on 31.12.2021 at 4.00 P.M. Application(s) received after the last date indicated above (for second phase of empanelment) shall be considered for empanelment in subsequent stages.

Please refer the EOI document available in BDA website for further details. For any further clarification, please send your queries to **bda.surveyagency.2021@gmail.com**

BDA reserves the right to accept or reject application(s) without assigning any reason thereof.

**Sd./- Secretary, BDA**
**Bhubaneswar Development Authority**
OIPR-13033/11/0132/2122

# ପୁଣି ଆର ବର୍ଷକୁ...

ପ୍ରତିଥର ଅନେକ ଆଶା ଓ ଆକାଂକ୍ଷା ନେଇ ନୂଆ ବର୍ଷଟିଏ ଆସିଥାଏ ମନରେ କିଛି ସଂକଳ୍ପ ନେଇ, ଯାହାକୁ ସଭିଏଁ ସ୍ୱାଗତ ଜଣାନ୍ତି। ଆଉ ଏହି ଲକ୍ଷ୍ୟ ପୂରଣ କରିବାକୁ ସାରା ବର୍ଷ ଉଦ୍ୟମ ଚଳାନ୍ତି। ବର୍ଷ ଶେଷବେଳକୁ ନିଜ ଲକ୍ଷ୍ୟରେ ସଫଳତା ପାଇ ଅନେକେ ବେଶ୍ ଆନନ୍ଦିତ ହେଉଥିବା ବେଳେ କାହା ପାଇଁ ଏଥିରେ ବିଫଳତା ମନରେ ଭରିଦିଏ ଅବସୋସ। ହେଲେ ଏ କ୍ଷେତ୍ରରେ ଦୁଃଖ କରିବା କିମ୍ବା ହାରିଯିବା ବଦଳରେ ନିଜ ଲକ୍ଷ୍ୟ ହାସଲ ପାଇଁ ଏକ ନୂତନ ବର୍ଷ ଆଗମନ ସହ ପୁଣି ଥରେ ଅଣ୍ଟା ଭିଡ଼ିବା ହିଁ ବୁଦ୍ଧିମତ୍ତାର କାର୍ଯ୍ୟ...

**ମନୋବଳ ଦୃଢ଼ ରଖନ୍ତୁ:** ସର୍ବଦା ପ୍ରଥମ ଚେଷ୍ଟାରେ ହିଁ ମଣିଷ ସଫଳତା ହାସଲ କରିପାରିବ, ଏପରି ଭାବିବା ଠିକ୍ ନୁହେଁ । ଯଦି ନିଜର କୌଣସି ଲକ୍ଷ୍ୟ ଏବର୍ଷ ମଧ୍ୟରେ ପୂରଣ ହୋଇ ନ ପାରିଛି, ତେବେ ଏଥିରେ ବ୍ୟସ୍ତ ବିବ୍ରତ ନ ହୋଇ କିମ୍ବା ଏହାକୁ ସମ୍ପୂର୍ଣ୍ଣ ଛାଡ଼ିଦେବା ବଦଳରେ ଆଗାମୀ ବର୍ଷରେ କିପରି ଏଥିରେ ସଫଳତା ପାଇପାରିବେ ସେଥିପାଇଁ ମନୋବଳ ଦୃଢ଼ ରଖି ନିଜକୁ ପ୍ରସ୍ତୁତ କରନ୍ତୁ। କାରଣ ମାନସିକ ସ୍ତରରେ ସୁଦୃଢ଼ ହେଲେ ହିଁ ଆପଣ ସଫଳତାର ସ୍ୱାଦ ଚାଖିପାରିବେ, ସେଥିରେ ସନ୍ଦେହ ନାହିଁ।

**ଜାରି ରଖନ୍ତୁ ସାଧନା :** ପାଠପଢ଼ା ହେଉ କିମ୍ବା ଜବ୍, ବିଜ୍‌ନେସ୍ ଅବା ନିଜ ରୁଚିକୁ ନେଇ ସଫଳତା ଦିଗରେ ଆଗେଇଯିବା ଏତେ ସହଜ ନୁହେଁ। କାରଣ ପ୍ରତ୍ୟେକ କ୍ଷେତ୍ରରେ ଶୀର୍ଷରେ ପହଞ୍ଚିବା ଲାଗି ଅନେକ ବାଧାବିଘ୍ନ ଆସିଥାଏ ଏବଂ ଯଥେଷ୍ଟ ସମୟ ମଧ୍ୟ ଲାଗିଥାଏ। ତେଣୁ ଏହିବର୍ଷ କାର୍ଯ୍ୟ ପୂରଣ ନ ହୋଇପାରିଲେ ଲକ୍ଷ୍ୟ ପଥରୁ ଓହରିଯିବା ଭଳି ଭୁଲ୍ ଆଦୌ କରନ୍ତୁ ନାହିଁ, ବରଂ ନିଜକୁ ବିଫଳତାକୁ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରି ପୁନର୍ବାର ନିଜ ସାଧନା ଜାରି ରଖିଲେ ସଫଳତା ପାଇବା ଆହୁରି ସହଜ ହୋଇଥାଏ।

**ବୃଦ୍ଧି କରନ୍ତୁ ସାମର୍ଥ୍ୟ:** ଥରେ ବିଫଳ ହେଲେ ମନରେ ଅବସୋସ ରଖି ଚୁପ୍ ହୋଇ ବସିଯିବା ଅର୍ଥାତ୍ ନିଜ କ୍ଷମତାକୁ ଅଣଦେଖା କିମ୍ବା ଅବିଶ୍ୱାସ କରିବା ସହିତ ସମାନ। ତେଣୁ ଲକ୍ଷ୍ୟ ହାସଲ କରିବାକୁ ହେଲେ ନିଜ କ୍ଷମତା ବା ସାମର୍ଥ୍ୟ ବଢ଼ାଇବାକୁ ଚେଷ୍ଟା କରିବେ, ତେବେ ସଫଳତା ହାସଲ କରିପାରିବେ। ଉତ୍ସାହ ଏବଂ ଧୈର୍ଯ୍ୟର ସହ ନିଜ ଜ୍ଞାନର ପରିସର ବୃଦ୍ଧି କରନ୍ତୁ ଏବଂ ଆସୁଥିବା ନୂଆ ବର୍ଷରେ ଲକ୍ଷ୍ୟ ପୂରଣ କରିବାକୁ ଚେଷ୍ଟା କରନ୍ତୁ।





**ସମୟ ସୁଅରେ ଗଡ଼ିଚାଲିଛି ବର୍ଷ ପରେ ବର୍ଷ। ପ୍ରତିଥର ଅନେକ ଆଶା ଓ ଆକାଂକ୍ଷା ନେଇ ଏକ ନୂଆବର୍ଷ ପାଦ ଥାପୁଛି । ଆଉ ଯିବାବେଳକୁ କାହାକୁ ସଫଳତା ସହ ଅନେକ ଖୁସି ଦେଇ ଯାଉଛି ତ ପୁଣି କାହାର ଲକ୍ଷ୍ୟ ପୂରଣ ନ ହୋଇ ମନରେ ଛାଡ଼ିଯାଉଛି କିଛି ଅବସୋସ, ଯାହାକୁ ପୂରଣ କରିବାକୁ ରହୁଛି ପୁଣି ଆର ବର୍ଷକୁ ଅପେକ୍ଷା ...**





## କ'ଣ କୁହନ୍ତି ଏମାନେ...

### ୪ର୍ଥ ଗିନିଜ୍ ରେକର୍ଡ ପାଇଁ ପୁଣି ଅପେକ୍ଷା

**ମନୋଜ ମହାରଣା** (ପୋଲସରା, ଗଞ୍ଜାମ)- ତିନିଟି ଗିନିଜ୍ ୱାର୍ଲ୍ଡ ରେକର୍ଡ କରି ଗିନିଜ୍ ମ୍ୟାନ୍ ଭାବେ କେବଳ ଗଞ୍ଜାମ ନୁହେଁ, ସାରା ରାଜ୍ୟରେ ପରିଚିତ ହେବା ମୋ ପାଇଁ ଗୌରବର କଥା। ଏହି ଲକ୍ଷ୍ୟ ହାସଲ କରିବାଠାରୁ ଯୁକ୍ତ ତିନି ପଢୁଥିବା ସମୟରୁ ଉଦ୍ୟମ ଜାରି ରଖିଥିଲି। ଏକରୁ ଏକ ହଜାର ପର୍ଯ୍ୟନ୍ତ ବର୍ଗଫଳ ଲେଖିବାକୁ ଉଦ୍ୟମ କରିବା ସହ ଗିନିଜ୍ ରେକର୍ଡ ଲାଗି ପଠାଇଲି। କିନ୍ତୁ ଏହା ସେଠାରେ ସ୍ଥାନିତ ହୋଇ ପାରି ନ ଥିଲେ ସୁଦ୍ଧା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଥିଲା । ୨୦୧୭ ଅଗଷ୍ଟରେ ପାଟିରେ ୪୫୯ଟି ଷ୍ଟ୍ର ରଖି ଗିନିଜ୍ ରେକର୍ଡରେ ସ୍ଥାନ ପାଇଲି। ଏହା ପରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ଠାରୁ ଆରମ୍ଭ କରି ୧୧ ଥର ସେଟର୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡ ଏବଂ ୩ ଥର ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡସ୍‌ରେ ନିଜ ନାମ ଲେଖିବାରେ ସଫଳ ହୋଇପାରିଛି। ତେବେ ଚଳିତବର୍ଷ ଆଉ ଏକ ଗିନିଜ୍ ୱାର୍ଲ୍ଡ ରେକର୍ଡ ପାଇଁ ବେଶ୍ ପ୍ରସ୍ତୁତି କରିଥିଲି। ହେଲେ ସାମାନ୍ୟ ସମୟ ବ୍ୟବଧାନ ଯୋଗୁ ଇଟାଲୀର ଜଣେ ବ୍ୟକ୍ତିଙ୍କଠାରୁ ହାରିଯିବାରୁ ମନରେ ଅବସୋସ ରହିଗଲା। ଆର ବର୍ଷକୁ ଏହି ଲକ୍ଷ୍ୟ ନିଶ୍ଚୟ ପୂରଣ କରିବି ଭାବିଛି।



ମନୋଜ

### ସୁଯୋଗ ହରାଇ ଦୁଃଖିତ

**ଜ୍ଞାନ ରଞ୍ଜନ ମହାନ୍ତି** (ନିର୍ଦ୍ଦେଶକ, ଫେଟ୍ ଫାଇଟର ଗ୍ରୁପ୍, ପୁରୀ)- ମାଲଖମ୍ବକୁ ସମଗ୍ର ଭାରତ ବର୍ଷରେ ପ୍ରଚାର ପ୍ରସାର ଆମର ଲକ୍ଷ୍ୟ। ସେଥିପାଇଁ ଫେଟ୍ ଫାଇଟର୍ ଗ୍ରୁପ୍ ଗଠନ କରି ବିଭିନ୍ନ ସ୍ଥାନରେ ମାଲଖମ୍ବ ପ୍ରଦର୍ଶନ କରିଛୁ। ଭାରତ ବର୍ଷର ପ୍ରତ୍ୟେକ ରାଜ୍ୟରେ ମାଲଖମ୍ବ ପରିବେଷଣ କରିବାର ସୁଯୋଗ ମିଳିଛି। ଏହାକୁ ଜାତୀୟ ଗେମ୍ସ (ଖେଲୋ ଇଣ୍ଡିଆ)ରେ ସ୍ଥାନ ମିଳିଛି। ଏପରି କି ୪ଟି ଦେଶରେ ମାଲଖମ୍ବ ପରିବେଷଣ ସୁଯୋଗ ମିଳିଥିଲା। ଭିସା, ଟିକେଟ କରି ସାରିଥିଲୁ। ଏଥିଲାଗି ବହୁତ ପରିଶ୍ରମ କରିଥିଲୁ। କରୋନାରେ ସବୁ କିଛି ବନ୍ଦ ହୋଇଗଲା। ଅନେକ କାର୍ଯ୍ୟକ୍ରମ ହରାଇଲୁ। ହଠାତ୍ କୋଭିଡ୍ ପାଇଁ ବନ୍ଦ ହୋଇଗଲା। ଏହା ମୋର ଡ୍ରିମ ପ୍ରୋଜେକ୍ଟ ଥିଲା। ଗୁଡାଏ ଟଙ୍କା କ୍ଷତି ସହିବାକୁ ପଡିଲା। ଏଥିପାଇଁ ମନରେ ଏକ ଅବସୋସ ରହିଗଲା। ଆସନ୍ତା ବର୍ଷ ଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ କିପରି ଆମ ଗ୍ରୁପ ଅଧିକରୁ ଅଧିକ ମେଡାଲ ହାସଲ କରିବ ସେଥିଲାଗି ଚେଷ୍ଟା ଜାରି ରଖିବୁ। ଆଶା କରୁଛୁ ନିଶ୍ଚୟ ଆମ ଲକ୍ଷ୍ୟରେ ସଫଳତା ମିଳିବ।



ଜ୍ଞାନରଞ୍ଜନ

### ତଥାପି ହାର୍ ମାନିବିନି

**ଈପ୍ସିତ୍ ପତି**(ଶହୀଦନଗର, ଭୁବନେଶ୍ୱର)- ପ୍ରତିବର୍ଷ ନୂଆ ବର୍ଷ ଆରମ୍ଭରେ ମନରେ ଏକ ନୂଆ ଆଶା ଆଉ ଲକ୍ଷ୍ୟ ଥାଏ। ଜଣେ କଣ୍ଠଶିଳ୍ପୀ ଭାବେ ନିଜକୁ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ କରାଇବାକୁ ନେଇ ଚଳିତବର୍ଷ ମଧ୍ୟ ମୋର କିଛି ଲକ୍ଷ୍ୟ ଥିଲା । ସେଥିମଧ୍ୟରୁ କିଛି ପୂରଣ ହୋଇଥିବାରୁ ବେଶ୍ ଖୁସି ଲାଗୁଥିବା ବେଳେ କିଛି ପାଇଁ ମନରେ ସାମାନ୍ୟ ଦୁଃଖ ରହିଯାଇଛି। ଏକ ନ୍ୟାଶନାଲ୍ ଟିଭି ରିଆଲିଟି ଶୋ' ଅଡିଶନ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଫାଇନାଲ୍ ଷ୍ଟୁଡିଓ ରାଉଣ୍ଡକୁ ଯାଇ ପାରି ନ ଥିଲି। ଦୁଃଖ ଲାଗୁଥିଲେ ବି ଏହାଦ୍ୱାରା ଅପରପକ୍ଷେ ମୋର ପାଠପଢ଼ା ଏବଂ ପରୀକ୍ଷା ଠିକ୍ ଭାବେ ହୋଇପାରିଲା ବୋଲି ଖୁସି ହେଲି। ସେହିପରି ସାରେଗାମାପା ସ୍ୱର ମହାମଞ୍ଚ-୨୦୨୧ କାର୍ଯ୍ୟକ୍ରମରେ ନିଜର ବେଷ୍ଟ ପ୍ରଦର୍ଶନ କରି ଫାଇନାଲିଷ୍ଟ ହୋଇଥିଲି ଏବଂ ୨ୟ ରନର୍ସ ଅପ୍ ହେଲି। ୱିନର୍ ହୋଇଥିଲେ ନିଶ୍ଚିତ ଭାବେ ଅଧିକ ଖୁସି ମିଳିଥା'ନ୍ତା। ତଥାପି ଆଗାମୀ ବର୍ଷରେ ସଙ୍ଗୀତ କ୍ଷେତ୍ରରେ ଅଧିକରୁ ଅଧିକ ସଫଳତା ସାଉଁଟିବାର ଲକ୍ଷ୍ୟ ରଖିଛି।



ଈପ୍ସିତ୍

## ଏ ସପ୍ତାହର ପ୍ରଶ୍ନ

୧- ସ୍ପେଶ୍ ଏଜେନ୍ସି.... ପକ୍ଷରୁ ଏହାର ଲେଜର କମ୍ୟୁନିକେଶନ୍ସ ରିଲେ ଡେମନ୍‌ଷ୍ଟ୍ରେଶନ୍ ଆରମ୍ଭ କରାଯାଇଛି ?
୨- ସମ୍ପୂର୍ଣ୍ଣ ପେପରଲେସ୍ ହୋଇଥିବା ପୃଥିବୀର ପ୍ରଥମ ସ୍ଥାନ....... ?
୩- ......... ବିଷୟରେ ପାଠକୁ ନୁମିସ୍ମାଟିକ୍ସ କୁହାଯାଏ ?
୪- ସିଗ୍ନସ୍ କସ୍କୋରୋବା ...........ର ବୈଜ୍ଞାନିକ ନାମ ?
୫- ମୋନାକୋର ସବୁଠୁ ଲୋକପ୍ରିୟ କ୍ରୀଡ଼ା ................ ?

## ଗତ ଥରର ଉତ୍ତର

୧ ଭଲ୍ୟୁଣ୍ଟିଅର ନାଓ ଫର୍ ଆୱାର୍ କମନ୍ ଫ୍ୟୁଚର
୨ ଝାଡ଼ଖଣ୍ଡର ଯଦୁଗୁଡ଼ା
୩ ଡିଜିଟାଲ୍ ସିଗ୍‌ନାଲ୍
୪ ନଭେମ୍ବର ୧୨
୫ ଇଣ୍ଟରନ୍ୟାଶନାଲ୍ ଆଷ୍ଟ୍ରୋନୋମିକାଲ୍ ୟୁନିୟନ

## ଉତ୍ତରଦାତା



କିଶୋର ପାଣି, ଭୁବନେଶ୍ୱର



ଭୁବନ ଆନନ୍ଦ ରାଉତ, କଟକ



ସାଇ ପ୍ରସାଦ ସାହୁ, ବଲାଙ୍ଗୀର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ଧନୀ ବ୍ୟକ୍ତି (୨୦୨୧)

୧- ଏଲନ୍ ମସ୍କ (ଆମେରିକା)..................... ୨୯୬ ବିଲିଅନ୍ ଡଲାର
୨- ଜେଫ୍ ବେଜସ୍ (ଆମେରିକା).................. ୨୦୧ ବିଲିଅନ୍ ଡଲାର
୩- ବର୍ଣ୍ଣାର୍ଡ ଆର୍ନଲ୍ଟ (ଫ୍ରାନ୍ସ)......................... ୧୬୪ ବିଲିଅନ୍ ଡଲାର
୪- ବିଲ୍ ଗେଟ୍ସ (ଆମେରିକା)...................... ୧୩୬ ବିଲିଅନ୍ ଡଲାର
୫- ଲ୍ୟାରୀ ପେଜ୍ (ଆମେରିକା).................. ୧୨୭ ବିଲିଅନ୍ ଡଲାର
୬- ମାର୍କ ଜୁକରବର୍ଗ (ଆମେରିକା)............... ୧୨୪ ବିଲିଅନ୍ ଡଲାର
୭- ସର୍ଗେ ବ୍ରିନ୍ (ଆମେରିକା)...................... ୧୨୨ ବିଲିଅନ୍ ଡଲାର
୮- ଷ୍ଟିଭ୍ ବାଲମର୍ (ଆମେରିକା)................... ୧୧୭ ବିଲିଅନ୍ ଡଲାର
୯- ଲ୍ୟାରୀ ଏଲିଶନ୍ (ଆମେରିକା)................ ୧୧୨ ବିଲିଅନ୍ ଡଲାର
୧୦- ୱାରେନ୍ ବଫେଟ୍ (ଆମେରିକା)............ ୧୦୩ ବିଲିଅନ୍ ଡଲାର

## ଯୁବ ପ୍ରତିଭା

# ଲକ୍ଷ୍ୟ ଜାତୀୟ ସ୍ତରୀୟ ପରିଚିତି

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଡାମରପୁର ଗାଁର ସୁଲୋଚନା ଏବଂ ସୁରେନ୍ଦ୍ର ପଣ୍ଡାଙ୍କ ଝିଅ ଶ୍ୱେତାଲିନ୍। ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଆଲବମ୍‌ରେ କଣ୍ଠଦାନ କରି ସୋସିଆଲ୍ ମିଡିଆରେ ଏକ ପରିଚିତ ଚେହେରା ପାଲଟିଛନ୍ତି ସେ। ଓଡିଶାର ଅନେକ ନାମୀ କଣ୍ଠଶିଳ୍ପୀଙ୍କ ସହ କଣ୍ଠଦାନ କରି ଶ୍ରୋତାଙ୍କ ଠାରୁ ପ୍ରଶଂସା ସାଉଁଟିଛନ୍ତି। ଆଜାଦି କା ଅମୃତ ମହୋତ୍ସବରେ ନ୍ୟାଶନାଲ ଆୱାର୍ଡ ସମେତ ଅନେକ ସରକାରୀ ଏବଂ ବେସରକାରୀ ସଂସ୍ଥା ପକ୍ଷରୁ ପୁରସ୍କୃତ ହୋଇଛନ୍ତି। ପିଲା ବେଳେ ହିଁ ବିଦ୍ୟାଳୟସ୍ତରୀୟ କାର୍ଯ୍ୟକ୍ରମ ଏବଂ ସ୍ଥାନୀୟ ଅଞ୍ଚଳରେ ଆୟୋଜିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୋତାଙ୍କ ହୃଦୟ ଜିତି ପାରିଲେ। ସ୍କୁଲରେ ପଢୁଥିବା ସମୟରେ ଅନେକ ସମେତ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପ୍ରଥମ ହେଉଥିଲେ। ତେଣୁ ସପ୍ତମ ପଢୁଥିବାବେଳେ ଗୁରୁଶ୍ରୀ ରବୀନ୍ଦ୍ର ନାଥ ମିଶ୍ରଙ୍କ ପାଖରେ ଓଡ଼ିଶୀ ସଙ୍ଗୀତ ଶିକ୍ଷା କରିବା ଆରମ୍ଭ କଲେ ଓ ଧୀରେ ଧୀରେ ସଂଗୀତ କ୍ଷେତ୍ରରେ ସଫଳତାର ଶିଡି ଚଢିଚାଲିଲେ। ସେ କୁହନ୍ତି, 'ମୋ ପ୍ରଥମ ଗୁରୁ ହେଉଛନ୍ତି ମୋ ବାପା। ମାତ୍ର ୪ ବର୍ଷ ବୟସରେ ସେ ମୋତେ ପ୍ରଥମେ ସଙ୍ଗୀତ ଶିଖାଇଥିଲେ। ଆଜି ଯଦି ମୁଁ ସୋସିଆଲ ମିଡିଆରେ ପରିଚିତ ହୋଇଥାଏ, ତାହା କେବଳ ମୋ ବାବା, ମାମା ଓ ମୋ ଗୁରୁ ପ୍ରଦୀପ କୁମାର ଦାଶଙ୍କ ପାଇଁ। ସବୁ କ୍ଷେତ୍ରରେ ଆଗକୁ ବଢିବାରେ ସେମାନେ ବେଶ୍ ପ୍ରୋତ୍ସାହିତ କରିଥାନ୍ତି।' ଓଡ଼ିଶାର ସ୍ୱନାମଧନ୍ୟ ମ୍ୟୁଜିକ ଡାଇରେକ୍ଟର ତଥା ଗୁରୁ ଦିନେଶ ମଲ୍ଲିକଙ୍କ ସହ ଦେଖା ହେବା ପରେ ଫିଲ୍ମ ଲାଇନରେ ଯୋଗ ଦେବାର ସୁଯୋଗ ମିଳିଲା। ତା' ପରେ ସେ ଅନେକ ମ୍ୟୁଜିକ ଡାଇରେକ୍ଟରଙ୍କ ସହ କାମ କରିଛନ୍ତି ଏବଂ ଓଡ଼ିଶାର ନାମୀଦାମୀ କଣ୍ଠଶିଳ୍ପୀ ହ୍ୟୁମାନ ସାଗର, ତାରିକ ଅଜିଜ୍, ବିଷ୍ଣୁମୋହନ କବି, ପପୁ ପମ୍‌ପମ୍, ଦିଲୀପ୍ କୁମାର ପ୍ରମୁଖଙ୍କ ସହ କଣ୍ଠଦାନ କରିସାରିଛନ୍ତି। ତେବେ ବଲିଉଡ୍ ଲିଜେଣ୍ଡ ସୁରେଶ ୱାଡ୍‌କରଙ୍କ ସହ ଗୀତ ଗାଇବାର ସୁଯୋଗ ପାଇବା ମୋ ପାଇଁ ବେଶ୍ ଗୌରବର କଥା ବୋଲି ସେ ପ୍ରକାଶ କରନ୍ତି। ଓଡ଼ିଶାର ଫିଲ୍ମ ଇଣ୍ଡଷ୍ଟ୍ରିରେ ଗୀତ ଗାଇବା ସହ ଓଡ଼ିଶୀ ସଙ୍ଗୀତରେ ଜଣେ କଣ୍ଠଶିଳ୍ପୀ ଭାବରେ ନିଜ ଗାଁ, ରାଜ୍ୟ ଓ ସମଗ୍ର ଭାରତରେ ପରିଚିତ ହେବାକୁ ଲକ୍ଷ୍ୟ ରଖିଛନ୍ତି ଶ୍ୱେତାଲିନ୍।



ଶ୍ୱେତାଲିନ୍

## ଜାଣନ୍ତୁ ଦୁନିଆ

# ଆଲ୍‌ବାନିଆ

**ୟୁରୋପ ମହାଦେଶର ଛୋଟ ଦେଶ ଆଲ୍‌ବାନିଆ। ଏହାର ରାଜଧାନୀ ତିରାନା, ଆଲ୍‌ବାନିଆର ବଡ଼ ସହର ଭାବେ ମଧ୍ୟ ପରିଚିତ। ଏଠାରେ ମାତ୍ର ୩ ମିଲିୟନ୍ ଲୋକ ବସବାସ କରନ୍ତି ଏବଂ ଅଧିକାଂଶ ଅଧିବାସୀ ମୁସଲିମ୍ ସମ୍ପ୍ରଦାୟର। ତେ ବେ ଜାଣନ୍ତୁ ଏହି ଦେଶର ଆଉ କିଛି ରୋଚକ ତଥ୍ୟ...**

- ପୂର୍ବରୁ ଆଲ୍‌ବାନିଆ ଗରିବ ରାଷ୍ଟ୍ର ଭାବେ ୟୁରୋପ ମହାଦେଶରେ ପରିଚିତ ଥିଲା। ଧୀରେ ଧୀରେ ଅର୍ଥନୈତିକ ଅଭିବୃଦ୍ଧି ହେବା ଫଳରେ ଏଠାରେ ଏବେ ଟୁରିଜିମ୍ ଇଣ୍ଡଷ୍ଟ୍ରି ସହ ଇନ୍‌ଫ୍ରାଷ୍ଟ୍ରକ୍ଚର୍ କ୍ଷେତ୍ରରେ ମଧ୍ୟ ଉନ୍ନତି ଘଟିଲାଣି।
- ଏଠାରେ ୧୩ଟି ଛୋଟ ଦ୍ୱୀପ ରହିଛି। ସେଥିମଧ୍ୟରୁ ୨ଟି ଦ୍ୱୀପ ଯଥା କୁନେ, ସାଜାନ ; ଯାହାର କ୍ଷେତ୍ରଫଳ ପ୍ରାୟ ୧ ସ୍କୋୟାର୍ କି.ମି.।
- କ୍ରୋମିୟମ୍ ଉତ୍ପାଦନ ଓ ରପ୍ତାନିରେ ଏହା ଆଗରେ ରହିଛି। ଏଠାରେ କୋଇଲା, ନିକେଲ୍ ଓ କପର୍ ମଧ୍ୟ ବହୁ ପରିମାଣରେ ଉତ୍ପାଦନ କରାଯାଏ।
- ଏଠାରେ ଗୋଟିଏ କେବଳ ଅନ୍ତର୍ଜାତୀୟ ବିମାନବନ୍ଦର ରହିଛି, ଯାହା ମଦର ଟେରେସାଙ୍କ ନାମରେ ନାମିତ। ମଦର ଟେରେସା ହେଉଛନ୍ତି ଏଠାକାର ଏକମାତ୍ର ନୋବେଲ୍ ପୁରସ୍କାର ବିଜୟିନୀ ମହିଳା।
- ଏଠାର ଲୋକମାନେ ଏହି ଦେଶକୁ 'ଆଲ୍‌ବାନିଆ' ବଦଳରେ 'ସିପେରି' ଭାବେ ସମ୍ବୋଧିତ କରିଥାନ୍ତି। ଏହାର ଅର୍ଥ ହେଉଛି 'ଲ୍ୟାଣ୍ଡ ଅଫ୍ ଇଗଲ୍ସ'। ସେଥିପାଇଁ ଇଗଲ୍ ପକ୍ଷୀକୁ ଏହାର ଜାତୀୟ ପତାକାରେ ସ୍ଥାନିତ କରାଯାଇଛି।
- ଏଠାର ପ୍ରିୟ ଖାଦ୍ୟ ହେଉଛି 'ଫ୍ରଗ୍ ଲେଗ୍'। ପ୍ରାୟ ଅଧିକାଂଶ ହୋଟେଲ୍‌ର ମେନୁରେ ଏହା ଥାଏ।
- ଛୋଟ ଦେଶ ହେଲେ ମଧ୍ୟ ଏଠାରେ ୩,୨୫୦ ପ୍ରଜାତିର ଉଦ୍ଭିଦ ଦେଖାଯାଏ।
- ୱେଟ୍‌ଲିଫ୍ଟିଙ୍ଗ୍, ଶୁଟିଙ୍ଗ୍ ଏବଂ ରେସ୍‌ଲିଙ୍ଗ୍ ଏଠାର ଲୋକପ୍ରିୟ ଖେଳ। ହେଲେ, ଆଜି ପର୍ଯ୍ୟନ୍ତ ଏଠାର ଜଣେ ହେଲେ ମଧ୍ୟ ଅଲମ୍ପିକସ୍‌ରେ ମେଡାଲ୍ ଜିତି ନାହାନ୍ତି।





DHARITRI
www.orissakhabar.com/ www.dharitri.com ପୃଷ୍ଠା: ୮ Press Regd. No. R.N. ORIORI/2005/14844 Postal Regd. No. BN/42/21-23. ବ୍ରହ୍ମପୁର, ରବିବାର, ୧୯ ଡିସେମ୍ବର, ୨୦୨୧ Berhampur, Sunday, December 19/2021

# ଚେନ୍ନାଇ ଟ୍ରାଏଲ୍ସକୁ ଶୁଭ୍ରାଂଶୁଙ୍କୁ ଡକରା

ଭୁବନେଶ୍ୱର,୧୮।୧୨(ସ୍ପୋର୍ଟ୍ସ ବ୍ୟୁରୋ)

## ଆଇପିଏଲ୍

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବାକୁ ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଛି। ଆଇପିଏଲ୍ ଫ୍ରାଞ୍ଚାଇଜ୍ ଚେନ୍ନାଇ ସୁପର କିଙ୍ଗ୍ସ ଟ୍ରାଏଲ୍ସରେ ଯୋଗ ଦେବା ପାଇଁ ୨୪ ବର୍ଷୀୟ ଶୁଭ୍ରାଂଶୁଙ୍କୁ ଶନିବାର ଡକାଯାଇଛି। ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ତରଫରୁ ଏ ନେଇ ସୁଚନା ଦିଆଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ଆୟୋଜିତ ଦିନିକିଆ ଟୁର୍ନାମେଣ୍ଟ ବିଜୟ ହଜାରେ ଟ୍ରଫି ଗ୍ରୁପ୍ ପର୍ଯ୍ୟାୟରେ ସେ ଓଡ଼ିଶାର ନେତୃତ୍ୱ ନେଇଥିଲେ। ବିଜୟ ହଜାରେ ଟ୍ରଫି ଓ ସୟଦ ମୁସ୍ତାକ ଅଲି ଟ୍ରଫିରେ ଆକର୍ଷଣୀୟ ପ୍ରଦର୍ଶନ କରିଥିବାରୁ ଆଇପିଏଲ୍ ଗତ ସଂସ୍କରଣର ଚାମ୍ପିୟନ ଚେନ୍ନାଇ ତରଫରୁ ତାଙ୍କୁ ଏହି ସୁଯୋଗ ପ୍ରଦାନ କରାଯାଇଛି। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ସଞ୍ଜୟ ବେହେରା ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଟ୍ରାଏଲ୍ସରେ ମଧ୍ୟ ସେ ତାଙ୍କ ଏହି ଫର୍ମ ବଜାୟ ରଖିବେ ଓ ଏଥିପାଇଁ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ଶୁଭ୍ରାଂଶୁ ସେନାପତି

୧୯୯୬ ଡିସେମ୍ବର ୩୦ରେ କେନ୍ଦୁଝରରେ ଜନ୍ମ ଗ୍ରହଣ କରିଥିବା ଶୁଭ୍ରାଂଶୁ ୩୪ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୩୭.୮୩ ରନ ହାରରେ ୧୮୫୪ ରନ ସଂଗ୍ରହ କରିଛନ୍ତି। ଏଥିରେ ସେ ୫ଟି ଶତକ ଓ ୭ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ୧୭୩ ହେଉଛି ତାଙ୍କର ଉଚ୍ଚତମ ସ୍କୋର। ସେହିପରି ୩୨ଟି ଲିଷ୍ଟ ଏ ମ୍ୟାଚ୍ ଖେଳି ୪୧.୧୬ ରନ ହାରରେ ସେ ୯୮୮ ରନ ସଂଗ୍ରହ କରିଛନ୍ତି। ଏଥିରେ ସେ ୨ଟି ଶତକ ଓ ୫ଟି ଅର୍ଦ୍ଧଶତକ ହାସଲ କରିଛନ୍ତି ଓ ଅପରାଜିତ ୧୧୯ ତାଙ୍କର ବ୍ୟକ୍ତିଗତ ସର୍ବାଧିକ ସ୍କୋର। ସେହିପରି ୨୬ ଟି୨୦ ମ୍ୟାଚ୍ ଖେଳି ସେ ୨୮.୯୫ ରନ ହାରରେ ୬୩୭ ରନ ସଂଗ୍ରହ କରିଛନ୍ତି। ଏହି ଫର୍ମାଟରେ ସେ ୩ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ଏଥିରେ ତାଙ୍କର ଉଚ୍ଚତମ ସ୍କୋର ୬୭ ରହିଛି। ଗତ ଆନ୍ଧ୍ରପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ସେ ୧୧୬ ରନର ଶତକୀୟ ଇନିଂସ ଖେଳିଥିଲେ। ସେହିପରି ବିଦର୍ଭ ବିପକ୍ଷରେ ସେ ଅପରାଜିତ ୭୧ ଓ ହିମାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ସେ ୮୨ ରନ ସଂଗ୍ରହ କରିଥିଲେ।

# ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ୍ କ୍ରିକେଟ ୨୯ରୁ

ଯାଜପୁର ଟାଉନ,୧୮।୧୨(ଡି.ଏନ.ଏ.)

ଅଶୋକ ଦାସଙ୍କ ଶ୍ରାଦ୍ଧଦିବସ ଅବସରରେ ୧୦ତମ ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟ ୨୦୨୧-୨୨ ଆସନ୍ତା ୨୯ତାରିଖରୁ ଯାଜପୁର ବାଳାଶ୍ରମ ପଡ଼ିଆଠାରେ ଅନୁଷ୍ଠିତ ହେବ। ଏମ୍‌ସିସି କ୍ରିକେଟ୍ କ୍ଲବ ଯାଜପୁର ଦ୍ୱାରା ଆୟୋଜିତ ଓ ଜିଲା କ୍ରିକେଟ୍ ଆସୋସିଏଶନ ଯାଜପୁରର ସହଯୋଗିତା ତଥା ଅଶୋକ ଦାସ ଫାଉଣ୍ଡେସନ ଦ୍ୱାରା ପ୍ରାୟୋଜିତ ଏହି ଟୁର୍ନାମେଣ୍ଟରେ ଓଡ଼ିଶା ଓ ଅନ୍ୟ ରାଜ୍ୟର ୧୦ଟି କ୍ରିକେଟ୍ ଦଳ ଯୋଗଦେବେ ବୋଲି ଜିଲା କ୍ରିକେଟ୍ ଆସୋସିଏଶନ କାର୍ଯ୍ୟକାରୀ ସମ୍ପାଦକ ଜ୍ଞାନଚାନ୍ଦ ଦାସ ସୂଚନା ଦେଇଛନ୍ତି। ଟୁର୍ନାମେଣ୍ଟର ଫାଇନାଲ୍ ମ୍ୟାଚ୍ ଜାନୁୟାରୀ ୭ରେ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟ ସହ ନୂଆବର୍ଷ ଦିନ ଯାଜପୁର ବିଧାୟକ ଏକାଦଶ ଓ ଖବରଦାତା ଏକାଦଶ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହେବ। ଖବରଦାତା ସମ୍ମିଳନୀରେ ପୂର୍ବତନ ପୌରପାଳ ଭବ ପ୍ରସାଦ ଦାସ, ଅଭୟ ବଲ୍ଲଭ ପଣ୍ଡା, ମନୋଜ ସାହୁ, ଶ୍ରୀଜୟ ମହାପାତ୍ର, ଅୟସକାନ୍ତ ଧଳ, ପାର୍ଥସାରଥି ରାୟ, ସ୍ୱସ୍ତିକ୍ ପହି, ଶୁଭାଶିଷ ରାଉତ ଓ ଗୌତମ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# ପୂଜାରୀ ବିସିସିଆଇ ଟୁର, ଫିକ୍ସଚର, ଟେକ୍‌ନିକାଲ କମିଟି ସଦସ୍ୟ

ଭୁବନେଶ୍ୱର,୧୮।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ବଲାଙ୍ଗୀର ଡିଷ୍ଟ୍ରିକ୍ଟ ଆଥଲେଟିକ ଆସୋସିଏଶନ ତଥା ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଦସ୍ୟ ହରିନାରାୟଣ ପୂଜାରୀଙ୍କୁ ଏକ ଗୁରୁଦାୟିତ୍ୱ ମିଳିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଟୁର, ଫିକ୍ସଚର ଓ ଟେକ୍‌ନିକାଲ କମିଟିରେ ତାଙ୍କୁ ସାମିଲ କରାଯାଇଛି। ସେ ଏହି ୫ ଜଣିଆ କମିଟିର ସଦସ୍ୟ ଭାବେ କାର୍ଯ୍ୟ କରିବେ। ଏ ନେଇ ଶନିବାର ବିସିସିଆଇ ଘୋଷଣା କରିଛି।

କୋଲକାତାରେ ଚଳିତ ମାସରେ ଅନୁଷ୍ଠିତ ବିସିସିଆଇ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ ବିଭିନ୍ନ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସିନିୟର ଟୁର୍ନାମେଣ୍ଟ କମିଟି, ଅମ୍ପାୟର୍ସ କମିଟି ସମେତ ବିଭିନ୍ନ କମିଟି ଗଠନ କରାଯାଇଛି। ପୂଜାରୀ ଏହି ଗୁରୁତ୍ୱପୂର୍ଣ୍ଣ କମିଟିକୁ ମନୋନୀତ ହେବା ଓଡ଼ିଶା ପାଇଁ ଏକ ଗର୍ବର ବିଷୟ। ପୂଜାରୀ ଏଥିପାଇଁ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଓ ଓସିଏ ଏବଂ ବିସିସିଆଇର ବିଭିନ୍ନ ପଦାଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ଆଗକୁ ବିସିସିଆଇର ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଓସିଏ କର୍ମକର୍ତ୍ତାମାନେ ଯୋଗ ଦେବେ ବୋଲି ଆଶା କରାଯାଉଛି।


ହରିନାରାୟଣ ପୂଜାରୀ

## ଇଣ୍ଡିଆନ ସୁପର ଲିଗ୍

# ଓଡ଼ିଶା ହାରିଲା

ଭୁବନେଶ୍ୱର,୧୮।୧୨ (ସ୍ପୋର୍ଟ୍ସ ବ୍ୟୁରୋ)

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୨-୧ ଗୋଲରେ ଚେନ୍ନାଇନ୍ ଏଫ୍‌ସିଠାରୁ ପରାସ୍ତ ହୋଇଛି। ଚେନ୍ନାଇ ତରଫରୁ ଜର୍ମାନପ୍ରୀତ ସିଂ ୨୩ ଓ ମିରଲାନ ମୁର୍ଜାରେଭ ୬୩ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଅନ୍ୟପଟେ ଓଡ଼ିଶା ପକ୍ଷରୁ ମ୍ୟାଚର ଶେଷ ଆଡକୁ ଇଞ୍ଜୁରି ଟାଇମର ଷଷ୍ଠ ମିନିଟ୍‌ରେ ଜାଭି ହେର୍ନାଣ୍ଡିଜ ଗୋଲ ଦେଇ ପରାଜୟ ବ୍ୟବଧାନକୁ କମାଇଥିଲେ। ୬ଟି ମ୍ୟାଚ୍ ଖେଳି ୩ଟି ଲେଖାଏ ବିଜୟ ଓ ପରାଜୟ ସହ ୯ ପଏଣ୍ଟ ପାଇ ଓଡ଼ିଶା ପଞ୍ଚମ ସ୍ଥାନରେ ରହିଛି। ସେହିପରି ଚେନ୍ନାଇନ୍ ୬ଟି ମ୍ୟାଚ୍ ଖେଳି ୩ ବିଜୟ, ୨ ଡ୍ର ଓ ୧ ପରାଜୟ ସହ ୧୧ ପଏଣ୍ଟ ପାଇ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ବଲ ପଜେସନ, ପାସ ଓ ପାସ ଆକ୍ୟୁରେସିରେ ଚେନ୍ନାଇ ଓଡ଼ିଶାଠାରୁ ଯଥେଷ୍ଟ ଆଗରେ ରହିଥିଲା। ଓଡ଼ିଶା ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ୨୪ ତାରିଖରେ ଗୋଆକୁ ଭେଟିବ।

# ସେମିରେ ଓଡ଼ିଶା ମହିଳା, ପୁରୁଷ ଦଳ

ଭୁବନେଶ୍ୱର,୧୮।୧୨(ସ୍ପୋର୍ଟ୍ସ ବ୍ୟୁରୋ)

## ଜାତୀୟ ସିନିୟର ରଗ୍‌ବୀ ସେଭେନ୍ସ

ଭାରତୀୟ ରଗବୀ ଫୁଟବଲ ୟୁନିୟନ (ଆଇଆରଏଫ୍‌ୟୁ), ଓଡ଼ିଶା ସରକାର, କିଟ୍ ବିଶ୍ୱବିଦ୍ୟାଳୟ, ସୋସାଇଟି ଜେନେରାଲ ଓ ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ମିଳିତ ଆନୁକୂଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ୮ମ ସିନିୟର ଜାତୀୟ ରଗ୍‌ବୀ ସେଭେନ୍ସ ଚାମ୍ପିୟନଶିପରେ ଓଡ଼ିଶା ପୁରୁଷ ଓ ମହିଳା ଦଳ ନକ୍ ଆଉଟ୍ ଅର୍ଥାତ୍ ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ସେମିରେ ଓଡ଼ିଶା ମହିଳା ଦିଲ୍ଲୀକୁ ଭେଟିବ। ସେହିପରି ଓଡ଼ିଶା ପୁରୁଷ ଦଳ ସେମିରେ ମହାରାଷ୍ଟ୍ରକୁ ଭେଟିବ।

ଶନିବାର ଇଭେଣ୍ଟର ଦ୍ୱିତୀୟ ଦିବସରେ ଦ୍ୱିତୀୟ ର୍‍ୟାଙ୍କର ଓଡ଼ିଶା ମହିଳା ଦଳ ପ୍ରଥମେ ପ୍ରି- କ୍ୱାର୍ଟର ଫାଇନାଲରେ ୧୫ ର୍‍ୟାଙ୍କର ପଞ୍ଜାବକୁ ୬୨-୦ରେ ହରାଇ କ୍ୱାର୍ଟରରେ ପ୍ରବେଶ କରିଥିଲା। ଚତୁର୍ଥ କ୍ୱାର୍ଟର ଫାଇନାଲରେ ଓଡ଼ିଶା ମହିଳା ଦଳ ୨୭-୦ରେ ଗୋଆକୁ ହରାଇ ସେମିଫାଇନାଲକୁ ଉଠିଛି। ଅପରପକ୍ଷରେ ଚତୁର୍ଥ ର୍‍ୟାଙ୍କର ଓଡ଼ିଶା ପୁରୁଷ ଦଳ ପ୍ରି- କ୍ୱାର୍ଟରରେ ୧୩ତମ ର୍‍ୟାଙ୍କ ବିହାରକୁ ୪୦-୦ରେ ହରାଇ କ୍ୱାର୍ଟରକୁ ଉଠିଥିଲା। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଓଡ଼ିଶା ପୁରୁଷ ଦଳ ୨୮-୧୫ରେ ତାମିଲନାଡୁକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ମହିଳା ସେମିରେ ପ୍ରବେଶ କରିଥିବା ଅନ୍ୟ ଦଳଗୁଡ଼ିକ ହେଲେ ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଓ ଦିଲ୍ଲୀ। ସେହିପରି ପୁରୁଷ ବିଭାଗ ସେମିରେ ପ୍ରବେଶ କରିଥିବା ଅନ୍ୟ ଦଳଗୁଡ଼ିକ ହେଲେ ମହାରାଷ୍ଟ୍ର, ହରିୟାଣା ଓ ଦିଲ୍ଲୀ।

# ଯାଜପୁର ଫାଇନାଲରେ

## ଆନ୍ତଃଜିଲା ଦୃଷ୍ଟିହୀନ କ୍ରିକେଟ

**ଯାଜପୁର ରୋଡ୍, ୧୮।୧୨(ଡି.ଏନ.ଏ.):** ବ୍ୟାସନଗର ଏନ୍‌ସି ହାଇସ୍କୁଲ ଖେଳପଡ଼ିଆରେ ଭିସା ଗ୍ରୁପ ସହଯୋଗରେ ଏବଂ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘ ତତ୍ତ୍ୱାବଧାନରେ ଆଶା ଅଭିଳାଷା ସାମାଜିକ ଅନୁଷ୍ଠାନ ଆନୁକୂଲ୍ୟରେ ଶନିବାର ପ୍ରଥମ ବାର୍ଷିକ ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚ ଅନୁଗୋଳ ଓ ବାଲେଶ୍ୱର ମଧ୍ୟରେ ହୋଇଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ବାଲେଶ୍ୱର ନିର୍ଦ୍ଧାରିତ ୭ ଓଭରରେ ୩ ଉଇକେଟ ବିନିମୟରେ ୧୦୮ରନ କରିଥିଲା। ଦଳ ପକ୍ଷରୁ ସିଙ୍ଗିରାଇ ମାଝି ୭୩ ରନ ସଂଗ୍ରହ କରିଥିଲେ। ଜବାବରେ ଅନୁଗୋଳ ସମସ୍ତ ଉଇକେଟ ହରାଇ ୭୬ରନ କରି ପରାଜିତ ହୋଇଥିଲା। ୨ୟ ମ୍ୟାଚ ମୟୂରଭଞ୍ଜ ଓ ଯାଜପୁର ମଧ୍ୟରେ ହୋଇଥିଲା। ଯାଜପୁର ଟସ ଜିତି ପ୍ରଥମେ ବ୍ୟାଟିଂ କରି ୨ ଉଇକେଟ ବିନିମୟରେ ୧୪୬ରନ କରିଥିଲା। ଦଳ ପକ୍ଷରୁ ଆନ୍ତର୍ଜାତିକ ଖେଳାଳି ସୁଖରାମ ମାଝି ଓ ନକୁଳ ବଡ଼ନାୟକ ଯଥାକ୍ରମେ ୮୮ ଓ ୫୪ ରନ କରିଥିଲେ। ଜବାବରେ ମୟୂରଭଞ୍ଜ ୭୩ରନ କରି ପରାଜିତ ହୋଇଥିଲା। ସେହିପରି ଯାଜପୁର ଓ ବାଲେଶ୍ୱର ମଧ୍ୟରେ ଅନୁଷ୍ଠିତ ୩ୟ ମ୍ୟାଚରେ ବାଲେଶ୍ୱର ପ୍ରଥମେ ବ୍ୟାଟିଂ କରି ୮୬ରନ କରିଥିଲା। ଯାଜପୁର ସହଜରେ ଆବଶ୍ୟକ ବିଜୟ ରନ ସଂଗ୍ରହ କରି ଫାଇନାଲକୁ ପ୍ରବେଶ କରିଥିଲା। ପ୍ରଥମ ଦିନର ଶେଷ ତଥା ୪ର୍ଥ ମ୍ୟାଚ ଅନୁଗୋଳ ଓ ମୟୂରଭଞ୍ଜ ମଧ୍ୟରେ ହୋଇଥିଲା। ଏଥିରେ ମୟୂରଭଞ୍ଜ ପ୍ରଥମେ ବ୍ୟାଟିଂ କରି ୬୧ରନ କରିଥିଲା। ଅନୁଗୋଳ ଆବଶ୍ୟକ ରନ ସଂଗ୍ରହ କରି ବିଜୟଲାଭ କରିଥିଲା। ଉଦ୍‌ଘାଟନୀ ଉତ୍ସବରେ ଯାଜପୁର ଏସ୍‌ପି ରାହୁଲ ପି.ଆର ଉଦ୍‌ଘାଟକ, କଳିଙ୍ଗନଗର ଭିସା ଷ୍ଟିଲର ନିର୍ଦ୍ଦେଶକ ମନୋଜ କୁମାର ମୁଖ୍ୟଅତିଥି, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ତଥା ବ୍ୟାସନଗର ପୂର୍ବତନ ପୌରାଧ୍ୟକ୍ଷା ବନ୍ଦିତା ପରିଡା ଓ ରାଜ୍ୟ ଦୃଷ୍ଟିହୀନ କ୍ରିକେଟ ଆସୋସିଏଶନ(କ୍ୟାଭି)ର ସଭାପତି ମହମ୍ମଦ ଜାଫର ଇକବାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆଶା ଅଭିଳାଷା ଉପଦେଷ୍ଟା ସୁଜିତ ମଲ୍ଲିକ ସଭାପତିତ୍ୱ କରିଥିବାବେଳେ ଆଶା ଅଭିଳାଷାର ସମ୍ପାଦକ ଜ୍ଞାନରଞ୍ଜନ ଓଝା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକ୍ରମ ସାହୁ, ଜ୍ୟୋତିସ୍ମିତା ନାୟକ, ଆଶୁତୋଷ ବଳ, ଆଶା ଅଭିଳାଷାର ସଭାପତି ଭଗବାନ ପଣ୍ଡା ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ଚନ୍ଦ୍ରଶେଖର ପଟ୍ଟନାୟକ, ଦୀପକ ନାୟକ ଖେଳ ପରିଚାଳନା କରିଥିବାବେଳେ କିରଣ କୁମାର ନାୟକ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Published at 11/2, Industrial Estate, Berhampur,Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ